ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା



‘ଜିଗ୍ରା’ର ବିଫଳତାକୁ ନେଇ ମୁହଁ ଖୋଲିଲେ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଏକବିଂଶତମ ବର୍ଷ ସଂଖ୍ୟା-୩୩୮ Vol. 21 No-338 8 MARCH 2025 SATURDAY BHUBANESWAR ଶନିବାର, ୮ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



ସୁଭଦ୍ରା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅନ୍ତର୍ଜାତୀୟ
ମହିଳା ଦିବସ ଅବସରରେ

# ସୁଭଦ୍ରା
## ଦ୍ୱିତୀୟ କିସ୍ତି

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

ପ୍ରାୟ **୧ କୋଟି** ହିତାଧିକାରୀଙ୍କୁ
ପାଖାପାଖି **୫ ହଜାର କୋଟି** ଟଙ୍କାର
ଆର୍ଥିକ ସହାୟତା ପ୍ରଦାନ

୮ ମାର୍ଚ୍ଚ ୨୦୨୫ | ବ୍ରହ୍ମପୁର



DSPL - 412

OIPR 33001/13/0079/2425

କୋଟିଏ ମହିଳା ଗୋଟିଏ କଥା,
ସଭିଙ୍କ ମୁହଁରେ ବିକାଶ ଗାଥା

ଘରେ ଘରେ ସୁଭଦ୍ରା

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



କଟକ(ଭାସ୍କର ନ୍ୟୁଜ): ବାର୍ ଡ୍ୟାନ୍ସ ଉପରେ କଟକଣା ସମ୍ପର୍କିତ ମାମଲାରେ ରାଜ୍ୟ ସରକାର ଜବାବ ଦାଖଲ କରିବାକୁ ମହଲତ ନେଇଛନ୍ତି । ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଭୁବନେଶ୍ୱରର ହୋଟେଲ୍ ଏକାମ୍ର ଠିପି ଖୋଲା ମଦ ବାର୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତି । ଓଡ଼ିଶା ଅବକାରୀ (ସଂଶୋଧିତ) ଆଇନ-୨୦୨୪ ଆଧାରରେ ଭୁବନେଶ୍ୱରର ବିଭିନ୍ନ ଠିପିଖୋଲା ମଦ ବାରରେ ଝିଅଙ୍କ ନାଚିବା (ବାର୍ ଡ୍ୟାନ୍ସ) ଉପରେ ଲଗାଯାଇଥିବା କଟକଣାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ରାଜ୍ୟ ସରକାର ନିକଟରେ ରାଜ୍ୟ ଅବକାରୀ ନୀତିରେ ଏକ ସଂଶୋଧନ ଆଣି କୌଣସି ମଦ ବାର୍‌ରେ ୨୧ ବର୍ଷରୁ କମ୍ ବୟସର ଝିଅମାନେ ମ୍ୟୁଜିକାଲ କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ନାହିଁ ବୋଲି ଦର୍ଶାଯାଇଛି । ଫଳରେ ବାର୍ ଗୁଡ଼ିକରେ ଝିଅଙ୍କ ନାଚିବା ଉପରେ କଟକଣା ଜାରି କରାଯାଇଛି । ସେହିପରି ଯଦି କୌଣସି ବାର୍‌ରେ ୨୧ ବର୍ଷରୁ ଅଧିକ ବର୍ଷର ଝିଅ ମ୍ୟୁଜିକାଲ୍ କାର୍ଯ୍ୟକ୍ରମରେ ଭାଗନେବେ ସେଥିପାଇଁ ମଧ୍ୟ ପୋଲିସ୍ କମିସନର କେତେକ ସର୍ତ୍ତାବଳୀ ଧାର୍ଯ୍ୟ କରିବେ ବୋଲି କୁହାଯାଇଥିଲା ।



### ୪୨ କୋଟି ଟଙ୍କା ବ୍ୟୟରେ ୧୪ ନବନିର୍ମିତ ଥାନା ଗୃହ ଉଦ୍‌ଘାଟିତ

## ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଭାବଶାଳୀ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କମିସନରେଟ ପୋଲିସ ଅନ୍ତର୍ଗତ ଭୁବନେଶ୍ୱରର ନୟାପଲ୍ଲୀ ଥାନାରେ ଆଭାସୀ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୪ଟି ନବନିର୍ମିତ ଥାନା ଗୃହ ଉଦ୍‌ଘାଟନ କରିଛନ୍ତି । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ନୟାପଲ୍ଲୀ ଥାନା ସହ ଅନୁଗୁଳ ଜିଲ୍ଲାର ସମଲ ଓ ସଦର ଥାନା, ବରଗଡ଼ ଜିଲ୍ଲାର ଭେଡେନ, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଟାଉନ ଥାନା, କୋରାପୁଟ ଜିଲ୍ଲାର ସୁଙ୍କି ଓ କୋରାପୁଟ ଟାଉନ ଥାନା, ମାଲକାନଗିରି ଜିଲ୍ଲାର କୋରକୁଣ୍ଡା, କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ, କମିଶନରେଟ ପୋଲିସ ଅନ୍ତର୍ଗତ କଟକର ସିଆରଆରଆଇ ଏବଂ ମଙ୍ଗଳାବାଗ ଥାନା, ଜଗତସିଂହପୁର




ଜିଲ୍ଲାର ପାରାଦୀପ ଲକ୍ ଥାନା, ଯାଜପୁର ଜିଲ୍ଲାର ଧର୍ମଶାଳା ଓ କୋରେଇ ଥାନାର ନବନିର୍ମିତ ଥାନା ଗୃହ ଉଦ୍‌ଘାଟନ କରିଛନ୍ତି । ନବନିର୍ମିତ ନୟାପଲ୍ଲୀ ଥାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ସମୁଦାୟ ୪୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୪ ଥାନାର ଅଧିକାରୀ ଓ କର୍ମଚାରୀ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବେ । ଥାନାଗୁଡ଼ିକ ଦ୍ୱାରା ଲୋକମାନେ ଉନ୍ନତ ମାନର ସେବା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ଭିତ୍ତିଭୂମି ଯୋଗାଇ ଦେବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ବିଗତ ଦିନରେ ଘଟିଥିବା ଅପରାଧର ଆଉ ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ସଜାଗ ରହିବା ପାଇଁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଥାନାକୁ ଆସୁଥିବା ସାଧାରଣ ଲୋକଙ୍କୁ ଭଲ ବ୍ୟବହାର କରିବା ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ କଡ଼ା ଚେତାବନୀ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଏକାମ୍ର ଭୁବନେଶ୍ୱର ବିଧାୟକ, ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଏବଂ ଅନ୍ୟ ଜିଲ୍ଲାରେ ସାଂସଦ, ବିଧାୟକ ଓ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୋଲିସ କମିଶନର ଏସ. ଦେବଦତ୍ତ ସିଂ ଧନ୍ୟବାଦ ଦେଇଥିଲେ ।

## ଛାତ୍ର ଓ ଯୁବକ ସମାଜ ସେବାରେ ବ୍ରତୀ ହୁଅନ୍ତୁ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଛାତ୍ର ଓ ଯୁବ ସମାଜ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନେ ଅଧିକ ସଂଖ୍ୟାରେ ରେଡକ୍ରସ୍‌ରେ ସାମିଲ ହୋଇ ସମାଜ ସେବାରେ ବ୍ରତୀ ହୁଅନ୍ତୁ । ସ୍ୱେଚ୍ଛାକୃତ ସେବା ମାଧ୍ୟମରେ ଉନ୍ନତ ଓ ସମାବେଶୀ ସମାଜ ଗଠନରେ ଅବଦାନ ରଖନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ୨୦୧୯-୨୦ ରୁ ୨୦୨୩-୨୦୨୪ ବର୍ଷ ପର୍ଯ୍ୟନ୍ତ ଯୁଥ ରେଡକ୍ରସ ଓ ଜୁନିଅର ରେଡକ୍ରସ୍ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଯୁଥ୍ ରେଡକ୍ରସ୍ ଓ ଜୁନିୟର ରେଡକ୍ରସ୍ ହେଉଛି ଭାରତୀୟ ରେଡକ୍ରସ୍ ସୋସାଇଟିର ଅବିଚ୍ଛେଦ୍ୟ ଓ ଜୀବନ୍ତ ଶାଖା । ସେମାନେ ଯୁବମାନସରେ କରୁଣା, ସେବା, ସ୍ୱେଚ୍ଛାସେବୀ ଏବଂ ନେତୃତ୍ୱ ଭାବନାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଉଭୟ ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କୁ ସାମାଜିକ କଲ୍ୟାଣ, ସ୍ୱାସ୍ଥ୍ୟ ସଚେତନତା, ବିପର୍ଯ୍ୟୟ ମୁକାବିଲା ତଥା ସ୍ୱେଚ୍ଛାକୃତ ସେବାକୁ ପ୍ରୋତ୍ସାହିତ କରିବାରେ ରେଡକ୍ରସ ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥାଏ । ମାନବବାଦ, ନିରପେକ୍ଷତା, ଏକତା ଏବଂ ନିଃସ୍ୱାର୍ଥପର ସେବାର ମୂଲ୍ୟବୋଧକୁ ରେଡକ୍ରସ୍ ଉଜ୍ଜୀବିତ କରିଥାଏ ଯାହା ଏକ ସମ୍ବେଦନଶୀଳ ଓ ସମସ୍ତ ପ୍ରକାର ଆହ୍ୱାନକୁ ମୁକାବିଲା କରିବା ପାଇଁ ସମର୍ଥ ସମାଜ ଗଠନ ପାଇଁ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ବିଶ୍ୱ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ, ଜନ ସ୍ୱାସ୍ଥ୍ୟ ସମସ୍ୟା, ସ୍ୱଚ୍ଛତା, ପରିମଳ, ସାମାଜିକ ଅସମାନତା ଆଦି ଆହ୍ୱାନକୁ ମୁକାବିଲା କରିବା ଦିଗରେ ଯୁଥ ରେଡକ୍ରସ ଓ ଜୁନିୟର ରେଡକ୍ରସ୍ ଆଶାର ଆଲୋକ ଭାବରେ ଉଭା ହୋଇଥାନ୍ତି ଏବଂ ଏକ ଉନ୍ନତ ସମାଜ ଗଠନ ଦିଗରେ ସକ୍ରିୟ ଯୋଗଦାନ ଦେଇଥାନ୍ତି ବୋଲି ରାଜ୍ୟପାଳ କହିଥିଲେ । ୨୦୧୯-୨୦ରୁ ୨୦୨୩-୨୪ ବର୍ଷ ପର୍ଯ୍ୟନ୍ତ ଯୁଥ୍ ରେଡକ୍ରସ ବର୍ଗରେ ୭୯ ଜଣଙ୍କୁ ଏବଂ ଜୁନିୟର ରେଡକ୍ରସ୍ ବର୍ଗରେ ୨୪ ଜଣଙ୍କୁ ରାଜ୍ୟପାଳ ପୁରସ୍କୃତ/ ସମ୍ବର୍ଦ୍ଧିତ କରିଥିଲେ । ଏହି ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ବକ୍ତବ୍ୟ ପ୍ରଦାନ କରି ରେଡକ୍ରସ୍‌ର ସ୍ୱେଚ୍ଛାସେବୀମାନଙ୍କର ମହନୀୟ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ରେଡକ୍ରସ୍ ଆନ୍ଦୋଳନକୁ ଅଧିକ ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ ଭାରତୀୟ ରେଡକ୍ରସ ସୋସାଇଟ୍‌ର ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ରାଜ୍ୟ ଶାଖାର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଯୁଥ ରେଡକ୍ରସ୍ ଅଫିସର ଡ. ରମେଶ ଚନ୍ଦ୍ର ବେହେରା ଏବଂ ଜୁନିୟର ରେଡକ୍ରସ୍ ଅଫିସର ଲକ୍ଷ୍ମଣ ସ୍ୱାଇଁ ସମ୍ମାନ ପ୍ରଦାନ ଉତ୍ସବ ସଂପର୍କରେ ସୂଚନା ଦେଇଥିଲେ ।

## ଓଡିଶା ଗଠନରେ ବିଜୁ ପଟ୍ଟନାୟକଙ୍କ ଭୂମିକା କେହି ଭୁଲିପାରିବେନି: ରାଜା ସ୍ୱାଇଁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ଗଠନରେ ବିଜୁ ପଟ୍ଟନାୟକଙ୍କ ଭୂମିକା କେହି ଭୁଲିପାରୁବେନି । ଭୁବନେଶ୍ୱର ସୈନିକ ସ୍କୁଲ ଭିତ୍ତି ପ୍ରସ୍ତର ସ୍ଥାପନ କରି ନୂଆ ଓଡିଶା ଗଢିଥିଲେ ବୋଲି କହିଛନ୍ତି ବିଜେଡି ବିଧାୟକ ରାଜା ସ୍ୱାଇଁ । ପଚାୟତ ବ୍ୟବସ୍ଥାର ପ୍ରବର୍ତ୍ତନ କରିଥିଲେ । ୧୯୬୧ ମସିହାରେ ତ୍ରିସ୍ତରୀୟ ପଚାୟତିରାଜ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ବିଜୁ ବାବୁଙ୍କ ସ୍ୱପ୍ନ ୩୩ ଭାଗ ସଂରକ୍ଷଣ ବ୍ୟବସ୍ଥା । ପଚାୟତର ସଂଶୋଧନ ସୁଦୃଢ଼ୀକରଣ ବିଜୁ ବାବୁ କରିଥିଲେ । ମାକୁ ସମ୍ମାନ ଦେଇଥିଲେ ।ଆମ ସହ ମିଳିତ ସରକାରରେ ଆଜି କିଛି ମନ୍ତ୍ରୀ ସାମିଲ ଥିଲେ । କଣ ଷଡଯନ୍ତ୍ର ହେଲା ରାତି ଅଧିଆ ପଚାୟତିରାଜ ପରିବର୍ତ୍ତନ କଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଓଡ଼ିଆ ଅସ୍ମିତା ବିଜୁ ବାବୁ । ପ୍ରତିହିଂସା ପରାୟଣ ରାଜନୀତି ପୂର୍ବରୁ କେବେ ଓଡ଼ିଶାରେ ଦେଖିନି ।ଏହାକୁ ଆମେ ନିନ୍ଦା କରୁଛୁ । ରାତି ଅଧିଆ କ୍ୟାଲେଣ୍ଡର ବଦଳେଇ ଦେଲେ । ପ୍ରାୟଶ୍ଚିତ କରିବା ଦରକାର ବୋଲି ରାଜା ସ୍ୱାଇଁ କହିଛନ୍ତି ।

## ଲୋକପ୍ରିୟ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଓଡ଼ିଶାର ଲୋକପ୍ରିୟ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଭୁବନେଶ୍ୱର ସ୍ଥିତ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଏ ସମ୍ପର୍କରେ ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଲୋକପ୍ରିୟ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଭୁବନେଶ୍ୱର ସ୍ଥିତ ବାସଭବନକୁ ଯାଇ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲି । ଅପରାଜିତା ଅପା, ବାବୁସାନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଭେଟିଲି । ସ୍ୱର୍ଗତ ଉତ୍ତମ ଭାଇଙ୍କ ସହ ମୋର ପାରିବାରିକ ସମ୍ପର୍କ ଥିଲା । ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଜୀବନବ୍ୟାପୀ ସାଧନା ଓ କୃତି ପାଇଁ ସେ ଓଡ଼ିଆ ଜନମାନସରେ ଚିର ଅମର ହୋଇ ରହିବେ । ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରିବା ନେଇ ପ୍ରାର୍ଥନା କରିଛନ୍ତି ।

## ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ମିଳିବାକୁ ଉଦ୍ୟମ ହେଉଛି: ଭର୍ତ୍ତୃହରି

କଟକ(ଭାସ୍କର ନ୍ୟୁଜ): ଐତିହାସିକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ନୁହେଁ ଏବେ ରାଜ୍ୟ ଓ କେନ୍ଦ୍ର ସରକାର ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦେବା ପାଇଁ ପଦକ୍ଷେପ ନେଉଛନ୍ତି । ଏନେଇ କେନ୍ଦ୍ର ସରକାର କିଛି ଠୋସ୍ ପଦକ୍ଷେପ ନେବା ସହ ସାଂସଦ ଭର୍ତ୍ତୃହରି ମଧ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ସେହିପରି ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମଧ୍ୟ କଟକ ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦେବା ପାଇଁ ପ୍ରୟାସ ଚାଲିଥିବା କହିଛନ୍ତି ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ଭାଗନେଲେ ୧୫୭୪ ଆଶାୟୀ

କଟକ(ଭାସ୍କର ନ୍ୟୁଜ): ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ୧୫୭୪ ଆଶାୟୀ ଭାଗ ନେଇଥିବା ବେଳେ ନିଯୁକ୍ତି ନିମନ୍ତେ ୧୧୩୬ ପଞ୍ଜିକରଣ କରିଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ନିଯୁକ୍ତି ମେଳାକୁ ଉଦଘାଟନ କରିଥିଲେ । ସକାଳ ୧୦ଟାରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିଥିଲା । ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ନିଯୁକ୍ତି ମେଳାରେ ଯୋଗଦେଇ ଆଶାୟୀ ପ୍ରାର୍ଥୀମାନଙ୍କୁ ଏହି ନିଯୁକ୍ତି ମେଳାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ । କୃଷି, ଫାର୍ମାସିଷ୍ଟ, ସିକ୍ୟୁରିଟି ଏଜେନ୍ସି, ସ୍ୱାସ୍ଥ୍ୟ ସେବା, ଅଟୋମୋବାଇଲ୍, ନର୍ସିଂ, ଟେକ ମହିନ୍ଦ୍ରା ଭଳି ୪୭ଟି ବେସରକାରୀ ନିଯୁକ୍ତି ସଂସ୍ଥା ଏବଂ ୧୯ଟି ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନକାରୀ ସଂସ୍ଥା ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିଲେ । ଏଥିସହ ସ୍ଥଳ ସେନା ଓ ବାୟୁ ସେନା ରେ ଯୋଗ ଦେବା ନିମନ୍ତେ ମଧ୍ୟ ଆଶାୟୀମାନେ ପରାମର୍ଶ ନେଇଥିଲେ । ନିଯୁକ୍ତିଦାତାମାନେ ୧୧୩୬ ଜଣଙ୍କୁ ସିଧାସଳଖ ନିଯୁକ୍ତି ନିମନ୍ତେ ତାଲିକାଭୁକ୍ତ କରିଥିବାବେଳେ ୪୩୮ ଜଣଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ପରେ ତାଲିକାଭୁକ୍ତ କରାଯାଇଛି । ଏହି ଅବସରରେ ଏକ ସାଧାରଣ ସଭାରେ ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲ୍ଲା ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ଇନ୍ଦିରା ମଲ୍ଲିକ, ଜିଲ୍ଲା ଦକ୍ଷତା ସଂଯୋଜକ (ଓରମାସ) ସନ୍ତୋଷ କୁମାର ଚୌଧୁରୀ, ଆଇପିଓ ସୀତାରାମ ସାହୁ, ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ସୁବାସ ଲାହିରୀ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ପ୍ରମଖ ଉପସ୍ଥିତ ରହି ଆଶାୟୀ ପ୍ରାର୍ଥୀମାନଙ୍କର ମନୋବଳ ବୃଦ୍ଧି କରିଥିଲେ ।

## ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା ସଂପର୍କରେ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର, ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସମେତ ରାଜ୍ୟ ପ୍ରଶାସନ ଏବଂ ପୋଲିସ୍ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି ଏବଂ ଡିଆଇଜିମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଗତ ଡିସେମ୍ବର ୨୦୨୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ମୁଖ୍ୟ ଶାସନ ସଚିବଙ୍କ ୪ର୍ଥଜାତୀୟ ସମ୍ମିଳନୀ, ଗତ ନଭେମ୍ବର-ଡିସେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ତିନିଦିନିଆ୫୯ତମ ଡିଜିପି-ଆଇଜିପି ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିର ଜିଲ୍ଲା ସଂପର୍କିତ କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠିତ ଡିଡିପି-ଆଇଜିପି ସମ୍ମିଳନୀରେ ପ୍ରସ୍ତାବିତ ୧୦୮ଟି ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସଂପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ରାଜ୍ୟରେ ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରିତା ସଂପର୍କରେ ଆଲୋକପାତ କରିଥିଲେ । ୨୦୨୩ ମସିହାରେ ଭାରତୀୟ ସଂସଦରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଭିଯାନ ପ୍ରଣୟନ କରାଯାଇଛି । ୨୦୨୪ ଜୁଲାଇ୧ରୁ ଏହା କାର୍ଯ୍ୟକାରୀ କରାଯାଇଥିବା ବେଳେ ଓଡ଼ିଶାରେ ଏହାର କାର୍ଯ୍ୟକାରିତା ସ୍ଥିତି ଓ ଗୁରୁତ୍ୱ ଦିଆଯାଉଥିବା ସଂପର୍କରେ ଡିଜିପି ଖୁରାନିଆ ପ୍ରକାଶ କରିଥିଲେ । ରାଜ୍ୟରେ କେତେକ ଅଞ୍ଚଳରେ ଦେଖା ଦେଉଥିବା ମାଓବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରାଯିବା ଏବଂ ସମ୍ଭାବ୍ୟ ଅନୁପ୍ରବେଶ ରୋକିବା ସଂପର୍କରେ ଆଲୋକପାତ କରାଯାଇଥିଲା । ଏଥିପାଇଁ ସଂପୃକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ବୁଦ୍ଧିମତାର ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ପଂଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତଥିଲେ ।

## ରାଜ୍ୟ ସରକାରଙ୍କ ଆର୍ଥିକ ପରିଚାଳନା ନିରୁତ୍ସାଜନକ: ବିଜେଡି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆର୍ଥୀକ ବର୍ଷ ପାଇଁ ରାଜ୍ୟ ବଜେଟରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ୨୦୩୬ ସୁଦ୍ଧା ଓଡ଼ିଶାର ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ସହିତ ବିକଶିତ ଓଡିଶା ଗଠନର ସ୍ୱପ୍ନ ପୂରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କିନ୍ତୁ ରାଜ୍ୟ ସରକାରଙ୍କ ଗତ ୯ ମାସର ପ୍ରଦର୍ଶନ ନିରୁତ୍ସାଜନକ ଏବଂ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲଠାରୁ ବହୁତ ଦୂରରେ ବୋଲି ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ ଓ ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର । ଶ୍ରୀ ପୂଜାରୀ କହିଥିଲେ ଯେ, ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ବିଭିନ୍ନ ବିଭାଗ ପାଇଁ କରାଯାଇଥିବା ବ୍ୟୟବରାଦ ଅର୍ଥର ସିଂହ ଭାଗ ଖର୍ଚ୍ଚ ହୋଇ ପାରିନାହିଁ । ଗୁରୁତ୍ୱପୂର୍ଣ୍ଣ ବିଭାଗ ପଞ୍ଚାୟତିରାଜ, ପିଇବା ପାଣି, ପରିବହନ, ଗୃହ ଓ ନଗର ଉନ୍ନୟନ ଇତ୍ୟାଦି ବିଭାଗରେ ବ୍ୟୟବରାଦ ହୋଇଥିବା ଅର୍ଥରୁ ଜାନୁଆରୀ ମାସ ଶେଷ ସୁଦ୍ଧା ୫୦% ଖର୍ଚ୍ଚ ହୋଇ ପାରିନାହିଁ । ମିଶନ ଶକ୍ତି, ବିପର୍ଯ୍ୟୟ ପରିଚାଳନା, କ୍ରୀଡ଼ା ଓ ଯୁବ ବ୍ୟାପାର ଇତ୍ୟାଦି ବିଭାଗରେ ଜାନୁଆରୀ ମାସ ଶେଷ ସୁଦ୍ଧା ବ୍ୟୟ ବରାଦ ଅର୍ଥରୁ ମାତ୍ର ୩୦% ଖର୍ଚ୍ଚ ହୋଇ ପାରିଛି । ରାଜ୍ୟରେ ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି କ୍ଷମତାକୁ ଆସିଥିବା ବେଳେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ବଜେଟ ଖର୍ଚ୍ଚ ମାତ୍ର ୨୭.୧ % ହୋଇଛି । ସାଂସଦ ଡ଼ ପାତ୍ର କହିଥିଲେ ଯେ, ଗତ ୯ମାସରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଦୁଇଟି ବଜେଟରେ ରାଜ୍ୟର ଋଣ ଭାର ଅହେତୁକ ଭାବେ ବୃଦ୍ଧି ପାଇଛି । ୨୦୨୪-୨୫ରେ ୩୪, ୪୯୫ କୋଟି ଟଙ୍କା ଋଣ ପାଇଁ ପ୍ରସ୍ତାବ ଦେଇଥିଲା ବେଳେ ୨୦୨୫-୨୬ ବର୍ଷରେ ୪୬, ୪୦୦ କୋଟି ଟଙ୍କା ଋଣ ପାଇଁ ପ୍ରସ୍ତାବ ରଖିଛନ୍ତି । ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଆର୍ଥୀକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡିଶା ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ଦେଶର ପ୍ରଥମ ସ୍ଥାନ ହାସଲ କରିଥିଲା ଏବଂ ୨୦୨୦ରୁ ୨୦୨୪ ମସିହା ମଧ୍ୟରେ ଓଡିଶା ଆର୍ଥୀକ ସଂସ୍କାର ଆଣିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତମ ଅର୍ଥନୀତି ପରିଚାଳନା ଯୋଗୁ ଓଡିଶା ଏହି ଉପଲବ୍ଧି ହାସଲ କରିପାରିଥିଲା ବୋଲି ସାଂସଦ ଡ଼ ପାତ୍ର କହିଥିଲେ ।

## ଖରାଦିନେ କଳା କୋର୍ଟ ଇଚ୍ଛାଧୀନ

କଟକ(ଭାସ୍କର ନ୍ୟୁଜ): ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟ ବ୍ୟତୀତ ଅନ୍ୟ ସମସ୍ତ କୋର୍ଟରେ ରାଜ୍ୟ ଆଇନଜୀବୀ ପରିଷଦର ଆଇନଜୀବୀମାନଙ୍କ ନିମନ୍ତେ ଗ୍ରୀଷ୍ମକାଳୀନ ପୋଷାକ ସଂକ୍ରାନ୍ତିୟ ନିର୍ଦ୍ଦେଶନାମା ଶୁକ୍ରବାର ଜାରି କରାଯାଇଛି । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଗ୍ରୀଷ୍ମ ଋତୁରେ ହେଉଥିବା ଅତ୍ୟନ୍ତ ଗରମ ତଥା ଅସମ୍ଭାଳ ତାତିକୁ ଦୃଷ୍ଟିରେ ରଖି ରାଜ୍ୟ ଆଇନଜୀବୀ ପରିଷଦ ଗ୍ରୀଷ୍ମ ସମୟରେ ଆଇନଜୀବୀମାନଙ୍କ ନିମନ୍ତେ ସାଧାରଣତଃ ପରିଧାନ କରାଯାଉଥିବା ବୃତ୍ତିଗତ ପୋଷାକ ନିୟମରେ ବାର କାଉନସିଲ ଅଫ ଇଣ୍ଡିଆ ଅଧିନିୟମ ଅନୁଯାୟୀ କୋହଳ ନିଷ୍ପତି ନେଇଛନ୍ତି । ହାଇକୋର୍ଟ ଓ ସୁପ୍ରିମକୋର୍ଟ ବ୍ୟତୀତ ଜିଲା ତଥା ଅନ୍ୟ କୋର୍ଟରେ ଆଡ୍‌ଭୋକେଟ ଗାଉନ ପରିଧାନ ଆଇନଜୀବୀମାନଙ୍କର ଇଚ୍ଛାଧିନ କରାଯାଇଛି । ତେଣୁ ଗ୍ରୀଷ୍ମ ଋତୁରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବ୍ୟତୀତ ଜିଲା ତଥା ଅନ୍ୟ କୋର୍ଟଗୁଡ଼ିକରେ ଧଳା ସାର୍ଟ, କଳା ପ୍ୟାଣ୍ଟ କିମ୍ବା କଳା ଧଳା ଗାରଯୁକ୍ତ କିମ୍ବା ଧୂସର ରଙ୍ଗର ପ୍ୟାଣ୍ଟ ଏବଂ ଧଳା ଟାଇ (ଗଳାବନ୍ଧ) ଓ କଲର ବ୍ୟବହାର କରିପାରିବେ । ଏହି ପୋଷାକ ସମ୍ବନ୍ଧୀୟ ନିୟମ ଏପ୍ରିଲ ୬ ତାରିଖରୁ ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ନିଷ୍ପତିକୁ କାର୍ଯ୍ୟକାରୀ କରିବା ପାଇଁ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି ବୋଲି ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସୂଚନା ଦେଇଛନ୍ତି ।

## ଆଇନଜୀବୀଙ୍କୁ କାରଣଦର୍ଶାଅ ନୋଟିସ୍

କଟକ(ଭାସ୍କର ନ୍ୟୁଜ): ନ୍ୟାୟପାଳିକା ତଥା ବିଚାରପତିମାନଙ୍କ ବିରୁଦ୍ଧରେ ଅଶାଳୀନ, ଅରୁଚିକର ଏବଂ ଭିତିହୀନ ଅଭିଯୋଗର ପ୍ରଚାର ପ୍ରସାର କରିଥିବା ଆଇନଜୀବୀ ହେମନ୍ତ କୁମାର ନାୟକଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଶୁକ୍ରବାର ଜାରି କରାଯାଇଛି । ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେନେଇ ୧୫ ଦିନ ମଧ୍ୟରେ ଜବାବ ରଖିବାକୁ ନୋଟିସରେ କୁହାଯାଇଛି । ଭଦ୍ରକ ସହରର ଆଇନଜୀବୀ ହେମତ କୁମାର ନାୟକ ଆଇନ ପେଷା ନିମନ୍ତେ ଉଦ୍ଦିଷ୍ଟ ବୃତିଗତ ଅଧିନିୟମର ବିରୁଦ୍ଧାଚରଣ କରି ନ୍ୟାୟପାଳିକା ତଥା ବିଚାରପତିଙ୍କ ବିରୁଦ୍ଧରେ ଅରୁଚିକର, ଅଶାଳୀନ, ଅସ୍ୱୀକାରୀୟ ଓ ଭିତିହୀନ ମନ୍ତବ୍ୟ, ବିବୃତି ଜାରି କରିଛନ୍ତି । ସେ ଅତ୍ୟନ୍ତ ଦାୟିତ୍ୱହୀନ ଭାବେ ଉକ୍ତ ବିବୃତି ଓ ମନ୍ତବ୍ୟଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିଛନ୍ତି । ଏହା ଅତ୍ୟନ୍ତ ନିନ୍ଦନୀୟ ଅଶୋଭନୀୟ ଏବଂ ଆଇନଜୀବୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବୃତିଗତ ଅଧିନୀୟମର ଉଲଙ୍ଘନ ବୋଲି ବିବେଚନା କରି ରାଜ୍ୟ ଆଇନଜୀବୀ ପରିଷଦ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି । ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏହାକୁ ଅତ୍ୟନ୍ତ ଗୁରୁତର ଭାବରେ ଗ୍ରହଣ କରିଛନ୍ତି । ଦୃଢ଼ ତଥା ଦୃଷ୍ଟାନ୍ତ ମୂଳକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସଂପୃକ୍ତ ଆଇନଜୀବୀଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ।

## ବିଜୁ ବାବୁଙ୍କୁ କେବଳ ଦଳରେ ସୀମିତ ରଖିବାକୁ ଚାହୁଁଛି ବିଜେଡ଼ି: ପଞ୍ଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ବାବୁଙ୍କୁ ନେଇ ଗୃହରେ ବିଜେଡିର ହଙ୍ଗୋଳ ପ୍ରସଙ୍ଗରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କଡ଼ା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ବିଜେଡ଼ି ପାର୍ଟି ଅଫିସରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନାହିଁ । ଏଥିରୁ ସ୍ପଷ୍ଟ ଯେ ସେମାନେ କେତେ ବିଜୁବାବୁଙ୍କୁ ସମ୍ମାନ ଦେଉଛନ୍ତି । ବିଜୁବାବୁଙ୍କୁ କେବଳ ଦଳରେ ସୀମିତ ରଖିବାକୁ ଚାହୁଁଛି ବିଜେଡ଼ି । ବିଜୁବାବୁଙ୍କୁ ନେଇ ବିଜେଡ଼ି ରାଜନୀତି କରୁଛି । କିନ୍ତୁ ଆମେ ଆଗଧାଡ଼ିରେ ରଖିଛୁ । ବିଜେଡ଼ିର ପାଦତଳୁ ମାଟି ଖସିଗଲାଣି, ପରିଚୟ ସଙ୍କଟ ଦେଖାଦେଲାଣି । ସେଥିପାଇଁ ସେମାନେ ବିଜୁବାବୁଙ୍କୁ ନେଇ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି । ବିଜୁ ବାବୁଙ୍କୁ ପେଟେଣ୍ଟ କରିବାକୁ ଚାହୁଁଛି ବିଜେଡ଼ି । କିନ୍ତୁ ବିଜୁବାବୁ ବହୁଶୀର୍ଷରେ । ଦେଶରେ ନୁହେଁ, ପୃଥିବୀରେ ଶୀର୍ଷରେ ବିଜୁବାବୁଙ୍କ ନାଁ । ବିଜୁବାବୁ ଓଡ଼ିଶାର ଗର୍ବ ଓ ଗୌରବ, ବିଜୁ ଜନତା ଦଳର ନୁହେଁ । ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସରେ କ'ଣ କରିବୁ ବିଜେଡି ଦେଖିବ ବୋଲି ମନ୍ତ୍ରୀ କହିଛନ୍ତି ।

## ରାଉସାପାଟଣାରେ ଦୋଳ ପାଇଁ ପିତଳ ଖୋଳ

କଟକ(ଭାସ୍କର ନ୍ୟୁଜ୍): କଟକ ରାଉସାପାଟଣା ଗ୍ରାମର ଶ୍ରୀଶ୍ରୀ ରାଧଗୋବିନ୍ଦ ଜୀଉଙ୍କ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଚଳିତ ବର୍ଷ ଦୋଳ ମେଳଣରେ ପ୍ରଥମଥର ପାଇଁ ପିତଳ ଖୋଳରେ ସଂକୀର୍ତ୍ତନ କରାଯିବ । ଏହି ଗ୍ରାମର ଇତିହାସ ୫୦୦ ବର୍ଷର ପୁରାତନ, ଚୈତନ୍ୟ ମହାପ୍ରଭୁଙ୍କ କଟକ ଆଗମନରେ ଓଡିଶୀ ସଂକୀର୍ତ୍ତନର ଅଧ୍ୟ ଆରମ୍ଭ ବୋଲି ପୂର୍ବସ୍ୱରି ମାନେ କହିଥାନ୍ତି । ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରୀଶ୍ରୀ ରାଧାଗୋବିନ୍ଦ ଜୀଉଙ୍କ ପୂଜାର୍ଚ୍ଚନା ଓ ଆଳତୀ ପରେ ପରେ ଭାଗବତ ଅଧ୍ୟୟନ ଓ ଓଡିଶୀ ସଂକୀର୍ତ୍ତନର ଶିକ୍ଷା ଲାଭ ସଂକୀର୍ତ୍ତନ ଗୁରୁ ମାନଙ୍କ ଦ୍ୱାରା କରାଯାଇଥାଏ । ଗ୍ରାମର ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ, ମହନ୍ତ ଅଶୋକ କୁମାର ଦେ, କଟୁଆଳ ଶିବନାଥ ସେନ ଓ ଗୁରୁ ମାନଙ୍କ ନେତୃତ୍ୱରେ ଦୋଳ ମେଳଣ ଯାତ୍ରା କରାଯାଇଥାଏ । ମନ୍ଦିରର ମୁଖ୍ୟ ପୂଜକ ଶିବ ଚରଣ ପଣ୍ଡା ସହ ପୂଜକ ଗୁନୁ ଚରଣ ମିଶ୍ର ମନ୍ଦିରର ସମସ୍ତ ପୂଜାର୍ଚ୍ଚନାର ଦାୟିତ୍ୱ ନେଇଥାନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ମହାଦେବ ପୂଜା



କମିଟିର ସଭାପତି ବସନ୍ତ କୁମାର ସେନ, ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଜ୍ୟୋତିଷ କୁମାର ଦାସଙ୍କ ସହିତ ସମସ୍ତ ଉପଦେଷ୍ଟା ମଣ୍ଡଳୀ, କର୍ମକର୍ତ୍ତା, ସଦସ୍ୟଙ୍କ ସହିତ ସଙ୍କୀର୍ତ୍ତନ ମଣ୍ଡଳୀର ସଦସ୍ୟ ବୃନ୍ଦ ଚଳିତ ବର୍ଷ ଦୋଳଯାତ୍ରାରେ ଭାଗ ନେବା ସହିତ ସମସ୍ତ ଗ୍ରାମବାସୀ ମାନେ ସାହାର୍ଯ୍ୟ ଓ ସହଯୋଗର ହାତ ବଢ଼ାଇଥାଆନ୍ତି ।

## ଛାତ୍ରଛାତ୍ରୀ ଏବଂ କ୍ରୀଡା ଶିକ୍ଷକଙ୍କୁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା




କଟକ(ଭାସ୍କର ନ୍ୟୁଜ): ରାଜ୍ୟ ଓ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଏବଂ କ୍ରୀଡା ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲାସ୍ତରରେ ରେଭେନ୍ସା କଲେଜିଏଟ୍ ସ୍କୁଲର ଅଡିଟୋରିମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, କଟକ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବିଶିଷ୍ଟ ଅତିଥି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଶାରୀରିକ ଶିକ୍ଷା ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ପ୍ରଭାକର ମଙ୍ଗରାଜ-ମୁଖ୍ୟ ବକ୍ତା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, କଟକ ସଦର ବ୍ଲକ୍ ର ଶିକ୍ଷା ଅଧିକାରୀ ପ୍ରିୟଙ୍କା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟଅତିଥି ମାନଙ୍କ ମଧ୍ୟରେ ରେଭେନ୍ସା କଲେଜିଏଟ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ପ୍ରଗତି ପଣ୍ଡା, ତପଞ୍ଚସଖା ଶିକ୍ଷା ସେତୁ'ର ଜିଲ୍ଲା ନୋଡାଲ ଅଧିକାରୀ ବିଭୂତଦତ୍ତ ବେହେରା, ଜୋନାଲ ଅଫିସର ପ୍ରକାଶ ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦେବ ପ୍ରସାଦ ତ୍ରିପାଠୀ, ଲକ୍ଷେଶ୍ୱର ଉଚ୍ଚ ବିଦ୍ୟାଳୟ, ଫୁଲନଖରାର ପ୍ରଧାନଶିକ୍ଷକ ଶ୍ରୀ ପ୍ରମଥ ନାଥ ଦେ ଓ ଜିଲ୍ଲା ରେଡ୍‌କ୍ରସ ଅଧିକାରୀ ପାର୍ଥ ସାରଥୀ ମଲ୍ଲିକ ମଞ୍ଚରେ ଉପସ୍ଥିତ ଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶ୍ରୀ ସୌଦାମିନୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାରୁ ରାଜ୍ୟ ଓ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣିଦେଇଥିବା ୩୦୯ ଜଣ ଛାତ୍ରଛାତ୍ରୀ ଏବଂ ୧୪୫ ଜଣ କ୍ରୀଡା ଶିକ୍ଷକମାନଙ୍କୁ ସ୍ପୋର୍ଟସ ଜୋତା, ଟ୍ରଫି, ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିଳମ୍ବିତ ରାତିରେ ମର୍କତନଗରରେ ଅଗ୍ନିକାଣ୍ଡ

କଟକ(ଭାସ୍କର ନ୍ୟୁଜ): ଗୁରୁବାର ବିଳମ୍ବିତ ରାତିରେ ମର୍କତନଗରରେ ଭୟାଭହ ଅଗ୍ନିକାଣ୍ଡ ଘଟିଥିବାବେଳେ ଏଥିରେ ଜଣେ ଯୁବତୀଙ୍କ ସମେତ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମର୍କତ ନଗର ଥାନା ନିକଟରେ ଥିବା ଜଣେ ଆଇନଜୀବୀଙ୍କ ଘରେ ନିଆଁ ଲାଗିଥିବାବେଳେ ଏଥିରେ ଜଣେ ଯୁବତୀଙ୍କ ସମେତ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ସେଦୁହେଁ ସେହି ଘରେ ଭଡ଼ାରେ ରହୁଥିଲେ । ସେମାନଙ୍କର ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ତେବେ କିଛି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ନିଆଁକୁ ଆୟତ କରିଥିଲା । ତେବେ ଏହି ସମୟ ମଧ୍ୟରେ ଘରର ଗ୍ୟାରେଜରେ ଥିବା କାର୍ ଓ ବାଇକ୍ ସମେତ ବହୁ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା । ତେବେ କିଏ କାହିଁକି ଏଭଳି କାଣ୍ଡ ଘଟାଇଛି ତାର କାରଣ ଏବେ ବି ଅସ୍ପଷ୍ଟ ରହିଛି ।

### ସମର୍ପଣର ଦ୍ୱିତୀୟ ସଂଧ୍ୟା

## ବଙ୍ଗଳା ସଙ୍ଗୀତ ବାଉଲ ସହିତ ଭକ୍ତି ଓ ସୁଫି ସଙ୍ଗୀତ ପରିବେଷଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ଦ୍ୱାରା ତିନିଦିନ ଧରି ଅନୁଷ୍ଠିତ ହେଉଥିବା ୧୩ତମ ବାର୍ଷିକ ସୁଫିୟାନା ଓ ଆଧାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ ସମର୍ପଣର ଦ୍ୱିତୀୟ ସଂଧାରେ ଦେଖିବାକୁ ମିଳିଥିଲା ପାରମ୍ପାରିକ ବଙ୍ଗଳା ଲୋକ ସଙ୍ଗୀତ ବାଉଲ ସହିତ ଭକ୍ତି ଓ ସୁଫି ସଙ୍ଗୀତ । ସଂଧାର ପ୍ରଥମ ସଙ୍ଗୀତ କାର୍ଯ୍ୟକ୍ରମ ଥିଲା ବାଉଲ ବାଦ୍‌ଶାହା ମଧୁ ସୁଦନଙ୍କ ଦ୍ୱାରା ବଙ୍ଗଳା ଲୋକ ସଙ୍ଗୀତ ବାଉଲ ପରିବେଷଣ । ଏହି ଲୋକ ସଙ୍ଗୀତ ବାଉଲ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିରନ୍ତର ରୂପେ ଯାଇ ସଙ୍ଗୀତ ଦ୍ୱାରା ଲୋକମାନଙ୍କର ଭଲପାଇବା ଓ ଚିରନ୍ତନ ପ୍ରେମର ପ୍ରଚାର କରିଥାଏ । ମଧୁ ସୁଦନଙ୍କ ଦ୍ୱାରା ପରିବେଷିତ ବାଉଲ




ଦର୍ଶକମାନଙ୍କୁ ଏକ ଆଧାତ୍ମିକ ଓ ଭାବପୂର୍ଣ୍ଣ ପରିବେଶକୁ ନେବା ସହ ଏକତାରା, ଦୋତାରା, ଘୁଙ୍ଗୁର ଭଳି ପାରମ୍ପାରିକ ବାଉଲ ବାଦ୍ୟରେ ସେ ଦର୍ଶକଙ୍କୁ ବିମୋହିତ କରିଥିଲେ । ତାଙ୍କୁ କଣ୍ଠ ଓ ଦୋତାରାରେ ବାଉଲ ସନାତନ ହାଜରା ଏବଂ ପର୍କ୍ୟୁସନ୍ ରେ ମନୋରଞ୍ଜନ ହାଜରା ସହଯୋଗ କରିଥିଲେ । ସଂଧାର ଶେଷ ଉପସ୍ଥାପନା ଥିଲା ବିଦୁଷୀ ରାଗିଣୀ ରାଇନଙ୍କ ଦ୍ୱାରା ଭକ୍ତି ଓ ସୁଫି ସଙ୍ଗୀତ ପରିବେଷଣ । ଏହି କାର୍ଯ୍ୟକ୍ରମ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ଯାହାକୁ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ଉପସ୍ଥିତ ରହି ତାଙ୍କର ଏହି ଭକ୍ତିରସାତ୍ମକ ସୁଫି ସଙ୍ଗୀତର ମଜା ନେଇଥିଲେ । ସଂଧାର ଅତିଥିମାନେ ଥିଲେ ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକର ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ସଡଙ୍ଗୀ; ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଡ଼କ୍ଟର ଅରବିନ୍ଦ ବେହେରା, ଭୁବନେଶ୍ୱର ମ୍ୟୁଜିକ ସର୍କଲର କୋଷାଧ୍ୟକ୍ଷ ଗିରିଜା ପ୍ରସାଦ ପାଣିଗ୍ରାହୀ ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ । କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ ଡକ୍ଟର ସଙ୍ଗୀତା ଗୋସାଇଁ । ଏହି ସମର୍ପଣ ସଙ୍ଗୀତ କାର୍ଯ୍ୟକ୍ରମଟିର ସିଧାପ୍ରସାରଣ ଭୁବନେଶ୍ୱର ମ୍ୟୁଜିକ ସର୍କଲର ୟୁଟ୍ୟୁବ୍ ଚ୍ୟାନେଲରେ କରାଯାଉଛି ।



ମୋଦୀଙ୍କୁ ବାର୍ବାଡୋସ୍ ସରକାରଙ୍କ ପକ୍ଷରୁ ସମ୍ମାନ | ୬

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବଲିଉଡକୁ ବାଏ ବାଏ କଲେ ଅନୁରାଗ କଶ୍ୟପ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com
ଏକବିଂଶତମ ବର୍ଷ ସଂଖ୍ୟା-୩୩୮ | Vol. 21 No-338 | 8 MARCH 2025 SATURDAY BHUBANESWAR | ଶନିବାର, ୮ ମାର୍ଚ୍ଚ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦

### ପୋଲିସ ଏକାଡେମୀ ଶିକ୍ଷାନବୀଶ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ

# ପୋଲିସ ବ୍ୟବସ୍ଥାର ସଂସ୍କାର ପାଇଁ ପ୍ରତିବଦ୍ଧ



**ଶିକ୍ଷାନବୀଶଙ୍କ ପରେଡରେ ଅଭିବାଦନ ଗ୍ରହଣ**

**ୟୁନିଫର୍ମ ସର୍ଭିସକୁ ସେବାର ମାଧ୍ୟମ ଭାବେ ଗ୍ରହଣ କର**

**ସାଧାରଣ ଲୋକଙ୍କର ବିଶ୍ୱାସଭାଜନ ହୁଅ**

ଭୁବନେଶ୍ୱର,୭।୩(ଭାସ୍କର ନ୍ୟୁଜ): ପୋଲିସ ଚାକିରିରେ ନିଜର ବ୍ୟକ୍ତିଗତ ଜୀବନରେ ଅନେକ ତ୍ୟାଗ ଦେବାକୁ ପଡିଥାଏ । ସାଧାରଣତ ଗରିବ, ମହିଳା ଏବଂ ପିଲାମାନଙ୍କର ସୁରକ୍ଷା ପୋଲିସ ଉପରେ ନିର୍ଭର କରେ। ୟୁନିଫର୍ମ ସର୍ଭିସ୍‌କୁ ଗର୍ବ ଏବଂ ଜନସାଧାରଣଙ୍କ ସେବାର ଏକ ମାଧ୍ୟମ ଭାବେ ଗ୍ରହଣ କରିବାକୁ ଆପଣମାନଙ୍କୁ ସଦା ସର୍ବଦା ପ୍ରସ୍ତୁତ ହେବାକୁ ପଡିବ ଓ ସାଧାରଣ ଲୋକମାନଙ୍କର ବିଶ୍ୱାସ ଭାଜନ ହେବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀରେ ଅନୁଷ୍ଠିତ ୮ମ ଉପ-ଆରକ୍ଷୀ ଅଧିକ୍ଷକ ଓ ୧୨ତମ ଆରକ୍ଷୀ ଉପ-ନିରୀକ୍ଷକ ଶିକ୍ଷାନବୀଶ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି। ଅନୁଷ୍ଠିତ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୋଲିସ ଏକାଡ଼େମୀ ପଡିଆରେ ସମ୍ମିଳିତ ପାସିଂ ଆଉଟ ପରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ମୌଳିକ ତାଲିମ ସମ୍ପୂର୍ଣ୍ଣ କରିଥିବା ୪ ଜଣ ଉପ-ଆରକ୍ଷୀ ଅଧିକ୍ଷକ ଓ ୧୭୧ ଜଣ ଆରକ୍ଷୀ ଉପ-ନିରୀକ୍ଷକ ଶିକ୍ଷାନବୀଶ ମାନଙ୍କ ମଧ୍ୟରୁ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଶିକ୍ଷାନବୀଶ ମାନଙ୍କୁ ମଧ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷାନବୀଶ ମାନଙ୍କୁ ଉଦବୋଧନ ଦେଇ କହିଥିଲେଯେ, ଆଜି ଠାରୁ ଆପଣମାନଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଆମ ସରକାର ଶପଥ ନେଇଛନ୍ତି, ସେ ଦିଗରେ ଆପଣମାନେ ମୁଖ୍ୟ ଭୂମିକା ତୁଲାଇବେ। ଏହି ଦାୟିତ୍ୱରେ ଆଜିଠାରୁ ଆପଣମାନେ ସମସ୍ତେ ସାମିଲ ହେଲେ। ଆଗାମୀ ଦିନରେ ଦୈନନ୍ଦିନ କାର୍ଯ୍ୟରେ ସାଧାରଣ ଜନତାଙ୍କୁ ଉତ୍ତମ ସେବା, ଅପରାଧ ନିୟନ୍ତ୍ରଣ ଓ ଅନୁସନ୍ଧାନର ଦକ୍ଷତା, ନ୍ୟାୟ ପ୍ରଦାନ, ଜନତାଙ୍କ ସୁରକ୍ଷା, ଆଇନ୍ ଶୃଙ୍ଖଳା ରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ମାଓବାଦୀ ଦମନ ଇତ୍ୟାଦି କ୍ଷେତ୍ରରେ ଆପଣମାନେ ପୋଲିସ ବାହିନୀର ନେତୃତ୍ୱ ନେବେ । ଆଜିଠାରୁ, ଆପଣମାନେ କଠି ରୁ କଠିନ ଆହ୍ୱାନ ଗୁଡିକ ପାଇଁ ପ୍ରସ୍ତୁତ ହେବା ଉଚିତ । ମୁଁ ଦୃଢ ନିଶ୍ଚିତ ଯେ ଆପଣମାନଙ୍କ ଦକ୍ଷତା, ବିଶେଷ ଭାବରେ ମାଓବାଦୀ ବିରୋଧୀ ଅଭିଯାନରେ ଓଡିଶା ପୋଲିସକୁ ଆହୁରି ଶକ୍ତିଶାଳୀ କରିବ ଏବଂ ସାଇବର ଅପରାଧର ମୂଳୋତ୍ପାଟନ କରିବାରେ ସକ୍ଷମ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ବର୍ତ୍ତମାନ ସମୟ ଅତି ଦ୍ରୁତ ଗତିରେ ବଦଳୁଛି। ଆଜିକାଲି ଅପରାଧୀମାନେ ମଧ ହାଇ-ଟେକ୍ ହେଉଛନ୍ତି। ଏପରି ଅପରାଧକୁ ରୋକିବା ପାଇଁ ପୋଲିସ ବଳକୁ ମଧ ଆଧୁନିକ ତଦନ୍ତ ପ୍ରକ୍ରିୟା ଏବଂ ଟେକନୋଲଜି ଆପଣାଇବା ଆବଶ୍ୟକ। ମୁଁ ଅତ୍ୟନ୍ତ ଖୁସି ଯେ ଓଡିଶା ପୋଲିସ ଏପରି ଅନେକ ବ୍ଲାଇଣ୍ଡ କେସକୁ ● ପୃଷ୍ଠା ୫ ଦେଖନ୍ତୁ

### ଅଧିବେଶନ ଆରମ୍ଭରୁ ପ୍ରବଳ ହଟ୍ଟଗୋଳ

# ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ



**ବିଜୁବାବୁ, ନାରୀ ନିର୍ଯାତନା ମୁଖ୍ୟ ପ୍ରସଙ୍ଗ**

**ବିଜୁବାବୁ, ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବିରୋଧୀଙ୍କ ଧାରଣା**

**ପ୍ଲାକାର୍ଡ, ବ୍ୟାନର ଧରି ଗର୍ଜିଲେ**

ଭୁବନେଶ୍ୱର,୭।୩(ଭାସ୍କର ନ୍ୟୁଜ): ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ। ତେବେ ଅଧିବେଶନ ଆରମ୍ଭରୁ ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହକୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ବାଚସ୍ପତି ସୁରମା ପାଢୀ। ବିଧାନସଭା ବଜେଟ୍ ଅଧିବେଶନରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ଦୁଇଟି ପ୍ରସଙ୍ଗରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ଗୋଟିଏ ପଟେ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ଘଟଣାକୁ ପ୍ରସଙ୍ଗ କରିଥିଲା ବିଜେଡି। ସେପଟେ ରାଜ୍ୟରେ ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳା ପ୍ରସଙ୍ଗକୁ ପ୍ରମୁଖ ମୁଦ୍ଦା କରିଥିଲା କଂଗ୍ରେସ। ଉଭୟଦଳ ବିଧାୟକଙ୍କ ହାତରେ ଥିଲା ପ୍ଲାକାର୍ଡ। ସେମାନେ ଗୃହରେ ହୋହଲ୍ଲା କରିବା ସହ ବିଧାନସଭା ବାହାରେ ମଧ୍ୟ ପ୍ରତିବାଦ କରିଥିଲେ। ଫଳରେ ଗୃହକାର୍ଯ୍ୟ ଅଚଳ ହୋଇପଡ଼ିଥିଲା। ବାଚସ୍ପତି ଗୃହକାର୍ଯ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନ ୪ଟାରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପୁଣିଥରେ ହଟ୍ଟଗୋଳ ଆରମ୍ଭ ହେବାରୁ ବାଚସ୍ପତି ବାଧ୍ୟହୋଇ ଗୃହକୁ ସୋମବାର ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଶୁକ୍ରବାର ବିଧାନସଭାରେ ଦେଖିବାକୁ ମିଳିଥିଲା କିଛି ରୋଚକ ଦୃଶ୍ୟ। ବାଚସ୍ପତି ଗୃହକୁ ଆସିବା ପୂର୍ବରୁ ଆରମ୍ଭ ହୋଇଯାଇଥିଲା ହଟ୍ଟଗୋଳ। କଂଗ୍ରେସ ମହିଳା ନିର୍ଯାତନାକୁ ପ୍ରସଙ୍ଗ କରିଥିବାବେଳେ ବିଜେଡି ବିଜୁବାବୁଙ୍କୁ ଅସମ୍ମାନ ପ୍ରସଙ୍ଗ ଉଠାଇଥିଲା। ପୂର୍ବାହ୍ନ ୧୦ଟାରେ କଂଗ୍ରେସ ବିଧାୟକମାନେ ନାରୀ ନିର୍ଯାତନାକୁ ପ୍ରସଙ୍ଗ କରି ଗାନ୍ଧୀ ମୂର୍ତ୍ତିତଳେ ଧାରଣା ଦେଇଥିଲେ। ପରେ ୧୦ଟା ୨୮ରେ ବିଧାୟକମାନେ ନାରୀ ନିର୍ଯାତନା ଲେଖାଥିବା ବ୍ୟାନର ବେକରେ ପକାଇ ଗୃହମଧ୍ୟକୁ ନାରାବାଜି କରି ପ୍ରବେଶ କରିଥିଲେ। କଂଗ୍ରେସର ନାରାବାଜି ଦେଖି ବିଜେଡି ବିଧାୟକମାନେ ବିଜୁବାବୁଙ୍କୁ ଅସମ୍ମାନ ଚଳିବ ନାହିଁ ଲେଖାଥିବା ପ୍ଲାକାର୍ଡ ଧରି ହଟ୍ଟଗୋଳ ଆରମ୍ଭ କରିଥିଲେ। ୧୦.୨୮ରୁ ଗୃହରେ ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ୧୦.୩୦ରେ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବାକୁ ଚେଷ୍ଟା କରିଥିଲେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିଜେଡି ବିଧାୟକ ଅଧିରାଜ ପାଣିଗ୍ରାହୀ। ହଟ୍ଟଗୋଳ ଭିତରେ ମାତ୍ର ୬ ମିନିଟ୍ ଗୃହ ଚାଲିଥିଲା। ଗୃହରେ ପ୍ରବଳ ହୋହଲ୍ଲା ପାଇଁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୭।୩(ଭାସ୍କର ନ୍ୟୁଜ): ଆଗାମୀ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତ୍ତର ଥିବା ହେତୁ ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ସମ୍ବାଦପତ୍ର ଓ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସୁଭାଷ ଶତପଥୀ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

ଭୁବନେଶ୍ୱର,୭।୩(ଭାସ୍କର ନ୍ୟୁଜ): ବିଶିଷ୍ଟ ଓଡ଼ିଆ ଅନୁବାଦକ ସୁଭାଷ ଶତପଥୀ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ୨୦୨୪। ଶ୍ରୀ ଶତପଥୀ 'କୋକିଶିଆଳିର ଏକକ ନୃତ୍ୟ' ଶୀର୍ଷକ ବିଶିଷ୍ଟ ଇଂରାଜୀ ଲେଖକ ରସ୍କିନ ବଣ୍ଡଙ୍କ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍ସିଂ' ଅନୁବାଦ ପାଇଁ ଏହି ପୁରସ୍କାର ପାଇବେ। ପୁରସ୍କାର ବାବଦରେ ନଗଦ ୫୦ ହଜାର ଟଙ୍କା, ମାନପତ୍ର ଏବଂ ଏକାଡେମୀ ପ୍ରଶସ୍ତି ଫଳକ ତାଙ୍କୁ ପ୍ରଦାନ କରାଯିବ।

### ଏସ୍‌ଟିଏ ଯୁଗ୍ମ କମିଶନର ଗିରଫ

କଟକ,୭।୩(ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ଏସ୍‌ଟିଏ ଯୁଗ୍ମ କମିଶନର ପ୍ରଦୀପ ମହାନ୍ତିଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ତାଙ୍କ ଘରୁ ନଗଦ ୧୫ଲକ୍ଷ ଟଙ୍କା ସହ ୭୦୦ ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରାଯାଇଛି। ଏଥିସହ ତାଙ୍କ ମାଲିକାନାରେ ୪ଟି ବିଳାସପୂର୍ଣ୍ଣ ଅଟ୍ଟାଳିକା, ୧୫ ଏକର ଜମିରେ ଫାର୍ମ ହାଉସ, ୧୨ରୁ ଅଧିକ ଦାମୀ ପ୍ଲଟ୍ ରହିଛି।

ସେନ୍‌ସେକ୍ସ: ୭୪,୩୩୨.୫୮
ସର୍ବାଧିକ: ୩୩.୧ ଡିଗ୍ରୀ
ସର୍ବନିମ୍ନ: ୨୦.୨ ଡିଗ୍ରୀ

**୭।୩।୨୦୨୫ ର ମତାମତ**

ଦୁର୍ନୀତି ଉପାୟରେ କୋଟି କୋଟି ଟଙ୍କା ସଂଗ୍ରହ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି?




**ଆଜିର ପ୍ରସଙ୍ଗ**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପୋଲିସ ବିଭାଗ ମାନିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

### ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା

# ୭ଦିନ ବନ୍ଦ ରହିବ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି



ପୁରୀ,୭।୩(ଭାସ୍କର ନ୍ୟୁଜ): ୭ ଦିନ ପର୍ଯ୍ୟନ୍ତ ବନ୍ଦ ରହିବ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି। ଫଗୁ ଦଶମୀରୁ ହୋଲି ଉତ୍ସବ ପର୍ଯ୍ୟନ୍ତ ମରାମତି ପାଇଁ କାମ ବନ୍ଦ ରଖାଯିବ। ଅର୍ଥାତ୍ ଚଳିତମାସ ୯ ତାରିଖରୁ ୧୫ ତାରିଖ ● ପୃଷ୍ଠା ୫ ଦେଖନ୍ତୁ

### ତଳକୁ ଖସିପଡ଼ିଲା ନୀଳଚକ୍ର ବାନା

ପୁରୀ,୭।୩(ଭାସ୍କର ନ୍ୟୁଜ): ଶ୍ରୀମନ୍ଦିରରେ ଶୁକ୍ରବାର ବଡ଼ଧରଣର ଅଘଟଣ ଘଟିଛି। ନୀଳଚକ୍ର ବାନା ତଳକୁ ଖସିପଡ଼ିଛି। ଶୁକ୍ରବାର ବାନା ବାନ୍ଧିବାକୁ ଚୁନରା ସେବାୟତ ନୀଳଚକ୍ର ଉପରକୁ ଯାଉଥିବାବେଳେ ଅସାବଧାନତା ହେତୁ ନୂଆ ବାନାଗୁଡ଼ିକ ଖସିପଡ଼ି କାଞ୍ଚିଗଣେଶ ମନ୍ଦିର ସମ୍ମୁଖ ନୃସିଂହ ମନ୍ଦିର ନିକଟରେ ପଡ଼ିଥିଲା। ଆଉଜଣେ ଚୁନରା ସେବାୟତ ତଳେ ପଡ଼ିଥିବା ବାନାଗୁଡ଼ିକୁ ସେଠାରୁ ନେଇ ନୀଳଚକ୍ର ଉପରକୁ ଚଢିବା ପରେ ପୁରୁଣା ବାନାକୁ ପରିବର୍ତ୍ତନ କରାଯାଇ ନୂଆ ବାନା ଲଗା ଯାଇଥିଲା।

### ଲାଞ୍ଜିଗଡ଼ ବକ୍ସାଇଟ ଖଣିର ଗ୍ରାମସଭା ଆୟୋଜନ ପାଇଁ ରାଜଧାନୀରେ ମେଳି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦେଲେ ଦାବିପତ୍ର




ଭୁବନେଶ୍ୱର,୭।୩(ଭାସ୍କର ନ୍ୟୁଜ): ଲାଞ୍ଜିଗଡ଼ ବକ୍ସାଇଟ ଖଣିପାଇଁ ତୁରନ୍ତ ଏକ ଗ୍ରାମସଭା ଆୟୋଜନ କରିବାକୁ ଆଦିବାସୀ ଗୋଷ୍ଠୀ ଏବଂ କଳାହାଣ୍ଡି ବାସିନ୍ଦା ଶୁକ୍ରବାର ରାଜଧାନୀରେ ଶୋଭାଯାତ୍ରା କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ସେମାନେ ନିବେଦନ କରିଛନ୍ତି। ଲାଞ୍ଜିଗଡ଼ ଅଞ୍ଚଳର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ସ୍ଥାନୀୟ ସଂଗଠନ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଦୀର୍ଘଦିନ ଧରି ପଡ଼ି ରହିଥିବା ଏହି ପ୍ରସଙ୍ଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ପ୍ରତିନିଧି ଦଳ ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଭାରି ପପୁଲାର ସୁଭଦ୍ରା ଯୋଜନା
ଟଙ୍କା ମିଳୁଅଛି ବସିକି ଘରେ,
ସାରା ରାଇଜର ମାଆ, ମାଉସୀଙ୍କ
ମନ ପ୍ରଫୁଲ୍ଲିତ ଖୁସି ନସରେ !
ହେଉ ପଛେ ଟଙ୍କା ପାଞ୍ଚ ହଜାରେ,
ଅଣ୍ଟିକୁ ଲାଗୁଛି ଗରମ ଗରମ
ମୋହନ ସର୍କାର ବାହା ବାହାରେ !!






ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



### କୂଟନୈତିକ ଶିଷ୍ଟାଚାରର ସୀମା ଲଙ୍ଘନ

# ଜୟଶଙ୍କରଙ୍କୁ ଅସମ୍ମାନ ନିନ୍ଦନୀୟ

ଭାରତର ମୂଳ ଭୂଖଣ୍ଡରୁ ଅଲଗା ହୋଇ ଶିଖ୍‌ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଲାଗି ଆନ୍ଦୋଳନ ଜାରି ରଖିଥିବା ଖଲିସ୍ତାନୀ ସଂଗଠନ ଏବେ ବିଦେଶ ମାଟିରେ ଖୁବ୍ ସକ୍ରିୟ ହୋଇ ଉଠିଥିବାର ଲକ୍ଷ୍ୟ କରାଯାଉଛି। ବିଗତ ଶତାବ୍ଦୀର ଅଷ୍ଟମ ଓ ନବମ ଦଶକରେ ଆମ ଦେଶ ଭିତରେ ବିଶେଷ କରି ପଞ୍ଜାବରେ ଖଲିସ୍ତାନୀ ଆତଙ୍କବାଦୀମାନେ ହିଂସାର ତାଣ୍ଡବ ରଚାଇଥିଲେ ଏବଂ ଏହାଦ୍ୱାରା ଅସଂଖ୍ୟ ନିରୀହ ଲୋକ ପ୍ରାଣ ହରାଇଥିଲେ। ଏପରିକି ତତ୍କାଳୀନ ପ୍ରଧାନମନ୍ତ୍ରୀ ତଥା ପ୍ରଭାବଶାଳୀ ନେତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କର ଦୁଇଜଣ ଶିଖ୍ ଅଙ୍ଗରକ୍ଷୀଙ୍କ ନୃଶଂସ ଗୁଳିମାଡ଼ରେ ପ୍ରାଣବଳୀ ଦେବାକୁ ପଡ଼ିଥିଲା। ଖଲିସ୍ତାନୀଙ୍କ ଆତଙ୍କବାଦୀ କାର୍ଯ୍ୟକଳାପକୁ କଠୋର ହସ୍ତରେ ଦମନ କରିବା ସଙ୍ଗେ ସଙ୍ଗେ ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିର ଭିତରେ ସୈନ୍ୟବାହିନୀ ପୂରାଇବାରୁ ପ୍ରତିଶୋଧ ପରାୟଣ ହୋଇ ଦୁଇ ଶିଖ୍ ଅଙ୍ଗରକ୍ଷୀ ଇନ୍ଦିରାଙ୍କୁ ହତ୍ୟା କରିବାକୁ ପଛାଇ ନଥିଲେ। ଏହାପରେ ଭାରତ ଭିତରେ ଖଲିସ୍ତାନୀଙ୍କ ହିଂସାତ୍ମକ କାର୍ଯ୍ୟକଳାପ ନିୟନ୍ତ୍ରଣକୁ ଆସିଥିବା ସ୍ଥଳେ ଦେଶ ବାହାରେ ବିଶେଷ କରି କାନାଡା ଓ ବ୍ରିଟେନ୍ ଆଦି ରାଷ୍ଟ୍ରରେ ସେମାନେ ପୁନଃସଂଗଠିତ ହେଉଛନ୍ତି। କାନାଡ଼ା ଭଳି କେତେକ ଦେଶ ଖଲିସ୍ତାନୀଙ୍କୁ କେବଳ ଆଶ୍ରୟ ଦେଇନାହାନ୍ତି, ସେମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଥିବାର ଖବର ମଧ୍ୟ ସାମ୍ନାକୁ ଆସୁଛି। ବ୍ରିଟେନ୍‌ରେ ଖଲିସ୍ତାନୀ ସମର୍ଥକଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପକୁ ନେଇ ଏକ ବଡ଼ ଖବର ଦେଶବ୍ୟାପୀ ହଇଚଇ ସୃଷ୍ଟି କରିଛି। ଦୁଇଦିନ ପୂର୍ବେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଲଣ୍ଡନ ଗସ୍ତରେ ଯାଇଥିବା ବେଳେ ଖଲିସ୍ତାନୀ ସମର୍ଥକ ତାଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବାକୁ ତିଳେ ହେଲେ କୁଣ୍ଠାବୋଧ କରିନାହାନ୍ତି। ସେମାନେ ତାଙ୍କ କାର୍‌କୁ ଘେରିଯିବା ସହିତ ତ୍ରିରଙ୍ଗା ପତାକା ଦେଖାଇ ତାକୁ ଚିରି ଫୋପାଡ଼ି ଦେଇଥିଲେ। ଭାରତ ସରକାର ଏହି ଅଘଟଣକୁ ନେଇ ବ୍ରିଟେନ ନିକଟରେ ଦୃଢ଼ ପ୍ରତିବାଦ ଜଣାଇବା ସଙ୍ଗେ ସଙ୍ଗେ ବ୍ରିଟିଶ୍ ଦୂତାବାସକୁ ସମନ ଜାରି କରିଛନ୍ତି। ଯଦିଓ ବ୍ରିଟେନ୍ ସରକାର ଖଲିସ୍ତାନୀ ସମର୍ଥକଙ୍କ ଏଭଳି ଆଚରଣକୁ ନିନ୍ଦା କରିଛନ୍ତି, ତଥାପି ଏହା ବିରୋଧରେ ଏଯାବତ୍ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଆମ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ଲଣ୍ଡନରେ ମନ୍ତ୍ରୀ ଜୟଶଙ୍କରଙ୍କ ସୁରକ୍ଷା ବ୍ୟବସ୍ଥାରେ ଏକ ବଡ଼ ତ୍ରୁଟି ହୋଇଛି। ଯେଉଁ ପରିସ୍ଥିତିରେ ଖଲିସ୍ତାନୀ ସମର୍ଥକମାନେ ତାଙ୍କ କାର୍ ପର୍ଯ୍ୟନ୍ତ ମାଡ଼ି ଆସି ତାଙ୍କୁ ଘେରିଗଲେ, ତାହା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ବିଚ୍ଛିନ୍ନତାବାଦୀ ଶକ୍ତିଙ୍କ ଦ୍ୱାରା ଗଣତାନ୍ତ୍ରିକ ସ୍ୱାଧୀନତାର ଦୁରୁପଯୋଗ କରାଯାଇଛି, ଯାହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ବ୍ରିଟେନ୍ ସରକାର ଏ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଭାରତ ଦାବି କରୁଛି। ଆମ ବୈଦେଶିକ ମନ୍ତ୍ରୀ ନିଶ୍ଚିତ ଭାବରେ ଲଣ୍ଡନରେ ଜଣେ ବିଦେଶାଗତ ଅତିଥି ଏବଂ ତାଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇବା ଏକ କୂଟନୈତିକ ଶିଷ୍ଟାଚାର। ଏ କ୍ଷେତ୍ରରେ ତାହାର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଛି। ଯେକୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନର ଅଧିକାର ସମସ୍ତଙ୍କର ଯେ ରହିଛି, ଏହାକୁ କେହି ଅସ୍ୱୀକାର କରୁନାହାନ୍ତି। ମାତ୍ର ଜଣେ ବୈଦେଶିକ ଅତିଥିଙ୍କ ସମ୍ମୁଖରେ ତାଙ୍କ ଦେଶର ଜାତୀୟ ପତାକାକୁ ଚିରି ଫିଙ୍ଗି ଦିଆଯିବା ଏବଂ ତାଙ୍କୁ ଗାଳିଗୁଲଜ କରାଯିବା କିଭଳି ସମ୍ଭବପର ହୋଇପାରିଲା, ତାହା କଳ୍ପନା କରି ହେଉନାହିଁ। ବ୍ରିଟେନ୍ ସରକାର ଆଗକୁ ଯେପରି ଏଭଳି ଦୁର୍ଭାଗ୍ୟଜନକ ଘଟଣାର ପୁନରାବୃତ୍ତି ନହୁଏ, ସେଥିପ୍ରତି ସଜାଗ ଦୃଷ୍ଟିଦେବା ଏକାନ୍ତ ଜରୁରି। ନିଜ ଦେଶର ସୁରକ୍ଷା ବ୍ୟବସ୍ଥା ଏଭଳି ଢ଼ିଲା ରହିଲେ, ଭବିଷ୍ୟତରେ ବହୁ ମୂଲ୍ୟ ଦେବାକୁ ପଡ଼ିବ।

# ମହିଳାଙ୍କ ପାଇଁ ଚିନ୍ତା କରିବାର ଦିନଟିଏ



ହିଂମାଂଶୁ ଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର
ମୋ : ୯୯୩୭୧୫୧୦୫୨

ଆଜି ଆନ୍ତର୍ଜାତିକ ମହିଳା ଦିବସ। ସାରା ବିଶ୍ୱର ମହିଳାମାନଙ୍କର ଅଧିକାର, ଅସ୍ମିତା ଓ ସ୍ୱାଭିମାନ ପ୍ରତିଷ୍ଠା ପାଇଁ ଚିନ୍ତା କରିବାର ଦିନଟିଏ। ଭଗବାନଙ୍କ ସୃଷ୍ଟିରେ ନାରୀ ଏକ ଅନବଦ୍ୟ ସୃଷ୍ଟି। ତା'ର ସ୍ଥିତି, ପରିଚିତ ଓ ଜୀବନ ପ୍ରବାହ ହିଁ ସାମଗ୍ରିକ ଭାବେ ଏକ ସମାଜର ପରିଚୟ। ଅନାଦି କାଳରୁ ନାରୀର ଭୂମିକା ବେଶ୍ ସୁସ୍ପଷ୍ଟ। ସମାଜ ଗଠନରେ ନାରୀର ଭୂମିକାକୁ ଏଡ଼ାଇ ଦିଆଯାଇ ନପାରେ। ଏକ ପରିପୂର୍ଣ୍ଣ, ସୁସ୍ଥ ଓ ସୁନ୍ଦର ସମାଜ ନାରୀ ବିନା ସମ୍ଭବ ନୁହେଁ। ସେଥିପାଇଁ ସେମାନଙ୍କୁ "ଅର୍ଦ୍ଧେକ ଆକାଶ" ବୋଲି କୁହାଯାଏ। ଏସବୁ ସତ୍ତ୍ୱେ ପ୍ରତି ମୁହୂର୍ତ୍ତରେ ତାକୁ ନୂଆ ନୂଆ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ବିଶ୍ୱସ୍ତରରେ ନାରୀ ମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର। ସେଥିପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ପାଳନ କରାଯାଏ। ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ବିଷୟବସ୍ତୁ ରହିଛି- କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ବିଶେଷ କରି ଲିଙ୍ଗଗତ ସମାନତା ପାଇଁ ଚୂଡ଼ାନ୍ତ ପଦକ୍ଷେପ ଗ୍ରହଣ କରିବା ।

ନାରୀ ସର୍ବଦା ପୂଜନୀୟା। ଏକାଧାରରେ ସେ ଜନନୀ, ଜାୟା, ଓ ଭଗିନୀ। ମା' ହିସାବରେ ସେ ଜନ୍ମଦାତ୍ରୀ। ତା' ବିନା ସୃଷ୍ଟି ନାହିଁ। ଜାୟା ଭାବେ ସେ ପୁରୁଷର ସହଧର୍ମିଣୀ - ତା' ଦାମ୍ପତ୍ୟ ଜୀବନର ସାଥୀ। ଭଗିନୀ ହିସାବରେ ସ୍ନେହ-ଶ୍ରଦ୍ଧାର ଅଧିକାରିଣୀ ସିଏ। ତଥାପି ମହିଳାମାନଙ୍କୁ ଅନେକ ସମୟରେ ଉପେକ୍ଷିତ ହେବାକୁ ପଡୁଛି। ପରିବାର ଠାରୁ ଆରମ୍ଭ କରି ସମାଜ ବ୍ୟବସ୍ଥାରେ ସେ ହିଂସା ଓ ବୈଷମ୍ୟର ଶିକାର ହେଉଛି। ଆଜି ମହିଳାମାନଙ୍କୁ ଯେତେ ସ୍ୱାଧୀନତା ମିଳିଛି ତାହା କେବଳ ମହିଳାମାନଙ୍କର ଦୀର୍ଘଦିନର ସଂଗ୍ରାମ ଓ ବଳିଦାନର ଫଳ। ଇତିହାସକୁ ନିରୀକ୍ଷଣ କଲେ ଅନେକ କଥା ଆଖି ସାମ୍ନାକୁ ଆସେ। ସର୍ବପ୍ରଥମେ ୧୯୧୧ ମସିହାରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ହୋଇଥିଲା। ମାତ୍ର ଏହା ପୂର୍ବରୁ ୧୮୮୭ ମସିହା ମାର୍ଚ୍ଚମାସ ୮ ତାରିଖରେ ଆମେରିକାରେ ଏକ ବସ୍ତ୍ରଶିଳ୍ପର ମହିଳାମାନେ ତାଙ୍କ ଶ୍ରମ ୧୬ ଘଣ୍ଟାରୁ ୧୦ ଘଣ୍ଟା କରିବା ପାଇଁ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇ ଆସିଥିଲେ। ୧୯୦୯ ମସିହାରେ ମଧ୍ୟ ମହିଳାମାନେ ନିଜର ଅଧିକାର ପାଇଁ ଲଢ଼େଇ ଆରମ୍ଭ କରିଥିଲେ। ୧୯୧୦ ମସିହାରେ ଆନ୍ତରାଷ୍ଟ୍ରୀୟ ସମାଜବାଦୀ ମହିଳା ଅଧିବେଶନରେ ଋଷର କ୍ରାନ୍ତିକାରୀ ମହିଳା କ୍ଲାରା ଜେଟ୍‌କିନ୍ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବରେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।



ପରବର୍ତ୍ତୀ ପର୍ଯ୍ୟାୟରେ ୧୯୧୨ ମସିହାରେ ଋଷରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ପାଇଁ ଉଦ୍ୟମ କରାଯାଇଥିଲା। ୧୯୧୫ ମସିହାରେ ଅସଲୋରେ ମହିଳାମାନେ ପ୍ରଥମ ବିଶ୍ୱଯୁଦ୍ଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୯୩୭ ମସିହାରେ ସ୍ପେନର ମହିଳାମାନେ ଫ୍ରାନକ୍ଲିନ୍‌ଙ୍କର ଅତ୍ୟାଚାରୀ ଶାସନ ବିରୁଦ୍ଧରେ ଲଢ଼ାଇ କରିଥିଲେ। ୧୯୪୩ ମସିହା ମାର୍ଚ୍ଚ ୮ ତାରିଖରେ ଭିଏତ୍‌ନାମର ନାରୀମାନେ ମାର୍କିନ ସାମ୍ରାଜ୍ୟବାଦ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। ସେହିପରି ଇଟାଲୀର ମହିଳାମାନେ ସୁସୋଲିନି ତାନା ସାହିର ବିରୋଧ କରିଥିଲେ। ଆମ ଦେଶରେ ୧୮୫୭ ମସିହା ସିପାହୀ ବିଦ୍ରୋହ, ୧୯୨୦ ମସିହା ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହା ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଭାରତୀୟ ମହିଳାମାନେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନାରୀ ଆନ୍ଦୋଳନ ସାରା ବିଶ୍ୱର ମହିଳାମାନଙ୍କ ସ୍ଥିତିକୁ ସୁଦୃଢ଼ କରିଛି। ବିଭିନ୍ନ ସ୍ତରରେ ଆନ୍ଦୋଳନ ପରେ ନାରୀର ସ୍ଥିତିକୁ ନେଇ ବିଭିନ୍ନ ସ୍ତରରେ ବିଚାର ବିମର୍ଷ ହୋଇଛି। ଏସବୁ କଥା ବିଚାରକୁ ନେଇ ମିଳିତ ଜାତିସଂଘ ୧୯୭୫ ମସିହାରୁ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ପାଳନ କରିବାକୁ ସ୍ୱୀକୃତି ଦେଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜାତିସଂଘ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଇଁ ବିଷୟବସ୍ତୁ ରହିଛ। ଲିଙ୍ଗଗତ ସମାନତା ରକ୍ଷାକରିବା ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକାର କରିବା ।

ମହିଳାମାନଙ୍କ ଆନ୍ଦୋଳନ ଫଳରେ ସାରା ବିଶ୍ୱରେ ଓ ଆମ ଦେଶରେ ମହିଳାମାନଙ୍କୁ ଅଭୁତପୂର୍ବ ସଫଳତା ମିଳିଛି। ଏଭଳି କାମ ନାହିଁ ଯେଉଁ କ୍ଷେତ୍ରରେ ମହିଳାମାନେ ଦକ୍ଷତାର ସହ କାମକରି ଦେଖାଇ ନାହାଁନ୍ତି। ଆନି କୋହେନ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା ଯିଏ କି ସଫଳତାର ସହ ସାଇକେଲରେ ବିଶ୍ୱ ଭ୍ରମଣ କରିବାର ଗୌରବ ଅର୍ଜନ କରିଥିଲେ। ଏଲିନା ଲୁକ୍ରେଜିଆ ହେଉଛନ୍ତି ଏପରି ଜଣେ ମହିଳା ଯିଏକି ସର୍ବପ୍ରଥମ ଫିଲୋସଫିରେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ। ସେହିପରି ସାରାହ୍ ଡିଲିସ୍ ଆଉଟେନ୍ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା ଯିଏକି ସମୁଦ୍ର ଭିତରେ ଏକୁଟିଆ ଡଙ୍ଗାକୁ ଆହୁଲାମାରି ଜାପାନରୁ ଆଲାସ୍କା ଯାତ୍ରା କରିବାରେ ସଫଳ ହୋଇଥିଲେ। ଭଲେଣ୍ଟିନା ତେରେସ୍କୋଭା ବିଶ୍ୱର ପ୍ରଥମ ମହାକାଶଚାରୀ। ଆମ ଦେଶ ତଥା ରାଜ୍ୟରେ ମହିଳାମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିଜର ପରାକାଷ୍ଠା ଦେଖାଇ ମହିଳାମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ବୈଦିକ ଯୁଗରେ ବିଶ୍ୱବାରା, ଲୋପାମୁଦ୍ରା, ଗାର୍ଗୀ, ପୁରାଣ ଯୁଗରେ ସୀତା, ସାବିତ୍ରୀ, ଅନସୂୟା ଆଦି ନାରୀମାନେ ସମାଜରେ ଉଚ୍ଚସ୍ଥାନର ଅଧିକାରିଣୀ ହୋଇପାରିଥିଲେ। ବର୍ତ୍ତମାନର ନାରୀ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି। ସେହିପରି ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲଙ୍କ ଠାରୁ ଆରମ୍ଭ କରି ମୀରା କୁମାର, ପି.ଟି ଉଷାଙ୍କ ଠାରୁ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସୁନିତା ଚୌଧୁରୀଙ୍କ ଠାରୁ ପଦ୍ମିନୀ ରାଉତ, କିରଣ ବେଦୀଙ୍କ ଠାରୁ ରୂପା ମିଶ୍ର ଏବଂ ଐଶ୍ୱର୍ଯ୍ୟ ରାୟ ବଚ୍ଚନଙ୍କ ଠାରୁ ନନ୍ଦିତା ଦାସଙ୍କ ଏପରିକି ଜ୍ୟୋତିର୍ମୟୀ ଦାସଙ୍କ ପର୍ଯ୍ୟନ୍ତ ସବୁଠି ନାରୀର ଜୟଯାତ୍ରା।

ଏ ସବୁ ମହିଳାମାନଙ୍କ ଆଖିଦୃଶିଆ ସଫଳତା ସତ୍ତ୍ୱେ ମହିଳା ଜଣଙ୍କ ନାଁ ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ। ସମାଜିକ ହିଂସା, ବଳାତ୍କାର, ଯୌତୁକ ହତ୍ୟା, ଘରୋଇ ହିଂସା ଓ କନ୍ୟାଭ୍ରୁଣ ହତ୍ୟା ବଢ଼ିବାରେ ଲାଗିଛି। ଆଜି ବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ। ଏକ ସର୍ବେକ୍ଷଣରୁ ଜଣାପଡ଼େ ଭାରତରେ ପ୍ରତି ୭୮ମିନିଟ୍‌ରେ ଗୋଟିଏ ଯୌତୁକ ଜନିତ ବଧୂହତ୍ୟା, ପ୍ରତି ୫୯ମିନିଟ୍‌ରେ ଜଣେ ମହିଳା ଯୌନ ଶୋଷଣର ଶୀକାର ହେଉଥିବା ବେଳେ ପ୍ରତି ୩୪ମିନିଟ୍‌ରେ ଜଣେ ମହିଳା ନିର୍ଯାତନା ଏବଂ ପ୍ରତି ୫ଜଣ ବିବାହିତ ମହିଳାଙ୍କ ମଧ୍ୟରୁ ୩ଜଣ ମହିଳା ଘରୋଇ ହିଂସାର ଶୀକାର ହେଉଛନ୍ତି। ଦୁଷ୍କର୍ମ ବା ଧର୍ଷଣ କଥା ଆହୁରି ତଦ୍ରୁପ। ଶତକଡ଼ା ୨୦ଭାଗରୁ ଅଧିକ ମହିଳା ଧର୍ଷଣର ଶୀକାର ହେଉଛନ୍ତି। ୧୯୭୮ରେ ଗୀତା ଚୋପ୍ରା, ୧୮୮୮ରେ ରୂପମ୍ ବଜାଜ, ୧୯୯୩ରେ ରୁଚିକା, ୧୯୯୭ରେ ପ୍ରିୟଦର୍ଶିନୀ ମାଟ୍ଟୁ, ୧୯୯୯ରେ ଜେସିକା, ୨୦୧୩ରେ ବହୁ ଚର୍ଚ୍ଚିତ ନିର୍ଭୟା ଘଟଣା ଆମ ଭୋକ୍ତା ମନୋଭାବର ଏକ ନିଛକ ପରିପ୍ରକାଶ କହିଲେ ଭୁଲ୍ ହେବ ନାହିଁ। ଏହି ଘଟଣା ଘଟିବାର ଦୀର୍ଘ ବର୍ଷ ପରେ ବି ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡ ମିଳିଛି ସତ ହେଲେ ଏହା ଆମ ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପରବର୍ତ୍ତୀ ସମୟରେ ଇତିଶ୍ରୀ, ବେବିନାଙ୍କ ପରି ଅନେକ ମହିଳା ନିର୍ଯାତନାର ଶିକାର ହେବା ଘଟଣା ଆମ ବିକୃତ ମାନସିକତାର ଗୋଟିଏ ଗୋଟିଏ ଉଦାହରଣ।

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଏବେ ଚିନ୍ତା କରିବାର ବେଳ ଆସିଛି। ପଞ୍ଚାୟତ ସ୍ତରରେ ବହୁ ସଂଖ୍ୟାରେ ମହିଳା ଭାଗ ନେଇଥିଲେ ମଧ୍ୟ ପ୍ରକୃତ କ୍ଷେତ୍ରରେ ନେତୃତ୍ୱ ନେବା କ୍ଷେତ୍ରରେ ଏବେ ବି ସେମାନେ ବହୁପଛରେ। ଉପର ସ୍ତରରେ ସ୍ଥାନ ସଂରକ୍ଷଣ ପାଇଁ ଏବେବି ବିବାଦ ତୁଟୁନାହିଁ। ଆଧୁନିକ ସମାଜରେ କନ୍ୟାଭ୍ରୂଣ ହତ୍ୟା ଦିନକୁ ଦିନ ବଢ଼ି ଚାଲିଛି। କନ୍ୟା ସନ୍ତାନ ପ୍ରତି ଏପରି ବିମୁଖତା ଆଦୌ ଗ୍ରହଣୀୟ ନୁହେଁ। ଏହାକୁ ରୋକିବା ପାଇଁ କଡ଼ାକଡ଼ି ଭାବେ ଆଇନ ପାଳନ କରାଯିବା ଉଚିତ୍। ଆଜି ମହିଳାମାନଙ୍କ ପାଇଁ ଜନନୀ ସୁରକ୍ଷା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ସ୍ୱର୍ଣ୍ଣଜୟନ୍ତୀ ସ୍ୱରୋଜଗାର ଯୋଜନା ପ୍ରଣୟନ କରାଯାଇଛି। ଜାତୀୟ ତଥା ରାଜ୍ୟ ସ୍ତରରେ ମହିଳା ଆୟୋଗ କାର୍ଯ୍ୟ କରୁଛି। କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ମହିଳା ସଂଗଠନ ମଧ୍ୟ ନାରୀସୁରକ୍ଷା ପାଇଁ ସେମାନଙ୍କର ଉଦ୍ୟମ ଜାରି ରଖିଛନ୍ତି। କିନ୍ତୁ ଏ ଦିଗରେ ଆଶାନୁରୂପ ଫଳ ମିଳିନାହିଁ। ତେଣୁ, ମହିଳାମାନେ ସଚେତନ ହେବା ନିତାନ୍ତ ଆବଶ୍ୟକ।

# ମହିଳା ନେତୃତ୍ୱ, ସମସ୍ୟା ଓ ସମ୍ଭାବନା

ରେଣୁବାଳା ମହାପାତ୍ର
ଅନୁଗୋଳ
ମୋ: ୭୯୭୮୧୫୯୬୫୧

ଇତିହାସ ହେଉ ବା ପୌରାଣିକ କଥାବସ୍ତୁ, ସବୁଠାରେ ନାରୀ ନେତୃତ୍ୱ ତଥା ସମାଜକୁ ନାରୀର ଯୋଗଦାନ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇ ରହିଛି। ଗୋଟିଏ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ନାରୀର ଭୂମିକା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ବହୁ ସମୟରେ ସାମାଜିକ ବିକାଶରେ ମହିଳାଙ୍କର ମୌଳିକ ଚିନ୍ତାଧାରା, ଅତୁଳନୀୟ କର୍ତ୍ତବ୍ୟନିଷ୍ଠା, ଧୈର୍ଯ୍ୟଶୀଳତାର ଅନନ୍ୟ ଉଦାହରଣ ରହିଛି। ଜଣେ ମହିଳା କେବଳ ଗୃହିଣୀ ନୁହେଁ, ତା'ର ରୂପ ଅନେକ। ସେ ଜଣେ ଜୀବନ ସଙ୍ଗିନୀ, ଜଣେ ଭଗିନୀ, ଜଣେ ସ୍ନେହଶୀଳା ମା' ତଥା ଜଣେ ଶିକ୍ଷିତା ନାଗରିକ ଭାବରେ ଏକ ସୁସ୍ଥ ସମାଜ ଗଠନର ଆଧାର ଶିଳା ମଧ୍ୟ।

କଳା, ସାହିତ୍ୟ, ଦର୍ଶନ, ବିଜ୍ଞାନ, ଆବିଷ୍କାର, ଉଦ୍ଭାବନ, ମନ୍ତ୍ରଣାଳୟ, ନ୍ୟାୟାଳୟ, ବିଦ୍ୟାଳୟ, ପରିକଳ୍ପନା ଓ ପରିଚାଳନା ଆଦି ସକଳ କ୍ଷେତ୍ରରେ ଶିକ୍ଷିତା ଓ ଦକ୍ଷ ମହିଳାଗଣ ନିଜ ନିଜର ଦକ୍ଷତା ଓ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି। ନାରୀମାନଙ୍କର ଚିନ୍ତାରେ ମୌଳିକତାର ଅଭାବ ନାହିଁ, କର୍ତ୍ତବ୍ୟରେ ନିଷ୍ଠାର ଅଭାବ ନାହିଁ, କାର୍ଯ୍ୟରେ ଦକ୍ଷତାର ଅଭାବ ନାହିଁ, ସମସ୍ୟାରେ ସମାଧାନର ଅଭାବ ନାହିଁ, ବୀରତ୍ୱର ଅଭାବ ନାହିଁ, ରାଜନୀତିର କୌଶଳ ଓ କୂଟନୀତିରେ ଉପସ୍ଥିତ ବୁଦ୍ଧିର ଅଭାବ ନାହିଁ, ବିଚାରରେ ବିଜ୍ଞତା ଓ କର୍ମକ୍ଷେତ୍ରରେ ସୃଜନଶୀଳତାର ଅଭାବ ନାହିଁ।

ମହିଳାମାନେ ଦୀର୍ଘଦିନ ଧରି ଅସମାନତା, ଅନ୍ୟାୟ ଏବଂ ଉପେକ୍ଷାର ସମ୍ମୁଖୀନ ହୋଇ ଆସୁଛନ୍ତି। କାଳକ୍ରମେ ନୀତିନିର୍ଦ୍ଧାରଣ ପ୍ରକ୍ରିୟାରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଥିଲେ ମଧ୍ୟ ସେମାନଙ୍କର ପ୍ରତିନିଧିତ୍ୱର ଗୁଣବତ୍ତା ଓ ସଫଳତା ନିଶ୍ଚିତ କରାଯିବା ଆବଶ୍ୟକ। ମହିଳା ପ୍ରାର୍ଥୀ ନିର୍ବାଚିତ ହେଲେ ମଧ୍ୟ ଦଳୀୟ ନୀତି ନିର୍ଦ୍ଧାରଣ ଓ ପରିବାରବାଦର ପ୍ରଭାବ ତାଙ୍କ କାର୍ଯ୍ୟଦକ୍ଷତାକୁ ହ୍ରାସ କରୁଛି। ଏଥିସହିତ ମହିଳାଙ୍କ ସାମାଜିକ ଓ ଆର୍ଥିକ ସମସ୍ୟା ସେମାନଙ୍କ ଅଗ୍ରଗତିରେ ବାଧା ଦେଉଛି। ଲିଙ୍ଗଗତ ଭେଦଭାବ ତାଙ୍କୁ ତାଙ୍କ ଅଧିକାର ଓ ସୁବିଧା ସୁଯୋଗରୁ ଦୂରେଇ ରଖୁଛି। କାର୍ଯ୍ୟକ୍ଷେତ୍ରରେ ମହିଳାମାନେ ହିଂସା, ଉତ୍ପୀଡନ ଓ ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ପୁରୁଷ ପ୍ରଧାନ ସମାଜରେ ଆଜି ମଧ୍ୟ ମହିଳାଙ୍କୁ ନିଜ ଯୋଗ୍ୟତା ଅନୁସାରେ ସମ୍ମାନ ମିଳେନାହିଁ ଓ ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ମଧ୍ୟ ଅପମାନିତ ହେବାକୁ ପଡୁଛି।

ମହିଳାମାନଙ୍କୁ ରାଜନୈତିକ, ସାମାଜିକ ଓ ଆର୍ଥିକ ମଞ୍ଚରେ ସମାନ ସୁଯୋଗ ଦେବା ଆବଶ୍ୟକ। ଏଥିପାଇଁ ମହିଳାଙ୍କ ପାଇଁ ସଂରକ୍ଷଣ ଏକ ଅତ୍ୟାବଶ୍ୟକ ପଦକ୍ଷେପ। ମହିଳା ସଂରକ୍ଷଣ ବିଲ୍ ପାରିତ ହେବା ପରେ ମହିଳା ନେତୃତ୍ୱର ବିକାଶ ଦିଗରେ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଛି। ଏହି ବିଲ୍ ଆଇନରେ ପରିଣତ ହେବା ପରେ ମହିଳାମାନଙ୍କୁ ରାଜନୈତିକ, ସାମାଜିକ ଏବଂ ଆର୍ଥିକ ମଞ୍ଚରେ ଆଗକୁ ବଢ଼ିବାରେ ସହଯୋଗ କରିବ। ଏହି ଆଇନ ଅନୁସାରେ, ସଂସଦ ଏବଂ ବିଧାନସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇବ। ମହିଳାମାନେ ସଂସଦ ଓ ରାଜ୍ୟ ବିଧାନସଭାରେ ଅଧିକ ଆସନ ଅଧିକାର କରିବେ ଏବଂ ରାଜନୈତିକ କ୍ଷେତ୍ରରେ, ଶାସନତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ମହିଳାମାନେ କର୍ପୋରେଟ ଓ ବ୍ୟବସାୟିକ ମଞ୍ଚରେ ନେତୃତ୍ୱ ଗ୍ରହଣ କରି ସଫଳତା ପାଇ ସାରିଛନ୍ତି। ମହିଳା ଉଦ୍ୟୋଗୀମାନେ ରାଜ୍ୟ ତଥା ଦେଶ ବିକାଶର ଧାରାକୁ ନିଶ୍ଚିତ କରୁଛନ୍ତି। ମହିଳାମାନଙ୍କୁ ନ୍ୟାୟ ଓ ସୁରକ୍ଷା ଦେବାକୁ ଆଇନଗୁଡ଼ିକ ଅଧିକ ସୁଦୃଢ଼ ହେଉଛି।

ବର୍ତ୍ତମାନ ଭାରତରେ ସଶକ୍ତ ମହିଳା ନେତୃତ୍ୱଙ୍କ ଅଭ୍ୟୁଦୟ ଦ୍ରୁତଗତିରେ ବୃଦ୍ଧି ପାଉଛି। ଭାରତର ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ, ଯିଏ ପ୍ରଥମ ଅନୁସୂଚିତ ଜନଜାତି ମହିଳା ଭାବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଧିକାର କରିଛନ୍ତି। ଏହା ଭାରତର ଜନସାଧାରଣ, ବିଶେଷ କରି ଅନୁନ୍ନତ ଅଞ୍ଚଳର ମହିଳାଙ୍କ ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ। ସେପଟେ ଭାରତର ରାଜଧାନୀ ଦିଲ୍ଲୀରେ ରେଖା ଗୁପ୍ତା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି, ଯାହା ଦେଶରେ ମହିଳା ନେତୃତ୍ୱ ଦିଗରେ ଏକ ସକାରାତ୍ମକ ପରିବେଶର ବାର୍ତ୍ତା ଦେଉଛି।

ଭାରତର ପ୍ରଥମ ଓ ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜଣେ ଶକ୍ତିଶାଳୀ ଓ ପ୍ରତିବଦ୍ଧତା ସମ୍ପନ୍ନ ନେତ୍ରୀ ଥିଲେ। ସେ ପ୍ରଧାନମନ୍ତ୍ରୀ ଭାବେ ୧୯୬୬-୧୯୭୭ ଏବଂ ୧୯୮୦-୧୯୮୪ ପର୍ଯ୍ୟନ୍ତ ସର୍ବାଧିକ ସମୟ ଦେଶକୁ ସେବା ଦେଇଥିବା ଦ୍ୱିତୀୟ ଭାରତୀୟ ପ୍ରଧାନମନ୍ତ୍ରୀ। ସେହିପରି ସୁଷମା ସ୍ୱରାଜ ଜଣେ ସୁଦକ୍ଷ ନେତ୍ରୀ ଥିଲେ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବରେ ତାଙ୍କ ଅବଦାନ ଅତୁଳନୀୟ। ପଶ୍ଚିମବଙ୍ଗର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ, ପୂର୍ବତନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ଜୟଲଳିତା ଆଦି ଶକ୍ତିଶାଳୀ ମହିଳା ନେତୃତ୍ୱର ଉଦାହରଣ। ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭା ପାଟିଲ ପ୍ରଥମେ ରାଜସ୍ଥାନର ରାଜ୍ୟପାଳ ଥିଲେ।

ବର୍ତ୍ତମାନ ଲୋକସଭାର ସଦସ୍ୟ ସଂଖ୍ୟା ୫୪୨, ସେମାନଙ୍କ ମଧ୍ୟରୁ ୭୮ ଜଣ ମହିଳା। ରାଜ୍ୟସଭାର ସଦସ୍ୟ ସଂଖ୍ୟା ୨୨୪, ତନ୍ମଧ୍ୟରେ ୨୪ ଜଣ ମହିଳା ସଦସ୍ୟ। ରିପୋର୍ଟ ଅନୁସାରେ ୨୦୧୩ରେ ଭାରତରେ ସର୍ବମୋଟ ୧୬.୬ଲକ୍ଷ ପୋଲିସ କର୍ମଚାରୀ ଥିବା ବେଳେ ସେଥିରୁ ମାତ୍ର ୯୭୦୦୦ ଜଣ (୫.୮୭%) ମହିଳା ଥିଲେ, ଯାହା ୨୦୨୨ରେ ୧୧.୭୫%କୁ ବୃଦ୍ଧି ପାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା କ୍ଷେତ୍ର ସହ ଅନ୍ତରୀକ୍ଷ ଗବେଷଣା ଆଦିରେ ମଧ୍ୟ ମହିଳାଙ୍କ ଭାଗିଦାରୀ ଏବେ ଇତିହାସ ରଚୁଛି।

ଆଜି ଭାରତୀୟ ନାରୀ ଦେଶର ସର୍ବୋଚ୍ଚ ଆସନ ଅଳଙ୍କୃତ କରିଛନ୍ତି। ପରିବାର ଗଠନ, ସମାଜ ପରିଚାଳନା ଓ ନୈତିକତାର ସୁରକ୍ଷା କ୍ଷେତ୍ରରେ ନାରୀମାନେ ଅଗ୍ର ସାରଥୀ। ତେଣୁ ଭାରତୀୟ ମହିଳାମାନଙ୍କର ଦକ୍ଷତାରେ ସନ୍ଦେହ କରିବାର କୌଣସି ଅବକାଶ ନାହିଁ। ମହିଳାମାନେ ନେତୃତ୍ୱ ନେଲେ ସମାଜରେ ତଥା ଦେଶରେ ଅନେକ ନୂଆ ଭାବନା, ସୂକ୍ଷ୍ମ ଦୃଷ୍ଟିକୋଣ ଓ ସମ୍ବେଦନଶୀଳତା ସହ ସକାରାତ୍ମକ ପରିବର୍ତ୍ତନ ଆଣିପାରିବେ। କିନ୍ତୁ ସେହି ମହିଳାଙ୍କ ଭିତରେ ଦକ୍ଷତା ଓ ଶକ୍ତିଶାଳୀ ନେତୃତ୍ୱ ସହ ପ୍ରତିବଦ୍ଧତା ଥିବା ଦରକାର। ସଶକ୍ତ ମହିଳାମାନେ ଯେ, ଏକ ଉନ୍ନତ ଓ ସମୃଦ୍ଧ ଭାରତ ଗଠନ କରିବାରେ ସହାୟିକା ହେବେ, ଏହାକୁ ନେଇ କୌଣସି ସନ୍ଦେହ ନାହିଁ।

# ସ୍ୱତନ୍ତ୍ର ପ୍ରଦେଶ ଗଠନର ବିଧାଣୀ : ବିଶ୍ୱନାଥ ଦାସ



ବାଦଲ ଭୂୟାଁ
୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ୍,
ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିଧାଣି ଥିଲେ ଗଞ୍ଜାମର ବିଶ୍ୱନାଥ ଦାସ। ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ସରକାରୀ ଚାକିରି ପ୍ରତି ତାଙ୍କର ମୋହ ନଥିଲା। ସେ ଥିଲେ ଅତ୍ୟନ୍ତ ସ୍ୱାଧୀନଚେତା ମଣିଷ। ମଧୁବାବୁଙ୍କ ବଳିଷ୍ଠ ନେତୃତ୍ୱ ଓ ଦେଶପ୍ରୀତି ଏବଂ ଗୋପବନ୍ଧୁଙ୍କ ଜନସେବା ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା। ଆଇନ ବ୍ୟବସାୟ ଛାଡ଼ି କଂଗ୍ରେସ ଆନ୍ଦୋଳନରେ ସାମିଲ ହୋଇଥିଲେ। ଇଂରେଜ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହି ଦଣ୍ଡ ଭୋଗିଥିଲେ। ସେ ଥିଲେ ଓଡ଼ିଶାର ଦ୍ୱିତୀୟ ପ୍ରଧାନମନ୍ତ୍ରୀ। ଦାୟିତ୍ୱରେ ଥିବାବେଳେ ଇଂରେଜ ସରକାରଙ୍କ ଅନ୍ୟାୟ ହସ୍ତକ୍ଷେପର ପ୍ରତିବାଦ କରୁଥିଲେ। ଦୁର୍ନୀତିକୁ ପ୍ରଶ୍ରୟ ଦେଉ ନଥିଲେ। ଜଣେ ଦକ୍ଷ ପ୍ରଶାସକ ହେବାର ଗୌରବ ଅର୍ଜନ କରିଥିଲେ। ଓଡ଼ିଶାରେ ମୌଳିକ ଶିକ୍ଷାର ପ୍ରବର୍ତ୍ତନ କରାଇଥିଲେ। କୃଷକ ଆନ୍ଦୋଳନକୁ ସେ ଉତ୍ସାହିତ କରିଥିଲେ।

୧୯୬୨ରେ ସେ ଉତ୍ତର ପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ସେ ଦ୍ୱିତୀୟ ଓଡ଼ିଆ ରାଜ୍ୟପାଳ। ତାଙ୍କର ରାଜ୍ୟପାଳ ଦାୟିତ୍ୱ ସମ୍ପର୍କରେ ସେ ସମୟରେ ତାଙ୍କ ନିରାଡ଼ମ୍ବର ଜୀବନ ଶୈଳୀ ଓ ସାଧାରଣ ଲୋକଙ୍କ ସହିତ ସାକ୍ଷାତକରି ସେମାନଙ୍କ ସହିତ ସୁଖଦୁଃଖ କଥା ହେବା ବଡ଼ ଚର୍ଚ୍ଚାର ପ୍ରସଙ୍ଗ ହୋଇଥିଲା। ୧୯୭୧ ନିର୍ବାଚନରେ ରାଜ୍ୟ ବିଧାନସଭାରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନମିଳିବାରୁ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା। ମିଳିତ ମନ୍ତ୍ରିମଣ୍ଡଳର ନେତୃତ୍ୱ ନେବା ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା। ନିର୍ବାଚନ ନ ଲଢ଼ି ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଶ୍ୱନାଥ ଥିଲେ ଖାଣ୍ଟି ସ୍ୱଦେଶୀ। ଖଦି ପିନ୍ଧୁଥିଲେ। ଉନ୍ନତ ଆଦର୍ଶ, ଶୁଦ୍ଧ ଚିନ୍ତା ଚେତନା, ବୁଦ୍ଧି ଓ ବିଚକ୍ଷଣତାର ପରିଚୟ ଦେଇଥିଲେ। ତାଙ୍କର ଏକ ସ୍ୱତନ୍ତ୍ରତା ଥିଲା ଅତି ସାଧାରଣ ଓଡ଼ିଆ ଜୀବନ ଶୈଳୀ, ଖାଦ୍ୟରୁଚି ଏବଂ ସର୍ବୋପରି ସେ ଜଣେ ବନ୍ଧୁବତ୍ସଳ ଥିଲେ। ୧୮୮୯ ମାର୍ଚ୍ଚ ଆଜିର ଦିନରେ ପୋଲସରା ନିକଟବର୍ତ୍ତୀ ବେଲଗାଁରେ ଜନ୍ମ ହୋଇଥିଲେ ରାଜନେତା ବିଶ୍ୱନାଥ ଦାସ।

# ସଶକ୍ତ ନାରୀ ଓ ବିକଶିତ ସମାଜ

ଚିତ୍ତରଞ୍ଜନ ପୃଷ୍ଟି
ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧

ନାରୀ ହେଉଛି ଈଶ୍ୱରଙ୍କର ଏକ ଅନନ୍ୟ ସୃଷ୍ଟି। ଶକ୍ତିର ଅନନ୍ୟ ଉଦାହରଣ ହେଉଛି ନାରୀ। ନାରୀଟିଏ କେତେବେଳେ କନ୍ୟା, ଜାୟା, ଭଗିନୀ ରୂପରେ ପୁଣି କେତେବେଳେ ଜନନୀ ରୂପରେ ଏ ସମାଜରେ ଅବତୀର୍ଣ୍ଣ ହୋଇଥାଏ। ଉଭୟ ପୁରୁଷ ଓ ମହିଳା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ନାରୀ ଓ ପୁରୁଷ ସମାଜର ଦୁଇଟି ଅଭିନ୍ନ ଅଙ୍ଗ। ଗୋଟିଏ ବିନା ଅନ୍ୟଟିର ପରିକଳ୍ପନା ଅସମ୍ଭବ। ପୂର୍ବେ ନାରୀ ମାନଙ୍କୁ ଅବଳା ଦୁର୍ବଳା ବୋଲି କୁହାଯାଉଥିଲା କିନ୍ତୁ ଆଜି ନାରୀଟିଏ ଆଉ ଘର କଣରେ ବସି ରହିନାହିଁ। ପୁରୁଷଙ୍କ ସହିତ ସମତାଳରେ ଗତି କରୁଛି। ସମାଜ ଗଠନରେ ନାରୀ ଓ ପୁରୁଷଙ୍କର ସମାନ ଭୂମିକା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ, ରାଜନୀତି ସବୁ କ୍ଷେତ୍ରରେ ମହିଳାମାନେ ନିଜର ପାରଦର୍ଶିତା ଦେଖାଇପାରିଛନ୍ତି। ମହିଳାମାନେ ଆଜି ପରିବାର ପାଇଁ ବୋଝ ହୋଇ ନାହାଁନ୍ତି। ମହିଳାମାନେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି। ପରିବାରର ବୋଝ ଉଠାଇବା ସହିତ ଦେଶ ତଥା ବିଶ୍ୱର ବିକାଶରେ ନିଜକୁ ସାମିଲ କରିପାରିଛନ୍ତି। ମହିଳାମାନେ ଆଜି ହାଣ୍ଡିଶାଳରୁ ମହାକାଶ ପର୍ଯ୍ୟନ୍ତ ନିଜର ସଫଳତା ପ୍ରତିପାଦିତ କରିପାରିଛନ୍ତି। ପ୍ରତିଟି କ୍ଷେତ୍ରରେ ମହିଳାମାନେ ନିଜର ପାରଦର୍ଶିତାର ପ୍ରମାଣ ଦେଇ ପୁରୁଷ ସହ କାନ୍ଧକୁ କାନ୍ଧ ମିଳାଇ ଆଗେଇ ଚାଲିଛନ୍ତି। ସମାଜର ପ୍ରତିଟି କ୍ଷେତ୍ରରେ ମହିଳାମାନଙ୍କର ସହଭାଗୀତା ରହିଛି। ମହିଳାମାନେ ନିଜ ନିଜର ପ୍ରତିଭା ଓ ଦକ୍ଷତା ଦ୍ୱାରା ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସେମାନେ ପ୍ରମାଣିତ କରିପାରିଛନ୍ତି ଝିଅ ଆଜି ପରିବାର ପାଇଁ ବୋଝ ନୁହେଁ, ବରଂ ପରିବାରର ପାଇଁ ବରଦାନ।

ମହିଳାଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଏ। ମହିଳାଙ୍କ ଆର୍ଥିକ, ରାଜନୈତିକ, ସାମାଜିକ ତଥା ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଯୋଗଦାନ ବଢ଼ାଇବା ଓ ତାଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିବା, ସମାଜରେ ସମାନତା ପାଇଁ ସଚେତନତା ସୃଷ୍ଟି କରିବା ହିଁ ଏହି ଦିବସର ମୂଳ ଉଦ୍ଦେଶ୍ୟ। ବିଶ୍ୱର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ସମ୍ମାନ ଓ ପ୍ରଶଂସା ନିମନ୍ତେ ଏହି ଦିବସ ପାଳନ କରାଯାଏ। ଏହା ସହିତ ଯେକୌଣସି କ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଭେଦଭାବକୁ ରୋକିବା ଉଦ୍ଦେଶ୍ୟରେ ଏହି ଦିନ ମଧ୍ୟ ପାଳନ କରାଯାଏ। ଏହି ଦିନ ମହିଳାଙ୍କ ଅଧିକାର ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ସେମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ ଏବଂ ଅଭିଯାନ ମଧ୍ୟ ଆୟୋଜିତ କରାଯାଏ। ଏହି ସ୍ୱତନ୍ତ୍ର ଦିନ ସମଗ୍ର ବିଶ୍ୱର ନାରୀ ପାଇଁ କୌଣସି ଉତ୍ସବ ଠାରୁ କମ୍ ନୁହେଁ।

ଅନ୍ତର୍ଜାତୀୟ ମହିଳା ଦିବସ ଏକ ଶ୍ରମିକ ଆନ୍ଦୋଳନରୁ ସୃଷ୍ଟି ହୋଇଛି। ୧୯୦୮ ମସିହାରେ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଯେତେବେଳେ ନ୍ୟୁୟର୍କ ସହରରେ ୧୫ ହଜାର ମହିଳା ମାର୍ଚ୍ଚ ମାସରେ ଆନ୍ଦୋଳନ କରି ଚାକିରି କ୍ଷେତ୍ରରେ ସେମାନଙ୍କ ପାଇଁ କମ୍ ସମୟ, ଭଲ ପାରିଶ୍ରମିକ ଦିଆଯାଉ ବୋଲି ଦାବି କଲେ। ଏହା ସହ ଭୋଟ ଦେବାର ଅଧିକାର ମଧ୍ୟ ଦାବି କରିଥିଲେ। ଏଣୁ ଆନ୍ଦୋଳନର ଏକ ବର୍ଷ ପରେ ଆମେରିକାର ସମାଜବାଦୀ ପାର୍ଟି ଏହି ଦିନଟିକୁ ପ୍ରଥମ ଜାତୀୟ ମହିଳା ଦିବସ ଭାବରେ ଘୋଷଣା କରିଥିଲା। ୧୯୧୦ ମସିହାରେ କପିଲେନ୍ଦ୍ରରେ କାର୍ଯ୍ୟରତ ମହିଳାମାନଙ୍କର ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଚାଲିଥିଲା। ଏହି ସମୟରେ କ୍ଲାରା ଜେଟ୍‌କିନ ନାମ୍ନୀ ମହିଳା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ ଏହି ସମ୍ମିଳନୀରେ ୧୭ଟି ଦେଶର ୧୦୦ ମହିଳା ଉପସ୍ଥିତ ଥିଲେ। ସମସ୍ତେ ଏହି ପରାମର୍ଶକୁ ସମର୍ଥନ କଲେ। ୧୯୧୧ ମସିହାରେ ଅଷ୍ଟ୍ରିଆ, ଡେନ୍‌ମାର୍କ, ଜର୍ମାନୀ ଏବଂ ସ୍ୱିଜରଲାଣ୍ଡରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ମାତ୍ର ୧୯୭୫ରେ ଏହା ଆନୁଷ୍ଠାନିକ ମାନ୍ୟତା ପାଇଲା। ସେତେବେଳେ ଏହାକୁ ମିଳିତ ଜାତିସଂଘ ଏକ ଥିମ୍ ସହିତ ପ୍ରତିବର୍ଷ ପାଳନ କରିବା ଆରମ୍ଭ କଲା।

୧୯୧୭ ମସିହାରେ ଯୁଦ୍ଧ ସମୟରେ ଋଷର ମହିଳାମାନେ 'ରୁଟି ଏବଂ ଶାନ୍ତି' ପାଇଁ ଧର୍ମଘଟ କରିବାକୁ ନିଷ୍ପତ୍ତି ନେଇଥିଲେ। ମହିଳା ଧର୍ମଘଟ ସମ୍ରାଟ ନିକୋଲାସଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରୁଥିବାରୁ ଏହି ଧର୍ମଘଟ ମଧ୍ୟ ଐତିହାସିକ ଥିଲା। ଏହା ପରେ ମଧ୍ୟବର୍ତ୍ତୀକାଳୀନ ସରକାର ମହିଳାମାନଙ୍କୁ ଭୋଟ୍ ଦେବାର ଅଧିକାର ଦେଇଥିଲେ। ସେହି ସମୟରେ, ଜୁଲିଆନ୍ କ୍ୟାଲେଣ୍ଡର ଋଷରେ ଏବଂ ଗ୍ରେଗୋରିଆନ୍ କ୍ୟାଲେଣ୍ଡରରେ ବିଶ୍ୱର ଅନ୍ୟାନ୍ୟ ଦେଶରେ ଚାଲୁଥିଲା। ମହିଳାମାନେ ଏହି ଧର୍ମଘଟ ଆରମ୍ଭ କରିବାର ତାରିଖ ଥିଲା ୨୩ ଫେବୃଆରୀ (ଋଷର ଜୁଲିଆନ୍ କ୍ୟାଲେଣ୍ଡର ଅନୁଯାୟୀ) ଗ୍ରେଗୋରିଆନ୍ କ୍ୟାଲେଣ୍ଡରରେ ଏହି ଦିନ ୮ ମାର୍ଚ୍ଚ ଥିଲା। ସେହି ସମୟରେ, ଗ୍ରେଗୋରିଆନ୍ କ୍ୟାଲେଣ୍ଡର ସାରା ବିଶ୍ୱରେ ଚାଲିଥାଏ। ତେଣୁ ସେହି ଦିନଠାରୁ ଅନ୍ତର୍ଜାତୀୟ ମହିଳା ଦିବସ ୮ ମାର୍ଚ୍ଚରେ ପାଳନ ହେବାକୁ ଲାଗିଲା। ୧୯୭୫ରେ ମିଳିତ ଜାତିସଂଘ ସରକାରୀ ମାନ୍ୟତା ଦେଇଥିଲା। ମିଳିତ ଜାତିସଂଘ ୧୯୭୫ରେ ଆନୁଷ୍ଠାନିକ ଭାବେ ମହିଳା ଦିବସକୁ ସ୍ୱୀକୃତି ଦେଇଥିଲା।

ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି। ଅନେକ କ୍ଷେତ୍ରରେ ସେମାନେ ପୁରୁଷଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କି କ୍ରୀଡ଼ା, ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କଲେଣି ମହିଳାମାନେ। ତେବେ ସେମାନେ କିପରି ଆହୁରି ଆଗକୁ ଆଗକୁ ବଢ଼ିପାରିବେ, ସେ ନେଇ ଆଲୋଚନା ହୁଏ। ମିଳିତ ଜାତିସଂଘ ୧୯୭୫ରେ ଏକ ଥିମ୍ ସହିତ ପ୍ରତିବର୍ଷ ମହିଳା ଦିବସ ପାଳନ କରିବା ଆରମ୍ଭ କରିଥିଲା। ପ୍ରତିବର୍ଷ ଏହି ଦିବସର ତାତ୍ପର୍ଯ୍ୟ ହେତୁ ଏକ ଥିମ୍ ଦିଆଯାଇଥାଏ। ଅନ୍ତର୍ଜାତୀୟ ମହିଳା ଦିବସରେ ଚଳିତ ବର୍ଷ ୨୦୨୫ର ଥିମ୍ ରହିଛି 'Accelerate Action'। ଏହାର ଅର୍ଥ ହେଉଛି 'ତ୍ୱରାନ୍ୱିତ କାର୍ଯ୍ୟ'। ଏହାର ଲକ୍ଷ୍ୟ ହେଉଛି ସାମୂହିକ ଭାବରେ ଆମେ ଲିଙ୍ଗଗତ ସମାନତା ପାଇଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା। ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ କ୍ଷେତ୍ରରେ ମହିଳାମାନେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ଏବଂ ପକ୍ଷପାତିତାକୁ ସମାଧାନ କରିବାରେ ଏହା ତ୍ୱରାନ୍ୱିତ କାର୍ଯ୍ୟକୁ ଆହ୍ୱାନ କରେ। ଆମେ ଏଭଳି ଏକ ବିଶ୍ୱ ସୃଷ୍ଟି କରିବା ଯେଉଁଠି ପ୍ରତ୍ୟେକଟି ମହିଳା ସଶକ୍ତ ସମର୍ଥ ଅନୁଭବ କରିବେ। ସମାଜର ପ୍ରତିଟି କ୍ଷେତ୍ରରେ ନିଜକୁ ସାମିଲ କରିପାରିବେ। ଲିଙ୍ଗଗତ ଭେଦଭାବ ଦୂରକରି ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମର୍ଥ କରାଇବା ଏହାର ମୁଖ୍ୟଲକ୍ଷ୍ୟ ଅଟେ।

ଯଦିଓ ଆଜି ବିଶ୍ୱର ସମସ୍ତ ଦେଶ ସଚେତନ, କିନ୍ତୁ ମହିଳାଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରହିଛି। ଅନେକ କ୍ଷେତ୍ରରେ ମହିଳାମାନେ ଆଜି ମଧ୍ୟ ସମାନ ସମ୍ମାନ ଏବଂ ଅଧିକାର ପାଇ ନାହାଁନ୍ତି। ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା ଏବଂ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଲକ୍ଷ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ନାରୀକୁ ସମାଜ ବୁଝିବା ଓ ସମ୍ମାନର ସହ ବଞ୍ଚିବାକୁ ଦେବା ନିହାତି ଆବଶ୍ୟକ। ଗାନ୍ଧିଜୀ କହିଥିଲେ ଯେଉଁଦିନ ଗୋଟିଏ ନାରୀ ଅର୍ଦ୍ଧ ରାତିରେ ସମ୍ପୂର୍ଣ୍ଣ ନିରାପଦ ସହିତ ଘରକୁ ଫେରିପାରିବ ସେହିଦିନ ଆମ ଦେଶ ସମ୍ପୂର୍ଣ୍ଣ ସ୍ୱାଧୀନ ସୁରକ୍ଷିତ ହୋଇଯିବ। ନାରୀ ହିଁ ନାରାୟଣୀ, ଜଗତର ମଙ୍ଗଳକାରିଣୀ। କିନ୍ତୁ ଆଜିର ମଣିଷ ଏ କଥାକୁ ଉପଲବ୍ଧି କରିପାରୁନାହିଁ। ଆମ ସମାଜରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଲିଙ୍ଗଗତ ଅସମାନତା ପରିଲକ୍ଷିତ ହେଉଛି ଯାହା ଚିନ୍ତାର ବିଷୟ। ସମାଜରେ ବଢି ଚାଲିଛି ଯୌତୁକ ନିର୍ଯାତନା, ବଧୂହତ୍ୟା, ନାରୀ ନିର୍ଯାତନା, ଦୁଷ୍କର୍ମ ଏବଂ କନ୍ୟାଭ୍ରୂଣ ହତ୍ୟା ଭଳି ଅମାନୁଷିକ କାର୍ଯ୍ୟ। ଯେଉଁଦିନ ସମାଜରୁ ଏଭଳି ଘଟଣା ଦୂରେଇଯିବ ଏବଂ ଯେଉଁଦିନ ସମାଜ ମହିଳାମାନଙ୍କର ମହତ୍ୱକୁ ଉପଲବ୍ଧି କରିପାରିବ ସେଦିନ ସମାଜ ପ୍ରଗତି ପଥରେ ଅଗ୍ରସର ହୋଇପାରିବ। ଯେଉଁଦିନ ନାରୀଟିଏ ସମାଜରେ ସମ୍ମାନର ସହିତ ବଞ୍ଚିବ ସେହିଦିନ ମହିଳା ଦିବସ ପାଳିବାର ମହତ୍ୱକୁ ସାରାବିଶ୍ୱ ଉପଲବ୍ଧି କରିପାରିବ। ନାରୀ ସଶକ୍ତ ହେଲେ ସମାଜ ବିକାଶ ପଥରେ ଆଗେଇଚାଲିବ।



ବାରିପଦା(ଭାସ୍କର ନ୍ୟୁଜ): ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ପରିସରରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟି, ଆଲୁମନି କମିଟି ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ ଓ ଏକାଗ୍ରତା ଭଲ ବାଟ ଦେଖାଏ ଉଦବୋଧନ ଦେଇ ଭବିଷ୍ୟତର ଅଧ୍ୟୟନ ସହ ଦେଶ ଗଠନରେ ବ୍ରତୀ ହେବା ପାଇଁ ଉପଦେଶ ଦେଇଥିଲେ । ଶିକ୍ଷକ ଦୀପକ ରାମ ଏହି ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ପାଠପଢ଼ା ଓ ବିଭିନ୍ନ ପରୀକ୍ଷା କୌଶଳ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି, ଆଲୁମିନି ସଭ୍ୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ । ଶିକ୍ଷକ ପାର୍ଥସାରଥୀ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରୋଜାଲିକା ଗିରି, ରେଖାରାଣୀ ମହାକୁଡ଼, ଅଲିଭା ଜ୍ୟୋତି ମହାପାତ୍ର, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ ।



# ସମସ୍ୟା ଘେରରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପୌର ପରିଷଦ ଅଞ୍ଚଳରେ ଠିକା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ କାର୍ଯ୍ୟ ଜନସାଧାରଣଙ୍କ ସେବାରେ ଲାଗିପାରୁ ନାହିଁ । ମୁକ୍ତା ଯୋଜନା ଠାରୁ ଆରମ୍ଭ କରି ବିଜ୍ଞାପିତ ପରିଷଦ ଅଞ୍ଚଳରେ ଅନେକ ଯୋଜନାରେ କାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟ ଠିକାଦାର ପୋଷିବା ସଦୃଶ ହୋଇଥିବା ବେଳେ ଡ୍ରେନେଜ୍ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ପୂର୍ବ ସରକାର ଅମଳରେ ଦୁର୍ନୀତିର ମାତ୍ରା ବଢ଼ି ଯାଇଥିଲା । ଚଞ୍ଚକତା ଭାବେ ସାମାନ୍ୟ କିଛି କାର୍ଯ୍ୟ କରି ବିଲ୍ କରାଇ ନେଇଥିବା ବେଳେ ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ବର୍ତ୍ତମାନ ପରିଷଦ ସମସ୍ୟା ଘେରରେ ରହିଛି । ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅନେକ ସ୍ଥାନରେ ଆଲୋକୀକରଣ ନାମରେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଅଧେ ଅନ୍ଧାର ଅଧେ ଆଲୁଅରେ ପରିଷଦ ରହିଅଛି । ରାସ୍ତା କାର୍ଯ୍ୟ ମଧ୍ୟ ବେହାଲ ହୋଇପଡ଼ିଛି । ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ ଠିକା କାର୍ଯ୍ୟରେ ବ୍ୟାପକ ଅର୍ଥ ବାଟମାରଣା ହୋଇଛି । ଆଲୋକୀକରଣ ନଥିବା ବେଳେ ଅନେକ ସ୍ଥାନ ଅନ୍ଧାରରେ ରହୁଛି । ବିଭିନ୍ନ କଲୋନୀକୁ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଛଅ ମାସ ନ ଯାଉଣୁ ରାସ୍ତା ବେହାଲ ହୋଇପଡ଼ିଛି । ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଶୌଚାଳୟ ନଥିବାରୁ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମୁକ୍ତା ଯୋଜନାରେ ହୋଇଥିବା କାର୍ଯ୍ୟ ଏବେ ମଧ୍ୟ ଜନସାଧାରଣଙ୍କ ସେବାରେ ଲାଗିପାରୁ ନାହିଁ । ନିମ୍ନମାନର କାର୍ଯ୍ୟକୁ ଦଳୀୟ କର୍ମୀମାନେ ଭାଗ ବାଣ୍ଟି ଠିକା ନେଇ ଅର୍ଥ ଚଳୁ କରୁଛନ୍ତି । ସୁଜଳ ଧାରାରେ ଯୋଗାଇ ଦିଆଯାଉଥିବା ଜଳ ଦୁର୍ଗନ୍ଧରେ ଲୋକମାନେ ପାଣି ପିଇପାରୁ ନାହାନ୍ତି । ଯାହାକୁ ନେଇ ଲୋକମାନେ ବାରମ୍ବାର ପୌର ପରିଷଦ ନିକଟରେ ଅଭିଯୋଗ କଲେ ମଧ୍ୟ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ । ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ଦାବୀ ହୋଇଛି । ପ୍ରକାଶ ଥାଉକି, ମୁସଲିମ୍ ବ୍ରିଜ୍ ନିକଟରେ କେତେକ ବ୍ୟକ୍ତି ରାସ୍ତା ଅବରୋଧ କରି ଦୋକାନ କରିଛନ୍ତି । ହାଟ ବଜାରରେ ଲୋକ ଗହଳି କାରଣରୁ ରାସ୍ତା ଉପରେ ଅମାନିଆମାନେ ବାଇକ୍ ରଖି ତେଜରାତି ଓ ପନିପରିବା, ଜଳଖିଆ କିଣିବା ଦ୍ୱାରା ରାସ୍ତା ସଂକୁଚିତ ହେଉଛି । ଆମ୍ବୁଲାନ୍ସ ଯାଇପାରୁ ନାହିଁ । ଏପରି ସମସ୍ୟା ଲାଗି ରହିଥିବା ବେଳେ କ'ଣ ପାଇଁ ପରିଷଦ ଦୃଷ୍ଟି ଦେଉ ନାହିଁ ତାହା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ପାରାଦୀପ ମାଛଧରା ବନ୍ଦର ଅଗ୍ନିକାଣ୍ଡ ଘଟଣାରେ ଓମ୍ଫାର କ୍ଷତିପୂରଣ ଦାବି



ପାରାଦୀପ(ଭାସ୍କର ନ୍ୟୁଜ): ଗତ ଗୁରୁବାର ଅପରାହ୍ନରେ ପାରାଦୀପ ନେହେରୁ ବଙ୍ଗଳା ନିକଟସ୍ଥ ମାଛଧରା ବନ୍ଦରରେ ଅଗ୍ନିକାଣ୍ଡ ଘଟି ୧୪ଟି ଟ୍ରଲର ଓ ବୋଟ ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିଲା । ଏଥିରେ କ୍ଷତିଗ୍ରସ୍ତ ବୋଟ ମାଲିକ ଓ ମତ୍ସ୍ୟଜୀବୀମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇଁ ସରକାରଙ୍କ ନିକଟରେ ଦାବୀ କରିଛି ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ (ଓମଫା) । ଏହି ମର୍ମରେ ସଂଘର ସଭାପତି ଶ୍ରୀକାନ୍ତ ପରିଡା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ ସରକାର ସମସ୍ତ କ୍ଷତିଗ୍ରସ୍ତଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ସହ ଆଗାମୀ ଦିନରେ ଏହିପରି ଦୁର୍ଘଟଣା ଏଡାଇବା ପାଇଁ ମାଛଧରା ବନ୍ଦରର ସମ୍ପ୍ରସାରଣ, ଜବତ ବୋଟ ସ୍ଥାନାନ୍ତରଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦିର ପ୍ରାବଧାନ ସରକାରଙ୍କ ନିକଟରେ ଦାବି କରିଛନ୍ତି । ସୂଚନାଥାଉ କି, ୧୯୯୮ ମସିହାରେ ୩୫୦ଟି ବୋଟ ରହିବା ପାଇଁ ଏହି ମାଛଧରା ବନ୍ଦର ନିର୍ମାଣ କରାଯାଇଥିଲା । ହେଲେ ସମ୍ପ୍ରତି ବର୍ତ୍ତମାନ ଏହି ଜେଟିରେ ଏକ ହଜାରରୁ ଉର୍ଦ୍ଧ୍ୱ ବୋଟ ଏବଂ ସରକାରଙ୍କ ଦ୍ୱାରା ପ୍ରାୟ ୨୦ଟି ବୋଟ ରହିବା ଯୋଗୁଁ ଜେଟିରେ ଜାମ ଲାଗି ରହିବା ସହିତ ବୋଟ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇ ଏପରି ଦୁର୍ଘଟଣା ଘଟିଛି ବୋଲି ସଙ୍ଘ ପକ୍ଷରୁ ଅଭିଯୋଗ କରାଯାଇଛି ।

## ନିମାପଡ଼ା ସବ୍‌ରେଜିଷ୍ଟ୍ରର ଭାବେ ଯୋଗଦେଲେ ସମ୍ବିତ ସାମଲ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଦୀର୍ଘବର୍ଷ ପରେ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ନୂତନ ଅଧିକାରୀ ଯୋଗ ଦେଇଥିବା ଜଣାପଡ଼ିଛି । ଦୀର୍ଘଦିନ ହେବ ଅନେକ ଅଧିକାରୀ କାମଚଳା ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ । ଯାହାକୁ ନେଇ ସ୍ଥାୟୀ ଉପ-ନିବନ୍ଧକ ନିଯୁକ୍ତି ପାଇଁ ଦାବି ହୋଇଥିବା ବେଳେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ନୂତନ ଅଧିକାରୀ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ସୂଚନା ଅନୁଯାୟୀ, ୨୦୧୮ ମସିହା ଠାରୁ ନିମାପଡ଼ା ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଅଧିକାରୀ ନଥିବା ବେଳେ ଅତିରିକ୍ତ ତହସିଲଦାର ଓ ତହସିଲଦାର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ । ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଏହି ଖବର ବାଜିଥିଲା । ସ୍ଥାୟୀ ଉପ-ନିବନ୍ଧକ ନିଯୁକ୍ତି ପାଇଁ ଜନସାଧାରଣ ସରକାରଙ୍କ ନିକଟରେ ଦାବୀ କରିଥିଲେ । ଘଟଣା ଉପରେ ସରକାର ବିଶେଷ ଦୃଷ୍ଟି ଦେଇଥିବା ବେଳେ ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲର ଅତିରିକ୍ତ ତହସିଲଦାର ଥିବା ସମ୍ବିତ ସାମଲ ନିମାପଡ଼ା ସବ୍‌ରେଜିଷ୍ଟ୍ରିରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ନିମାପଡ଼ା ତହସିଲର ପୂର୍ବତନ ତହସିଲଦାର ବସନ୍ତ କୁମାର ହାତୀ ପଦୋନ୍ନତି ପାଇ ଅତିରିକ୍ତ ଜିଲ୍ଲାପାଳ ଭାବେ ପୁରୀରେ ଯୋଗ ଦେଇଥିବା ବେଳେ ତାଙ୍କ ସ୍ଥାନରେ ମନୋଜ କୁମାର ପ୍ରଧାନ ନିମାପଡ଼ା ତହସିଲଦାର ଭାବେ ଯୋଗ ଦେଇଛନ୍ତି । ପୂର୍ବରୁ ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକଙ୍କର ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଜନାର୍ଦ୍ଦନ ପାତ୍ରୀ ଯୋଗ ଦେଇଛନ୍ତି । ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ କ୍ଷମାନିଧି ସେଠୀଙ୍କର ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଅନ୍ୟ କୌଣସି ଡ଼ାକ୍ତର କାର୍ଯ୍ୟ ଯୋଗ ଦେଇ ନାହାନ୍ତି ।

# ଚୌଦ୍ୱାର ପୌର ପରିଷଦ ବୈଠକ ଅନୁଷ୍ଠିତ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ପୌରପରିଷଦର ବୈଠକ ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପୌରଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଆଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ପୂର୍ବରୁ ନିର୍ମାଣ ହୋଇଥିବା ପେବର ରାସ୍ତା ବିଭିନ୍ନ ସ୍ଥାନରେ ଦବିଥିବା ବହୁ ପାରିଷଦ ଅଭିଯୋଗ କରିଥିଲେ । ରାସ୍ତା ଗୁଡିକର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ଯନ୍ତ୍ରୀ ଦ୍ୱୟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌରପାଳିକାର ନିଜସ୍ୱ ଆୟ ବୃଦ୍ଧି ପାଇଁ ନୂତନ ଭେଣ୍ଡିଂ ଜୋନ ନିର୍ମାଣ, ଟାଉନହଲ ଓ କଲ୍ୟାଣ ମଣ୍ଡପ ନବୀକରଣ ଓ ମାର୍କେଟ କଂପ୍ଲେକ୍ସରେ ଥିବା ଦେକାନ ଗୃହର ଭଡା ପରିମାଣ ବୃଦ୍ଧି ଓ ହୋଲଡିଂ ଟିକସ ବୃଦ୍ଧି ଆଦି ଯୋଜନା କାର୍ଯ୍ୟକାରୀ କରିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଅସମ୍ପୂର୍ଣ୍ଣ ଥିବା ମାଗୁରା ପାର୍କ କାର୍ଯ୍ୟ, ବିଜୁ ପଟ୍ଟନାୟକ ପାର୍କ ସୌନ୍ଦର୍ଯ୍ୟକରଣ ଓ ୨ନଂ ୱାର୍ଡରେ ଥିବା ସ୍ମାର୍ଟ ମାଶାଣି ଆଦିର କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ ବିଧାୟକ କନିଷ୍ଠ ଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଥିଲେ । ସଫେଇ ଠିକାଦାରଙ୍କ କାର୍ଯ୍ୟକାଳ ଶେଷ ହୋଇ ଆସୁଥିବାରୁ ନୂତନ ଟେଣ୍ଡରର ଆହ୍ୱାନ ଓ ପୁରଣା ଠିକାଦାରଙ୍କ ଅବଧିକୁ ଆଉ ୧ମାସ ବୃଦ୍ଧି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଓ ବିଧାୟକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ସମସ୍ତ କାଉନସିଲର ଓ ଅଧିକାରୀ ବୈଠକରେ ଯୋଗଦେଇଥିଲେ ।

ଫେସ୍‌ବୁକ୍‌ରୁ ପ୍ରେମ ପରେ ବିଚ୍ଛେଦ

## ସ୍ୱାମୀ ଦ୍ୱିତୀୟ ବିବାହ କରିବା ଉଦ୍ୟମକୁ ମହିଳାଙ୍କ ବିରୋଧ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଫେସ୍‌ବୁକ୍‌ରୁ ପ୍ରେମ ସଂପର୍କ ଓ ପରେ ବିଚ୍ଛେଦ । କୋର୍ଟରେ ମାମଲା । ପୁନରାୟ ମହିଳାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରିବା ମହିଳା ଜାଣିପାରି ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି । ପୋଲିସ ଏହି ଘଟଣାର ତଦନ୍ତ ଚଳାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗାମ ଜିଲ୍ଲା ଅଗସ୍ତି ନୂଆଗାଁର ବାସନ୍ତୀ ବେହେରା (୨୮)ଙ୍କ ସହିତ ନିମାପଡ଼ା ଥାନା ଆମରଙ୍ଗ ଗ୍ରାମର ପ୍ରଳୟ ବେହେରାଙ୍କ ସହିତ ୨୦୨୦ ମସିହାରେ ଫେସ୍‌ବୁକରୁ ପ୍ରେମ ସଂପର୍କ ଗଢ଼ି ଉଠିଥିଲା । ଦୁଇଜଣ ଜୀବନ ସାଥୀ ହେବା ପାଇଁ ଶପଥ ନେଇ ବିବାହ କରିଥିଲେ । ମାତ୍ର ଏଥିରେ ପ୍ରଳୟଙ୍କ ପରିବାର ବାଧା ସୃଷ୍ଟି କରିଥିଲେ ମଧ୍ୟ ପ୍ରଳୟ ବାସନ୍ତୀଙ୍କୁ ବିବାହ କରି ଘରଭଡ଼ା ନେଇ ରହିଥିଲେ । ପରିବାର ନିଜ ପୁଅକୁ ମନାଇ ବାସନ୍ତୀଙ୍କୁ ନିର୍ଯାତନା ଦେଇଥିଲେ । ଏ ସଂପର୍କରେ କୋର୍ଟରେ ମାମଲା ବିଚାରାଧିନ ଥିବା ବେଳେ ପରବର୍ତ୍ତୀ ସମୟରେ ଶାଶୂ, ନଣନ୍ଦ କଥାରେ ପରିଚାଳିତ ହୋଇ ପ୍ରଳୟ ଦ୍ୱିତୀୟ ବିବାହ କରିବାକୁ ଉଦ୍ୟମ କରୁଥିବା ବେଳେ ବାସନ୍ତୀ ଏ ସଂପର୍କରେ ନିମାପଡ଼ା ଥାନାରେ ସ୍ୱାମୀ ପ୍ରଳୟ ବେହେରା ସମେତ ତାଙ୍କ ପରିବାର ନାମରେ ଥାନାରେ ଅଭିଯୋ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବିବାହ ବେଦୀରୁ ପୋଲିସ ପ୍ରଳୟଙ୍କୁ ଉଠାଇ ଆଣିବା ପାଇଁ ମହିଳା ବାସନ୍ତୀ ପୋଲିସ ନିକଟରେ ଗୁହାରି କରିଛନ୍ତି । କୋର୍ଟରେ ମାମଲା ବିଚାରାଧିନ ଥିବା ବେଳେ କିପରି ପ୍ରଳୟ ଦ୍ୱିତୀୟ ବିବାହ କରିବାକୁ ଯାଉଛନ୍ତି ତାହା ଏବେ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ପଞ୍ଚାୟତିରାଜ ଦିବସ ପାଳନ ନେଇ କଣିହାଁରେ ବିଜେଡିର ପ୍ରତିବାଦ

କଣିହାଁ(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ନେଇଥିବା ନିଷ୍ପତ୍ତିକୁ ବିଜେଡି ବିରୋଧ କରିଛି । ଗୁରୁବାର ସକାଳ ୧୦ ଘଟିକାରେ କଣିହାଁ ତହସିଲ କାର୍ଯ୍ୟାଳୟରୁ ବିଜେଡି କର୍ମୀ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି କଣିହାଁ ବ୍ଲକ ସମ୍ମୁଖରେ ପହଞ୍ଚିଥିଲା । ସେଠାର କର୍ମୀ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରିଥିଲେ । ୯ନଂ ଜୋନ ବିଜେଡି କାର୍ଯ୍ୟକାରୀ ସଭାପତି ସୁନିଲ ପ୍ରଧାନଙ୍କ ସଭାପତିତ୍ୱରେ କଣିହାଁ ପଞ୍ଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲାପରିଷଦ ରଞ୍ଜନ ସାହୁ, ବିଜେଡି ବରିଷ୍ଠ କର୍ମକର୍ତ୍ତା ସୁଧାକର ପ୍ରଧାନ, ନିର୍ମଳ ସାହୁ, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଗତ ୩୦ ବର୍ଷ ଧରି ରାଜ୍ୟ ସରକାର ମାର୍ଚ୍ଚ ୫କୁ ପଞ୍ଚାୟତିରାଜ ଦିବସ ପାଳନ କରିଆସୁଥିବା ବେଳେ ବର୍ତ୍ତମାନ ବିଜେପି ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ମହାପୁରୁଷଙ୍କୁ ଅସମ୍ମାନ କରିଥିବା ନେଇ ଦୃଢ଼ ନିନ୍ଦା କରିଥିଲେ । ପରେ ବିଜେଡି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କଣିହାଁ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା ।

## ବାଇକ୍ ଧକ୍କାରେ ଦୁଇ ମେଣ୍ଢା ମୃତ, ଦୁଇ ଯୁବକ ଗୁରୁତର

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ହଳଦୀ ବସନ୍ତ ଗଡା ସାମ୍ବାଦିକ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଦିନ ୨ଟା ସମୟରେ ଜଳାରପୁରରୁ ନିଆଳି ଅଭିମୁଖେ ଆସୁଥିବା ଏକ ପଲସର ଗାଡି ଓଡି-୦୨ଏୟୁ-୨୨୧୬ ମେଣ୍ଢା ଦେହରେ ଧକ୍କା ଦେଇଥିଲା । ଗାଡିର ବେଗ ଏତେ ଥିଲା ଯେ ମେଣ୍ଢା ଦୁଇଟି ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ମରି ଯାଇଥିଲେ । ଗାଡ଼ିରେ ବସିଥିବା ୩ ଜଣ ଯୁବକଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଶଙ୍କଟାପନ୍ନ ହୋଇଥିଲା । ସ୍ଥାନୀୟ ଲୋକମାନେ ଉଦ୍ଧାର କରି ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରୁ ତାଙ୍କୁ ଅନ୍ୟତ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ମିଳିଥିବା ସୂଚନା ଅନୁଯାଇ ନିମାପଡା ଅଞ୍ଚଳର ତିନିଜଣ ଯୁବକ ନିଆଳି ବଙ୍ଗାଳି ସାହି ଭୋଜିକୁ ଯୋଗଦେବାକୁ ଆସୁଥିଲେ । ହଳଦୀ ବସନ୍ତ ଗଡ଼ାରେ ମେଣ୍ଢା ଗାଡି ଆଗକୁ ଆସିଯିବାରୁ ଘଟଣା ସ୍ଥଳରେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା । ଘଟଣା ସ୍ଥଳରେ ନିଆଳି ଥାନା ପୋଲସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରୁଥିବା ବେଳେ ମେଣ୍ଢା ମାଲିକ ଓ ଗାଡି ମାଲିକଙ୍କ ମଧ୍ୟରେ ଆପସ ସମାଧାନ ପାଇଁ ଜାରି ରହିଛି ।

# ଡିଜେ ଶବ୍ଦରେ ଅତିଷ୍ଠ ନିଆଳି ଲୋକେ, କାର୍ଯ୍ୟାନୁଷ୍ଠାନ ଦାବି



ନିଆଳି(ଭାସ୍କର ନ୍ୟୁଜ): ସୁପ୍ରିମକୋର୍ଟ ନିୟମକୁ ଅନୁସରଣ କରିବେ କି ? ବଜାର ମଝିରେ ଛାତି ଫଟାଇଲା ଭଳି ଡିଜେ ଶବ୍ଦରେ ଲୋକେ ତ୍ରାହି ତ୍ରାହି ଡାକିଲେଣି । ଡିଜେର ସାଉଣ୍ଡରେ ଲୋକେ କଲବଲ ହେଉଥିବା ଅଭିଯୋଗ ହୋଇଛି । ସେପଟେ ଡିଜେ ସାଉଣ୍ଡରେ ତାଳେ ତାଳେ ନାଚ ଏବଂ ବାଣ ନିଆଳି ବାସୀଙ୍କୁ ଆହୁରି କଲବଲ କରୁଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସୁପ୍ରିମକୋର୍ଟ ଆଣିଛନ୍ତି କଡା ନିୟମ । କିନ୍ତୁ ନୀତି ନିୟମକୁ ମୋଡି ମକଚି ନିଆଳି ବଜାର ଏବଂ ଗାଁ ଗହଳିରେ ବିକଟାଳ ଶବ୍ଦ ଯୋଗୁଁ ସମଗ୍ର ପରିବେଶକୁ ଡିଜେ ସାଉଣ୍ଡ ଅଶାନ୍ତି ସୃଷ୍ଟି କରିଥିବା ନେଇ ଅଭିଯୋଗ ହୋଇଛି । ସେପଟେ ପୋଲିସର ନାଳିଆଖିକୁ ମଧ୍ୟ ବରଯାତ୍ରୀ ଦଳ କିମ୍ବା ଡିଜେ ମାଲିକ ଏବଂ ମଣ୍ଡପ ମାଲିକ ଅନୁପାଳନ କରୁନଥିବା ସୂଚନା ମିଳିଛି । କଟକ ଜିଲ୍ଲା ନିଆଳି ବଜାର ମଧ୍ୟରେ ରହିଛି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସରକାରୀ ହାଇସ୍କୁଲ, ତହସିଲ କାର୍ଯ୍ୟାଳୟ ସମେତ ଅନେକ ସରକାରୀ ସଂସ୍ଥା ଏବଂ ବେସରକାରୀ ସଂସ୍ଥା ଗଢ଼ି ଉଠିଛି । ଦିନରାତି ବିବାହ ସମୟରେ ଡିଜେ ସାଉଣ୍ଡ ଯୋଗୁଁ ସମଗ୍ର ବଜାର ଅଶାନ୍ତ ହେଉଛି । ବିଶେଷ କରି ଆମ୍ବୁଲାନ୍ସରେ ରୋଗି ଯିବା ସମୟରେ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ଯଥେଷ୍ଟ ସମ୍ଭାବନା ରହିଛି । ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ୟତିତ ନିଆଳି ଅଞ୍ଚଳରେ ପାଞ୍ଚରୁ ଅଧିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି ଏବଂ ରୋଗୀ ସେବା ହେଉଛି । ଡିଜେ ଓ ବାଣ ଶବ୍ଦ ରୋଗି ମାନଙ୍କ ଧନ ଜୀବନ ପ୍ରତି ବଡ କ୍ଷତି କରିବା ସମ୍ଭାବନା କେବେ ଏଡାଇ ଦିଆଯାଇନପାରେ । ସେପଟେ ଡିଜେ ମାଲିକ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ଅନ୍ୟପଟେ ରୋଗି ଏବଂ ସାଧାରଣ ଜନତାଙ୍କ ଜୀବନ ସହିତ ସାଙ୍ଘାତିକ ଖେଳ ଖେଳୁଥିବା ଅଭିଯୋଗ ହୋଇଛି । ଏ ଦିଗରେ କଟକ ଜିଲ୍ଲାପାଳ ଓ ନିଆଳି ତହସିଲଦାର ଡିଜେ ମାଲିକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

## ୧୪୭ ଲିଟର ଦେଶୀମଦ ଜବତ, ୫ ଗିରଫ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଅବକାରୀ ବିଭାଗ ତରଫରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ସାନଚାଞ୍ଚୋ ଓ ନଖରା ଗ୍ରାମରେ ଚଢ଼ଉ କରାଯାଇ ୧୪୭ ଲିଟର ବେଆଇନ୍ ଦେଶୀ ମଦ ଜବତ କରାଯିବା ସହ ଏସଂକ୍ରାନ୍ତରେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଆଠଗଡ଼ ଅଞ୍ଚଳର ଆଶୀଷ ମଲ୍ଲିକ, ସୁଶାନ୍ତ ବେହେରା, ଚୌଦ୍ୱାର ନଖରା ପଞ୍ଚାୟତ ଅଞ୍ଚଳର କବିତା ମହାନ୍ତି, ବରପଦାର ବିଜୟ ମଲ୍ଲିକ ଓ ଝୁଲା ପ୍ରଧାନ । ମଦ ଚାଲାଣରେ ବ୍ୟବହାର କରାଯାଇଥିବା ଏକ ସ୍କୁଟିକୁ ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି । ବିଭିନ୍ନ ସ୍ଥାନରେ ବେଆଇନ୍ ମଦ କାରବାର ହେଉଥିବା ଖବରପାଇ କଟକ ଅବକାରୀ ସୁପରିଟେଣ୍ଡେଣ୍ଟ କରୁଣା ଶଂକର ତିଓ୍ୱାରୀଙ୍କ ନିର୍ଦ୍ଦେଶ କ୍ରମେ ଚୌଦ୍ୱାର ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ବାପି ସାହୁ, ଆଶୁତୋଷ ଜେନା, ରାମକୃଷ୍ଣ ବିଶ୍ୱାଳ, ଦେବବ୍ରତ ଓଝା, ଲକ୍ଷ୍ମଣ ବେହେରା, ତୃପ୍ତିମୟୀ ପରିଡ଼ାଙ୍କୁ ନେଇ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ।

## ପ୍ରେସର ଆଇଇଡି ବୋମା ବିସ୍ଫୋରଣରେ ଶ୍ରମିକ ମୃତ

ମାଲକାନଗିରି(ଭାସ୍କର ନ୍ୟୁଜ): ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ବୋମା ଖଞ୍ଜି ଥିଲେ ମାଓବାଦୀ ବିସ୍ଫୋରଣ ଘଟି ଶ୍ରମିକଙ୍କ ମୃତ୍ୟୁ । ସୂଚନା ଅନୁଯାଇ ଛତିଶଗଡର ନାରାୟଣପୁର ଜିଲ୍ଲାର ଛୋଟେଡୋଙ୍ଗେର ଥାନା ଅନ୍ତର୍ଗତ ଆମଦାଇ ଲୁହା ଖଣିରେ କାର୍ଯ୍ୟ କରୁଥିବା ଦୁଇ ଶ୍ରମିକ ମାଓବାଦୀ ଦ୍ୱାରା ଖଞ୍ଜା ଯାଇଥିବା ପ୍ରେସର ଆଇଇଡିର ଶିକାର ହୋଇଛନ୍ତି । ଏହି ପ୍ରେସର ଆଇଇଡି ବିସ୍ଫୋରଣରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରତର ଆହତ ହୋଇଛନ୍ତି । ମାଓବାଦୀମାନେ ଏଠାରେ ପାଟ୍ରୋଲିଂ କରୁଥିବା ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ବିଶ୍ରାମ କରିବା ଜାଗାରେ ପ୍ରେସର ଆଇଇଡି ବୋମା ଖଞ୍ଜିଥିଲେ । କିନ୍ତୁ କାମ ସରିବା ପରେ ଶୁକ୍ରବାର ସକାଳ ୧୦:୪୫ରେ କିଛି ଶ୍ରମିକ ସେହି ସ୍ଥାନକୁ ବିଶ୍ରାମ କରିବା ପାଇଁ ଯିବା ସମୟରେ ହଠାତ ବୋମା ବିସ୍ଫୋରଣ ହୋଇଥିଲା । ଆଇଇଡି ବୋମା ବିସ୍ଫୋରଣରେ ଦିଲୀପ କୁମାର ବଗେଲ ଏବଂ ହରିନ୍ଦ୍ର ନାଗ ଗମ୍ଭୀର ଆହତ ହୋଇଥିଲେ । ସ୍ଥାନୀୟ ଚିକିତ୍ସାଳୟକୁ ନେବା ସମୟରେ ଦିଲୀପ ଙ୍କ ମୃତ୍ୟୁ ହୋଇଥିବା ବେଳେ ହରିନ୍ଦ୍ର ନାଗଙ୍କୁ ଅଧିକ ଚିକିତ୍ସା ପାଇଁ ରାଇପୁର ପଠାଯାଇଛି । ଖବର ମିଳିବା ପରେ ସୁରକ୍ଷାକର୍ମୀ ଏବଂ ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ ପହଞ୍ଚି ତଲାସୀ ଅଭିଯାନ ଚଳାଇଥିବା ଜଣାପଡିଛି ।

## ଧର୍ମପରାୟଣ ବ୍ୟକ୍ତି ଗଙ୍ଗାଧର ପୋଥାଳଙ୍କ ପରଲୋକ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧ ନମ୍ବର ୱାର୍ଡ ତହସିଲ କଲୋନୀ ନିବାସୀ ବିଶିଷ୍ଟ ଧର୍ମ ପରାୟଣ ବ୍ୟକ୍ତି ଗଙ୍ଗାଧର ପୋଥାଳ (୬୫)ଙ୍କ ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦେଢ଼ ବର୍ଷ ହେଲା କର୍କଟରେ ପୀଡିତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ଗତ ୩ଦିନ ହେଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ । ସନ୍ଧ୍ୟାରେ ମର ଶରୀର ତାଙ୍କ ଘରକୁ ଅଣାଯିବା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପାର୍ଥିବ ଶରୀରକୁ ସହର ପରିକ୍ରମା କରାଯାଇ ରଗଡ଼ି ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ସ୍ୱର୍ଗତ ଗଙ୍ଗାଧର ନିସନ୍ତାନ ଥିବାରୁ ତାଙ୍କ ପୁତୁରା ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଗଙ୍ଗାଧର ଦୀର୍ଘବର୍ଷ ହେଲା ବୁଦ୍ଧେଶ୍ୱର ମନ୍ଦିର ଓ ଦକ୍ଷିଣକାଳୀ ମନ୍ଦିରକୁ ନିୟମିତ ଫୁଲ ଯୋଗାଉଥିଲେ ଓ କ୍ଲାସିକ କ୍ଲବ ଦୁର୍ଗା ପୂଜାରେ ସକ୍ରିୟ ଭୂମିକା ଗ୍ରହଣ କରୁଥିଲେ । ସ୍ୱର୍ଗତ ଗଙ୍ଗାଧର ଏକାଧାରରେ ଧର୍ମପରାୟଣ, ପରୋପକାରୀ, ସ୍ନେହୀ, ଦୟାଳୁ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

## ବରୁଣେଇ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ପାଟସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୁତୁଣିଆ ସ୍ଥିତ ବରୁଣେଇ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମନୋରଞ୍ଜନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚତୁର୍ଭୁଜ ରାଉତ, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲିପ କୁମାର ଜେନା, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା ସଭାପତି ବିଭୂତି ନାୟକ, ଶିକ୍ଷାବିତ ତଥା ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ଦଳେଇ, ସିଆରସିସି ଇକବାଲ ହୋସେନ ଖାଁ, ସମିତି ସଭ୍ୟ ମନୋଜ କୁମାର ନାୟକ, ସୁରେନ୍ଦ୍ର ନାୟକ, ଶିକ୍ଷାବିତ ସାଧୁ ଚରଣ ବିଶ୍ୱାଳ, ବିକ୍ରମ ନାୟକ, ରବିନ୍ଦ୍ର ସ୍ୱାଇଁ ଓ ବିଜୟ କୁମାର ଦଳାଇ ପ୍ରମୁଖ ଉପସ୍ଥିତ ରହି ଦେଶ ଓ ଜାତି ଗଠନରେ ଶିକ୍ଷାର ପ୍ରାସଙ୍ଗିକତା ଉପରେ ମତ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରୀ ଶୁଭଦର୍ଶିନୀ ପରିଡ଼ାଙ୍କ (ପି.ଏଚଡି) ଓ ଅଜିତ କୁମାର ବିଶ୍ୱାଳ (କଷ୍ଟ ଆକାଉଣ୍ଟିଙ୍ଗ) ଲାଭ କରିଥିବାରୁ ଉଭୟଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ବାର୍ଷିକ କ୍ରିଡ଼ା, କଳା ଓ ସାହିତ୍ୟ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଯଶୋବନ୍ତ ଦଳାଇ, ପଦ୍ମ ଚରଣ ମଲ୍ଲିକ, ପାଣ୍ଡୁ ସିଂ, ସରସ୍ୱତୀ ପରିଡ଼ା, ଆଲମୁନି ଶିକ୍ଷକ ବୃନ୍ଦାବନ ମଲ୍ଲିକ, ମଧୁସ୍ମିତା ସ୍ୱାଇଁ ଓ ସୂଚିସ୍ମିତା ତରାଇ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସୂଚନା କର୍ମୀଙ୍କ ବାଇକ୍ ପୋଲ ତଳକୁ ଫିଙ୍ଗିଦେଲା ଦୁର୍ବୃତ୍ତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଜଣେ ବ୍ୟକ୍ତି ହାଟ କରିବା ମହଙ୍ଗା ପଡ଼ିଛି । ହାଟ ସମୟରେ ବ୍ୟକ୍ତିଙ୍କ ଗ୍ଲାମର ବାଇକ୍ କେହି ଚୋରି କରିଥିବା ବଳଙ୍ଗା ଥାନାରେ ଅଭିଯୋଗ ସହ ହାଟ କମିଟିରେ ଅଭିଯୋଗ ହୋଇଥିଲା । ମାତ୍ର ବାଇକ୍‌ଟି ଧନୁଆଁ ନଦୀରୁ ମିଳିଥିବା ବେଳେ ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । କେଉଁ ବ୍ୟକ୍ତି ବାଇକ ଚୋରି କରି ନଦୀରେ ଫିଙ୍ଗିଲା ତାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି । ପୁରୀ ଜିଲ୍ଲା ବଳଙ୍ଗା ଥାନା କେତକୀପାଟଣା ଗ୍ରାମର ନୃସିଂହ ଚରଣ ପରିଡ଼ା ସୂଚନା କର୍ମୀ ହୋଇଥିବା ବେଳେ ଗତ ୪ ତାରିଖ ସଂଧ୍ୟାରେ ଗ୍ଲାମର ବାଇକ୍ ନୂଆଖୋଲମରା ପଞ୍ଚାୟତ ଲଳିତାପହଣ୍ଡି ନଡ଼ିଆ ହାଟ ନିକଟରେ ପରିବା କିଣି ନୃସିଂହ ଫେରି ଦେଖନ୍ତି ତାଙ୍କ ବାଇକ୍‌ଟି କେହି ହ୍ୟାଣ୍ଡେଲ୍ ଲକ୍ ଭାଙ୍ଗି ନେଇ ପଳାଇଛି । ଏ ସଂପର୍କରେ ହାଟ କମିଟିରେ ନୃସିଂହ ଜଣାଇବା ପରେ ସ୍ଥାନୀୟ ସରପଞ୍ଚ ଥାନାରେ ମଧ୍ୟ ଅଭିଯୋଗ କରିଥିଲେ । ଗତ ୫ରେ ବଳଙ୍ଗା ଥାନାରେ ବାଇକ୍ ସଂପର୍କରେ ପଚାରିବାରୁ ବକୁଗ୍ରାମ ଧନୁଆଁବ୍ରିଜ୍‌ତଳେ ଗ୍ଲାମର ବାଇକ ପଡ଼ିଥିବା ସୂଚନା ମିଳିଲା । ନୃସିଂହ ଜାଣିବାକୁ ପାଇଲେ ସେହି ବାଇକ୍ ତାଙ୍କର ବୋଲି । କିଛି ମୁଷ୍ଟିମେୟ ଲୋକ ଚକ୍ରାନ୍ତରେ ସୂଚନା କର୍ମୀଙ୍କ ବାଇକ୍ ନେଇ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି । ଏ ସଂପର୍କରେ ପୁନର୍ବାର ମଧ୍ୟ ଥାନାରେ ନୃସିଂହ ପରିଡ଼ା ଅଭିଯୋଗ କରିଛନ୍ତି ।

## ବନ୍ଦାଳରେ ମହାଲକ୍ଷ୍ମୀ ଓ ବିମଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣିପଦାସ୍ଥିତ ଜଗନ୍ନାଥ ମନ୍ଦିରରେ ମହାଲକ୍ଷ୍ମୀ ଓ ମା'ବିମଳାଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୪ଦିନ ବ୍ୟାପି ଉତ୍ସବରେ ପଞ୍ଚଗବ୍ୟ ଶୋଧନ, ଅଙ୍କୁରାରୋପଣ, ଶୁଭାଧିବାସ, ଆଜ୍ଞାମାଳ ଆନାୟନ, କଳଶ ଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ପଞ୍ଚକର୍ମ, ବ୍ରାହ୍ମଣ ବରଣ, ଅଗ୍ନି ସ୍ଥାପନ, ଦେବସ୍ନାନ, ଦେବତା ନ୍ୟାସ, ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାଯଜ୍ଞରେ ୧୦୦୮ ଆହୁତି ପ୍ରଦାନ ସହ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା । ମନ୍ଦିର କର୍ମରେ ପୃଥକ୍ ଭାବେ ଅଚ୍ୟୁତ ପ୍ରଧାନ, ନିର୍ମଳା ପ୍ରଧାନ, ପ୍ରଦୀପ କୁମାର ପରିଡ଼ା. ଝୁନୁ ପରିଡ଼ା କର୍ତ୍ତା ଓ କର୍ତ୍ତୀ ଭାବେ ହୋମରେ ଆହୁତି ପ୍ରଦାନ କରିଥିଲେ । ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ଓ ମନ୍ଦିର ପୂଜକ ଶ୍ୟାମ ସୁନ୍ଦର କର ଆଧ୍ୟାତ୍ମିକ କର୍ମକାଣ୍ଡ ପରିଚାଳନା କରିଥିଲେ । ଶ୍ରୀଜଗନ୍ନାଥ ସେବା ପରିଷଦ ବନ୍ଦାଳ ଓ ବାଣିପଦା ଆନୁକୁଲ୍ୟରେ କର୍ମକର୍ତ୍ତା ଓ ଗ୍ରାମବାସୀ ପରିଚାଳନା କରିଥିଲେ ।

## ସାଧାରଣ ସେବା ଓ ନାଗରିକ ସନନ୍ଦ ଉପରେ ପ୍ରଶିକ୍ଷଣ ଶିବିର



ଆସିକା(ଭାସ୍କର ନ୍ୟୁଜ): ଆସିକା ପଞ୍ଚାୟତ ସମିତି ସଭା ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ପଞ୍ଚାୟତ ଉନ୍ନୟନ ଅଧିକରୀ ରାଜେଶ୍ରୀ ସାହୁ, ଦେବେନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି, ସଭ୍ୟ, ୱାର୍ଡ ସଭ୍ୟ, ଜେଇ, ଜିଆରଏସମାନଙ୍କୁ ସାଧାରଣ ସେବା ଓ ନାଗରିକ ସନନ୍ଦ ଉପରେ ପ୍ରଶିକ୍ଷଣ ଶିବିର ଦିଆଯାଇଥିଲା । ଏହି ଶିବିରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ଶତପଥି ଉପସ୍ଥିତ ଥିଲେ । ଉତ୍ତମ ଶାସନ ମାଧ୍ୟମରେ ବିଭିନ୍ନ ଯୋଜନା ଅଧୀନରେ ବିକାଶର ଲାଭ ନିଶ୍ଚିତ କରିବା ଏବଂ ସମସ୍ତ ବାସଗୃହ ନିକଟରେ ଜନ ସାଧାରଣଙ୍କୁ ସେବା ବିତରଣ କରିବା । ଗ୍ରାମ ପଞ୍ଚାୟତର ବିକାଶ ଯୋଜନା ପ୍ରସ୍ତୁତି ପାଇଁ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ଏବଂ ସମ୍ମିଶ୍ରଣ ରଖିବା ସହ ସହଭାଗୀତା ଏବଂ ସହଯୋଗ ପ୍ରତିଷ୍ଠା କରିବା । ଆମ ଅଞ୍ଚଳର ଯୁବକ, ଶିଶୁ, ମହିଳା, ଗ୍ରାମ କମିଟିର ସଦସ୍ୟ ମାନଙ୍କୁ ନେଇ ବିଭିନ୍ନ ଜ୍ଞାନକୌଶଳ ବ୍ୟବହାର କରି ଉନ୍ନତ ଜନସେବା ବିତରଣକୁ ପ୍ରୋତ୍ସାହିତ କରିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା ।

## ବରିଷ୍ଠ ସାମ୍ବାଦିକ ନୀଳମଣି ସାହୁଙ୍କ ପରଲୋକରେ ଶୋକସଭା



ପାରାଦୀପ/ଜଗତସିଂହପୁର(ଭାସ୍କର ନ୍ୟୁଜ): ଶୁକ୍ରବାର ପ୍ରାତଃ ୫ ଘଟିକାରେ ଜଗତସିଂହପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ନୀଳମଣି ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧକ୍ଷତାରେ ସଦଭାବନା ସଭାଗୃହରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ସରୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଆର୍ତ୍ତତ୍ରାଣ ପତି, ତପନ କୁମାର ରାଉତରାୟ, ଜ୍ୟୋତି ରଞ୍ଜନ ପରିଡା, ବେଣୁଧର ନାୟକ, ପ୍ରଭାତ କୁମାର ମହାନ୍ତି, ସାରଦା ଦାସ, ଇକ୍‌ବାଲ ମହମ୍ମଦ, ସୁନାକାର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନୀଳମଣି ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଶୋକସଭାରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ପ୍ରକାଶ ଥାଉ କି, ଶ୍ରୀ ସାହୁ ୭.୦୧.୧୯୬୦ ମସିହାରେ ହାଜିପୁର ନୂଆଗାଁରେ ଜନ୍ମଗ୍ରହଣ କରିଥିଲେ । ଜିଲ୍ଲାରେ ୧୯୮୨ ମସିହାଠାରୁ ପ୍ରଜାତନ୍ତ୍ର, ପରଦା ଭଳି ଗଣମାଧ୍ୟମର ପ୍ରତିନିଧି ଭାବେ ସକ୍ରିୟ କାର୍ଯ୍ୟ କରିଆସୁଥିଲେ । ଏହାଛଡା ଦୂରଦର୍ଶନର ସମ୍ବାଦ ବିଭାଗରେ ମଧ୍ୟ ସେ କାର୍ଯ୍ୟରତ ଥିଲେ ।ସେ ଅତ୍ୟନ୍ତ ମିଷ୍ଟଭାଷୀ, ଅମାୟିକ, ଭଦ୍ର ଏବଂ ସରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସୃଜନଶୀଳତା ତାଙ୍କର ପ୍ରତ୍ୟେକଟି ଲେଖାରେ ଝଲସି ଉଠୁଥିଲା । ସାମ୍ବାଦିକ ଭାବେ ଜିଲ୍ଲା ପ୍ରଶାସନର ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିବା ସହ ଆବଶ୍ୟକ ସ୍ଥିତିରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରୁଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଯୋଗୁଁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଚିକିତ୍ସାଧୀନ ଅବସ୍ଥାରେ ହିଁ ତାଙ୍କର ପରଲୋକ ଘଟିଛି । ତାଙ୍କର ଅକାଳ ବିୟୋଗରେ ଜିଲ୍ଲା ପ୍ରଶାସନ, ସାମ୍ବାଦିକ ତଥା ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ବାରିପଦା(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଦଶବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଜାନୁଆରୀ ୨୨ ତାରିଖରୁ ଆରମ୍ଭ ହୋଇ ଆନ୍ତର୍ଜାତିକ ମହିଳା ଦିବସ ପର୍ଯ୍ୟନ୍ତ ଚାଲୁଅଛି । ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ମୟୁରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝି, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ କୁମାର ଦାସ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଝୁନିଲତା ଭୂୟାଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଏଲସିସିର ଅଧକ୍ଷା ସୁମିତ୍ରା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା । ବାରିପଦାସ୍ଥିତ ଜଉଇଉ ଦ୍ୱାରା ପରିଚାଳିତ ଶକ୍ତି ସଦନର ଅନ୍ତେବାସୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବାଳିକା ଶିକ୍ଷା, ମହିଳା ସଶକ୍ତିକରଣ ତଥା ନାରୀମାନେ କିପରି ଆତ୍ମନିର୍ଭରଶୀଳ ହୋଇ ସମାଜରେ ଥିବା ଲିଙ୍ଗ ବୈଷମତା ଦୂର କରି ଏକ ପରିବର୍ତନ ଆଣିପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ବ୍ଲକରୁ ଜଣେ ଲେଖାଏ ଅଙ୍ଗନବାଡି କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିଭଳି ପୋଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବାରୁ ଜଣେ ସିଡିପିଓ, ଦୁଇଜଣ ସୁପରଭାଇଜର, ଚାରିଜଣ ଅଙ୍ଗନବାଡି କର୍ମୀ ଏବଂ ତିନିଜଣ ଅଙ୍ଗନବାଡି ସହାୟିକାଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରୋଗ୍ରାମ ଅଫିସର ଅଞ୍ଜଳି ଦାସ, ସୁକାନ୍ତି ସେଠି, ମିନତୀ ସାହୁ, ସାଲମଣି ସୋରେନ, ସୁରକ୍ଷା ଅଧିକାରିଣୀ ଜୟଶ୍ରୀ ହୋତା, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋସ୍ନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ଲୋକ ପ୍ରତିନିଧି, ଏସ୍ଏଚ୍‌ଜି ସଦସ୍ୟା, କିଶୋରୀ ବାଳିକା, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ପୋଷଣ, ମହିଳା ହବ, ଚାଇଲଡ ଲାଇନ କର୍ମକର୍ତ୍ତା ମାନେ ସହାୟତା କରିଥିଲେ । ଆହ୍ୱାନ ଏଡ଼ର ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ପ୍ରୋଗ୍ରାମ ଅଫିସର ଅଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଓଡିଶା ସାଉଁତି ସମାଜର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ଗୁରୁବାର ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦୁଝର ଜିଲାର ମଣ୍ଡୁଆ ଗ୍ରାମରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗୃହ ପ୍ରତିଷ୍ଠା ସଂଗେ ସଂଗେ ସାଉଁତି ଜାତିର ଶିକ୍ଷା, ସଂସ୍କୃତି ଏବଂ ଐତିହ୍ୟ, ପରମ୍ପରା ଇତ୍ୟାଦି ବିଷୟ ବିକାଶ କରିବା ନିମନ୍ତେ ଆଲୋଚନା କରାଯିବା ସହ ବିଭିନ୍ନ ପ୍ରକାର କୁସଂସ୍କାର, ଅନ୍ଧବିଶ୍ୱାସ, ନିଶା ନିବାରଣ ଓ ଦାରିଦ୍ର୍ୟତାକୁ କିପରି ମୂଳୋତ୍ପାଟନ କରାଯାଇପାରିବ ସେ ବିଷୟରେ ମଧ ଆଲୋଚନା କରାଯାଇଥିଲା । ଉକ୍ତ ଗୃହ ପ୍ରତିଷ୍ଠା ଉତ୍ସବରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଅନେକ ଗ୍ରାମରୁ ପ୍ରାୟ ୧୦୦୦ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସାଉଁତି ସମାଜର ସଭାପତି ଗୌରହରୀ ନାଏକ ସଭାପତିତ୍ୱ କରିଥିଲେ। ତାଙ୍କ ସହିତ ଉପସଭାପତି ଦୀନଜନ ନାଏକ, କେନ୍ଦୁଝର ଜିଲା ସଭାପତି ଭୁବନେଶ୍ୱର ନାଏକ, ରାଜ୍ୟ ସାଧାରଣ ସଂପାଦକ ଭାଗବତ ନାଏକ,ଜିଲା ସଂପାଦକ ରାଜେନ୍ଦ୍ର କୁମାର ନାଏକଙ୍କ ସହିତ ଅନେକ ରାଜ୍ୟ ଓ ଜିଲା କାର୍ଯ୍ୟକର୍ତ୍ତା, ପଞ୍ଚାୟତ ସମିତି ସଦସ୍ୟ, ସଦସ୍ୟା ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।



## ବାଇକ ଚୋରି ର୍ୟାକେଟ ଠାବ

### ୫ବାଇକ ଜବତ, ଦୁଇ ଚୋର ଗିରଫ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ): କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଏକ ବାଇକ ଚୋରି ର୍ୟାକେଟ ଠାବ କରିଛି। ଏହି ର୍ୟାକେଟ୍‌ରେ ଥିବା ଦୁଇ ଚୋରଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୫ଟି ଚୋରା ବାଇକ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସିପୁର ଗ୍ରାମର ଜ୍ଞାନରଞ୍ଜନ ସେଠୀ(୨୫) ଓ ସେହି ଗ୍ରାମର ରାଜେଶ ଜେନା(୨୨)। ଏହି ଚୋରମାନେ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ଉଭୟ ଥାନାରେ ପୂର୍ବରୁ ମାମଲା ରୁଜୁ ହୋଇଥିଲା। ସେହି ମାମଲାର ତଦନ୍ତ ଚାଲିଥିବା ବେଳେ ଚୋରଙ୍କ ସମ୍ପର୍କରେ ପୋଲିସକୁ ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଫଳରେ ସେମାନଙ୍କୁ ଧରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା। ସେହି ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ବାଇକ ଚୋରି ର୍ୟାକେଟର ସଦସ୍ୟମାନଙ୍କୁ ଧରିଥିଲା। ଉଭୟ ଚୋରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

## ପରମ୍ପରା ନା ଅନ୍ଧବିଶ୍ୱାସ !

# ମହାପର୍ବରେ ପୋଢ଼ ବଳି



କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଆଦିବାସୀ ପରମ୍ପରାର ମହା ପର୍ବ ପୋଢ଼ ବଳି । ମାଟି ମା ତଥା ଧରଣୀ ପେନୁକୁ ପୋଢ଼ ବଳି ଦେଇ ପୂଜାର୍ଚ୍ଚନା କରିବା ହେଉଛି ଏହି ପର୍ବର ଲକ୍ଷ୍ୟ। ଯାହାକୁ ନେଇ କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ସୁତ୍ରା ପଞ୍ଚାୟତ ଅଞ୍ଚଳରେ ପଡ଼ିଛି ପୋଢ଼ ବଳି। ଏହାକୁ କେଡୁ ଯାତ୍ରା ମଧ କୁହାଯାଏ। ତେବେ ଏହି ପୋଢ଼ ବଳି ପାଖାପାଖି ଚାରି ଦିନ ଧରି ହୋଇଥାଏ। ପ୍ରଥମ ଦିନ ଛତର ଉଠାଯାଏ। ଦ୍ୱିତୀୟ ଦିନ ଚୟନ କରାଯାଇଥିବା ଏକ ସ୍ୱତନ୍ତ୍ର ଖୁଣ୍ଟରେ ପୋଢ଼କୁ ବାନ୍ଧି ଦିଆଯାଇଥାଏ। ତୃତୀୟ ଦିନ ନିମନ୍ତ୍ରିତ ଆଖପାଖର ଗାଁ ଲୋକେ ବାଜା ବାଜେଣାରେ ନାଚି ନାଚି ଆସନ୍ତି। ଆଉ ମୁଖ୍ୟ କରି ଗାଁ ର ଯେତେ ସବୁ ଜ୍ୱାଇଁ ପୁଅ ଅଛନ୍ତି ସଭିଏଁ ଗୋଟିଏ ଗୋଟିଏ ନୂଆ ଲୁଗା ଆଣି ଛତର ଖୁଣ୍ଟିରେ ବାନ୍ଧନ୍ତି। ତା' ସହ ପୋଢ଼କୁ ସଭିଏଁ ନିଜ ମନମୁତାବକ ହଇରାଣ କରି ଖେଳନ୍ତି। ଆଉ ଶେଷରେ ସଭିଏଁ ମିଶି ଧାରୁଆ ଅସ୍ତ୍ରରେ ପୋଢ଼କୁ ଆକ୍ରମଣ କରନ୍ତି । ନୃଶଂସ ଭାବେ ଯିଏ ଯେମିତି ପାଇଲା ଝୁଣି ଝୁଣି ପୋଢ଼ ଦେହରୁ ତା ଶରୀରର ସମସ୍ତ ଅନ୍ତ ପୁଟୁଳା ବାହାର କରିଥାନ୍ତି। ନିଜ ମନ ପସନ୍ଦର କଞ୍ଚା ମାଂସ ମଧ ସେଠି ଝୁଣି ଖାଇଥାନ୍ତି। ଏହା ସହ ପ୍ରହାର କରି ଝୁଣି ହାସଲ କରିଥିବା ମାଂସକୁ ସାଥିରେ ନେଇ ସଭିଏଁ ନିଜ କ୍ଷେତକୁ ଯାଇଥାନ୍ତି। ପୂର୍ବପୁରୁଷଙ୍କ ଠାରୁ ଯେଉଁ ସବୁ ସ୍ଥାନକୁ ସେମାନେ ଦେବତା ବୋଲି ଗ୍ରହଣ କରିଛନ୍ତି ସେଠି ମଧ ସେ ସବୁକୁ ପୂଜାରେ ଲଗାଇବା ସହ ନିଜ କ୍ଷେତ ବଗଡ଼ରେ ମଧ ସାଥିରେ ନେଇଥିବା ମାଂସକୁ କିଛି କିଛି ପୋତି ଦେଇଥାନ୍ତି। ଏହା ଦ୍ୱାରା ତାଙ୍କ ଫସଲ ଭଲ ହେବା ସହ ପାଣି, ପବନ, ଜଳ ଏବଂ ଖରା, ବର୍ଷା ସବୁ କିଛି ଠିକ୍ ସମୟରେ ହୋଇଥାଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି। ଆଉ ତା ପରଦିନ ଧୂଳି ଉଡ଼ା ପର୍ବ ପାଳନ କରାଯାଇଥାଏ। ତେବେ ପୋଢ଼ ବଳି ନାଁରେ ଏହି ନୃଶଂସ ଭାବେ ସଭିଏଁ ମିଶି ବନ୍ଧାଯାଇଥିବା ପୋଢ଼କୁ ଜୀବନ୍ତ ଝୁଣି ଝୁଣି ହତ୍ୟା କରିବା; ଏ ପରମ୍ପରା ଆଜିର ଏହି ମଣିଷ ସମାଜ ପାଇଁ ଅନ୍ୟନ୍ତ ନିନ୍ଦନୀୟ। ଏ ଦୃଶ୍ୟ ଦେଖିବା ମାତ୍ରେ ଲୋମ ଟାଙ୍କୁରିଯିବା ସହ ଆମ ମଣିଷ ସମାଜ କେତେ ଯେ ନୃଶଂସ ତାହା ଜଣାପଡ଼ିଥାଏ। ତେବେ ଏହି ପ୍ରଥାକୁ ନେଇ ଲୋକ କଥା ରହିଛି ଯେ ପୂର୍ବେ ମଣିଷଙ୍କୁ ଏଭଳି ଝୁଣି ସଭିଏଁ ହତ୍ୟା କରି ପରମ୍ପରା ପାଳନ କରୁଥିଲେ। ଯାହା କି ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇ ପୋଢ଼କୁ ହତ୍ୟା କରି ସମ୍ପର୍ଣ୍ଣ କରାଯାଉଛି।

## କଫି ବୋର୍ଡ ଅଧ୍ୟକ୍ଷଙ୍କ କୋରାପୁଟ ଗସ୍ତ



କୋରାପୁଟ, (ଭାସ୍କର ନ୍ୟୁଜ) : କଫି ବୋର୍ଡ ଅଧ୍ୟକ୍ଷ ଏମ୍.ଜେ ଦିନେଶ କୋରାପୁଟ ଗସ୍ତ କରିଛନ୍ତି । ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢୀଙ୍କ ସହ ଆଲୋଚନା ପରେ ଅଧ୍ୟକ୍ଷ କୋରାପୁଟ ଆସିଛନ୍ତି । ଚଳିତବର୍ଷ ଡିସେମ୍ବରରେ କୋରାପୁଟରେ ଜାତୀୟସ୍ତରୀୟ ଚିନ୍ତନ ଶିବିର ଆୟୋଜନ ହେବ। କଫି ଚାଷର ବିକାଶ ନିମନ୍ତେ ୧୦ବର୍ଷର ରୂପରେଖା ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି । ଆଦିବାସୀ ଐତିହ୍ୟ ପାଇଁ ଜଣାଶୁଣା କୋରାପୁଟରେ ବଜାର ଆବଶ୍ୟକତା ପୂରଣ କରିବା ସହିତ କଫି ଚାଷକୁ ବିସ୍ତାର କରିବାରେ ସମ୍ଭାବନା ରହିଛି । ଜଳବାୟୁ ଏବଂ ପରିବେଶ ଚାଷକୁ ସୁହାଉଛି । ତେଣୁ କଫି ଭିତ୍ତିକ ପର୍ଯ୍ୟଟନ ଆରମ୍ଭ କରିବା ସହ କଫି ସଂଗ୍ରହାଳୟ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସ୍ଥାନିୟ କଫି ଚାଷୀଙ୍କ ଦ୍ୱାରା କୋରାପୁଟ କଫି ବୋର୍ଡରେ ମୃର୍ତ୍ତିକା ପରୀକ୍ଷା ୟୁନିଟ ପ୍ରତିଷ୍ଠା ହୋଇଥିବାରୁ ପ୍ରଶଂସା କରିଥିଲେ। ନିଜ ଅଭିଜ୍ଞତା ବାଣ୍ଟିବା ସହ କର୍ଣ୍ଣାଟକରେ ତାଲିମ ଅଧିବେଶନ ପରିଚାଳନା କରୁଥିବା ଅଭିଜ୍ଞ ଚାଷୀଙ୍କୁ ଭେଟିବାକୁ ଆମନ୍ତ୍ରଣ କରିଥିଲେ। ଚଳିତବର୍ଷ କଫି ବୋର୍ଡର ଶତବାର୍ଷିକୀ ପାଳନ ଅବସରରେ ଏପ୍ରିଲରେ ପ୍ଲାଣ୍ଟେସନ୍ ମ୍ୟାନେଜମେଣ୍ଟର ଦୁଇ ବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହା ବ୍ୟତୀତ ବୋର୍ଡ ଜାତୀୟ କଫି ଉତ୍ପାଦନକୁ ୭ଲକ୍ଷ ଟନକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି । ଚାଷୀ ବାହାରେ ତାଲିମ ନେବାକୁ ପରାମର୍ଶ ଦେଇ ୨୦୪୭ ସୁଦ୍ଧା ଦେଶର ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ୯ଲକ୍ଷ୍ୟ ଟନ ହାସଲ କରିବାକୁ ଚାଷୀଙ୍କ ଭାଗୀଦାରୀ ଆବଶ୍ୟକ ବୋଲି ମତ ଦେଇଥିଲେ । କଫି ବିନ୍‌ର ଗୁଣବତ୍ତା ସହ ପ୍ରକ୍ରିୟା କାରଣର ଭୂମିକା ବିଷୟରେ ଆଲୋଚନା ହୋଇଥିଲା। କଫି ବୋର୍ଡ ଅଧ୍ୟକ୍ଷଙ୍କ ସହ ଭାରତର ବିଭିନ୍ନ ଭାଗରୁ ଆସିଥିବା ୨୦ଜଣ ବୋର୍ଡ ସଦସ୍ୟଙ୍କୁ କୋରାପଟୁ କଫି ବୋର୍ଡର ବରିଷ୍ଠ ଯୋଗାଯୋଗ ଅଧିକାରୀ ଉପେନ୍ଦ୍ର କୁମାର ସାହା ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଷଣ ଦେଇ ଓଡିଶା କଫି ଉତ୍ପାଦକ ସଂଘ ସଭାପତି ପ୍ରଦୀପ ମହାନ୍ତି ଓଡିଶା ଭିତ୍ତିକ କଫି ଉତ୍ପାଦକ ଖୁବ୍‌ଶୀଘ୍ର ଭାରତୀୟ କଫି ବୋର୍ଡର ସଦସ୍ୟ ହୋଇପାରିଲେ ରାଜ୍ୟରେ କଫି ଚାଷର ବିକାଶକୁ ପ୍ରୋତ୍ସାହିତ କରିବ ବୋଲି କହିଥିଲେ ।

## ବୁଢ଼ାବାହାଲରେ ଯାଦବ ଭବନ ଉଦ୍‌ଘାଟିତ

ସଇଁତଳା, (ଭାସ୍କର ନ୍ୟୁଜ) : ସଇଁତଳା ବ୍ଲକ ବୁଢ଼ାବାହାଲ ଛକରେ ଯାଦବ ଭବନର ଉଦ୍‌ଘାଟନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗୀର ଜିଲ୍ଲା ଯାଦବ ସଂଘ ସଭାପତି ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିବା ବେଳେ, ପରେ ଭବନ ପରିସରରେ ଏକ ବୁଢ଼ାବାହାଲ ଯାଦବ ସଂଘ ସଭାପତି ପରମାନନ୍ଦ ହେରନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଲକ୍ଷ୍ମଣ ବାଗ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଟିଟିଲାଗଡ ବିଧାୟକ ନବୀନ ଜୈନ, ବ୍ଲକ ଉପାଧକ୍ଷ ଗୁଣ ସାଗର ମାଝୀ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ଭୋଇ, ପଦ୍ମଶ୍ରୀ ହଲଧର ନାଗ, ରିତାରାଣୀ ହାତୀ, ସରପଞ୍ଚ ସୁବ୍ରତ ନାଗ ଯୁବ ସଂଘଠକ ପଞ୍ଚା ବଗର୍ତ୍ତି ଓ ବ୍ଲକ ଯାଦବ ସଂଘ ସଭାପତି ମନୋହର ବାଗ ଉପସ୍ଥିତ ଥିବା ବେଳେ ଗୋକୁଳାନନ୍ଦ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଗଜେନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି ସଭା ରେ ସଇଁତଳା ସାମ୍ବାଦିକ ସଂଘ ସଭାପତି ତରୁଣ କୁମାର ବେହେରା, ସାମ୍ବାଦିକ ବିଶାଳ କୁମାର ଅଗ୍ରୱାଲ ଓ ଅବିନାଶ ନନ୍ଦକୁ ସମ୍ମାନିତ କରାଯାଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ବ୍ଲକ ଠାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି। ଲକ୍ଷ୍ମୀପୁର ସିଡିପିଓ ପାର୍ବତୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ବିଡିଓ ଗୁରେଶ୍ୱର ଭୋଇ ଯୋଗ ଦେଇ ଆଜିର ମହିଳା ପୁରୁଷଙ୍କଠୁ କମ ନୁହଁ, ସେମାନଙ୍କୁ ଆମେ ସମ୍ମାନ ଦେବା ନିହାତି ଦରକାର, କାରଣ ସିଏ ହିଁ ମାତା, ସିଏ ହିଁ ପତ୍ନି ଓ ସିଏ ହିଁ ଭଗ୍ନି ରୂପରେ ସଂସାରକୁ ଚଳାନ୍ତି । ତେଣୁ ମହିଳାଙ୍କ ବିନା ସଂସାର ଅଧୁରା ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ପରେ ସମୂହ ଉପାଧକ୍ଷା ଆରତୀ କୁଳଦୀପଙ୍କ ସହ ସୁଭଦ୍ରା ଯୋଜନା ଓ ମହିଳା ସଶକ୍ତିକରଣକୁ ନେଇ ଏକ ରାଲିର ବାହାରିଥିଲେ। ସମୂହ ହାତରେ ପ୍ଲାଗ କାର୍ଡ ଧରି ଈଶ୍ୱରଙ୍କ ବରଦାନ ଅଟେ କନ୍ୟା, ପରିବାରରେ ଛୁଟାଇବ ସେ ହସର ବନ୍ୟା, ଯେଉଁ ବାପା ମା ପୁଣ୍ୟ କରନ୍ତି ତାଙ୍କ କୋଳେ କନ୍ୟା ଜନ୍ମ ନିୟନ୍ତି। ଶିଶୁ କନ୍ୟା ଅଟେ ଘରର ଶିରୀ। ଝିଅ ବୋହୁ ମା ରୂପ ତାହାରି ଭଳି ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର କାର୍ଯ୍ୟରତ ସମସ୍ତ ଅଙ୍ଗନାବାଡି କର୍ମି ଓ ପାଚିକା ମାନେ ଯୋଗ ଦେଇ ଥିଲେ। ସିଡିପିଓ ପାର୍ବତୀ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ସୁପର ଭାଇଜର୍ ମାନେ ସହଯୋଗ କରିଥିଲେ। ସେହିପରି ବ୍ଲକରେ ଥିବା ସମସ୍ତ ତେରଟି ପଞ୍ଚାୟତ ରେ ମଧ ଆନ୍ତର୍ଜାତିୟ ମହିଳା ଦିବସ ପାଳିତ ହୋଇଥିଲା।

### ପଟ୍ଟାମୁଣ୍ଡାଇ ନାବାଳିକା ଛାତ୍ରୀ ଆତ୍ମହତ୍ୟା ପ୍ରସଙ୍ଗ

## ରାଜ୍ୟ ମାନବିକ ଅଧିକାର କାଉନସିଲ ପକ୍ଷରୁ ଏସପିଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ନାବାଳିକା ଛାତ୍ରୀ ଆତ୍ମହତ୍ୟା ଘଟଣାରେ ରାଜ୍ୟ ମାନବିକ ଅଧିକାର କାଉନସିଲ ପକ୍ଷରୁ ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ପଟ୍ଟାମୁଣ୍ଡାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଅଧ୍ୟୟନ ରତ ନାବାଳିକା ଛାତ୍ରୀ ଆତ୍ମହତ୍ୟା ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଆତ୍ମହତ୍ୟା କରିଥିବା ନାବାଳିକା ଛାତ୍ରୀର ମା' ସ୍ଥାନୀୟ ଥାନାରେ ଯେଉଁ ଅଭିଯୋଗ କରିଛନ୍ତି ସେଥିରେ ତାଙ୍କ ଝିଅକୁ ଆତ୍ମହତ୍ୟା କରିବା ପାଇଁ ଜଣେ ଅଧ୍ୟାପକଙ୍କ ସମ୍ପର୍କ ଥିବା କିଛି ସୂଚନା ଦେଇଛନ୍ତି। ସଂପୃକ୍ତ ଛାତ୍ରୀର ଆତ୍ମହତ୍ୟା ପାଇଁ କାହାର ଭୂମିକା ରହିଛି କି ନାହିଁ ସେ ସମ୍ପର୍କରେ ତଦନ୍ତ କରାଯିବାକୁ ଦାବି କରାଯାଇଛି। ଏଥିସହିତ ଛାତ୍ରୀଙ୍କ ଆତ୍ମହତ୍ୟା ପାଇଁ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବିକରି ରାଜ୍ୟ ମାନବିକ ଅଧିକାର କାଉନସିଲର ଅଧକ୍ଷା ସସ୍ମିତା ଦାସ ଓ ସଦସ୍ୟ ପ୍ରତାପ ପାଢି ପ୍ରମୁଖଙ୍କ ଠାରୁ ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଡିଏସପି(ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ ଦାବିପତ୍ର ଗ୍ରହଣ କରିଛନ୍ତି।

## ଯୁବକ ନିଖୋଜ ଘଟଣା:ପରିବାର ତରଫରୁ ଥାନା ଆଗରେ ଧାରଣା




ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍ ) : ଦାଦନ ଖଟିବାକୁ ଯାଇ ସୁଦୂର ବିଶାଖାପାଟଣା ଠାରେ ରହସ୍ୟ ଜନକ ଭାବେ ନିଖୋଜ ଥିବା ନିଶ୍ଚିନ୍ତକୋଇଲି ଗ୍ରାମର ଜଣେ ଯୁବକର ଏପର୍ଯ୍ୟନ୍ତ ପତା ମିଳିନାହିଁ। ସର୍ବୋପରି ପୋଲିସ ନାମକୁ ମାତ୍ର ନିଖୋଜ ମାମଲା ରୁଜୁ କରି ହାତବାନ୍ଧି ବସିବା ଘଟଣାକୁ ନେଇ ତାଙ୍କ ପରିବାର ତରଫରୁ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିଶ୍ଚିନ୍ତକୋଇଲି ଗ୍ରାମର ରବିନ୍ଦ୍ର ଦାସଙ୍କ ସାନପୁତ୍ର ସନ୍ତୋଷ କୁମାର ଦାସ ୨୪ ବର୍ଷଙ୍କୁ ବିଶାଖାପାଟଣାରେ ଅଧିକ ପାରିଶ୍ରମିକ ଦେଇ କାମ ଯୋଗାଇ ଦେବାର ନିର୍ଭର ପ୍ରତିଶୃତି ଦେଇ ସ୍ଥାନୀୟ ଗୋପପୁର ଗ୍ରାମର ଅନିଲ କୁମାର ସାହୁ ତାଙ୍କୁ ସାଙ୍ଗରେ ନେଇ ଯାଇଥିଲା। ଦୁଇ ଦିନ ପରେ ପୁଅ ସମ୍ବନ୍ଧରେ ରବିନ୍ଦ୍ର ପଚାରିବାରୁ ଅନିଲ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲା। ଏକ ଟ୍ରେନ ଯୋଗେ ସନ୍ତୋଷକୁ ଘରକୁ ପଠାଇ ଦେଇଥିବାର ଅନିଲ କହିଥିଲା। ଏହି ଘଟଣାକୁ ନେଇ ରବିନ୍ଦ୍ରଙ୍କର ସନ୍ଦେହ ହୋଇଥିଲା। ରବିନ୍ଦ୍ରଙ୍କ ପରିବାର ବିଭିନ୍ନ ସ୍ଥାନରେ ସନ୍ତୋଷଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଏପରିକି ସନ୍ତୋଷକୁ ଖୋଜିବାକୁ ଯାଇ ତାର ବଡଭାଇ ହରିଶଙ୍କର(ମୁନା) ୨୬ବର୍ଷ ନିରାଶ ହୋଇଥିଲା। ସାନଭାଇର ନିଖୋଜ ଘଟଣାରେ ମାନସିକ ସ୍ତରରେ ଆଘାତ ପାଇ ମୁନା ଆକସ୍ମିକ ଭାବେ ହୃଦଘାତରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଏ ସମ୍ପର୍କରେ ନିଖୋଜ ସନ୍ତୋଷର ପିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିଶ୍ଚିନ୍ତକୋଇଲି ଥାନ ପୋଲିସ ନାମକୁ ମାତ୍ର ନିଖୋଜ ମାମଲା ରୁଜୁ କରି ହାତବାନ୍ଧି ବସିଥିବା ପରିବାର ଲୋକେ ଅଭିଯୋଗ କରୁଛନ୍ତି। ତେବେ ପୁଅକୁ ଫେରିନପାଇଲେ ସପରିବାର ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ମାଆ ମଞ୍ଜୁଲତା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଥାନା ଆଇଆଇସିଙ୍କୁ ଲିଖିତ ଆକାରରେ ଜଣାଇଥିଲା। ମାତ୍ର ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପ୍ରତିବାଦରେ ତାଙ୍କ ପରିବାର ଓ ସ୍ଥାନୀୟ ଗ୍ରମବାସୀ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ତେବେ ଖବର ପାଇ ସାଲେପୁର ଏସଡିପିଓ ବିରଂଚି ନାରାୟଣ ପତି ଘଟଣାସ୍ଥଳରେ ପହଂଚି ସନ୍ତୋଷକୁ ଖୋଜିବା ନିମନ୍ତେ ପୋଲିସ ତରଫରୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ନିର୍ଭର ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପଞ୍ଚାୟତ ନିର୍ବାଚନରେ ହିଂସା ଘଟାଇବା ଅଭିଯୋଗରେ ୫ ଗିରଫ

ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳି ଥାନା ଅଧିନସ୍ତ ପୋଖରୀ ଗାଁ ପଞ୍ଚାୟତ ୨୦୨୨ ନିର୍ବାଚନରେ ବୁଥ ଜବରଦଖଲ କରିବା, ଭୋଟ ବାକ୍ସ ପାଣିରେ ପକାଇବା ଓ ନିର୍ବାଚନରେ ହିଂସା କାଣ୍ଡ ଭିଆଇବା ଭଳି ଘଟଣାରେ ନିଆଳି ପୋଲିସ ଗତ କାଲି ରାତିରେ ପୋଖରୀ ଗାଁରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୬୫/୨୦୨୨ ମାମଲାରେ ବୈକୁଣ୍ଠ ପାତ୍ର( ୫୮), ଅନ୍ତର୍ଯ୍ୟାମୀ ଭୋଇ (୪୮), କାହ୍ନୁ ଓରଫ ବିଶ୍ୱଜିତ ପାତ୍ର ( ୩୦) ସେହିଭଳି ଅନ୍ୟ ଏକ ମାମଲା ୭୦/ ୨୦୨୨ରେ ମୃତ୍ୟୁଞ୍ଜୟ ମଲିକ ( ୪୩) ପ୍ରଦୀପ କୁମାର ସ୍ୱାଇଁ ( ୪୮),୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବିଜୟ କୁମାର ମଳିକ ସୂଚନା ଦେଇଛି।

## କନ୍ଧମାଳ ମହୋତ୍ସବ ଆୟୋଜନକୁ ନେଇ ଅସନ୍ତୋଷ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କନ୍ଧମାଳ ଜିଲ୍ଲାର କନ୍ଧମାଳ ମହୋତ୍ସବ ସାଧାରଣତଃ ଶୀତ ଋତୁରେ ପାଳନ କରାଯାଇଥାଏ। ଚଳିତବର୍ଷ ପ୍ରଶାସନ ଓ ରାଜନୀତି ହେଳା ଯୋଗୁଁ ଶୀତ ସରି ଗ୍ରୀଷ୍ମ ଋତୁ ଆସିଲାଣି। ହେଲେବି କନ୍ଧମାଳ ମହୋତ୍ସବ ବିଷୟରେ ଏ ପର୍ଯ୍ୟନ୍ତ ଗନ୍ଧ ବା ବାସ୍ନା କନ୍ଧମାଳ ବାସିନ୍ଦା ପାଖରେ ବର୍ତ୍ତମାନ୍ ସୁଦ୍ଧା ପହଞ୍ଚି ପାରି ନାହିଁ। କିନ୍ତୁ ଦାରିଙ୍ଗିବାଡ଼ି ଏକ ବ୍ଲକ ହୋଇ ଶୀତ ମହୋତ୍ସବ କରିସାରିଲାଣି କିନ୍ତୁ ଜିଲ୍ଲାର ପ୍ରଶାସନ ଏତେ ଟାଣୁଆ କିନ୍ତୁ ବର୍ତ୍ତମାନ ସୁଦ୍ଧା ହୋଇପାରିଲା ନାହିଁ। ଓଡିଶାର ସମସ୍ତ୍ ଜିଲ୍ଲାରେ ମହୋତ୍ସବ ଶେଷ ହୋଇଗଲାଣି କେବଳ କନ୍ଧମାଳ ଜିଲ୍ଲାକୁ ଛାଡି। କିଛି ଦିନ ତଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କନ୍ଧମାଳ ମହୋତ୍ସବକୁ ନେଇ ଆଜି ସୁଦ୍ଧା ଗୋଟିଏ ମାତ୍ର ବୈଠକ ହୋଇଥିଲା। କିନ୍ତୁ ମହୋତ୍ସବ କେବେ ହେବ ବର୍ତ୍ତମାନ୍ ସୁଦ୍ଧା କୌଣସି ଜନସାଧାରଣ, ଜିଲ୍ଲା ପ୍ରଶାସନ ଓ ରାଜନୀତିର ସଦସ୍ୟଙ୍କୁ ଧରି ବୈଠକ ହୋଇନାହିଁ। କନ୍ଧମାଳ ମହୋତ୍ସବରେ କେତୋଟି ଷ୍ଟଲ୍ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା, ସ୍ମରଣୀକା ପ୍ରକାଶ, ପ୍ରଚାର ପ୍ରସାର ନିମନ୍ତେ ବିଜ୍ଞାପନ ଓ ଟେଣ୍ଡର ଇତ୍ୟାଦି ଲୁକ୍କାୟିତ ଭାବରେ ଭିତିରି କରାଯାଉଛି କି ? ରାଜନୀତିର ଛତ୍ରଛାୟା ତଳେ ସବୁ ସରକାରୀ କାର୍ଯ୍ୟକ୍ରମ ପାଳିତ ହେବ କି ବୋଲି ସର୍ବସାଧାରଣ ଚର୍ଚ୍ଚା ଜୋର୍ ଧରିଛି। କିନ୍ତୁ କନ୍ଧମାଳ ଜିଲ୍ଲାରେ ଥିବା ବିଭିନ୍ନ ଟେଷ୍ଟ ମାଲିକ, ମଞ୍ଚ କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ଟେଣ୍ଡର ବର୍ତ୍ତମାନ୍ ସୁଦ୍ଧା କାହାକୁ ନ ଜଣାଇ ଏକ ବାହାର ଲୋକକୁ ସୁରକ୍ଷା ଦେବାରେ ନିର୍ଦ୍ଧିଷ୍ଟ ଭାବରେ ପରିଚାଳନା ପାଇଁ ଅଧିକ ଟଙ୍କାରେ କାର୍ଯ୍ୟ ଦିଆଯାଉଛି। ଏହାକୁ ନେଇ ସ୍ଥାନୀୟ ବିଭିନ୍ନ ମାଲିକ ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ନିର୍ଦ୍ଧିଷ୍ଟ ଦଳର ସ୍ୱାର୍ଥ ନିମନ୍ତେ ନିର୍ଦ୍ଧିଷ୍ଟ ଟେଣ୍ଡର ଧାରୀଙ୍କୁ ଦିଆଯାଉଛି ବୋଲି ବୁଦ୍ଧିଜୀବୀ ଓ ଜନସାଧାରଣ ମାନେ ଟୁପୁରୁ ଟାପର ହେଉଛନ୍ତି।

## ୭୨ ଲିଟର ବିଦେଶୀ ମଦ ଜବତ, ଦୁଇ କୋର୍ଟ ଚାଲାଣ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍ ) : ଖପ୍ରାଖୋଲ ଥାନା ପୋଲିସ ଗୁରୁବାର ମଧ୍ୟାହ୍ନରେ ପେଟ୍ରୋଲିଙ୍ଗ କଲାବେଳେ ଖପ୍ରାଖୋଲ ପାଟଣାଗଡ ରାସ୍ତା ଗମ୍ଭାରୀ ଛକ ଠାରେ ତନଖି ବେଳେ ଏକ ମୋଟର ସାଇକେଲରେ ବିଦେଶୀ ମଦ ଚାଲାଣ ହେଉଥିବା ବେଳେ ଜବତ କରିଥିଲେ। ତନଖି ବେଳେ ୭୨ ଲିଟର ବିଦେଶୀ ମଦ ଜବତ ହୋଇଥିବା ବେଳେ ଏକ ମୋଟର ସାଇକେଲ ଜବତ ହୋଇଛି। ବେଆଇନ ମଦ ଚାଲାଣ ଅଭିଯୋଗରେ ଦୁଇ ଜଣକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି। ଗିରଫ ଦୁଇଜଣ ହେଲେ ଝାରଖଣ୍ଡ ଲଟେହର ଜିଲ୍ଲାର ଗୋବର୍ଦ୍ଧନ ସିଂ (୨୬) ଓ ପାଟଣାଗଡର ଶଙ୍କର ଯୁଗୁନିଆ (୪୨) ବୋଲି ପୋଲିସ ସୂଚନା ଦେଇଥିବା ବେଳେ ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୫୫/ ୨୫ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।

## ବାଲଡା ବକ୍ସାଇଟ ଖଣି ନିମନ୍ତେ ଜନଶୁଣାଣି



କୋରାପୁଟ, (ଭାସ୍କର ନ୍ୟୁଜ) : ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନନ୍ଦପୁର ବାଲଡା ବକ୍ସାଇଟ ଖଣି ନିମନ୍ତେ ଜନଶୁଣାଣି ଆୟୋଜିତ ହୋଇଯାଇଛି । ନନ୍ଦପୁର ତହସିଲ ଅନ୍ତର୍ଗତ ଭେଜା, ବାଲଡା, ବାଡେଲ, ଅତଣ୍ଡା ଏବଂ କୁଲାବୀର ପଞ୍ଚାୟତର ହଜାର ହଜାର ଲୋକ ଏହି ଜନଶୁଣାଣିରେ ଯୋଗଦେଇଥିଲେ । ଜନଶୁଣାଣିରେ ଗ୍ରାମବାସୀଙ୍କ ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେଇନପାରିବାରୁ ଉଠି ପଳାଇଥିଲେ ଗ୍ରାମବାସୀ । ପୂର୍ବାହ୍ନ ୧୧ଟାରେ ଜନଶୁଣାଣିରେ ଆରମ୍ଭ ହୋଇଥିବା ବେଳେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗାଁର ବହୁ ସଂଖ୍ୟକ ମହିଳା ଓ ପୁରୁଷ ପାରମ୍ପରିକ ବେଶରେ ହାତରେ ପ୍ଲାକାର୍ଡ ଧରି କମ୍ପାନୀ ଓ ସରକାର ବିରୋଧୀ ନାରା ଦେଇ ବାଲଡାରୁ ଚାଲି ଚାଲି ଶିବିର ସ୍ଥଳରେ ପହଞ୍ଚିଥିଲେ। ସେଠାରେ ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣିକୁ ବିରୋଧ କରିଥିଲେ । ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ କରିବା ସହ ନିଜ ଡଙ୍ଗର ଛାଡିବୁ ନାହିଁ ବୋଲି କହିଥିଲେ। ଗ୍ରାମର ଅଜୟ ମୁଦୁଲି ବହୁ ସାମ୍ବିଧାନିକ ନିୟମକୁ ନେଇ ପ୍ରଶ୍ନ ବାଣରେ ଅଧିକାରୀଙ୍କୁ ଛନ୍ଦିବା ସହ ସାମ୍ବିଧାନିକ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା କହିଥିଲେ । ଯେପରି ସମ୍ବିଧାନ ନିୟମ ମୁତାବକ ସିଡୁଲ୍ ୫ ଏରିଆରେ ଥିବା ଜମିକୁ କେହି ଅଣ ଆଦିବାସୀ କିଣିପାରିବେ ତଥା ଲିଜ୍ ନେଇପାରିବେ ନାହିଁ ବୋଲି ଉଲ୍ଲେଖ ଥିବାବେଳେ ସରକାର ଏହି ଆଇନର ଉଲ୍ଲଂଘନ କରିଛନ୍ତି ବୋଲି କହଥିଲେ। ତା ଛଡା ଆଦାନୀ ଗ୍ରୁପ ଆଦିବାସୀ କି ବୋଲି ପ୍ରଶ୍ନ କରିଥିଲେ । ଶେଷରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ତାଙ୍କ ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେଇନପାରିବାରୁ ଉପସ୍ଥିତ ଗ୍ରାମବାସୀ ଶିବିର ଛାଡି ଚାଲି ଯାଇଥିଲେ। ପ୍ରକାଶ ଯେ, ହାଡିପୁଟ ନିକଟ ବାଲଡାର ଗ୍ରାମର ୧୪୪.୯୪୫ ହେକ୍ଟର ଜମି ତଥା ଭେଜା ମୌଜା ଖାତା ନଂ ୨୭ ପ୍ଲଟ ନଂ ୨୨୫ରେ ଥିବା ୨.୪୮ଏକର ଅଞ୍ଚଳରୁ ବକ୍ସାଇଟ ଉତ୍ତୋଳନ ପାଇଁ ଆଦାନୀ ଗ୍ରୁପ ଲିଜ୍‌ଧାରୀ ମେସର୍ସ କଳିଙ୍ଗ ଆଲୁମିନା ଲିମିଟେଡ୍‌କୁ ଦିଆଯାଇଛି । ଯାହାର ବାର୍ଷିକ ଉତ୍ତୋଳନ କ୍ଷମତା ୪ମିଲିୟନ ଟନ୍ (ଏମଟିପିଏ) ଏବଂ ପିଟ ହେଡ ଘଣ୍ଟା ପ୍ରତି ୮୦୦ ଟନ୍ (ଟିପିଏଚ) କ୍ରସ୍ ସ୍କ୍ରିନିଂ ରହିଛି। ଏହାର ପ୍ରଭାବରେ ନନ୍ଦପୁର ତହସିଲର ପାର୍ଶ୍ୱବର୍ତ୍ତୀ ୫ ପଞ୍ଚାୟତ ଯଥା ଭେଜା, ବାଲଡା, ଅତଣ୍ଡା, ବାଡେଲ ଓ କୁଲାବୀରର ପ୍ରାୟ ୨୧ରୁ ଅଧିକ ଗାଁର ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବେ । ଅନୁଷ୍ଠିତ ଜନ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୋରାପୁଟ ଅଧିକାରୀ ଦିପେଶ ବିଶ୍ୱାଳ ଉପସ୍ଥିତ ଥିଲେ। କୌଣସି ଅପ୍ରତିକର ପରିସ୍ଥିତିକୁ ଏଡାଇବାକୁ କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ୮ଡିଏସପି,୧୭ ଇନ୍ସପେକ୍ଟର ଓ ପ୍ରାୟ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।

## ନୂତନ ଭାରତର ନୂତନ ଆଇନ୍ କର୍ମଶାଳା



ବୋଲଗଡ, (ଭାସ୍କର ନ୍ୟୁଜ୍ ) : ଖୋର୍ଦ୍ଧା ଜିଲ୍ଲା ପୋଲିସ ଆରକ୍ଷି ଅଧୀକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଓ ବୋଲଗଡ ଥାନା ଆନୁକୂଲ୍ୟରେ ନୂତନ ଅପରାଧିକ ଆଇନ ସଚେତନତା ଶିବିର ଓ ନୂତନ ଭାରତର ନୂତନ ଆଇନ କର୍ମଶାଳା ଗୁରୁବାର ଦିନ ବୋଲଗଡ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବୋଲଗଡ ଥାନା ଭାରପ୍ରାପ୍ତ ଅଧିକାରିଣୀ ସିଙ୍ଗଧାମୟୀ ବରାଳ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇ ଉପସ୍ଥିତ ଭଦ୍ର ବ୍ୟକ୍ତି ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଥାନାର ଦ୍ୱିତୀୟ ପୋଲିସ ଅଧିକାରିଣୀ ଲିଲି ପାଢ଼ୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଇଂରେଜ ଶାସନରଦଣ୍ଡବିଧି ଆଇନକୁ ପରିବର୍ତ୍ତନ କରାଯାଇ ନୂତନ ଭାରତର ନୂତନ ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।ଏହି ସଚେତନ ତା ଶିବିରରେ ବୋଲଗଡ ବ୍ଲକ ଅଞ୍ଚଳର ସମସ୍ତ ସାମ୍ବାଦିକ, ବରିଷ୍ଠ ନାଗରିକ, ସରପଞ୍ଚ, ସମିତି ସଭ୍ୟ, ଆଇନଜୀବୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମାଜସେବୀ, ବୁଦ୍ଧିଜୀବୀ ଓ ଶିକ୍ଷାବିତ ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମାଜରେ ଦିନକୁ ଦିନ ଘଟୁଥିବା ଡକାୟତି, ରାହାଜାନି, ଚୋରି, ନାବାଳିକା ଧର୍ଷଣ ବେଆଇନ ଭାବେ ଗାଡି ଚାଳନା, ଟ୍ରାଫିକ ନିୟମକୁ ଉଲ୍ଲଘଂନ କରିବା ଇତ୍ୟାଦି ସମ୍ପର୍କରେ ବୋଲଗଡ ଥାନା ଅଧିକାରୀଣ ଶ୍ରୀମତୀ ବରାଳ ପୁଙ୍ଖାନୁପୁଙ୍ଖ ଭାବେ ଲୋକ ମାନଙ୍କୁ ବୁଝାଇଥିଲେ। ସମସ୍ତ ଜନସାଧାରଣ ପୋଲିସ ବାହିନୀକୁ ସହଯୋଗ କଲେ ପୋଲିସ ନିଶ୍ଚିତ ଭାବେ ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିପାରିବ ବୋଲି ଥାନା ଅଧିକାରିଣୀ ଶ୍ରୀମତୀ ବରାଳ ଅନୁରୋଧ କରିଥିଲେ। ସମସ୍ତ ଜନସାଧାରଣ ଓ ମହିଳା ମାନେ ସଚେତନ ହେଲେ ସମାଜରେ ଆଇନ ଶୃଙ୍ଖଳା ଶାନ୍ତ ରହିବ ଓ କୁକାର୍ଯ୍ୟ ତଥା ବିଶୃଙ୍ଖଳା ଦୁରେଇ ଯିବ ବୋଲି ଶ୍ରୀମତୀ ବରାଳ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଇଂରେଜ ସମୟର କଡା ଦଣ୍ଡ ବିଧାନ ପରିବର୍ତ୍ତନ କରାଯାଇ ନୂତନ ଭାରତର ନୂତନ ଆଇନ ଅନୁସାରେ ଆସାମୀ ମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବ ବୋଲି ଆଇନଜୀବୀ ବୀର କିଶୋର ଦାସ ସୂଚନା ଦେଇଥିଲେ। ପ୍ରତ୍ୟେକ ଗ୍ରାମପଞ୍ଚାୟତ ସ୍ତରରେ ଲୋକମାନଙ୍କୁ ଓ ମହିଳା ମାନଙ୍କୁ ଆଇନ ସଚେତନତା କର୍ମଶାଳା ମାଧ୍ୟମରେ ନୂତନ ଭାରତର ନୂତନ ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରାଗଲେ ଗ୍ରାମାଞ୍ଚଳର ସମସ୍ତ ଜନସାଧାରଣ ସଚେତନ ହୋଇ ପାରିବେ ବୋଲି ବହୁ ବରିଷ୍ଠ ନାଗରିକ ମାନେ ମତ ପ୍ରକାଶ କରିଥିଲେ। ପରିଶେଷରେ ସବ୍‌ଇନ୍ସପେକ୍ଟର ପ୍ରମୋଦ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ଏଏସ୍‌ଆଇ ପ୍ରସନ୍ନ କୁମାର ଦଳେଇ ସମେତ ଥାନାର ସମସ୍ତ କର୍ମଚାରୀ ମାନେ ସହଯୋଗ କରି ପରିଚାଳନା କରିଥିଲେ।



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ସଦରବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମପଞ୍ଚାୟତ ସେଣ୍ଡକାପ ଗ୍ରାମରେ ଥିବା ଟ୍ୟାବ, ନଳକୂପ ଗୁଡିକରେ ବ୍ୟବହୃତ ହେଉଥିବା ପାଣି ଜମା ହୋଇ ରହିଥିବାରୁ ପୁତି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥାଏ। ଏହାର ସମାଧାନ ପାଇଁ ଠିକାଦାରଙ୍କ ଦ୍ୱାରା ଡିସେମ୍ବର ମାସରୁ ୧୨ଫୁଟ ଗର୍ତ୍ତ କରାଯାଇଥିଲା କିନ୍ତୁ ଦୁର୍ଭାଗ୍ୟର ବିଷୟ ଦୀର୍ଘ ୩ ମାସରୁ ଊର୍ଦ୍ଧ୍ୱ ହେବ ଉକ୍ତ ଗର୍ତ୍ତଗୁଡିକ ଆଜି ପର୍ଯ୍ୟନ୍ତ ମୁକୁଳା ହୋଇ ପଡ଼ିରହିଛି। କେତେକ ସାହିରେ ରିଂଗ ବସା ଯାଇଥିବାବେଳେ ଢାଙ୍କୁଣୀ ଲଗାଯାଇ ନାହିଁ। ସମସ୍ତ ସାହିରେ ଗର୍ତ୍ତ କାମ ସରି ଯାଇଥିବାବେଳେ କାହିଁ କେତୋଟି ଗର୍ତ୍ତରେ ରିଙ୍ଗ ବସା ଯାଇଛି ଆଉ ବହୁତ ଗର୍ତ୍ତ ଭାଙ୍ଗି ରୁଜି ଗଲାଣି। ରିଙ୍ଗ ବସା ଯାଇଥିବା ଗର୍ତ୍ତ ଗୁଡିକରେ ଢ଼ାଙ୍କୁଣୀ ଆଜି ପର୍ଯ୍ୟନ୍ତ ଲଗାଯାଇ ନାହିଁ। ଯାହା ଫଳରେ ଗାଈ ବଳଦ ପଶୁଜନ୍ତୁ ଉକ୍ତ ଗର୍ତ୍ତରେ ପଡ଼ି ଯିବା ସମ୍ଭାବନା ଦେଖା ଯାଉଥିବାବେଳେ ଉକ୍ତ ଗର୍ତ୍ତ ପାଇଁ କୋମଳମତୀ ଛୁଆଁଙ୍କ ଜୀବନ ପ୍ରତି ବିପଦ ଦେଖା ଯାଇଛି। ଏଣୁ ବିଭାଗୀୟ ଅଧିକାରୀ ୩ ମାସରୁ ଊର୍ଦ୍ଧ୍ୱ ହେବ ମୁକୁଳା ହୋଇ ପଡି ରହିଥିବା ଉକ୍ତ ଗର୍ତ୍ତ ଗୁଡିକରେ ରିଙ୍ଗ, ଢାଙ୍କୁଣୀ ବସାଇବାର ବ୍ୟବସ୍ଥା କରିବାକୁ ଶମ୍ଭୁନାଥ ନାଏକ, ହାଡିବନ୍ଧୁ ନାଏକ, ମଟୁ ନାଏକ, ରଞ୍ଜିତା ବେହେରା, ରୁକ୍ମଣୀ ମହାନ୍ତ, ପୁଷ୍ପାଞ୍ଜଳି ବେହେରା, ପିଙ୍କି ବେହେରା, ଶ୍ରୀମତୀ ମହାନ୍ତ, ଯାଇଫୁଲ ଘନା ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

# ଶୃଙ୍ଖଳାର ସହ ସମ୍ପନ୍ନ ହେଲା ଦଶମ ବୋର୍ଡ ପରୀକ୍ଷା

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟରେ ଦଶମ ବୋର୍ଡ ପରୀକ୍ଷା ସମ୍ପନ୍ନ ହୋଇଯାଇଥିବା ବେଳେ ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ୧୦ଟି ବୋର୍ଡ ପରୀକ୍ଷା ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ବ୍ଲକର ୧୦ଗୋଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୬୫୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଧାର୍ଯ୍ୟ ରହିଥିବାବେଳେ ଏମାନଙ୍କ ମଧ୍ୟରୁ ପରୀକ୍ଷା ଆରମ୍ଭରୁ କୌଣସି କାରଣରୁ ୩୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇନଥିବା ସୂଚନା ମିଳିଛି। ଅବଶିଷ୍ଟ ୧୬୧୮ଜଣ ପରୀକ୍ଷାର୍ଥୀ ଶଙ୍ଖଳାର ସହ ପରୀକ୍ଷା ଦେଇଛନ୍ତି। ବ୍ଲକରେ ହୋଇଥିବା ୧୦ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ମୁକ୍ତାପଶି ଅଞ୍ଚଳ ହାଇସ୍କୁଲରେ ୧୯୪ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ଏମାନଙ୍କ ମଧ୍ୟରୁ ୫ଜଣ ଅନୁପସ୍ଥିତ ରହିଥିବା ବେଳେ ବାରିହାପୁର ସରକାରୀ ହାଇସ୍କୁଲ ୧୭୧ରୁ ୨ଜଣ ଅନୁପସ୍ଥିତ, ସରକାରୀ ନୋଡାଲ ହାଇସ୍କୁଲ କଙ୍କଡାସୋଡ଼ା ୧୩୩ରୁ ୬ଜଣ ଅନୁପସ୍ଥିତ, ମହେନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରଜଙ୍ଗ ୨୧୨ରୁ ୩ଜଣ ଅନୁପସ୍ଥିତ, ଲୋଧଣି ହାଇସ୍କୁଲ ୧୫୩ରୁ ୫ଜଣ ଅନୁପସ୍ଥିତ, ରୋଡ ପଞ୍ଚାୟତ ହାଇସ୍କୁଲ କୁନ୍ଦନଦେଇପୁର ୧୩୨ରୁ ୪ଜଣ ଅନୁପସ୍ଥିତ, ସାଆନ୍ଦା ହାଇସ୍କୁଲ ୧୪୨ରୁ ୨ଜଣ ଅନୁପସ୍ଥିତ, ବିଶ୍ୱେଶ୍ୱର ବିଦ୍ୟାପୀଠ ମୁଣ୍ଡେଇଲୋ ୧୬୪ରୁ ୨ଜଣ ଅନୁପସ୍ଥିତ, ଅଷ୍ଟଶମ୍ଭୁ ବିଦ୍ୟାନିକେତନ କୁଆଲୁ ୧୪୯ରୁ ୧୪୯, ରାମେଶ୍ୱର ନୋଡାଲ ହାଇସ୍କୁଲ ଦଦରାଘାଟି ଆଖୁଆପାଳ ୨୦୦ରୁ ୩ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ଶୃଙ୍ଖଳା ରଖିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ବ୍ଲକ ଶିକ୍ଷାଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ତରଣୀ କୁମାର ସିଂହ, ତହସିଲଦାର, ଅତିରିକ୍ତ ତହସିଲଦାର, ପରୀକ୍ଷା କେନ୍ଦ୍ର ସ୍କ୍ୱାର୍ଡ ଦାୟିତ୍ୱରେ ଥିବା ଅଧିକାରୀ, ସୁପରିଟେଣ୍ଡେଣ୍ଟ, ପ୍ରଧାନଶିକ୍ଷକ, ବିଦ୍ୟାଳୟ ଓ ଅନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ ପରୀକ୍ଷା କେନ୍ଦ୍ର ପରିଚାଳିତ ହୋଇଥିବାବେଳେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିଥିଲେ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

# 'ନାରୀଙ୍କୁ ସମସ୍ତେ ଉପଯୁକ୍ତ ସମ୍ମାନ ଦେବା ଉଚିତ୍'




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : ଜିଲ୍ଲା ପ୍ରଶାସନର ସମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ଆଇନସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନହଲ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ନାରୀ ଏବଂ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଆମେ ସମସ୍ତେ ଏକାଠି ହୋଇ ହାତକୁ ହାତ ମିଳାଇ ପ୍ରୟାସ ଜାରି ରଖିଲେ ସମାଜର ଉନ୍ନତି ସମ୍ଭବ ହୋଇପାରିବ। ପୁରାଣ କାଳରେ ମଧ୍ୟ ନାରୀମାନଙ୍କୁ ଶ୍ରେଷ୍ଠ ସମ୍ମାନ ଦିଆଯାଉଥିଲା। ତେଣୁ ପ୍ରତ୍ୟେକ ନାରୀଙ୍କୁ ସମସ୍ତେ ଉପଯୁକ୍ତ ସମ୍ମାନ ଦେବା ଉଚିତ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ଯୋଗଦେଇ ନିଜ ଅନୁଭୂତିରୁ କହିଥିଲେ ଯେ ୨୫ବର୍ଷ ବୟସରେ ସେ ଆଜି ବିଚାର ବିଭାଗୀୟ ସେବା ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଯାହା ପଛରେ ତାଙ୍କ ମାଆଙ୍କ ସହିତ ପିତାଙ୍କର ମଧ୍ୟ ଯଥେଷ୍ଟ ଭୂମିକା ରହିଛି। ଆଜି ଦେଶର ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ବହୁ ଉଚ୍ଚ ପଦପଦବୀରେ ମହିଳାମାନେ ଆସୀନ ହୋଇ ଦେଶ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମହିଳାମାନଙ୍କର ଅଳଙ୍କାର ପ୍ରତି ଯେତିକି ଆଗ୍ରହ ରହିଛି ଜ୍ଞାନ ବୃଦ୍ଧି ନିମନ୍ତେ ସେତିକି ଆଗ୍ରହ ରହିଲେ ସେମାନେ ସମାଜର ପ୍ରମୁଖ ସ୍ଥାନରେ ପହଞ୍ଚି ପାରିବେ। ଅନ୍ୟତମ ଅତିଥି ଭାବେ ନଗରପାଳ ସରିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଭାରତୀ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସଚିଦାନନ୍ଦ ମିଶ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ନୃପେନ ଶତପଥୀ, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଆରତୀ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାଲ୍ୟବିବାହ ଜିଲ୍ଲା ସଂଯୋଜକ ଅମିତା ସିଂ, ମମତା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ମନୋରଞ୍ଜନ ଦାସ, ପୋଷଣ ଜିଲ୍ଲା ସଂଯୋଜକ ସଞ୍ଜୟ ପାତ୍ର, ମମତା କାର୍ଯ୍ୟକ୍ରମ ସହକାରୀ ଶୁଭେନ୍ଦୁ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସେବା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଶିଶୁ ବିକାଶ ଯୋଜନା ଅଧିକାରୀ, କ୍ଷେତ୍ର ପରିଦର୍ଶକ, ଅଙ୍ଗନୱାଡି କର୍ମୀ ଓ ସହକାରୀମାନଙ୍କୁ ପ୍ରମାଣ ପତ୍ର, ମୋମେଣ୍ଟୋ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ଡିପିସି ମମତା ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁବିକାଶ ଯୋଜନା ଅଧିକାରୀ, କ୍ଷେତ୍ରପରିଦର୍ଶିକା, ଅଙ୍ଗନୱାଡିକର୍ମୀ, ସହାୟିକାମାନେ ଉପସ୍ଥିତ ଥିଲେ।

# ଚାଷୀ ଶ୍ରମିକ ସଂଘ ପକ୍ଷରୁ ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ତହସିଲରେ ନୂତନ ଭାବେ ଯୋଗଦାନ କରିଥିବା ତହସିଲଦାରଙ୍କୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଭେଟି ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ କୃତିବାସ ଦାସ, ସଭ୍ୟ ଭରତ ସିଂ, ରବିନ୍ଦ୍ର ମହାରଣା, କମଳ ମହାନ୍ତି, ଗୋବିନ୍ଦ ବାରିକ, ଗୋପିନାଥ ମଲିକ, ଆଦିକନ୍ଦ ବଳ, ଅକ୍ଷୟ କୁମାର ତ୍ରିପାଠୀଙ୍କ ସମେତ ବହୁ ସଂଘର ବହୁ ସଭ୍ୟ ଛତାସ୍ଥିତ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ନୂତନ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହିତ ଡେରାବିଶ ତହସିଲ ଅଧିନସ୍ଥ ସମସ୍ତ ଚାଷୀମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନେବାକୁ ତହସିଲଦାର ଶ୍ରୀ ନାୟକଙ୍କୁ ଅନୁରୋଧ କରିଥିଲେ।

### ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

# ନାବାଳିକା ୫ମାସର ଗର୍ଭବତୀ, ଯୁବକ ଫେରାର

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା। ଆଉ ଏହି ସମୟ ମଧ୍ୟରେ ଯାହା ସବୁ ଘଟିଗଲା, ତା' କହିଲେ କୁଳ କୁଟୁମ୍ବକୁ ଲାଜ, ନକହିଲେ କୁଳ ଭାସିଯାଉଛି। ନାବାଳିକା ଟିଏ, କ'ଣ ବା ଜାଣିଥିଲା ତା' ଜୀବନରେ ଘଟିଯିବ ଏତେ ବଡ଼ ଘଟଣା। ନର ପିଶାଚଟିଏ ନିଜ ଯୌନ କ୍ଷୁଧା ମେଣ୍ଟାଇବା ପାଇଁ ବାଛିନେଲା ନାବାଳିକାକୁ। ଯଦିଓ ଝିଅଟି ସେଇ ନର ରାକ୍ଷାସ କବଳରୁ ବର୍ତ୍ତିଯାଇଛି, କିନ୍ତୁ ବଦଳି ଯାଇଛି ସେହି ନିରୀହ ଝିଅଟିର ଜୀବନର ମୋଡ଼। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧୀନ ଏକ ଅଞ୍ଚଳରେ ଜଣେ ନାବାଳିକା ଝିଅ (୧୬)କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା। ନାବାଳିକା ଜଣକ ୫ ମାସର ଗର୍ଭବତୀ, ଏ ନେଇ ନାବାଳିକା ଜଣକ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଖବର ମୁତାବକ ଅସ୍ତରଙ୍ଗ ଥାନା ଅଞ୍ଚଳର ଜୟକୃଷ୍ଣ ବେହେରା (୨୫) ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣକ ବାରଣ କରିବା ସତ୍ତ୍ୱେ ବାରମ୍ବାର ଏପରି ଶାରୀରିକ ସମ୍ପର୍କ ରଖୁଥିଲା



ଯୁବକ। କିନ୍ତୁ ନାବାଳିକା ଜଣକୁ ଗର୍ଭବତୀ ହେବାରୁ ବିବାହ କରିବାକୁ ମନା କରିଦେଇଥିଲା ଉକ୍ତ ଯୁବକ। ଏହା ଶହ ଗର୍ଭ ନଷ୍ଟ କରିବାକୁ କିଛି ଅର୍ଥ ମଧ୍ୟ ଦେଇଥିଲା। କିନ୍ତୁ ନାବାଳିକା ୫ମାସର ଗର୍ଭବତୀ ହେବା ପୀଡିତାଙ୍କ ପରିବାର ଲୋକ ଜାଣିବା ପରେ ପରିବାର ଲୋକଙ୍କ ଶହ ନାବାଳିକା ଜଣକ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଥାନାରେ ପହଞ୍ଚି ପ୍ରେମିକ ଜୟକୃଷ୍ଣ ବେହେରାଙ୍କ ବିରୋଧରେ ଅସ୍ତରଙ୍ଗ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା କରି ପୀଡିତାଙ୍କ ଏତଲାକୁ ଭିତ୍ତିକରି ଅସ୍ତରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ପରିବେଶ ସଚେତନତା ଏବଂ ଜଙ୍ଗଲ ନିଆଁ ପ୍ରଶମନ କାର୍ଯ୍ୟକ୍ରମ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଆମ୍ବଡୋଲୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତି ଶତପଥୀଙ୍କ ଅଧ୍ୟକ୍ଷତାରେ ପରିବେଶ ସୁରକ୍ଷା, ଆମରି ଦୀକ୍ଷା ଏବଂ ଜଙ୍ଗଲ ନିଆଁ ପ୍ରଶମନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପରିବେଶ ପ୍ରେମୀ ଶୂଳପାଣି ଶତପଥୀ, ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବନ ସୁରକ୍ଷା ହିଁ ଜନ ସୁରକ୍ଷା ଏବଂ 'ରହିଲେ ବନ ବଞ୍ଚିବେ ଜନ' ଏହି ମୁଖ୍ୟ କଥା ଗୁଡିକୁ ଗୀତ ଏବଂ ସ୍ଲୋଗାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ। ଜଙ୍ଗଲ ନିଆଁ ମନୁଷ୍ୟକୃତ, ଆମ ଅସାବଧାନତାରୁ ବଣଜଙ୍ଗଲ ନଷ୍ଟ ହେଉଛି। ବନ୍ୟଜନ୍ତୁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ମୁଖ୍ୟ ଅତିଥି ଜଙ୍ଗଲ କ୍ଷୟର ମୁଖ୍ୟ ଚାରି କାରଣ ଯଥା, ଜଙ୍ଗଲରେ ନିଆଁ, ଜଙ୍ଗଲରୁ ଚୋରି, ଜବରଦଖଲ ଏବଂ ଚତୁର୍ଥ କାରଣ ଅବାଧ ଗୋ ଚାରଣ ବାବଦରେ ବୁଝାଇ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ଅଚ୍ୟୁତ କୁମାର ବ୍ରହ୍ମା ସହଯୋଗ କରିଥିବା ବେଳେ ଗ୍ରାମର ପରିବେଶପ୍ରେମୀ ତଥା ନାଏବ ସରପଞ୍ଚ ଭରତ ବିଷୋୟୀ ବୃକ୍ଷରୋପଣ ଏବଂ ମା' ପାଇଁ ଗଛଟିଏ ବାବଦରେ ଆଲୋଚନା କରିଥିଲେ। ଚାରା ବଣ୍ଟନ ଏବଂ ବିଦ୍ୟାଳୟରେ ଗଛ ଗୁଡିକର ଯତ୍ନନେବା ସକାଶେ ସମସ୍ତେ ଶପଥପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଧାନ ଶିକ୍ଷୟତ୍ରୀ ପ୍ରଶାନ୍ତିନି ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## କୋଇଲା ପରିବହନରେ ପାତରଅନ୍ତର ନୀତି ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେରର ବିଭିନ୍ନ ଖଣିରୁ ରୋଡ଼ସେଲ୍ ମାଧ୍ୟମରେ ବାହାରକୁ ରପ୍ତାନୀ ହେଉଥିବା କୋଇଲା ସାଧାରଣତଃ ଟ୍ରକ ମାଧ୍ୟମରେ ହୋଇଥାଏ। ଟ୍ରକର ପରିବହନ ହେଉଥିବା କୋଇଲା ଖଣିରେ ପ୍ରଥମେ ସୁରକ୍ଷାକର୍ମୀଙ୍କ ଉପସ୍ଥିତିରେ ଖାଲିଟ୍ରକ ଭିତରକୁ ଛଡ଼ା ଯାଇ ଖାଲି ଏବଂ ଲୋଡ଼ ଗାଡ଼ିକୁ ଓଜନ କରାଯାଇ କୋଇଲା ପରିବହନ କରାଯାଉଛି, କିନ୍ତୁ କୋଲୱାସେରୀ, ନବଭାରତ ପ୍ଲାଣ୍ଟ ପାଇଁ ସେଭଳି କିଛି କରାଯାଉ ନାହିଁ। ପରିତାପର ବିଷୟ ଅନ୍ୟ ଗାଡ଼ି ଲୋଡ଼ ପାଇଁ ଯଦି ସାମାନ୍ୟ ଟିକେ ତ୍ରୁଟି ହେଲେ ଗାଡ଼ିକୁ କଳାତାଲିକା ଅନ୍ତର୍ଭୁକ୍ତ କରାଯିବା କେତେ ଦୂର ଯୁକ୍ତିଯୁକ୍ତ। ତେଣୁ ନିୟମ ସମସ୍ତଙ୍କ ପକ୍ଷେ ସମାନ ଭାବରେ ଲାଗୁ ହେବାର ଆବଶ୍ୟକତା ରହିଛି ବୋଲି ତାଳଚେର ଟ୍ରକ ମାଲିକ ସଂଘର ସଭାପତି ଅରବିନ୍ଦ ଭୂତିଆ ଏକ ଲିଖିତ ଦାବିପତ୍ର ତାଳଚେର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ମଧୁସାଗର ମହୋତ୍ସବର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆର ମଧୁସାଗର ମହୋତ୍ସବ ୨୦୨୫ର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଆଜି ବାଲିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ପ୍ରସିଦ୍ଧ ବାଲିଆ ମେଳଣର ପରଦିନ ଠାରୁ ଅନୁଷ୍ଠିତ ହୋଇଆସୁଥିବା ଏହି ମହୋତ୍ସବ ଚଳିତ ମାସ ୨୦, ୨୧ ଓ ୨୨ ତିନିଦିନ ଧରି ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ମହୋତ୍ସବ କମିଟିର ସଭାପତି ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ମଦନମୋହନ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ନାରାୟଣ ସ୍ୱାଇଁ ଗତ ବର୍ଷର ଆୟବ୍ୟୟର ହିସାବ ଦେବା ସହିତ ମହୋତ୍ସବ କମିଟିର ଜମାଖାତାରେ ଥିବା ଗଚ୍ଛିତ ଅର୍ଥ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ବୟୋଜ୍ୟେଷ୍ଠ ପରାମର୍ଶଦାତା ଦାମୋଦର ତ୍ରିପାଠୀ, କିଶୋର ଚନ୍ଦ୍ର ମଲିକ, ଗୁରୁଚରଣ ମହାପାତ୍ର, ପ୍ରମୋଦ କୁମାର ସାହୁ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ଉତ୍ସବରେ ଅତିଥି ଭାବରେ ବିଭୁଦତ ମିଶ୍ର ଓ ନରେନ୍ଦ୍ର କୁମାର ବେହେରା ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଥିବା ନେଇ ସଭାପତି ଡକ୍ଟର କାନୁନ୍‌ଗୋ ପ୍ରକାଶ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୦ଗୋଟି ସାଂସ୍କୃତିକ ଦଳ ଯୋଗଦେବା ପାଇଁ ସମ୍ମତି ଦେଇଥିବା କମିଟିର ସାଂସ୍କୃତିକ ସମ୍ପାଦକ ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡା ପ୍ରକାଶ କରିଥିଲେ। ବିଭିନ୍ନ ପ୍ରସଙ୍ଗ ଉପରେ ଶରତ କୁମାର ଆଚାର୍ଯ୍ୟ, ବସନ୍ତ କୁମାର ଜେନା, ସୋମନାଥ ସ୍ୱାଇଁ, ନଗେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିସହିତ ବାଲିଆ ସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଥିବା ସମସ୍ୟା ଉପରେ ମଧ୍ୟ ବୈଠକରେ ସଦସ୍ୟମାନେ ଆଲୋଚନା କରିଥିଲେ। ଏଥିସହିତ ବଳଦେବ ସାଂସ୍କୃତିକ ପରିଷଦକୁ ନବୀକରଣ କରାଯିବା ପାଇଁ ଆଲୋଚନାରେ ସ୍ଥାନ ପାଇଥିଲା। ଶେଷରେ ହର୍ଷବର୍ଦ୍ଧନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ତଳକମ୍ପଡିହି ମଝିସାହିରେ ପାଣି ସମସ୍ୟା

## ଶୋଷ ମେଣ୍ଟାଉଛି ଚୁଆପାଣି, ନୂତନ ନଳକୂଅ ଖନନ ପାଇଁ ଦାବି

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗ୍ରୀଷ୍ମ ଆରମ୍ଭରୁ ପାଣି ସମସ୍ୟା ଦେଖା ଦେଇଛି। ଲୋକେ ପାଣି ପାଇଁ ଡହଳବିକଳ ହୋଇ ପଡିଛନ୍ତି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ତଳକମ୍ପଡିହି ମଝିସାହିରେ ଥିବା ଗୋଟିଏ ନଳକୂଅ ଦୀର୍ଘ ୫/୬ବର୍ଷ ହେଲାଣି ଅଚଳ ହୋଇଯାଇଛି। ମହିଳାମାନେ ରାତି ଦୁଇଟାରୁ ହେଣ୍ଡେଲ ମାରିଲେ ବାଲଟିଏ ପାଣି ବାହାରିଲେ ଆଉ ଜମା ପାଣି ବାହାରୁନାହିଁ। ଫଳରେ ଏଠାରେ ବସବାସ କରୁଥିବା ୩୦ପରିବାରର ୧୫୦ରୁ ଊର୍ଦ୍ଧ୍ୱ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଉପାୟ ନପାଇ ମହିଳାମାନେ ନିକଟରେ ଥିବା ବେତଝରୀନାଳରୁ ଚୁଆ କରି ଦୂଷିତ ଜଳ ବ୍ୟବହାର କରୁଛନ୍ତି। ତେବେ ଏହା ବ୍ୟବହାର କରିବା ଦ୍ୱାରା ଛୋଟ ପିଲାମାନଙ୍କ ସମେତ ଅନ୍ୟ



ସଦସ୍ୟମାନେ ମଧ୍ୟ ସଂକ୍ରାମକ ରୋଗରେ ପଡୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗତବର୍ଷ ପାଣି ସମସ୍ୟା ନେଇ ବରଦାପାଳ ସରପଞ୍ଚଙ୍କୁ ଅଭିଯୋଗ କରିବା ପରେ ଗ୍ରାମକୁ ୧୫ଦିନ ପାଣି ଟ୍ୟାଙ୍କର ଯୋଗାଇ ଦେଇଥିଲେ। ଚଳିତ ବର୍ଷ ମଧ୍ୟ ଜିଲ୍ଲା ପ୍ରଶାସନ ପାନୀୟ ଜଳ ସମସ୍ୟା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡା ସରକାର ମାଟିତଳେ ପାଇପ୍ ପୋତି ଘରେ ଘରେ ପାନୀୟଜଳ ସୁବିଧା କରୁଥିବାବେଳେ ତଳକମ୍ପଡିହି ମଝିସାହିରେ କେବଳ ପାଇପ୍ ପୋତାଯାଇଛି। ତିନିବର୍ଷ ହେଲାଣି ଟ୍ୟାପ୍ ବସାଯାଇନାହିଁ କି ପାନୀୟ ଜଳ ସୁବିଧା ଆରମ୍ଭ ହୋଇନାହିଁ। ଏଣୁ ତୁରନ୍ତ ଏକ ନୂତନ ନଳକୂଅ ଖନନ ପାଇଁ ଦାବି ହୋଇଛି। ନଚେତ୍ ଲୋକେ ରାଜରାସ୍ତାକୁ ଆନ୍ଦୋଳନ ପାଇଁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ନର୍ମଦା ମହାକୁଡ, ସୁମିତ୍ରା ଦେହୁରୀ, ମାଳତୀ ଦେହୁରୀ, ପର୍ଜନୀ ନାଏକ, ସାଜ ଠାକୁର, ପାକଲି ଦେହୁରୀ, ଫୁଲସରୀ ନାଏକ, ତୁଳସୀ ନାଏକ, କୁଶୁବା ନାଏକ, ପୁଷ୍ପଲତା ଦେହୁରୀ, ରେବତୀ ଦେହୁରୀ, ଦଶମୀ ମହାକୁଡ, ଯୋଶଦା ରବି ମୁଣ୍ଡା, ଜଗନ୍ନାଥ ମୁଣ୍ଡା, ସଞ୍ଜୟ ମହାକୁଡ, ଅଜିତ ମହାକୁଡ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ବିଜେଡି ପକ୍ଷରୁ ଏରସମା ବ୍ଲକ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ବିଜୁ ଜନତାଦଳ ପକ୍ଷରୁ ଗୁରୁବାର ଏରସମା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୫ ତାରିଖିକୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଏହି ଦିବସକୁ ସରକାରୀ ସ୍ତରରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିବା ବେଳେ, ବର୍ତ୍ତମାନର ସରକାର ଆସନ୍ତା ଏପ୍ରିଲ ୨୪ତାରିଖିକୁ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ସରକାରୀ ସ୍ତରରେ ଘୋଷଣା କରିଥିବାରୁ ଏହାର ପ୍ରତିବାଦରେ ବିଜେଡି କର୍ମୀମାନେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏରସମା ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଏଭଳି ନିଷ୍ପତ୍ତିକୁ ତିବ୍ର ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ରାଣୀ ଟୁଡୁ,ପ୍ରଣବ କୁମାର ସ୍ୱାଇଁ, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦିପ୍ତିରଞ୍ଜନ କୁଅଁର, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ହରିହର ଲିଙ୍ଗରାଜ ମହାନ୍ତି, ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ବିଜୟ କୁମାର ପାଳ, ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକ, ସଚ୍ଚିଦାନନ୍ଦ ଦାସ, ଗଦାଧର ମଲ୍ଲିକ୍, ପାର୍ବତୀ ଗୁଡିଆ, ପୂର୍ବତନ ସରପଞ୍ଚ କିଶୋର କୁମାର ପରିଡା, ପ୍ରଦୀପ୍ତ କିଶୋର ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଡିଓ ଦାଶରଥୀ ଜେନାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।



## ହୁତୁହୁତୁ ହୋଇ ଜଳିଗଲା ଜେସିବି

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗୁରୁବାର ଦିନ ପ୍ରାୟ ୧ଟା ସମୟରେ ଧରଣୀଧର ବିଶ୍ୱ ବିଦ୍ୟାଳୟ ପଡ଼ିଆ ଠାରେ ଥିବା ଏକ ଗଛ ମୂଳରେ ଛିଡା ହୋଇଥିବା ଏକ ଜେସିବି ମେସିନ ଓ ଟ୍ରାକ୍ଟରଟି ଠିଆ ହୋଇଥିବା ବେଳେ ହଠାତ ନିଆଁ ଲାଗି ଜେସିବି ହୁତୁହୁତୁ ହୋଇ ଜଳି ଯାଇଥିବାବେଳେ ଟ୍ରାକ୍ଟରରେ ନିଆଁ ଲାଗିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଜେସିବି ମେସିନଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ତେବେ ସେଠାରେ କେହି ବ୍ୟକ୍ତି ଅଳିଆ ଗଦାରେ ନିଆଁ ଲଗାଇବା ଯୋଗୁଁ ଝୁଲ ଉଡି ପ୍ରଥମେ ଜେସିବି ଏବଂ ପରେ ଟ୍ରାକ୍ଟରରେ ନିଆଁ ଲାଗିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି।

# ରାଶିଫଳ

**ଶନିବାର, ୦୮ ମାର୍ଚ୍ଚ ୨୦୨୫**



**ମେଷ:** ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ। ସନ୍ତାନ ଯୋଗେ ଆନନ୍ଦିତ ହେବେ ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଜରୁରି କାର୍ଯ୍ୟ ଓ ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୁଚାରୁରୂପେ ହେବ। ଜାଗା, ଜମି, ଉଚ୍ଚସ୍ତରୀୟ ବାହନ ଆଦି କ୍ରୟ କରିପାରିବେ।



**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଉତ୍ସାହିତ ହେବେ। କେତେକ ଦୀର୍ଘ ଯୋଜନା ସଫଳ କାରଣରୁ ମନ ଭଲ ରହିବ। ବ୍ୟବସାୟ କ୍ଷେତ୍ରରେ ପ୍ରସାର, ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ। ପରିବାରରେ ଖୁସିର ବାତା ବରଣ ସ୍ଥାୟି ରହିବ।



**ମିଥୁନ:** ଗୃହରେ ଧର୍ମକାର୍ଯ୍ୟ ଓ ଧର୍ମାନୁଷ୍ଠାନରେ ଯୋଗଦାନ କରି ପ୍ରଶଂସା ପାଇବେ। ବାଦବିବାଦ, ପ୍ରତିଯୋଗିତା, ପରୀକ୍ଷା ଓ ସାକ୍ଷାତକାରରେ ଉଚ୍ଚ ପ୍ରଶଂସିତ ହେବେ। ପରିବାରର ଉନ୍ନତି ପାଇଁ ପ୍ରୟାସରତ ହେବେ।



**କର୍କଟ:** ସାମାଜିକ ଅନୁଷ୍ଠାନରେ ଯୋଗ ଦେବାର ସୁଯୋଗ ମିଳିବ। ବ୍ୟବସାୟୀମାନେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ପାଇବେ। ଭାବିଚିନ୍ତି କାର୍ଯ୍ୟ ନକଲେ ଠକାମିରେ ପଡି ପାରନ୍ତି।



**ସିଂହ:** ଶୁଭ ସମାଚାର ମିଳିବ ଓ ନିଜଲୋକ ସାହାଯ୍ୟ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ଶରୀର ସୁସ୍ଥ ରହିବାସହ ବିରୋଧୀ ମାନଙ୍କ ମୁଣ୍ଡ ତଳକୁ ହେବ। ବ୍ୟବସାୟୀମାନେ ସାଧୁ ଓ ସଚ୍ଚୋଟ ଭାବେ କର୍ମ ଯୋଗକୁ ଶ୍ରେଷ୍ଠତା କରି ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହେବେ।



**କନ୍ୟା:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ସହଯୋଗ ଯୋଗୁ ସୁନାମ ଅର୍ଜନ କରିବେ। ଉପରିସ୍ଥଙ୍କୁ ଆପଣାର କରି କୃପାଭାଜନ ହେବେ। ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ଆଲୁଅ ଅନ୍ଧାରର ଲୁଚକାଳି ଖେଳର ଅବସାନ ହେବ।



**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇ ମାନସିକସ୍ଥିତି ଭଲ ରହିବ। ଯଥା ସମ୍ଭବ ପ୍ରକୃତିସ୍ଥ ରହି ଅଳ୍ପ ପରିଶ୍ରମରେ ଅଧିକ ଲାଭର ଉପଭୋକ୍ତା ହେବେ। ସାର୍ବଜନୀନ ଓ ବ୍ୟକ୍ତିଗତ ସମ୍ପର୍କରେ ବିକଶିତ ହେବାସହ ଆତ୍ମନିର୍ଭର ଶୀଳ ହେବେ। କାରବାରରେ ସ୍ଥିତି ଠିକ୍ ରହିବା ଯୋଗୁ ବ୍ୟବସାୟ ବଢାଇବାରେ ସମର୍ଥ ହେବେ।



**ବିଛା:** ସମସ୍ତଙ୍କ ପ୍ରତି ସକରାତ୍ମକ ଚିନ୍ତା ଆଗକୁ ବଢିବାରେ ସାହାଯ୍ୟ କରିବ। ଗୁରୁଜନମାନଙ୍କ ଆଦର ପାଇ ପରିବାର ମଧ୍ୟରେ ମୁଖ୍ୟତା ଲାଭ କରିବେ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବେ। ସ୍ୱାସ୍ଥ୍ୟ ଦିଗରୁ ବିଶେଷ ସତର୍କ ରହିବା ଉଚିତ୍ ଓ ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ।



**ଧନୁ:** ସେବାକାରୀ ମାନଙ୍କ ସହଯୋଗରେ ସମ୍ମାନଜନକ ସ୍ଥିତି ପରିଲକ୍ଷିତ ହେବ। ପ୍ରତିଯୋଗିତା ମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବା ସହ ଉଚ୍ଚଶିକ୍ଷା ପ୍ରଚେଷ୍ଟାରେ ସଫଳ ହେବେ। ଜୀବନରେ ଭରପୁର ଆନନ୍ଦ ପାଇଲାଭଳି ଫାଇଦା ଉଠେଇବେ। ବ୍ୟବସାୟ କ୍ଷେତ୍ର ପ୍ରସାରିତ ହେବା ଫଳରେ ଆଶାତୀତ ଲାଭପାଇବେ।



**ମକର:** ସାମ୍ବାଦିକ ମାନଙ୍କର ସମସ୍ତ କ୍ଷେତ୍ରରେ ସଫଳତା ମିଳିବ। ଛାତ୍ରଛାତ୍ରୀ ମାନଙ୍କ ଅଧ୍ୟୟନ କ୍ଷେତ୍ରରେ ସୁନାମ ଅର୍ଜନ କରିବାସହ ବିଦ୍ୟା କ୍ଷେତ୍ରରେ ପ୍ରତିଭାର ବିକାଶ ହେବ। ପାଖରେ ଥିବା ସାଥୀ ଓ ପ୍ରିୟଜନଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ବାଧ ହେବେ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। ଦୂରଯାତ୍ରା କରି ହଇରାଣ ହରକତ ହେବାକୁ ପଡି ପାରେ।



**କୁମ୍ଭ:** ସରକାରୀ କାର୍ଯ୍ୟରେ ସଫଳତା ମିଳିବାସହ ବିଦେଶ ଯାତ୍ରାରେ ଲାଭବାନ୍ ହେବେ। ଦୂରଯାତ୍ରାରେ ବିବାଦମୁକ୍ତ ନିରୁପଦ୍ରବ ଜୀବନଚର୍ଯ୍ୟା ମଧ୍ୟେ ସମୟ ବିତିବ। ବ୍ୟବସାୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ଯୋଜନା ପ୍ରସ୍ତୁତ କରିବେ। ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାରରେ ବିଜୟଲାଭ କରିବେ।



**ମୀନ:** ସାମାଜିକ ସ୍ତରରେ ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ। ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। ପରସ୍ପରକୁ ସାହାଯ୍ୟ ସହଯୋଗ କରି ଉତ୍ତମ ଯୋଜନାବଦ୍ଧ ହେବାର ସମ୍ଭାବନା ଅଛି। ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ବ୍ଲକ ଅନ୍ତର୍ଗତ ଖାଣ୍ଡା ପଞ୍ଚାୟତର ଦେଓପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନଶିକ୍ଷକ ସ୍ୱପନ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରମେଶ ଭତ୍ରା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଲିମାଗୁଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଫନିନ୍ଦ୍ର ଗାଇନ, ବରିଷ୍ଠ ଶିକ୍ଷାବିତ୍ ସପନ ସରକାର, ଧନୁର୍ଦ୍ଧର ଭତ୍ରା, ସିଆରସିସି ଦିଲିପ କୁମାର ରଜକଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରି ସାନ୍ତା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ଶିକ୍ଷକ ଗଣେଶ ରଣା ସଭା ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ସିପୁନ୍ ରାୟ ବିବରଣୀ ପଠନ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ଅବସରରେ ଶିକ୍ଷୟିତ୍ରୀ ଶିଉଳି ରାଣୀ ସର୍ଦ୍ଦାର ଓ ମମତା ଭତ୍ରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ସିପୁନ୍ ରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ସମବାୟ ଅର୍ବାନ୍ ବ୍ୟାଙ୍କର ୯୧ଲକ୍ଷ ଟଙ୍କା ହଡ଼ପ୍ ଘଟଣାକୁ ଦେଢବର୍ଷ ବିତିଲା

# କାର୍ଯ୍ୟାନୁଷ୍ଠାନ କେବେ ?

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ) : ପାରଳାଖେମୁଣ୍ଡି ସମବାୟ ଅର୍ବାନ୍ ବ୍ୟାଙ୍କର ୯୧ ଲକ୍ଷ ଟଙ୍କା ହଡ଼ପ ଘଟଣା ପର୍ଦ୍ଦାଫାସ୍ ହେବାର ଦେଢବର୍ଷ ବିତିଗଲାଣି ।ଏହି ଅବସରରେ ବିଧାନସଭାରେ ପ୍ରସଙ୍ଗ ଉଠିଥିଲା । ଏହି ବିଷୟରେ ଉତ୍ତର ରଖିଥିଲେ ମନ୍ତ୍ରୀ ଏବଂ ପ୍ରତିଶ୍ରୁତି ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବ୍ରହ୍ମପୁର ସମବାୟ ଉପନିବନ୍ଧକ ବିଭାଗୀୟ ସଚିବଙ୍କ ଚିଠି ଲେଖି କ୍ରାଇମବ୍ରାଞ୍ଚ ତଦନ୍ତ ସୁପାରିସ କରିଥିଲେ । ହେଲେ ଏହି ଘଟଣା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ । ପ୍ରକାଶ ଥାଉକି ପାରଳାଖେମୁଣ୍ଡି ସମବାୟ ଅର୍ବାନ୍ ବ୍ୟାଙ୍କକୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ସିକ୍ୟୁରିଟି ଟଙ୍କା ଜମା ପାଇଁ ନିର୍ଦ୍ଦେଶ ଥିଲା । ଏହାର ନିର୍ଦ୍ଦିଷ୍ଟ ମାନଦଣ୍ଡ ଉଲଂଘନ କରି ପାରଳାଖେମୁଣ୍ଡି ଅର୍ବାନ ବ୍ୟାଙ୍କ ସମ୍ପାଦକ କୋଲକାତାର ସାଇକୃପା ଇନଫ୍ରା ଆଣ୍ଡ ସିକ୍ୟୁରିଟିକ୍ କମ୍ପାନିର ଉପସଭାପତି ଦେବେଞ୍ଜି ରାୟଙ୍କୁ ସିକ୍ୟୁରିଟି ବଣ୍ଡ୍ ପାଇଁ ଆକ୍ସିସ ବ୍ୟାଙ୍କ କରିଆରେ ୯୧ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଉକ୍ତ ସଂସ୍ଥା ବ୍ୟାଙ୍କକୁ ବଣ୍ଡ ଦେବା ବଦଳରେ ଠକିଥିବା ଜାଣିବାକୁ ମିଳିଥିଲା । ଅର୍ବାନ୍ ବ୍ୟାଙ୍କ ସମ୍ପାଦକ ଏନେଇ ଉପରିସ୍ଥ ଅଧିକାରୀ କିମ୍ବା ବ୍ୟାଙ୍କର ନିର୍ବାଚିତ ସଭାପତି ଏବଂ ସଭ୍ୟମାନଙ୍କୁ ଜଣାଇନଥିଲେ । ଘଟଣା ସମ୍ପର୍କରେ ବ୍ୟାଙ୍କ ସଭ୍ୟ ଅଭିମନ୍ୟୁ ପଣ୍ଡା ଜାଣିବା ପରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ପଚାରିଲେ , ହେଲେ ଏହି ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଥିଲା । ୨୦୨୩ ସେପ୍ଟେମ୍ବର ମାସରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ପ୍ରଶ୍ନ ନଂ ୮୩୩ ତାରିଖ ୨୭/୦୯/୨୦୨୩ରେ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ । ଏହାର ଉତ୍ତର ରଖି ତତ୍କାଳୀନ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାସହ ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାକୁ ବ୍ରହ୍ମପୁରସ୍ଥିତ ସମବାୟ ଉପନିବନ୍ଧକ ସମବାୟ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ନମ୍ବର ୧୬୯୫ ତା: ୬/୫/୨୦୨୩ ରେ ତଦନ୍ତ ସୁପାରିସ କରିଥିଲେ । ହେଲେ ଏହାର ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋ ଇନଥିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତି ନେଇ ଅଭିଯୋଗ ଉଠିଥିବା ବ୍ୟାଙ୍କ୍‌ର ସମ୍ପାଦକ ଅବସର ନେଲା ପରେ ତାଙ୍କୁ ବ୍ୟାଙ୍କ୍‌ରେ କିଭଳି ପୁନଃନିଯୁକ୍ତି ଦିଆଯାଇଛି ବୋଲି ସଭ୍ୟ ଅଭିମନ୍ୟୁ ପଣ୍ଡା ସନ୍ଦେହ ପ୍ରକଟ କରିଛନ୍ତି । ସାଧାରଣରେ ଶୁଣିବାକୁ ମିଳିଛି ପାରଳାଖେମୁଣ୍ଡି ଆର୍ବନ ବ୍ୟାଙ୍କରେ ୨୦୧୮-୧୯ଠାରୁ ଆଜି ସୁଧା ସାଧାରଣ ବୈଠକ ହୋଇପାରିନାହିଁ । ଇତି ମଧ୍ୟରେ ୨୦୨୨ରେ ନୂତନ ପ୍ରତିନିଧି ନିର୍ବାଚିତ ହୋଇ ତିନି ବର୍ଷ ବିତିଗଲାଣି । ହେଲେ ସୁଧା ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ସାଧାରଣ ବୈଠକ ହୋଇପାରିନାହିଁ । ତେବେ ଏହାର କାରଣ କ'ଣ ଜଣାପଡୁନାହିଁ । ଗୋଟିଏ ପାଖରେ ସାଧାରଣ ବୈଠକ ହୋଇପାରିନାହିଁ ଅନ୍ୟ ପାଖରେ ଦେଖିବାକୁ ଗଲେ ୨୦୨୨-୨୩ବର୍ଷରେ ୯୨ଲକ୍ଷ ଟଙ୍କା ଏକ ବେନାମୀ ସଂସ୍ଥା ଦେଇ ବ୍ୟାଙ୍କ କ୍ଷତି ସହିବାକୁ ପଡିଥିବାବେଳେ ୨୦୨୨-୨୩ ବର୍ଷ ର ଅଡିଟରେ ଏକ କୋଟି ୧୮ ଲକ୍ଷ କ୍ଷତିଗ୍ରସ୍ତ ହୋଇଥିବାବେଳେ, ଏହି ଅଡିଟ ରିପୋର୍ଟରେ ପୁରାତନ ସଭାପତି ମଧ୍ୟ ଟଙ୍କା ଆଦାୟ କରିବା ପାଇଁ କହିଛନ୍ତି । ସେପରି ୨୦୨୩-୨୪, ବାର୍ଷିକ ଅଡିଟରେ ବ୍ୟାଙ୍କ ଲାଭର ପରିମାଣ ପାଖାପାଖି ୬୦ଲକ୍ଷ ଦେଖାଇଛନ୍ତି । ବହୁତ ବଡ ଆଶ୍ଚର୍ଯ୍ୟର ବିଷୟ ବ୍ୟାଙ୍କ ଆଜି ପର୍ଯ୍ୟନ୍ତ କେବେ ହେଲେ ଏପରି ଲାଭ ହୋଇ ନାହିଁ ଯାହାକି ଏହା ସର୍ବସାଧାରଣ ଏହି ଲାଭ ବିଷୟରେ ବିଶ୍ୱସ୍ତ କରି ପାରୁନାହାନ୍ତି ସାଧାରଣ ଗ୍ରାହକ, ଏହି ବ୍ୟାଙ୍କ ଉପରେ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଛି ବୋଲି ସଭ୍ୟ ସଭ୍ୟାମାନଙ୍କ ଠାରୁ ସୂଚନା ମିଳୁଛି ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ରାୟଗଡ(ଭାସ୍କର ନ୍ୟୁଜ) : ରାୟଗଡ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି । ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆର୍‌ଏସ୍ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା । ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ, ଏନ୍‌ଏସି ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ସ୍ୱତନ୍ତ୍ର ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସିଡିଓ ତଥା ଇଓ ଜିଲ୍ଲାପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ବୈଠକରେ ପୁଣିଥରେ ବିଡିଓ ମାନଙ୍କୁ ସୂଚନା ଦେଇଥିଲେ । ଜିଲ୍ଲାର ସମସ୍ତ ଗ୍ରାମରେ ଜଳକ୍ଲିଷ୍ଟ ସ୍ଥାନ ଗୁଡିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବ, ଅଚଳ ନଳକୂପ, ସୌରଚାଳିତ ନଳକୂପଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀଯନ୍ତ୍ରୀଙ୍କୁ କୁହାଯାଇଛି । ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି । ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବାବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଂଚାୟତ ଜନପ୍ରତିନିଧିମାନଙ୍କୁ ନେଇ ଜନସଚେତନତା କରିବା ପାଇଁ କୁହାଯାଇଛି । ଗ୍ରୀଷ୍ମ ଦିନରେ ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ ନ ହେବ, ପଶୁମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ଯାତ୍ରୀବାହୀ ବସ ଯାତାୟତ କରିବା ସମୟ ଓ ଶ୍ରମିକମାନଙ୍କ ସମୟରେ ପରିବର୍ତ୍ତନ କରିବାକୁ କୁହାଯାଇଛି । ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର/ ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ଜିଲ୍ଲାସ୍ତରରେ, ବ୍ଲକ, ଜିଲ୍ଲାସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ ନିୟନ୍ତ୍ରଣ କକ୍ଷ ଖୋଲାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଜିଲ୍ଲାପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ, ରମେଶ ଜେନା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ତହସିଲଦାର ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହାକ ଆଦି ଯୋଗଦାନ କରିଥିଲେ ।

## ସୁଭଦ୍ରା ପଥପ୍ରାନ୍ତ ସଭା କାର୍ଯ୍ୟକ୍ରମ




ବରଗଡ(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କୁ ଆସନ୍ତା ଆଠ ତାରିଖରୁ ସେମାନଙ୍କ ଦ୍ୱିତୀୟ କିସ୍ତି ପଇସା ପ୍ରଦାନ କରାଯିବ । ସେଥିପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସମଗ୍ର ରାଜ୍ୟରେ ସାତଦିନ ଧରି ଉତ୍ସବ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ବରଗଡ ଆଇ ସି ଡ଼ି ଏସ୍ ଗ୍ରାମାଞ୍ଚଳ ପ୍ରୋଜେକ୍ଟ ତରଫରୁ ପଞ୍ଚାୟତସ୍ତରୀୟ ସୁଭଦ୍ରା ପଥପ୍ରାନ୍ତ ସଭା କାର୍ଯ୍ୟକ୍ରମ ସମାରୋହ ମଧ୍ୟରେ ପାଳିତ ହୋଇଯାଇଛି । ସଦର ବ୍ଲକ ଅନ୍ତର୍ଗତ ଜମୁର୍ଡା ସମେତ ବିରମାଲ, ଗାଇସିମା ପ୍ରଭୃତି ସ୍ଥାନଗୁଡ଼ିକରେ ଏହା ଅନୁଷ୍ଠିତ ହୋଇଯାଇଛି । ମିଶନ ଶକ୍ତି ଭବନରେ ହୋଇଥିବା କାର୍ଯ୍ୟକ୍ରମ ସିଡିପିଓ ସୌଦାମିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବରେ ଡ଼ି ଏସ ଡବ୍ଲୁ ସନ୍ଧ୍ୟାରାଣୀ ନେପାକ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ ବିଡ଼ିଓ ବେର୍ସିୟସ ଡୁଙ୍ଗଡୁଙ୍ଗ, ଏବିଡି ଓ ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ମାଆ ସମଲେଶ୍ୱରୀ ଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସୁଭଦ୍ରା ଯୋଜନାରେ ସରକାର ପ୍ରଦାନ କରୁଥିବା ସହଯୋଗ ରାଶି ମାଧ୍ୟମରେ ମହିଳାମାନେ କିପରି ସ୍ୱାବଲମ୍ବୀ ହେବା ସହିତ ପରିବାର ପରିପୋଷଣ କରିବାରେ ସକ୍ଷମ ହେଉଛନ୍ତି ଏବଂ ଏହା ଉପରେ ଥିବା ଦୀର୍ଘ ଭବିଷ୍ୟତ ଦିଗରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ସୁପରଭାଇଜର ନବନିତା ମହାପାତ୍ର ସଂଯୋଜନା କରିଥିବାବେଳେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସୁପରଭାଇଜର ମୌସୁମୀ ରାୟ, ଗୀତା ବିଶି, ଝିମିତା ନିଆଲ, ଜାଗୃତି ପରିଡ଼ା, ଗୋପବନ୍ଧୁ ପଧାନ, ଝରଣା ଦାଶ, ମଞ୍ଜୁ ଲତା ସାହୁ,ସର୍ବେଶ୍ୱର ମହାପାତ୍ର ଓ ଅନ୍ୟମାନେ । ସେହିପରି ବିରମାଲ୍ କଲ୍ୟାଣ ମଣ୍ଡପ ଠାରେ ହେଇଥିବା କାର୍ଯ୍ୟକ୍ରମ କୁ ସୁପରଭାଇଜର ଶୈଳେନ୍ଦ୍ରି ସାହୁ ଓ ପିଇଓ ମୀନକେତନ ଖରସେଲ ପରିଚାଳନା କରିଥିଲେ । ସଭାରେ ସୁଷମା ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ଶିକ୍ଷକ ସୂର୍ଯ୍ୟକୁମାର ପଣ୍ଡା ଯୋଗଦାନ କରିଥଲେ । ଅନୁରୂପ ଭାବେ ଗାଇସିମା ମିଶନଶକ୍ତି ଭବନରେ ହୋଇଥିବା କାର୍ଯ୍ୟକ୍ରମକୁ ସୁପରଭାଇଜର ଦମୟନ୍ତୀ କୁଆଁର ପରିଚାଳନା କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ଧିରେନ୍ ମହାପାତ୍ର, ପି ଇ ଓ ରମେଶ ବେହେରା, ନେତ୍ରୀ ପଧାନ ପ୍ରମୁଖ ଯୋଗଦାନ କରିଥଲେ । କାର୍ଯ୍ୟକ୍ରମମାନଙ୍କରେ ବହୁ ଅଙ୍ଗନୱାଡ଼ି କର୍ମୀ, ହିତାଧିକାରୀମାନେ ଅଂଶ ଗ୍ରହଣ କରି ନିଜ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ ।

## ପଞ୍ଚାୟତିରାଜ ଦିବସ ପାଳନ ବନ୍ଦକୁ ନେଇ ବିଜେଡିର ଜିଲ୍ଲାବ୍ୟାପୀ ପ୍ରତିବାଦ

ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଆଜିର ପ୍ରତିବାଦ ସଭାରେ ବିଜୁ ଜନତା ଦଳର ସମସ୍ତ ବିଜୁ ପ୍ରେମୀ ଓ ବିଜେଡି ପ୍ରେମୀ ନେତା ମାନେ ପ୍ରତିବାଦ କରିବା ସହ ଦୃଢ ନିନ୍ଦା କରିଛନ୍ତି । । ଆଜିର ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ବିଜେଡି ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ,କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ , ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ ,ପୌର ଅଧ୍ୟକ୍ଷ ମନୋଜ ବାରିକ, ପୌର ଉପାଧ୍ୟକ୍ଷା କବିତା ମହନ୍ତ, ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ ,ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲ୍ଲା ପରିଷଦ ସଭ୍ୟ ମୁକା ମାଡକାମୀ , ଜିଲ୍ଲା ଯୁବ ଉପ ସଭାପତି କଣ୍ଟେଶ ପୋଟଲା, ବିଜେଡି ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ ,ଜିଲ୍ଲା ଓକିଲ ସଂଘ ସଭାପତି ପ୍ରୀତପଲ ସିଂ, ବିଜେଡି ନିର୍ବାଚନ ଅଧିକାରୀ ଘନଶ୍ୟାମ ମାଡକାମୀ, ଶଙ୍କର ଚନ୍ଦ୍ର ସାହା , ଯୁବ ନେତା କେ ରାହୁଲ ,ସର୍ବ ବିଶୋଇ ,ଡମ୍ବରୁ ବାଘ, ଯୁବ ସମ୍ପାଦକ ବସନ୍ତ ନାୟକ ,ଶରତ ଚନ୍ଦ୍ର ବିଶ୍ୱାଳ , ରୁଦ୍ର ପାତ୍ର ,ଡନେଲ ପଟଲା, ଗାନ୍ଧୀ ପଣ୍ଡା ,ବି .କମେଶ୍ୱର ରାଓ, ଅଖିଳ ମଣ୍ଡଳ , ପ୍ରଶାନ୍ତି ଲତା ବିଶୋଇ ,ଦହନା ଟାଙ୍ଗୁଲ ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ ।



## କାମ ବାହାନାରେ ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ

କନ୍ଧମାଳ(ଭାସ୍କର ନ୍ୟୁଜ) : 'ସରକାର କା ମାଲ ଦରିଆମେ ଡାଲ' ନୀତି ଚାଲୁଛି । ତେଣୁ ମନଇଚ୍ଛା ନିର୍ମାଣ କାର୍ଯ୍ୟ କରୁଛନ୍ତି ।ଏଥିରେ କାହାର କେତେ ଲାଭ ରହୁଛି । କନ୍ଧମାଳ ଜିଲ୍ଲାର ପୌର ପରିଷଦ ଅଞ୍ଚଳରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ରୋକିବା ପାଇଁ ପୌର ପରିଷଦ ପକ୍ଷରୁ ସରକାରଙ୍କ ଅର୍ଥରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦୁଇମାସ ହେବ ସର୍କୁଲାର ରୋଡର ପ୍ରତିସାହିକୁ ଯିବା ରାସ୍ତାରେ ଓ ସ୍କୁଲକୁ ଯିବା ରାସ୍ତା ସମ୍ମୁଖରେ ରବର ହମ୍ପସ ନିର୍ମିତ ହୋଇଥିଲା । ଏହି ରବର ହମ୍ପସ ମାସେ ନ ପୁରୁଣୁ ରବର ଗୁଡିକ ବାହାରି ପଡିଲା । କିଛି ଖବର କାଗଜ ପ୍ରକାଶ ପରେ ସଙ୍ଗେ ସଙ୍ଗେ ପୁନର୍ବାର ଅଠା ଦେଇ କାର୍ଯ୍ୟ କରାଯାଇଥିଲା । ବର୍ତ୍ତମାନ ସେହି ହମ୍ପସ୍‌ର ଉଚ୍ଚତା ସହିତ ପିଚୁ ରାସ୍ତା ନିର୍ମାଣ କରିଛି ପୂର୍ତ୍ତବିଭାଗ । ହେଲେ ସେହି ରବର ହମ୍ପସ ଗୁଡିକ ଗଲା କୁଆଡେ ବୋଲି ସର୍ବସାଧାରଣ ମନରେ ପ୍ରଶ୍ନ ସୃଷ୍ଟି କରିଛି । ଲୋକଙ୍କ ଅର୍ଥକୁ ସରକାର ସୁବିନିଯୋଗ କରିବା ପାଇଁ ପ୍ରଶାସନକୁ ଚେତେଇ ଥିବାବେଳେ କିଛି ପ୍ରଶାସନିକ ଅଧିକାରୀ ଜାଣିଶୁଣି ଅର୍ଥର ଅପବ୍ୟବହାର କରୁଛନ୍ତି ।

## କୃଷି ଓ କୃଷକର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଆଲୋଚନା



କୁଚିଣ୍ଡା(ଭାସ୍କର ନ୍ୟୁଜ) : କୁଚିଣ୍ଡା ଉପଖଣ୍ଡର କୃଷି ଓ କୃଷକଙ୍କ ଉନ୍ନତି ତଥା ଆୟକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅଗ୍ରଣୀ ଚାଷୀମାନଙ୍କ ଗହଣରେ ପ୍ରଭୁଦୟାଲ ଖଣ୍ଡେଲୱାଲ୍ ଯୁକ୍ତ ଦୁଇ କଲେଜ୍ ପରିସରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉପଖଣ୍ଡର ୨୦୦ରୁ ଅଧିକ ଚାଷୀ ଉପସ୍ଥିତ ଥିଲେ । ବୈଠକରେ ମନ୍ତ୍ରୀଙ୍କ ସହ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ରଞ୍ଜନ ପଟେଲ ଯୋଗଦେଇ ଏହି କୃଷିର ବିକାଶ ହେଲେ ହିଁ ଅଞ୍ଚଳର ବିକାଶ ହେବ ବୋଲି କହିଥିଲେ । ଉପଜିଲ୍ଲାପାଳ କୁଚିଣ୍ଡା ଜିଲ୍ଲା କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ଉପଖଣ୍ଡ ପ୍ରାଣୀ ଚିକିତ୍ସକ ପ୍ରସନ୍ନ କୁମାର ସାମଲ ଉଦ୍ୟାନବିତ୍ ସତ୍ୟଭାମା, ଅଧିକାରୀ ଆଶିଷ କୁମାର ନାୟକ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ । ଏହି ଅବସରରେ କସେଇବାହାଲ ଠାରେ ନବନିର୍ମିତ ବହୁମୁଖୀ ଗୋଷ୍ଠୀକେନ୍ଦ୍ରର ଶୁଭ ଉଦ୍ଘାଟନ କରିଥିଲେ ମନ୍ତ୍ରୀ ରବିନାରାୟଣ ନାଏକ । ଏହି କେନ୍ଦ୍ରର ଉଦ୍ଘାଟନ ଦ୍ୱାରା ସ୍ଥାନୀୟ ଲୋକଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କାର୍ଯ୍ୟକଳାପ ପାଇଁ ଏକ ସୁଯୋଗ ମିଳିବ । ଏହା ଭିତରେ ଏକ ବ୍ୟାଡମିଣ୍ଟନ କଟେଜ ବି ଯୁବପିଢ଼ି ପାଇଁ ବ୍ୟବସ୍ଥିତ ଅଛି । କେଶାଇବାହାଲ ପଞ୍ଚାୟତ ଅନ୍ତର୍ଗତ ତେଣ୍ଡାକୁଦର ଗ୍ରାମରେ ପାରମ୍ପରିକ ବିହନ ଓ ଖାଦ୍ୟ ମେଳା ଉଦ୍ଘାଟନ ଅବସର ରେ ଜୈବିକ କୃଷି ପ୍ରତି କୃଷକଙ୍କ ଆଗ୍ରହ ବୃଦ୍ଧି କରିବା ପାଇଁ ଗୁରୁତ୍ୱ ଦେଇଥିଲେ । ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ରକମର ବ୍ୟଞ୍ଜନ ପ୍ରସ୍ତୁତ କରିଥିବା ଖାଦ୍ୟକୁ ବେଶ ପ୍ରଶଂସା କରାଯାଇଥିଲା । ବୈଠକରେ ସାଂସଦ ପ୍ରତିନିଧି ନରେଶ ସିଂ ଠାକୁର ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲ ଓ ବବୁଲୁ ସାହୁ ଙ୍କ ସହ ବରିଷ୍ଠ ନେତା ସୁନିଲ ଦାସ ଅଗ୍ରଣୀ ଚାଷୀ ସୌଭାଗ୍ୟ ନାୟକ ସମାଜସେବୀ ନିର୍ମଳ କର୍ସେଲ ଆଦି ଉପସ୍ଥିତ ଥିଲେ ।

## ବିଦ୍ୟାଳୟର ସୁବିଧା ଅସୁବିଧା ପଚାରି ବୁଝିଲେ ଉପଜିଲ୍ଲାପାଳ



ସଇଁତଲା(ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା ସଇଁତଲାରେ ଥିବା ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟକୁ ଗୁରୁବାର ଦିନ ମେଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ କ୍ଷେତ୍ରୀ ପରିଦର୍ଶନ କରିବା ସହ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଆଲୋଚନା କରି ଖୁସି ବ୍ୟକ୍ତ କରିଛନ୍ତି ।ଶ୍ରୀ କ୍ଷେତ୍ରୀ ପ୍ରଥମେ ବିଦ୍ୟାଳୟରେ ଚାଲୁଥିବା ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ବୁଲି ଦେଖିଥିଲେ ।ମାଟ୍ରିକ ପରୀକ୍ଷା ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ଭୂମିକା ଓ ସୁବ୍ୟବସ୍ଥା ଦେଖି ଖୁସୀ ବ୍ୟକ୍ତ କରିଥିଲେ । ପରୀକ୍ଷା ସରିବାପରେ ବିଦ୍ୟାଳୟରେ ରହୁଥିବା ଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟପେୟ ବିଷୟରେ ପଚାରି ବୁଝିଥିଲେ । ପରେ ଛାତ୍ରୀଙ୍କ ପାଇଁ ରୋଷେଇ ହେଉଥିବା ସ୍ଥାନକୁ ଯାଇ ଖାଦ୍ୟର ମାନ ପରୀକ୍ଷା କରିବା ସହ ଛାତ୍ରୀମାନଙ୍କ ଖାଦ୍ୟର ମାନ ଠିକ ରହୁଥିବା କହିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ସହ ଆଲୋଚନା କରିବା ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ବିଦ୍ୟାଳୟର ଛାତ୍ରୀଙ୍କ ପିଇବା ପାଇଁ ପାନୀୟ ଜଳର ଅଭାବ ବିଷୟରେ ଶ୍ରୀ କ୍ଷେତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ବିଦ୍ୟାଳୟ ର ଛାତ୍ରୀମାନଙ୍କପାଇଁ ଖେଳ ପଡିଆ ନ ଥିବାବେଳେ ଛାତ୍ରୀମାନେ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ହେବା ଉପଜିଲ୍ଲାପାଳଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା । ଉପଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ସଇଁତଲା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧକାରୀମାନେ ଉପସ୍ଥିତ ଥିଲେ ।

## ନୂତନ ତହସିଲଦାରଙ୍କ ଯୋଗଦାନ

ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ): ନବରଂଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟରେ ଗତ ୨୦ ମାସରେ ମଧ୍ୟରେ ୫ ଜଣ ତହସିଲଦାର ବଦଳିଲା ପରେ ବର୍ତ୍ତମାନ ନୂତନ ତହସିଲଦାର ଭାବରେ ପୁଷ୍ପାଞ୍ଜଳି ଦଣ୍ଡପାଟ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ପୂର୍ବରୁ କାର୍ଯ୍ୟରତ ଥିବା ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ତହସିଲକୁ ବଦଳି ହୋଇଛି । ନୂଆ ତହସିଲଦାର ସୁଶ୍ରୀ ଦଣ୍ଡପାଟ ଆସିବା ପରେ ଜୟ ତେନ୍ତୁଳିଖୁଣ୍ଟି ମାନବ ସେବା ସଂଗଠନ ପ୍ରତିଷ୍ଠାତା ଶ୍ରୀ ଅଖିଳ ଭତରା, ଉପଦେଷ୍ଟା ସମ୍ବାଦ ପ୍ରତିନିଧି ସୁଶାନ୍ତ କୁମାର ଶତପଥୀ, ସଦସ୍ୟ ଭିକିବାବୁ ପାତ୍ର, ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ନାୟକ, ବରିଷ୍ଠ କଂଗ୍ରେସ ନେତା ଭୀମସେନ ପାଣିଗ୍ରାହୀ, ଅଜୟ ହିଆଲ, ସାନବାବୁ ପଣ୍ଡା, ଅଜିତ ଟାକ୍ରୀ,ସୁରୁ କଛପ ପ୍ରମୁଖ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣେଇଥିଲେ । ବାରମ୍ବାର ତହସିଲଦାର ବଦଳିବା ଯୋଗୁଁ ତହସିଲ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ତେନ୍ତୁଳିଖୁଣ୍ଟି ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଲୋକଙ୍କୁ ତ୍ୱରିତ ସେବା ଯୋଗେଇ କାର୍ଯ୍ୟ କଲେ ଅଞ୍ଚଳବାସୀ ଉପକୃତ ହୋଇପାରିବା ନେଇ ନୂତନ ତହସିଲଦାର ସହ ଆଲୋଚନା ହୋଇଥିଲା ।

## ଗୁଣିଗାରେଡି ସନ୍ଦେହରେ ମହିଳାଙ୍କୁ ହତ୍ୟା

ଝରୀଗାଁ(ଭାସ୍କର ନ୍ୟୁଜ) : ଗୁଣିଗାରେଡି କରିଥିବା ସନ୍ଦେହରେ ମହିଳାଙ୍କୁ ହତ୍ୟା । ଝରୀଗାଁ ବ୍ଲକ ତେଲନଦୀ ଗ୍ରାମପଂଚାୟତ ଅନ୍ତର୍ଗତ ନାଙ୍ଗଡ଼ସିଲ ଗାଁ ରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ଗୋଟିଏ ଜାଗାରେ ପଡ଼ିରହିଛି ଦୁଇଦୁଇଟି ମୃତଦେହ, ଜଣେ ବାରବର୍ଷ ର ବାଳକ ମରି ପଡ଼ିଥିବା ବେଳେ ସେଠାରେ ଜଣକୁ ଗୁଣି କରି ମାରିଦେଇଥିବା ସନ୍ଦେହରେ ହତ୍ୟା । ଆଜି ନାଙ୍ଗଡ଼ସିଲ ଗ୍ରାମର ମନ୍ଦ ସାନ୍ତା ବୟସ (୪୦)ସେହିଗ୍ରାମର ବାର୍ସା ସାନ୍ତା ବୟସ (୩୫ )ଙ୍କୁ ଟାଙ୍ଗିଆରେ ହାଣିଦେଇଥିବା ନେଇ ମୃତ ବାର୍ସାଙ୍କ ସ୍ୱାମୀ ପଲାଦୁ ସାନ୍ତା ଉମରକୋଟ ଥାନାରେ ଏତେଲା ଦେଇଛନ୍ତି । ଖବର ଅନୁଯାୟୀ ନାଙ୍ଗଡ଼ସିଲ ଗ୍ରାମରେ ମନ୍ଦ ସାନ୍ତାର ଝିଅର ବାହାଘର ଚାଲିଥିବା ବେଳେ ମନ୍ଦର ଏକ ବିକଳାଙ୍ଗ ପୁଅ ବନିସାନ୍ତାର ମୃତ୍ୟୁ ଘଟିଥିଲା । ଗ୍ରାମବାସୀ ତରଫରୁ ବନି କୁ ମୁର୍ଚ୍ଛା ରୋଗ ଥିବା ଏବଂ ସେହି କାରଣରୁ ବନି ର ମୃତ୍ୟୁ ଘଟିଥାଇପାରେ ବୋଲି ଅନୁମାନ କରାଯାଉ ଥିବା କୁହାଯାଉଛି , ତେବେ ଏହି ହଠାତ ମୃତ୍ୟୁ ଖବରକୁ ନେଇ ଗ୍ରାମରେ ଏକପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ତେଣୁ ଏଭଳି ଦୁଃଖଦ ଘଟଣା କୁ ନେଇ ଗ୍ରାମବାସୀ ମନ୍ଦସାନ୍ତାଙ୍କ ଘରେ ପହଞ୍ଚି ଦୁଃଖ ପ୍ରକାଶ କରିଥିଲେ । ସେଭଳି ଗ୍ରାମବାସୀ ଙ୍କ ସହ ପଲାଦୁର ସ୍ତ୍ରୀ ବାର୍ସା ସାନ୍ତା ମଧ୍ୟ ଘଟଣା ସ୍ଥଳକୁ ଦେଖିବାକୁ ଯାଇଥିଲା । ତେବେ ମୃତ ବାଳକ ବନିସାନ୍ତାର ପିତା ମନ୍ଦସାନ୍ତା ବାର୍ସାକୁ ଦେଖି ତୁ ମୋ ପୁଅକୁ ଗୁଣିକରି ମାରିଦେଇଛୁ କହି ହଠାତ ଏକ ଟାଙ୍ଗିଆ ଆଣି ଦୁଇଚୋଟ ବାର୍ସା ର ମୁଣ୍ଡ ପଛପଟେ ମାରିଥିଲା ତେବେ ଘଟଣା ସ୍ଥଳରେ ହିଁ ବାର୍ସା ର ମୃତ୍ୟୁ ଘଟିଥିଲା । ମାରିସାରିବା ପରେ ମନ୍ଦ ପାଗଳଙ୍କ ପରି ଗାଁ ରେ ଏଣେତେଣେ ବୁଲୁଥିବା ବେଳେ ଗ୍ରାମବାସୀ ତାକୁ କାବୁ କରି ଅଟକ ରଖିଥିଲେ । ଏ ସମ୍ପର୍କରେ ଉମରକୋଟ ପୋଲିସକୁ ଖବର ଦିଆଯାଇଥିଲା ଏବଂ ପୋଲିସ ବର୍ତ୍ତମାନ ଘଟଣା ସ୍ଥଳରେ ପହଞ୍ଚି ଅଟକ ଆସାମୀକୁ ଗିରଫ କରିବା ସହିତ ଘଟଣାର ଛାନ୍‌ଭିନ୍ କରୁଥିବା ଜଣାପଡିଛି ।

## ପୋଷ୍ୟ ସନ୍ତାନ ଗ୍ରହଣର ନୂଆ ଆଇନ୨୦୨୨ ଓ କୁମାରୀ ମାତୃତ୍ୱ ହ୍ରାସ ପାଇଁ ସଚେତନତା ସଭା




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାରଳାଖେମୁଣ୍ଡି ସଭାଗୃହ ଠାରେ ପୋଷ୍ୟ ସନ୍ତାନ ଗ୍ରହଣ ନୂଆ ଆଇନ ୨୦୨୨ ଏବଂ କୁମାରୀ ମାତୃତ୍ୱ ହ୍ରାସ ଦିଗରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର , ଏବଂ ସ୍ୱାସ୍ଥ୍ୟ କର୍ମଚାରୀ , ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ, ସଖୀ ୱାନ୍ ଷ୍ଟପ କେନ୍ଦ୍ରର କର୍ମଚାରୀ, ଚାଇଲ୍ଡ ହେଲ୍ପ ଲାଇନ ସଭ୍ୟ, ଅରୁଣାର ଜିଲ୍ଲା ସଂଯୋଜକ, ଏଏକଶନ ଏଡ୍‌ର ଜିଲ୍ଲା ସଂଯୋଜକ ଓ ଶକ୍ତି ସଦନ ପ୍ରଶାସିକା ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୭୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଗଜପତି ଓ ଅନ୍ୟାନ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହମ୍ମଦ ଅଲ୍ଲୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ,ମାଧବାନନ୍ଦ ନାୟକ ପାରଳା ଖେମୁଣ୍ଡି, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର , ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ଦେବୀ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ସାଧନ ବ୍ୟକ୍ତି ଭାବରେ ଘାସିରାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଓ ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ପରେ ଆଜିକାର କାର୍ଯ୍ୟକ୍ରମ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ସାଧନ ବ୍ୟକ୍ତି ଶ୍ରୀ ଘାସିରାମ ପଣ୍ଡା ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣ ଏକ ଅପରାଧ ଏବଂ କୁମାରୀ ମାତୃତ୍ୱ ଯୋଗୁଁ ସମାଜରେ କି ସମସ୍ୟାମାନ ସୃଷ୍ଟି ହୁଏ ଏଥିପାଇଁ କି କି ଆଇନ ବ୍ୟବସ୍ଥା ରହିଛି ଏହାର ପ୍ରତିକାର ଓ ନିରାକରଣ ଓ ବାଲ୍ୟ ବିବାହ ବନ୍ଦର ଆଇନ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ବିଶେଷ କରି କୁମାରୀ ମାତୃତ୍ୱ ବେଳେ ଡାକ୍ତରଖାନାରେ କିପରି ବେଆଇନ ଭାବେ ପୋଷ୍ୟ ସନ୍ତାନ ପ୍ରଦାନ ହେଉଛି ସେଥିପ୍ରତି ସତର୍କ ରହିବା ଓ ଉପରିସ୍ଥ ଅଧିକାରୀଙ୍କୁ ଯଥାଶୀଘ୍ର ସୂଚନା ଦେବା, ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ଏ ଦିଗରେ ସଚେତନ ହୋଇ କାର୍ଯ୍ୟ କରିବାକୁ ଆଲୋକପାତ କରିଥିଲେ । ବେଆଇନ ପୋଷ୍ୟ ସନ୍ତାନ ପ୍ରଦାନକୁ ସଂପୂର୍ଣ୍ଣ ଜିଲ୍ଲାରୁ ବନ୍ଦକରି ସରକାରଙ୍କ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଦିଗରେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । କୁମାରୀ ମାତୃତ୍ୱକୁ ରୋକିବା ପାଇଁ ଆବଶ୍ୟକ ସଚେତନତା ସୃଷ୍ଟି କରିବା ପାଇଁ ମତ ପ୍ରକାଶ ପାଇଥିଲା । ସୁରକ୍ଷା ଓ prosecutionରେ କେଉଁ ବିଭାଗର କେଉଁ କର୍ମଚାରୀଙ୍କ କି ଦାୟିତ୍ୱ ଅଛି ତାହା ଉପରେ ଆଲୋଚନା ହୋଇଥିଲା ।

## ଓୟୁଜେର ସାଧାରଣ ପରିଷଦ ବୈଠକ




କୋରାପୁଟ (ଭାସ୍କର ନ୍ୟୁଜ) : ଓଡ଼ିଶା ସାମ୍ବାଦିକ ସଂଘ ସହିତ ଜଡିତ କୋରାପୁଟ ସାମ୍ବାଦିକ ସଂଘର ଜିଲ୍ଲା ସାଧାରଣ ପରିଷଦ ବୈଠକ ଓ ଶପଥ ଗ୍ରହଣ ଉତ୍ସବ ସ୍ଥାନୀୟ ଦକ୍ଷତା ବିକାଶ ସଭାଗୃହ ଠାରେ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶଶଧର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଭି.କୀର୍ତିଭାସନ ଯୋଗ ଦେଇ ବିଭିନ୍ନ ବିଷୟରେ ନିଜର ଅଭିଭାଷଣ ପ୍ରଦାନ କରିଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା , ପଟାଙ୍ଗି ବିଧାୟକ ରାମ୍ ଚନ୍ଦ୍ର କାଡାମ୍ ଓ କୋରାପୁଟ ପୌର ପାଳିକା ଲଲାଟ ରଞ୍ଜନ ସେଠୀ ଯୋଗଦେଇ ସାମ୍ବାଦିକମାନେ ହେଲେ ଦେଶର ଚତୁର୍ଥ ସ୍ତମ୍ଭ, ଲୁକାୟିତ ଖବର ଲୋକଲୋଚନ କୁ ଆଣିବା ସେମାନଙ୍କ କର୍ତ୍ତବ୍ୟ,ଆମ ଜିଲାରେ ଅନେକ ସାମ୍ବାଦିକ ବିନା ପାରିଶ୍ରମିକରେ କାମ କରିଚାଲିଛନ୍ତି, ପ୍ରତ୍ୟେକ ଖବର ଲୋକଲୋଚନକୁ ଆଣୁଛନ୍ତି, ତେବେ ଯାଇ ପ୍ରକୃତ ସତ୍ୟ ପଦାକୁ ଆସୁଛି । ତେଣୁ ସେମାନଙ୍କ ଦାବି ନାର୍ଯ୍ୟ ଦାବି ତାହା ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ପଡିବା ନିହାତି ଜରୁରୀ । ଏଥିରେ ଜିଲ୍ଲାର ୧୪ ଟି ବ୍ଲକର ହଜାର ହଜାର ସାମ୍ବାଦିକ ଭାଇ ମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ ପାଇଁ ସଭାପତି ଶଶଧର ରାଉତ ୫୧ ହଜାର, କୋରାପୁଟ ବିଧାୟକ ରଘୁରାମ ମାଛ ୫୦ ହଜାର ଟଙ୍କା,ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ୨୧ ହଜାର ଟଙ୍କା ପ୍ରଦାନ କରିବାକୁ କହିଥିବା ବେଳେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ୨୧ହଜାର ଟଙ୍କା,ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବଙ୍ଗୋମୁଣ୍ଡା/ମୁରିବାହାଲ (ଭାସ୍କର ନ୍ୟୁଜ) ବଙ୍ଗୋମୁଣ୍ଡା ବ୍ଲକ ସଦର ସ୍ଥିତ ହନୁମାନ ମନ୍ଦିରର ପ୍ରତିଷ୍ଠା ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ବିଶାଳ କଳସ ଶୋଭାଯାତ୍ରା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ହନୁମାନ ମନ୍ଦିରରୁ ଗ୍ରାମର ଶତାଧିକ ପୁରୁଷ,ମହିଳା ନିକଟସ୍ଥ କିଆ ବନ୍ଧ କୁ ଯାଇଥିଲେ ।ସେଠାରେ ପୂଜାର୍ଚ୍ଚନା ପରେ ୫୦୧ ପୂର୍ଣ୍ଣ ଜଳ କଳସ ଏକ ବିଶାଳ ପଟୁଆରରେ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ସଂକୀର୍ତ୍ତନ୍ୟ ଦଳ,ଘୁମୁରା ଏବଂ ଡିଜେ ସହ ଗ୍ରାମର ଶତାଧିକ ପୁରୁଷ, ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।ମହାରାଷ୍ଟ୍ର,ଦିଲ୍ଲୀରୁ ଆସିଥିବା କଳାକାର ମାନେ ମଧ୍ୟ ସାମିଲ ହୋଇଥିଲେ। ବିଶାଳକାୟ ହନୁମାନ କଳାକାର ମୁଖ୍ୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଥିବା ବେଳେ କଳସ ଯାତ୍ରା ପରେ ଅଙ୍କୁରାରୋପଣ,ତୁଳସୀ ରାମାୟଣ ପଠ କାର୍ଯ୍ୟକ୍ରମ ସହ ରତ୍ନମୁଦ,ବିଗ୍ରହ ଧାନାଭିଷେକ,ଯଜ୍ଞ,ଷୋହଳ ପ୍ରହରୀ ନାମଯଜ୍ଞ,ବିଗ୍ରହ ସ୍ନାନ,ବିଗ୍ରହ ପ୍ରତିଷ୍ଠା, ଜୀବନ୍ୟାସ,ରାମ ସହସ୍ରନାମ ହନୁମାନ ଚାଳିଶା ପଠନ,ବିଗ୍ରହ ସ୍ଥାପନ ଆଦି କାର୍ଯ୍ୟକ୍ରମ ରହିଛି। ହନୁମାନ ମନ୍ଦିର ପ୍ରତିଷ୍ଠା କମିଟିର ଅଧ୍ୟକ୍ଷ ତଥା ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ,ସଭାପତି ଝସକେତନ ମେହେର,ଉପସଭାପତି ଦୁର୍ଗା ବନଛୋର,କାର୍ଯ୍ୟକାରୀ ସଭାପତି ରିତୁ ପଣ୍ଡା,ନୂଆ ମନହୀରା,ଚମାର ଭୋଇ,ଧନଞ୍ଜୟ ଛତ୍ରିଆ, ସମ୍ପାଦକ ଡ଼ଃ ନାରାୟଣ ମିଶ୍ର,କୋଷାଧ୍ୟକ୍ଷ ମୁକେଶ ଜୈନ,ସହ କୋଷାଧ୍ୟକ୍ଷ କୋଷରାଜ ବେହେରା,ସହ ସମ୍ପାଦକ ବିନୋଦ ପୁଟେଲ,ବିନୋଦ ବାଗ ଙ୍କ ସହ କମିଟିର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ ।

## ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ନୂତନ ଛାତ୍ରାବାସ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ) ବିଶ୍ୱବିଦ୍ୟାଳୟରେ ଏକ ନୂତନ ଛାତ୍ରାବାସ ଉଦଘାଟନ କରିଛନ୍ତି । ଏହି ଅବସରରେ ଓଡ଼ିଶା ଓ ଭାରତ ପାଇଁ ଅଧିକ ଗୌରବ ଆଣିବା ପାଇଁ ସାମାଜିକ ଗବେଷଣାରେ ନିୟୋଜିତ ହେବାକୁ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟକୁ ଆହ୍ୱାନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱର ସବୁଠାରୁ ସ୍ୱତନ୍ତ୍ର ସ୍ଥାନ। କଳା, ସଂସ୍କୃତି ଏବଂ ମନ୍ଦିରମାଳିନୀର ସହର। ଏହି ସ୍ଥାନରେ ଆଇଆଇଟି, ଆଇଏଲଏସ, ଏମ୍ସ, ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ୧୦ରୁ ଅଧିକ ପ୍ରତିଷ୍ଠିତ ଅନୁଷ୍ଠାନ ଗଢିଉଠିଛି। ଏହି ଅନୁଷ୍ଠାନ ସମୂହ ଆଗାମୀ ଦିନରେ ଭୁବନେଶ୍ୱରକୁ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଣତ କରିବ। ଭୁବନେଶ୍ୱରରେ ଅନେକ ପ୍ରତିଭାବାନ ବ୍ୟକ୍ତିବିଶେଷ ଅଛନ୍ତି । ଯଥାର୍ଥରେ ଭୁବନେଶ୍ୱର ହେଉଛି ଜ୍ଞାନର ଏକ ସ୍ଥାୟୀ 'କୁମ୍ଭ'। ସେହି ପରିପ୍ରେକ୍ଷୀରେ ଏଠାରେ ପ୍ରତିଷ୍ଠିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ ସମାଜିକ ଗବେଷଣାରେ ଜଡ଼ିତ ହୋଇ କଲ୍ୟାଣକାରୀ ଯୋଜନା ଗୁଡିକର ପ୍ରଭାବକୁ ଜାଣିବା ସହ ସାମାଜିକ ଜୀବନରେ ଉଭା ହେଉଥିବା ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା ଦରକାର । ନୂତନ ଉତ୍ସାହକୁ ପ୍ରେରଣା ଦେବା ଏବଂ ଓଡ଼ିଶା ଓ ଭାରତ ପାଇଁ ଅଧିକ ଗୌରବ ଆଣିବା ପାଇଁ ସାମାଜିକ ଗବେଷଣାରେ ନିୟୋଜିତ ହେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶୁକ୍ରବାର ଏହି ବିଶ୍ୱବିଦ୍ୟାଳୟର ଓଲଡ କ୍ୟାମ୍ପସ ପରିସରରେ ପ୍ରାୟ ୧୩୨ କୋଟି ଟଙ୍କା ବ୍ୟୟରେ ପ୍ରାୟ ୭ ଏକର ପରିମିତ ଜମିରେ ନିର୍ମିତ ଛାତ୍ରବାସର ଉଦଘାଟନ କରିଛନ୍ତି । ଏହି ଛାତ୍ରାବାସରେ ୯୬୪ଟି ରୁମ୍, ବାସ୍କେଟ ବଲ୍ ଓ ବ୍ୟାଡମିଣ୍ଟନ କୋର୍ଟ, ଇନଡୋର ଏବଂ ଆଉଡୋର ଆକ୍ଟିଭିଟି ହଲ୍, ଜିମ୍, ଫୁଡକୋର୍ଟ ଏବଂ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ରହିଛି ।

## ସାବିତ୍ରୀ ଚୌଧୁରୀଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶିଷ୍ଟ କଂଗ୍ରେସ ନେତ୍ରୀ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ କମିଟି ସଦସ୍ୟା ସାବିତ୍ରୀ ଚୌଧୁରୀଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକପ୍ରକାଶ କରିଛନ୍ତି। ଏକ ଶୋକବାର୍ତାରେ ଶ୍ରୀ ଦାସ କହିଛନ୍ତି ଯେ ସ୍ୱର୍ଗତା ଚୌଧୁରୀ କଂଗ୍ରେସ ଦଳର ଜଣେ ଟାଣୁଆ ସଂଗଠିକା ଥିଲେ। କଂଗ୍ରେସ ଦଳର କାର୍ଯ୍ୟଧାରା ଓ ବାର୍ତା ତଳସ୍ତରରେ କିପରି ପହଂଚିପାରିବ ସେ ଦିଗରେ ସେ ସର୍ବଦା ତତ୍ପର ଥିଲେ। ଜଣେ ଅମାୟିକ, ସରଳ ଓ ସ୍ନେହୀ ବ୍ୟକ୍ତି ଭାବରେ ସେ ସମସ୍ତଙ୍କ ନିକଟରେ ଆଦରଣୀୟ ଥିଲେ। ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସଂଗେ ସଂଗେ ଶ୍ରୀ ଦାସ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ମହିଳା ଅତ୍ୟାଚାରର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କୁ କଂଗ୍ରେସର ଅନୁରୋଧ



ନୂଆଦିଲ୍ଲୀ: କଂଗ୍ରେସ ଅଭିଯୋଗ କରିଛି ଯେ ମହିଳାମାନେ ଓଡ଼ିଶାରେ ସବୁଠାରୁ ଅସୁରକ୍ଷିତ, କାରଣ ଯୌନ ଶୋଷଣର ଶିକାର ହୋଇଥିବା ଜଣେ ମହିଳା ପରୀକ୍ଷା ଦେଉଥିବା ସମୟରେ ପରୀକ୍ଷା ହଲରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ଗତ କିଛି ମାସର ଅନେକ ଘଟଣାର ଉଦାହରଣ ଦେଇ ଦଳ ଦାବି କରିଛି ଯେ ବିଜେପି ସରକାର ଏହାର ଆଭିମୁଖ୍ୟ ପରିବ☐ନ କରିବା ଉଚିତ, ରାଜ୍ୟରେ ଏପରି ଭୟଙ୍କର ପରିସ୍ଥିତି ପାଇଁ ଦାୟିତ୍ୱ ନେବା ଉଚିତ ଏବଂ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତାର ସହିତ ଜବାବ ଦେବା ଉଚିତ। ଏଆଇସିସି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ, ଓଡ଼ିଶା କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏବଂ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ରାଜ୍ୟରେ ଛଅ ବର୍ଷ ବୟସର ଝିଅମାନଙ୍କ ସହିତ ହେଉଥିବା ଯୌନ ଶୋଷଣ ଏବଂ ଗଣବଳାତ୍କାରର ଭୟଙ୍କର ବିବରଣୀ ଉପସ୍ଥାପନ କରିଥିଲେ। କଂଗ୍ରେସ ନେତାମାନେ ଭାରତର ସୁପ୍ରିମକୋର୍ଟଙ୍କୁ ଓଡ଼ିଶାରେ ମହିଳାମାନେ ଆଉ ସୁରକ୍ଷିତ ନଥିବା ପରିସ୍ଥିତିର ସ୍ୱତଃସ୍ଫୂତ ଦୃଷ୍ଟି ନେବାକୁ ଅନୁରୋଧ କରିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ବଢୁଥିବା ଅପରାଧ ବିଷୟରେ ପଚରାଯାଇଥିଲା, ସେ କହିଥିଲେ ଯେ ଏହା ପୂର୍ବ ବିଜୁ ଜନତା ଦଳ ଶାସନ ସମୟରେ ଘଟୁଥିବା ଘଟଣା ତୁଳନାରେ କମ୍। ଗତ ୮ ମାସର କାର୍ଯ୍ୟକାଳ ମଧ୍ୟରେ ୩୪୨୦ ମହିଳା ଏବଂ ୮,୪୩୦ ଶିଶୁ ନିଖୋଜ ହୋଇଛନ୍ତି, ଯେତେବେଳେ ୫୪ଟି ଗଣବଳାତ୍କାର ଘଟିଛି। ସେ ପ୍ରକାଶ କରିଛନ୍ତି ଯେ ଏକ ଆଶ୍ଚର୍ଯ୍ୟଜନକ ଘଟଣାର ଏହା ଯେ ଏକ ଆବାସିକ ବିଦ୍ୟାଳୟରେ ପଢୁଥିବା ଦଶମ ଶ୍ରେଣୀର ଜଣେ ଛାତ୍ରୀ ଗର୍ଭବତୀ ହୋଇଥିଲେ ଏବଂ ସେ ପରୀକ୍ଷା ଦିନ ପରୀକ୍ଷା ହଲରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ସେହିପରି ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ବଳାତ୍କାରର ଶିକାର ହେବା ପରେ ଗର୍ଭବତୀ ହୋଇଗଲେ। ସେ କହିଛନ୍ତି, 'ଯେତେବେଳେ ସମସ୍ତେ ଏପରି ଘଟଣା ପାଇଁ ଲଜ୍ଜିତ ହେଉଛନ୍ତି, ସରକାର ଏଥିପାଇଁ ନିର୍ଲଜ୍ଜ। ଓଡ଼ିଶାରେ ମହିଳାଙ୍କ ବିରୋଧରେ ହେଉଥିବା ଏପରି ଜଘନ୍ୟ ଅପରାଧ ପ୍ରତି ଧ୍ୟାନ ଦେବାକୁ ଭାରତର ରାଷ୍ଟ୍ରପତି ଏବଂ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରି ସେ କହିଛନ୍ତି, ଯଦି ଏହାକୁ ଏଠାରେ ବନ୍ଦ ନ କରାଯାଏ, ତେବେ ଏହା ବଢ଼ି ଚାଲିବ।

## ଆଇଏନ୍‌ଏସ୍ ଚିଲକାରେ ଅଗ୍ନିବୀରଙ୍କ ପାସ୍ ପରେଡ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ଆଇଏନ୍‌ଏସ୍ ଚିଲକାରୁ ୪୦୨ ମହିଳା ଅଗ୍ନିବୀର, ୨୮୮ ଏସ୍‌ଏସ୍‌ଆର୍ (ମେଡିକ୍ ଆସିଷ୍ଟାଣ୍ଟ) ଏବଂ ୨୨୭ ନାବିକଙ୍କ ସମେତ ୨୯୬୬ ଜଣ ପ୍ରଶିକ୍ଷାର୍ଥୀ ପାସ୍ ଆଉଟ୍ ହୋଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଥିଲେ। ସୂର୍ଯ୍ୟାସ୍ତ ପରେ ଏକ ଅନନ୍ୟ ସମାରୋହରେ ପାସିଂ ଆଉଟ୍ ପରେଡ୍ ୧୬ ସପ୍ତାହର କଠୋର ପ୍ରାରମ୍ଭିକ ନୌସେନା ତାଲିମର ଶେଷ ପର୍ଯ୍ୟାୟକୁ ଚିହ୍ନିତ କରିଥିଲା। ପରେଡ୍‌ର ସମୀକ୍ଷା ଭାଇସ୍ ଆଡମିରାଲ ଭି ଶ୍ରୀନିବାସ ପିଭିଏସ୍‌ଏମ୍ , ଏଭିଏସ୍‌ଏମ, ଏନ୍‌ଏମ୍ ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ-ଚିଫ୍, ଦକ୍ଷିଣ ନୌସେନା କମାଣ୍ଡିଂ ଦ୍ୱାରା କରାଯାଇଥିଲା। କମାଣ୍ଡିଂ ଅଫିସର, ଆଇଏନ୍‌ଏସ୍ ଚିଲକା କମାଣ୍ଡିଂ ଅଫିସର କମାଣ୍ଡିଂ ବି ଦୀପକ ଅନିଲ୍ ପରିଚାଳନା ଅଧିକାରୀ ଥିଲେ। ଏହି ପିଓପିକୁ ସୁରେଡି ଶିବ କୁମାର, ପୂର୍ବତନ ଏସ୍‌ପିଓ, ସନ୍ଦୀପ ଗୁପ୍ତା, ପୂର୍ବତନ ପିଓଇଏଲ୍‌ପି, ଲୋହରି ବେସି, ପୂର୍ବତନ ପିଓଇଏଲ୍‌ପ, ଜିଏସ୍ କୋଚର, ପୂର୍ବତନ ଇଏମ୍‌ଆର୍ ୧ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ସମେତ ପ୍ରଖ୍ୟାତ କ୍ରୀଡା ବ୍ୟକ୍ତିତ୍ୱ ଏଲଧୋସ ପାଉଲ୍, ସିପିଓ ସିଏମ୍‌ଓ (ଟିଇଏଲ୍) ମଧ୍ୟ ଦେଖିଥିଲେ। ଏହି ପ୍ରମୁଖ କାର୍ଯ୍ୟକ୍ରମ ପାସିଂ ଆଉଟ୍ ପାଠ୍ୟକ୍ରମର ଗର୍ବିତ ପରିବାର ସଦସ୍ୟଙ୍କ ଦ୍ୱାରା ମଧ୍ୟ ଦେଖାଯାଇଥିଲା। ପିଓପି କେବଳ ପ୍ରାରମ୍ଭିକ ତାଲିମର ସଫଳ ସମାପ୍ତିକୁ ସୂଚିତ କରେ ନାହିଁ ବରଂ ଭାରତୀୟ ନୌସେନାରେ ଏକ ନୂତନ ଅଧ୍ୟାୟର ଆରମ୍ଭକୁ ମଧ୍ୟ ଦର୍ଶାଏ। ଭାରତୀୟ ନୌସେନା ଏହି ପୁରୁଷ ଏବଂ ମହିଳାଙ୍କୁ ଏକ ଯୁଦ୍ଧ ପାଇଁ ପ୍ରସ୍ତୁତ, ବିଶ୍ୱସନୀୟ, ସମନ୍ୱିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତିରେ ପରିଣତ କରିବା ପାଇଁ ଏକ ଲିଙ୍ଗ ନିରପେକ୍ଷ ପରିବେଶ ଉପରେ ଗୁରୁତ୍ୱ ଦିଏ। ମୁଖ୍ୟ ଅତିଥି କୃତୀ ଅଗ୍ନିବୀରମାନଙ୍କୁ ପଦକ ଏବଂ ଟ୍ରଫି ପ୍ରଦାନ କରିଥିଲେ। ଦେବରାଜ ସିଂହ ରାଠୋର, ଏଭିଆର୍ (ମିଷ୍ଟର) ଏବଂ ପ୍ରମୋଦ ସିଂହ, ଏଭିଆର୍ (ଏସ୍‌ଏସ୍‌ଆର୍) ଯଥାକ୍ରମେ ନୌସେନା ମୁଖ୍ୟ ରୋଲିଂ ଟ୍ରଫି ଏବଂ ଶ୍ରେଷ୍ଠ ଅଗ୍ନିବୀର ମିଷ୍ଟର ଏବଂ ଏସ୍‌ଏସ୍‌ଆର୍ ପାଇଁ ସ୍ୱର୍ଣ୍ଣ ପଦକ ପାଇଥିଲେ। ମାନସା ଗୁଲିବିନ୍ଧାଲା, ଏଭିଆର୍ (ଏସ୍‌ଏସ୍‌ଆର୍)ଙ୍କୁ ସାମଗ୍ରିକ ଯୋଗ୍ୟତା କ୍ରମରେ ଶ୍ରେଷ୍ଠ ମହିଳା ଅଗ୍ନିବୀର ପାଇଁ ଜେନେରାଲ ବିପିନ ରାୱତ ରୋଲିଂ ଟ୍ରଫି ପ୍ରଦାନ କରାଯାଇଥିଲା। ମୋହିତ କୁମାର, NVK (GD) ଭାରତୀୟ ତଟରକ୍ଷୀ ରକ୍ଷକ ରୋଲିଂ ଟ୍ରଫି ଏବଂ ଶ୍ରେଷ୍ଠ NVK (GD) ପାଇଁ ମହାନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକ ପାଇଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ସୋମବାର ପର୍ଯ୍ୟନ୍ତ...

ଗୃହକୁ ମୁଲତବୀ ରଖାଯାଇଥିଲା। ଏହାପରେ ବିଜେଡି ବିଧାୟକମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିବାବେଳେ କଂଗ୍ରେସ ବିଧାୟକମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ। ତେବେ ଅପରାହ୍ନ ୪ଟାରେ ସମାନ ଅବସ୍ଥା ସୃଷ୍ଟି ହେବାରୁ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

### ୭ଦିନ ବନ୍ଦ ରହିବ...

ପର୍ଯ୍ୟନ୍ତ କାମ ବନ୍ଦ ରହିବ। ଦୋଳ ପୂର୍ଣ୍ଣିମା ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଗତ ଡିସେମ୍ବରରୁ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହୋଇଥିବାବେଳେ ଫେବୃଆରୀ-ମାର୍ଚ୍ଚ ଭିତରେ ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହି ସମୟ ଭିତରେ ମରାମତି କାମ ସରିପାରିବ ନାହିଁ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଶ୍ରୀଜିଉଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଭିଡ଼ ଯୋଗୁ ମରାମତିରେ ବାଧା ସୃଷ୍ଟି ହେଉଛି। କାମ ତ୍ୱରାନ୍ୱିତ ହୋଇପାରୁ ନାହିଁ । ତେବେ ନୀତି ସଅଳ ସାରିବାକୁ ଚେଷ୍ଟା କରାଯାଉଥିବା ସେବାୟତ କହିଛନ୍ତି। ଭିତର ରତ୍ନଭଣ୍ଡାର ମରାମତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଟାଣ ମରାମତି ଓ ଗ୍ରାଉଟିଂ କାମ ଶେଷ ହୋଇଥିବାବେଳେ କାନ୍ଥରେ ଥିବା ଖରାପ ପଥରକୁ ବଦଳାଯାଇ ନୂଆ ପଥର ଲଗାଯାଇଛି। ବାହାର ରତ୍ନଭଣ୍ଡାର କାନ୍ଥରେ ଚୂନ ଛଡ଼ାଯାଉଛି। ମରାମତି ଅତି ଗୁରୁତ୍ୱପୂର୍ଣ୍ଣ କାମ ହୋଇଥିବାରୁ ବିଳମ୍ବ ହେଲେ ବି ଠିକ୍ ଭାବେ କାମ ଚାଲିଥିବା ଏଏସ୍‌ଆଇ ଅଧିକ୍ଷକ ସୂଚନା ଦେଇଛନ୍ତି। ଏହାପରେ ପାର୍ଶ୍ୱ ଦେବାଦେବୀ ମନ୍ଦିର ମରାମତି ହେବ। ସୂଚନାଯୋଗ୍ୟ ଯେ ଗତବର୍ଷ ବହୁ ବାଦବିବାଦ ପରେ ଜୁଲାଇ ମାସରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଥିଲା। ଅଳଙ୍କାର ଥିବା ସିନ୍ଦୁକ ଓ ଆଲମିରାକୁ ନୀଳାଦ୍ରି ମ୍ୟୁଜିୟମ ପାଖ ପ୍ରକୋଷ୍ଠରେ ରଖାଯାଇଛି। ରତ୍ନଭଣ୍ଡାର ମରାମତି ସରିଲେ ଅଳଙ୍କାର ଗଣତି ହେବ। କିନ୍ତୁ ରତ୍ନଭଣ୍ଡାର ମରାମତି କେବେ ସରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ପୋଲିସ ବ୍ୟବସ୍ଥାର...

ନିଜ ବୁଦ୍ଧିମତା, ତଦନ୍ତ ଟେକନିକ ପ୍ରୟୋଗ କରି ଅପରାଧୀକୁ ଖୁବ ଅଳ୍ପ ସମୟରେ ଧରିବାକୁ ସମର୍ଥ ହୋଇଛନ୍ତି। ସେ ପୁଣି କହିଥିଲେ ପୋଲିସର ଆଧୁନିକୀକରଣ ଓ ପୋଲିସ ବ୍ୟବସ୍ଥାର ସଂସ୍କାର ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ପୋଲିସ କର୍ମଚାରୀଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆମ ସରକାର ଅବଗତ ଅଛନ୍ତି । ପୋଲିସ ପାଇଁ କଲ୍ୟାଣମୂଳକ ପଦକ୍ଷେପ ନେବାପାଇଁ ଆମ ସରକାର ଯତ୍ନବାନ ରହିବେ । ଲୋକବଳ ଅଭାବରୁ ପୋଲିସ ଚାପଗ୍ରସ୍ତ ରହୁଥିବାରୁ ତାକୁ ଦୂର କରିବାପାଇଁ ଆମେ ଆବଶ୍ୟକ ପଦକ୍ଷେପ ନେଉଛୁ । ପୋଲିସ ପ୍ରଶିକ୍ଷଣକୁ ଆହୁରି ଗତିଶୀଳ ଓ ଲୋକାଭିମୁଖୀ କରିବା ପାଇଁ ଆଗାମୀ ଦିନରେ ତାଲିମ ଭିତ୍ତିଭୂମି ବିକାଶ ପାଇଁ ବିଶେଷ ଧ୍ୟାନ ଦିଆଯିବ । ପୋଲିସ ସେବାରେ ବିଭିନ୍ନ ଜିଲ୍ଲାରେ ଦୀର୍ଘ ଦିନ ଧରି ଖାଲି ପଡିଥିବା ସମସ୍ତ ପଦ ପଦବୀ ଗୁଡିକୁ ପୂର୍ଣ୍ଣ କରିବା ପାଇଁ ଆମ ସରକାର ଚେଷ୍ଟିତ ଅଛନ୍ତି ଏବଂ ନୂତନ ପଦବୀ ସୃଷ୍ଟି କରିବାକୁ ମଧ୍ୟ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଆମ ପୋଲିସ ସେବାକୁ ଆହୁରି ଯୁଗୋପଯୋଗୀ ଓ ଦୃଢ ହେବାକୁ ପଡିବ ଏଣୁ ପ୍ରତ୍ୟେକ ଆରକ୍ଷୀ ଉପ-ନିରୀକ୍ଷକ ମାନଙ୍କୁ ମୋଟର ସାଇକେଲ, ଲାପଟପ, ମୋବାଇଲ ଫୋନ ଓ ପେନଡ୍ରାଇଭ ଯୋଗାଇ ଦିଆଯିବ ଏବଂ ସେମାନଙ୍କ ସାମର୍ଥ୍ୟ ବୃଦ୍ଧି ପାଇଁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସବୁବେଳେ ନିଜ ଡ୍ୟୁଟି ପ୍ରତି ବିଶ୍ୱାସଭାଜନ ହେବା ଆବଶ୍ୟକ। ଦୁର୍ନୀତି, ଜାଣିଶୁଣି କର୍ତ୍ତବ୍ୟରେ ଅବହେଳା କିମ୍ବା କ୍ଷମତାର ଅପବ୍ୟବହାରକୁ କେବେହେଲେ ବରଦାସ୍ତ କରାଯିବ ନାହିଁ। ମୁଁ, ସବୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ କହିବି, ଏହି ବାର୍ତ୍ତା ସବୁଠାରୁ ତଳ ସ୍ତରରେ କାର୍ଯ୍ୟରତ ପୋଲିସ ଅଧିକାରୀଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ଏହି ଅବସରରେ ଓଡିଶା ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଶିକ୍ଷାନବୀଶ ମାନଙ୍କୁ ଆଗାମୀ ଦାୟିତ୍ୱ ଓ କାର୍ଯ୍ୟବୋଧତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ସେବା କ୍ଷେତ୍ରରେ ପୋଲିସର ଖାକି ୟୁନିଫର୍ମ ସର୍ବଦା କର୍ତ୍ତବ୍ୟନିଷ୍ଠା, ଓ ଜନସାଧାରଣଙ୍କ ପ୍ରତି ଉତ୍ସର୍ଗୀକୃତ ହେବା ଉଚିତ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ, ନିର୍ଦ୍ଦେଶକ, ସଞ୍ଜୀବ ପଣ୍ଡା, ଆରକ୍ଷୀ ମହାନିରୀକ୍ଷକ, (ତାଲିମ) ଅନୁପ କୁମାର ସାହୁଙ୍କ ସମେତ ବରିଷ୍ଠ ତଥା ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ବୃନ୍ଦ, ଏକାଡେମୀର ସମସ୍ତ ପ୍ରଶିକ୍ଷକ, କର୍ମଚାରୀ, ଏବଂ ଶିକ୍ଷାନବୀଶଙ୍କ ଅଭିଭାବକ ମାନେ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟି...

ଦର୍ଶାଇଥିଲେ ଯେ କଳାହାଣ୍ଡି ଜିଲ୍ଲାରେ ବିଶ୍ୱର କେତେକ ସର୍ବୋତ୍ତମ ବକ୍ସାଇଟ ଭଣ୍ଡାର ରହିଛି, ତଥାପି ଏହି ଅଞ୍ଚଳ ନିଜ ବିକାଶ ଦେଖିବାରେ ବିଫଳ ହୋଇଛି। ଶିଳ୍ପର ଅଭାବ, ବିଶେଷକରି କଳାହାଣ୍ଡିର ତ୍ରିଲୋଚନପୁର ଅଞ୍ଚଳରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଭାବ ଏବଂ ସୀମିତ ଅର୍ଥନୈତିକ ଅଭିବୃଦ୍ଧି ଘଟାଇଛି। ଏହାର ସଂପୂର୍ଣ୍ଣ ଅପରପାର୍ଶ୍ୱରେ ଥିବା ରାୟଗଡ଼ା ଏବଂ କଳାହାଣ୍ଡିର ପଡ଼ୋଶୀ ଅଞ୍ଚଳ, ଯେଉଁଠାରେ ଶିଳ୍ପ ପ୍ରତିଷ୍ଠା ହୋଇଛି, ସେଠାରେ ଜୀବନଧାରଣର ମାନ, ଭିତ୍ତିଭୂମି ଏବଂ ସାମଗ୍ରିକ ଅର୍ଥନୈତିକ ଉନ୍ନତିରେ ଯଥେଷ୍ଟ ଉନ୍ନତି ଘଟିଛି। ତେବେ ଲାଞ୍ଜିଗଡ଼ ବକ୍ସାଇଟ ଖଣି କାର୍ଯ୍ୟକ୍ଷମ ନ ହେବା କାରଣରୁ ବକ୍ସାଇଟ ସମୃଦ୍ଧ କଳାହାଣ୍ଡି ଏବେ ବି ପଛରେ ରହିଛି। ଦୀର୍ଘ ୨୧ବର୍ଷ ଧରି ଲାଞ୍ଜିଗଡ଼ ବକ୍ସାଇଟ ଖଣିପାଇଁ ଗ୍ରାମସଭା ବିଚାରାଧୀନ ରହିଛି, ଯାହା ଏହି ଅଞ୍ଚଳର ଅର୍ଥନୈତିକ ଏବଂ ସାମାଜିକ ପ୍ରଗତିରେ ଉଲ୍ଲେଖନୀୟ ଭାବେ ବାଧା ସୃଷ୍ଟି କରୁଛି। ଖଣି କାର୍ଯ୍ୟରେ ଅନୁପସ୍ଥିତି ୫ ପ୍ରତିଶତ ବିକାଶ ପାଣ୍ଠିକୁ ପ୍ରତ୍ୟାଖ୍ୟାନ କରିଛି, ଯାହା ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାର ଉନ୍ନତି ପାଇଁ ବ୍ୟବହୃତ ହୋଇପାରେ। ଡଙ୍ଗରିଆ ଏବଂ କୁଟିଆ କନ୍ଧ ସଂପ୍ରଦାୟ ସମେତ ହଜାର ହଜାର ସ୍ୱଦେଶୀ ଲୋକ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଯାହାଫଳରେ ଅଧିକ ଦାରିଦ୍ର୍ୟ ସୃଷ୍ଟି ହୋଇଛି। ଏହି ପ୍ରତିନିଧି ଦଳ ଗଭୀର ଉଦବେଗ ପ୍ରକାଶ କରିଥିଲେ ଯେ କଳାହାଣ୍ଡି ବକ୍ସାଇଟ ସମ୍ବଳ ସମୃଦ୍ଧ ହେବା ସତ୍ତ୍ୱେ ଏହା ଓଡ଼ିଶାର ଅନୁନ୍ନତ ଅଞ୍ଚଳ ମଧ୍ୟରୁ ଗୋଟିଏ ହୋଇ ରହିଛି। ଗତ ତିନିଦଶନ୍ଧି ଧରି ଲାଞ୍ଜିଗଡ଼ ବକ୍ସାଇଟ ଖଣି କାର୍ଯ୍ୟକ୍ଷମ ନ ହେବା ଏହି ଅଞ୍ଚଳର ପ୍ରଗତିକୁ ବାଧା ଦେଇଛି। ଇତିମଧ୍ୟରେ ସକ୍ରିୟ ବକ୍ସାଇଟ ଖନନ କାରଣରୁ ରାୟଗଡ଼ା ଏବଂ କୋରାପୁଟ ଭଳି ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ଯଥେଷ୍ଟ ଶିଳ୍ପ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ ଏବଂ ନିଯୁକ୍ତି ସୃଷ୍ଟି ହୋଇଛି। ଯେତେବେଳେକି କଳାହାଣ୍ଡି ଏହାର ପ୍ରାକୃତିକ ସମ୍ବଳର ଲାଭରୁ ବଞ୍ଚିତ ହୋଇଛି। ବିକଶିତ ଓଡ଼ିଶାର ପରିକଳ୍ପନା ଏବଂ ନୂତନ ଡବଲ ଇଞ୍ଜିନ ପ୍ରଗତିଶୀଳ ସରକାରଙ୍କ ନେତୃତ୍ୱରେ ଆଦିବାସୀ ସମ୍ପ୍ରଦାୟ ଏବଂ କଳାହାଣ୍ଡି ଅଧିବାସୀମାନେ ସମାବେଶୀ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ସେମାନେ ଆଉ କାଳବିଳମ୍ବ ନ କରି ଲାଞ୍ଜିଗଡ଼ ବକ୍ସାଇଟ ଖଣିପାଇଁ ଗ୍ରାମସଭା ଚଳାଇବା ନିମନ୍ତେ ଏକ ନିର୍ଣ୍ଣାୟକ ପଦକ୍ଷେପକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଖଣି ଖନନ କାର୍ଯ୍ୟ ଆରମ୍ଭ ହେବା ଦ୍ୱାରା ଦୀର୍ଘଦିନ ଧରି ଅବହେଳିତ ଥିବା କଳାହାଣ୍ଡି ଅଞ୍ଚଳ ପାଇଁ ନିଯୁକ୍ତି, ଭିତ୍ତିଭୂମି ବିକାଶ ଏବଂ ସାମଗ୍ରିକ ଆର୍ଥିକ ସମୃଦ୍ଧି ସୁନିଶ୍ଚିତ ହେବ, ଯାହା ଶେଷରେ ଏହାକୁ ଅଭିବୃଦ୍ଧି ଏବଂ ପ୍ରଗତି ପଥରେ ପହଞ୍ଚାଇବ। ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ସହିତ କଳାହାଣ୍ଡିର ବିକାଶକୁ ଅଗ୍ରାଧିକାର ଦେବାକୁ ପ୍ରତିନିଧିଦଳ ଦାବି କରିଛନ୍ତି।

## ମରିସସ୍‌ର ରାଷ୍ଟ୍ରୀୟ ଦିବସ ସମାରୋହ ସାମିଲ ହେବେ ମୋଦୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରିସସ୍‌ର ରାଷ୍ଟ୍ରୀୟ ଦିବସ ସମାରୋହରେ ସାମିଲ ହେବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଏଥିପାଇଁ ଆସନ୍ତା ୧୧ ତାରିଖରେ ସେ ଦୁଇଦିନିଆ ମରିସସ୍ ଗସ୍ତ କରିବେ। ଏହାସହ ଭାରତୀୟ ସେନାର ଏକ ୟୁନିଟ୍ ମଧ୍ୟ ମରିସସ୍‌ର ରାଷ୍ଟ୍ରୀୟ ଦିବସ ସମାରୋହରେ ଅଂଶଗ୍ରହଣ କରିବେ। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ମୁଖ୍ୟ ଅତିଥିଭାବେ ମରିସସ୍ ରାଷ୍ଟ୍ରୀୟ ଦିବସରେ ଯୋଗଦେବେ। ଏହି ଗସ୍ତ ସମୟରେ ମରିସସ୍ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ମୋଦୀ ଭେଟି ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେ ଆହୁରି କହିଥିଲେ ଯେ ଚଳିତବର୍ଷ ଫେବୃଆରିରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ଭାରତ-ଆମେରିକା ବହୁ କ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣା ଉପରେ ଆଲୋଚନା କରିବା ନେଇ ଘୋଷଣା କରିଛନ୍ତି। ଏହି ବୁଝାମଣା ଜରିଆରେ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଭାରତ-ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟକୁ ଅଧିକ ମଜବୁତ ଓ ଗଭୀର କରାଯିବ ବୋଲି ସେ ସୂଚନା ଦେଇଥିଲେ


ଜିଲ୍ଲା ପରିଷଦ, ମୟୂରଭଞ୍ଜ
CAD-2755

ସଂଖ୍ୟା ୧୮୩୦ ତା ୦୬.୦୩.୨୦୨୫ ରିଖ

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS) ଏବଂ ଅନ୍ୟାନ୍ୟ ପ୍ରକଳ୍ପ ର ଆର୍ଥିକ ବର୍ଷ ୨୪-୨୫ (ଦ୍ୱିତୀୟ ପର୍ଯ୍ୟାୟ) ପାଇଁ ବ୍ଲକସ୍ତରୀୟ ଜନଶୁଣାଣୀ ନିମନ୍ତେ ଧାର୍ଯ୍ୟ ତାରିଖ ।

ମୟୂରଭଞ୍ଜ ଜିଲ୍ଲାରେ ଗ୍ରାମାଞ୍ଚଳରେ ବସବାସକରୁଥିବା ଜନସାଧାରଣ କୁ ଜଣାଇ ଦିଆଯାଉଛି କି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS) ଯୋଜନା ଏବଂ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟକ୍ରମ ରେ ଆର୍ଥିକ ବର୍ଷ ୨୪-୨୫ (ଦ୍ୱିତୀୟ ପର୍ଯ୍ୟାୟ)ର, ସମସ୍ତ କାର୍ଯ୍ୟ ଗୁଡିକର ବ୍ଲକସ୍ତରୀୟ ଜନଶୁଣାଣୀ ପାଇଁ ରାଜ୍ୟ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ, ଦିନ ଧାର୍ଯ୍ୟ କରାଯାଇଛି। ଏହି ଜନଶୁଣାଣୀ କାର୍ଯ୍ୟ କ୍ରମରେ ସମସ୍ତ ଜନସାଧାରଣ ଅଣକୁଶଳୀ ଶ୍ରମିକ ହିତାଧିକାରୀ ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରି-ସ୍ତରୀୟ ପଞ୍ଚାୟତିରାଜ ର ନିର୍ବାଚିତ ପ୍ରତିନିଧି ମାନଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ।

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି ଏହି ବ୍ଲକ ସ୍ତରୀୟ ଜନଶୁଣାଣୀ କାର୍ଯ୍ୟକ୍ରମ ରେ ଯୋଗଦାନ କରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS) ଏବଂ ଅନ୍ୟାନ୍ୟ ପ୍ରକଳ୍ପ ର କାର୍ଯ୍ୟ କାରୀତାରେ ସ୍ୱଚ୍ଛତା ଓ ଉତ୍ତର ଦାୟୀତ୍ୱକୁ ସୁନିଶ୍ଚିତ କରିବା ଏବଂ ଯୋଜନାକୁ ସଫଳତାର ସହିତ ଆଗେଇ ନେବାପାଇଁ ଆପଣ ମାନଙ୍କର ସହଭାଗୀତା ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନା କରିବା ହେବେ।

| କ୍ରମିକ ସଂଖ୍ୟା | ଜନଶୁଣାଣି ଅଧକ୍ଷ୍ୟ/ ଅଧକ୍ଷା | ତାରିଖ | ଜନଶୁଣାଣି ପାଇଁ ଧାର୍ଯ୍ୟ ବ୍ଲକର ନାମ |
|---|---|---|---|
| କ | ଖ | ଗ | ଘ |
| ୧ | ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ମୟୂରଭଞ୍ଜ | ୧୯-୦୩-୨୦୨୫ | ରାସଗୋବିନ୍ଦପୁର |
| | | ୨୬-୦୩-୨୦୨୫ | ଯଶିପୁର |
| ୨ | ଅତିରିକ୍ତ ଜିଲ୍ଲାପାଳ (ରା.), ମୟୂରଭଞ୍ଜ | ୨୮-୦୩-୨୦୨୫ | ବଡ଼ସାହି |
| ୩ | ଅତିରିକ୍ତ ଜିଲ୍ଲାପାଳ (ସା.), ମୟୂରଭଞ୍ଜ | ୨୦-୦୩-୨୦୨୫ | କୁଳିଅଣା |
| | | ୨୬-୦୩-୨୦୨୫ | ବାରିପଦା |
| ୪ | ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ | ୨୧-୦୩-୨୦୨୫ | ମୋରଡା |
| | | ୨୬-୦୩-୨୦୨୫ | ସାରସକଣା |
| ୫ | ଅତିରିକ୍ତ ଜିଲ୍ଲାପାଳ, ରାଇରଙ୍ଗପୁର | ୨୧-୦୩-୨୦୨୫ | ବହଳଦା |
| | | ୨୫-୦୩-୨୦୨୫ | ବିଜାତଲା |
| ୬ | ଉପଜିଲ୍ଲାପାଳ , କପ୍ତିପଦା | ୨୦-୦୩-୨୦୨୫ | ଉଦଳା |
| ୭ | ଉପଜିଲ୍ଲାପାଳ , ବାରିପଦା | ୨୧-୦୩-୨୦୨୫ | ବିଶୋଇ |
| | | ୨୮-୦୩-୨୦୨୫ | ଶ୍ୟାମାଖୁଣ୍ଟା |
| ୮ | ଉପଜିଲ୍ଲାପାଳ , କରଞ୍ଜିଆ | ୨୫-୦୩-୨୦୨୫ | ଠାକୁରମୁଣ୍ଡା |
| | | ୨୬-୦୩-୨୦୨୫ | ଶୁକ୍ରୁଳି |
| ୯ | ଉପଜିଲ୍ଲାପାଳ , ରାଇରଙ୍ଗପୁର | ୨୧-୦୩-୨୦୨୫ | ରାଇରଙ୍ଗପୁର |
| | | ୨୭-୦୩-୨୦୨୫ | ତିରିଙ୍ଗ |
| ୧୦ | ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ର.) ଜିଲ୍ଲା ପରିଷଦ ମୟୂରଭଞ୍ଜ | ୧୯-୦୩-୨୦୨୫ | ଖୁଣ୍ଟା |
| | | ୨୧-୦୩-୨୦୨୫ | କପ୍ତିପଦା |
| ୧୧ | ପି.ଏ.ଆଇ.ଟି.ଡି.ଏ .ବାରିପଦା | ୨୧-୦୩-୨୦୨୫ | ଗୋପବନ୍ଧୁ ନଗର |
| | | ୨୫-୦୩-୨୦୨୫ | ବାଙ୍ଗିରିପୋଷି |
| ୧୨ | ପି.ଏ.ଆଇ.ଟି.ଡି.ଏ, କପ୍ତିପଦା | ୧୯-୦୩-୨୦୨୫ | ବେତେନଟୀ |
| | | ୨୮-୦୩-୨୦୨୫ | ଶୁଳିଆପଦା |
| ୧୩ | ପି.ଏ.ଆଇ.ଟି.ଡି.ଏ, କରଞ୍ଜିଆ | ୨୭-୦୩-୨୦୨୫ | ରରୁଆଁ |
| | | ୨୮-୦୩-୨୦୨୫ | କରଞ୍ଜିଆ |
| ୧୪ | ପି.ଏ.ଆଇ.ଟି.ଡି.ଏ , ରାଇରଙ୍ଗପୁର | ୧୯-୦୩-୨୦୨୫ | କୁସୁମୀ |
| | | ୨୮-୦୩-୨୦୨୫ | ଜାମଦା |

ସ୍ୱା/
ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ମୟୂରଭଞ୍ଜ

ସ୍ୱା/-
ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ମୟୂରଭଞ୍ଜ

OIPR 19232/11/0010/2425



ବିଜ୍ଞାପିତ ଅଞ୍ଚଳ ପରିଷଦ ରମ୍ଭା, ଗଞ୍ଜାମ
C-1812

ସଂଖ୍ୟା: ୪୭୮
ତାରିଖ: ୦୫.୦୩.୨୦୨୫

କୋରିଜେଣ୍ଡମ

ପତ୍ର ସଂଖ୍ୟା ୪୩୭ , ତା ୦୧.୦୩.୨୦୨୫ ରିଖ ଏହି କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞାପନରେ ଉକ୍ତ ଦୋକାନ ଗୃହ ଗୁଡିକ ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳି ଯାହା ଦିଆଯାଇଥିଲା ତାହା ରଦ୍ଦ କରାଯାଇ ପୁଣି ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳି ଦିଆଗଲା ।

- The agreement shall be valid for 11 months. The allottee shall deposit the rent on every 10th day of the following English calendar month. The rent per month for a shop room is Rs. 25/- (Rupees Twenty Five) only per square feet for ground floor and Rs. 20/- (Rupees Twenty) only per square feet for first floor excluding electricity bill and water bill of each month.

ଏତଦ ବ୍ୟତୀତ ଅନ୍ୟ ସମସ୍ତ ନିୟମାବଳୀ ଓ ସର୍ତ୍ତାବଳି ଅପରିବର୍ତ୍ତିତ ରହିବ ।

ସ୍ୱା/-କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା

OIPR 13114/11/0028/2425



GOVERNMENT OF ODISHA
OFFICE OF THE SUPERINTENDING ENGINEER,
ANANDAPUR BARRAGE DIVISION, SALAPADA
A-1157
(E-mail Id: - eeabd.anandapur@gmail.com/loabp-eicwr.od@nic.in)
e-Procurement Notice No. SE-ABD- 07 of 2024-25

| Sl. No. | Name of Work | Bid Id No. | Tender Cost in Lakhs (Appx.) | Bid Security (Online) | Class of Contractor | Period of Completion | Cost of Bid Document (Online) | Availability of Tender | | Date of Opening |
|---|---|---|---|---|---|---|---|---|---|---|
| | | | | | | | | From | To | |
| 01 | Engagement of 2 (two) nos. Amin in office of the Superintending Engineer, Anandapur Barrage Division, Salapada for the period (from 01.01.2025 to 31.12.2025 | ABP-ABD-07 of 2024-25 | 3.27 | 6600/- | Service Provider | 9 (Nine) calendar Months | 2000/- | 10.03.2025 11.00 A.M | 24.03.2025 05.00 P.M | 24.03.2025 11.30 A.M |

Further details can be seen from the Govt. website www.tenderorissa.gov.in/ www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

Sd/-
Superintending Engineer,
Anandapur Barrage Division,
Salapada

OIPR 32177/11/0011/2425



OFFICE OF THE SUPERINTENDING ENGINEER
RURAL WORKS DIVISION, MOHANA
O-1586

No. 1273
Date 04.03.2025

OFFICE ORDER

The tender for the following works invited vide this office Tender Identification No.Online Tender 20/MOHANA/2024-25 is hereby cancelled due to unavoidable circumstance.

Sd/-Superintending Engineer
RW Division, Mohana

OIPR 25148/11/0031/2425



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR
(District Program Management Unit, NHM Jajpur)
E-799

Advt. No : 909
Dtd : 04.03.2025

CORRIGENDUM

With reference to Letter no 3400 Dtd- 14.03.2024 of Joint Director (Admn.) -cum-Manager, HRD, NHM, Odisha, the In-house recruitment for the post of Physiotherapist vide. Advt. no- 842 Dt- 28.02.2025 is hereby cancelled. Further, the post DEO cum Accountant may be read as Data Asst. cum Accountant. All other posts are remained as previous.

OIPR 10249/11/0006/2425
Sd/-Chief District Medical and Public Health Officer, Jajpur



ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଇପିଏବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org

ବିଜ୍ଞାପନ

ପତ୍ର ସଂଖ୍ୟା: ୨୨
ତା:୧୭.୦୨.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଗୃହ ନଂ-ଏଲ.ସି-୧୩୫/୭ (LC-135/7), ଚନ୍ଦ୍ରଶେଖରପୁର, ୨ୟ ରୁ ୫ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଆକାଶ କୁମାର ବରାଳ, ପିତା ଅଶ୍ୱିନୀ କୁମାର ବରାଳ, ସା-ପାଟଣାଶୀ ପୁର, ପୋ-ଦାଲିଦୋକାନ, ଥାନା କୋଣାର୍କ, ଜିଲ୍ଲା ପୁରୀ ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅକ୍ଷୟ କୁମାର ବରାଳ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁବାଷ ଚନ୍ଦ୍ର ଶତପଥି, ପିତା-୰ଜନାର୍ଦ୍ଦନ ଶତପଥି, ସା-ଗୋପୀନାଥପୁର, ପୋ-ସିଂହନାଥ ପୀଠ, ଥାନା-ବଡମ୍ବା, ଜିଲ୍ଲା-କଟକ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

ସ୍ୱା ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

CAD-2745
OIPR 13030/11/0467/2425




ନୂଆଦିଲ୍ଲୀ: ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଆମ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜରିୱାଲଙ୍କୁ ଜେଡ୍ ବର୍ଗର ସୁରକ୍ଷା ଜାରି ରହିବ । ସୁରକ୍ଷା ସମୀକ୍ଷା ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । କେଜ୍ରିୱାଲଙ୍କୁ ଜେଡ୍ ବର୍ଗର ସୁରକ୍ଷା ବର୍ତ୍ତମାନ ପାଇଁ ବଜାୟ ରଖାଯାଇଛି । ତଥାପି, ଆଇବି ଏବଂ ଦିଲ୍ଲୀ ପୋଲିସ ଦ୍ୱାରା ବିପଦ ଆଶଙ୍କା ପରେ ଏ ବିଷୟରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଦିଲ୍ଲୀ ନିର୍ବାଚନରେ ଅରବିନ୍ଦ କେଜ୍ରିୱାଲଙ୍କ ପରାଜୟର ଗୋଟିଏ ମାସ ପରେ ଦିଲ୍ଲୀ ପୋଲିସ ସୁରକ୍ଷା ସମ୍ପର୍କିତ ଏହି ପ୍ରଶ୍ନ ପଚାରିଥିଲା । 'ଜେଡ୍ ବର୍ଗ' ସୁରକ୍ଷା କ୍ଷେତ୍ରକୁ ଏକ ବହୁତ ଦୃଢ଼ ସୁରକ୍ଷା ବ୍ୟବସ୍ଥା ଭାବରେ ବିବେଚନା କରାଯାଏ । ଏଥିରେ ଅନେକ ସୁରକ୍ଷା କର୍ମୀ ସାମିଲ ଅଛନ୍ତି। ଏହି ସୁରକ୍ଷା ସେମାନଙ୍କୁ ଦିଆଯାଏ ଯେଉଁମାନେ ଅଧିକ ବିପଦରେ ଥାଆନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ 'ଅନରାରୀ ଅର୍ଡର ଅଫ୍ ଫ୍ରିଡମ୍ ଅଫ୍ ବାର୍ବାଡୋସ୍' ସମ୍ମାନ



ନୂଆଦିଲ୍ଲୀ: 'ଅନରାରୀ ଅର୍ଡର ଅଫ୍ ଫ୍ରିଡମ୍ ଅଫ୍ ବାର୍ବାଡୋସ୍' ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବାର୍ବାଡୋସର ସରକାର ଏବଂ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ୧୪୦ କୋଟି ଭାରତୀୟ ଏବଂ ଭାରତ ଓ ବାର୍ବାଡୋସ୍ ମଧ୍ୟରେ ଥିବା ଗୁଢ଼ ସମ୍ପର୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ଉତ୍ସର୍ଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ, ଏହି ସମ୍ମାନ ପାଇଁ ବାର୍ବାଡୋସ ସରକାର ଏବଂ ଜନସାଧାରଣଙ୍କ ନିକଟରେ କୃତଜ୍ଞ। ୧୪୦ କୋଟି ଭାରତୀୟ ଏବଂ ଭାରତ ଓ ବାର୍ବାଡୋସ୍ ମଧ୍ୟରେ ଥିବା ଗୁଢ଼ ସମ୍ପର୍କ ଉଦ୍ଦେଶ୍ୟରେ ଏହି ସମ୍ମାନକୁ ଉତ୍ସର୍ଗ କରୁଛି।

# ୨୫୮୦ କୋଟିର ପ୍ରକଳ୍ପ ଶୁଭାରମ୍ଭ, ଉଦ୍‌ଘାଟନ କଲେ ମୋଦୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କେନ୍ଦ୍ରଶାସିତ ଅଞ୍ଚଳ ଦାଦରା ଓ ନଗର ହାଭେଲି ଏବଂ ଦମନ ଓ ଦିଉର ସିଲଭାସାରେ ୨୫୮୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ପୂର୍ବରୁ ସେ ସିଲଭାସାରେ ଥିବା ନମୋ ହସ୍ପିଟାଲକୁ ଉଦଘାଟନ କରିଥିଲେ । ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କେନ୍ଦ୍ର ଶାସିତ ଅଞ୍ଚଳ ଦାଦରା ଏବଂ ନଗର ହାଭେଲି, ଦମନ ଏବଂ ଦିଉର ଉତ୍ସର୍ଗୀକୃତ କର୍ମୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଯେ ସେ ଏହି ଅଞ୍ଚଳ ସହିତ ଯୋଗାଯୋଗ ଏବଂ ଜଡ଼ିତ ହେବାର ସୁଯୋଗ ଦେଇଛନ୍ତି। ଲୋକମାନଙ୍କ ସହ ତାଙ୍କର ଦୀର୍ଘଦିନର ସମ୍ପର୍କକୁ ସେ ସ୍ୱୀକାର କରି କହିଛନ୍ତି ଯେ ଏହି ଅଞ୍ଚଳ ସହିତ ତାଙ୍କର ସମ୍ପର୍କ ଦଶନ୍ଧି ପୁରୁଣା । ୨୦୧୪ରେ ତାଙ୍କ ସରକାର କ୍ଷମତାକୁ ଆସିବା ପରଠାରୁ ଏହି ଅଞ୍ଚଳର ପ୍ରଗତି କଥା ଉଲ୍ଲେଖ କରି ଦାଦ୍ରା ଓ ନଗର ହାଭେଲି, ଦମନ ଓ ଦିଉର ସମ୍ଭାବନାକୁ ଏକ ଆଧୁନିକ ଓ ପ୍ରଗତିଶୀଳ ପରିଚୟରେ ପରିଣତ କରିଥିଲେ। ଦାଦରା ଓ ନଗର ହାଭେଲି, ଦମନ ଓ ଦିଉ କେବଳ ଏକ କେନ୍ଦ୍ରଶାସିତ ଅଞ୍ଚଳ ନୁହେଁ ବରଂ ଗର୍ବ ଓ ଐତିହ୍ୟର ଉତ୍ସ ବୋଲି ଶ୍ରୀ ମୋଦୀ କହିଥିଲେ। ପ୍ରଫୁଲ୍ଲ ପଟେଲଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ଅଞ୍ଚଳ ଦ୍ରୁତ ଗତିରେ ଏହି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ସ୍ମାର୍ଟ ସିଟି ମିଶନ, ସମଗ୍ର ଶିକ୍ଷା ଏବଂ ପିଏମ ମୁଦ୍ରା ଯୋଜନା ଭଳି ପଦକ୍ଷେପରେ ଶତ ପ୍ରତିଶତ ସଫଳତା ହାସଲ କରିବା। ଜନ ଔଷଧୀ ଦିବସ ଅବସରରେ ଆଜି ଉଦଘାଟିତ ସ୍ୱାସ୍ଥ୍ୟ ସେବା ପ୍ରକଳ୍ପଗୁଡ଼ିକର ଗୁରୁତ୍ୱ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ଜନ ଔଷଧି ସୁଲଭ ଚିକିତ୍ସା ସୁନିଶ୍ଚିତ କରୁଛି ବୋଲି ସେ ଆଲୋକପାତ କରୁଥିଲେ। ଦାଦ୍ରା ଏବଂ ନଗର ହାଭେଲି, ଦମନ ଏବଂ ଦିଉରେ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ଉନ୍ନତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଦାଦ୍ରା ନିକଟରେ ଏକ ବୁଲେଟ୍ ଟ୍ରେନ୍ ଷ୍ଟେସନ ନିର୍ମାଣ କରାଯାଉଛି ଏବଂ ମୁମ୍ବାଇ-ଦିଲ୍ଲୀ ଏକ୍ସପ୍ରେସୱେ ସିଲଭାସା ଦେଇ ଗତି କରୁଛି । ବିଗତ କିଛି ବର୍ଷ ମଧ୍ୟରେ ହଜାର ହଜାର କୋଟି ଟଙ୍କା ବିନିଯୋଗରେ ୫୦୦ କିଲୋମିଟରରୁ ଅଧିକ ରାସ୍ତା କାମ ଚାଲିଥିବା ବେଳେ ଅନେକ କିଲୋମିଟର ନୂଆ ରାସ୍ତା ନିର୍ମାଣ କରାଯାଇଛି । "ଉଡାନ ଯୋଜନାରେ ଏହି ଅଞ୍ଚଳ ଉପକୃତ ହେଉଛି ଏବଂ ଯୋଗାଯୋଗ ବଢ଼ାଇବା ପାଇଁ ସ୍ଥାନୀୟ ବିମାନବନ୍ଦରର ଉନ୍ନତିକରଣ କରାଯାଉଛି । ଏହି ଅଞ୍ଚଳରେ ବ୍ୟାପକ ବିକାଶ ଏବଂ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ" ଶ୍ରୀ ମୋଦୀ କହିଥିଲେ। ଆଜି ଶୁଭାରମ୍ଭ ହୋଇଥିବା ସଫଳ ବିକାଶ ମୂଳକ ପ୍ରକଳ୍ପ ପାଇଁ ମୁଁ ଦାଦ୍ରା ଓ ନଗର ହାଭେଲି, ଦମନ ଓ ଦିଉବାସୀଙ୍କୁ ଅଭିନନ୍ଦନ ଜଣାଉଛି। କେନ୍ଦ୍ର ଶାସିତ ଅଞ୍ଚଳର ନାଗରିକମାନଙ୍କୁ ସ୍ୱାଗତ, ସ୍ନେହ ଏବଂ ସମ୍ମାନ ଦେଇଥିବାରୁ ମୁଁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛି କହି ଶ୍ରୀ ମୋଦୀ ନିଜର ବକ୍ତବ୍ୟ ଶେଷ କରିଥିଲେ।

### ସିଆଇଏସ୍ଏଫ୍ ପ୍ରତିଷ୍ଠା ଦିବସ ପରେଡରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଲେ ଅମିତ ଶାହ

# 'ତାମିଲ ଭାଷା, ସଂସ୍କୃତି ଏବଂ ପରମ୍ପରା ଭାରତୀୟ ସଂସ୍କୃତିର ଅମୂଲ୍ୟ ରତ୍ନ'



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ତାମିଲନାଡୁର ଥାକୋଲାମଠାରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସ୍ଏଫ୍) ର ୫୬ତମ ପ୍ରତିଷ୍ଠା ଦିବସ ପରେଡ୍ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଏବଂ ସିଆଇଏସ୍ଏଫ୍ ମହାନିର୍ଦ୍ଦେଶକ ରାଜବିନ୍ଦର ସିଂ ଭଟ୍ଟି ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗତ ୫୬ବର୍ଷ ମଧ୍ୟରେ ସିଆଇଏସ୍ଏଫ୍ କେବଳ ଦେଶର ବିକାଶ, ପ୍ରଗତି ଏବଂ ଗତିଶୀଳତାକୁ ସୁନିଶ୍ଚିତ କରିନାହିଁ, ବରଂ ଏହାର ସୁଗମ କାର୍ଯ୍ୟକାରିତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ କହିଥିଲେ ଯେ ବନ୍ଦର, ବିମାନବନ୍ଦର, ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ, ପର୍ଯ୍ୟଟନ ଏବଂ ଗବେଷଣା ପ୍ରତିଷ୍ଠାନ ସମେତ ଦେଶର ଶିଳ୍ପ ବିକାଶ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷାକୁ ସିଆଇଏସ୍ଏଫ୍ ବିନା କଳ୍ପନା କରାଯାଇ ପାରିବ ନାହିଁ। ଶ୍ରୀ ଶାହ କହିଥିଲେ ଯେ ସିଆଇଏସ୍ଏଫ୍ କର୍ମଚାରୀଙ୍କ ଅତୁଟ ଆନୁଗତ୍ୟ, କଠିନ ପରିଶ୍ରମ ଏବଂ ସମର୍ପଣ କାରଣରୁ ଦେଶ ଶିଳ୍ପ ବିକାଶ କ୍ଷେତ୍ରରେ ସୁରକ୍ଷିତ ଭାବେ ଆଗକୁ ବଢ଼ୁଛି। ସେ କହିଥିଲେ ଯେ ସିଆଇଏସ୍ଏଫ୍ କର୍ମଚାରୀମାନେ ମଧ୍ୟ ଅନେକ ସାମାଜିକ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରିଛନ୍ତି ଏବଂ ଏହାକୁ ଆଗକୁ ନେଇଛନ୍ତି। ଅମିତ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୭ ସୁଦ୍ଧା ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ଦେଶର ୧୪୦ କୋଟି ଲୋକଙ୍କ ସମ୍ମୁଖରେ ଭାରତକୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ କରିବା ଲାଗି ସଂକଳ୍ପବଦ୍ଧ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଥିଲେ ଯେ ତାମିଲନାଡୁର ସଂସ୍କୃତି ଭାରତର ସଂସ୍କୃତିକୁ ଅନେକ ଉପାୟରେ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଗତ ବର୍ଷ ସିଆଇଏସ୍ଏଫ୍ ରେ ୧୪,୦୦୦ରୁ ଅଧିକ ପଦବୀ ପୂରଣ କରାଯାଇଥିଲା। ଯଦି ଆମେ ସମସ୍ତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ) କୁ ବିଚାର କରିବା, ତେବେ ଏକ ଲକ୍ଷରୁ ଅଧିକ ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, ଏବଂ ବର୍ତ୍ତମାନ ଆହୁରି ୫୦,୦୦୦ ଯୁବକମାନଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ସରକାର ସିଆଇଏସ୍ଏଫ୍ କୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ କରିଛନ୍ତି ଏବଂ ବାହିନୀକୁ ନିରନ୍ତର ଅତ୍ୟାଧୁନିକ ବୈଷୟିକ ପ୍ରଗତି ପ୍ରଦାନ କରୁଛନ୍ତି। ଦେଶର ସୁରକ୍ଷାରେ ସର୍ବୋଚ୍ଚ ବଳିଦାନ ଦେଇଥିବା ୧୨୭ ଜଣ ସିଆଇଏସ୍ଏଫ୍ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଏହି ୧୨୭ ଜଣ କର୍ମଚାରୀ ବିଭିନ୍ନ ଭାଗରେ ସୁରକ୍ଷାର ଦାୟିତ୍ୱ ନିର୍ବାହ କରିବା ସହିତ ନିଜର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ସେ ଏହି ଯବାନମାନଙ୍କ ପରିବାର ସଦସ୍ୟମାନଙ୍କୁ କହିଥିଲେ ଯେ ସେମାନଙ୍କ ପରିବାର ସଦସ୍ୟଙ୍କ ବଳିଦାନ କାରଣରୁ ଦେଶ ଆଜି ଏକ ଉଚ୍ଚ ମୁଣ୍ଡ ସହିତ ବିଶ୍ୱ ସମ୍ମୁଖରେ ଛିଡ଼ା ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ସିଆଇଏସ୍ଏଫ୍ ର ବାର୍ଷିକ ପତ୍ରିକା 'ସେଣ୍ଟିନେଲ୍'ର ଶୁଭାରମ୍ଭ କରିଛନ୍ତି। ସେ ୧୦ ଜଣ କର୍ମଚାରୀଙ୍କୁ ରାଷ୍ଟ୍ରପତିଙ୍କ ପୋଲିସ ପଦକ, ୨ ଜଣଙ୍କୁ ଜୀବନ ରକ୍ଷା ପଦକ ଏବଂ ୧୦ ଜଣଙ୍କୁ ସାହସିକତା ପଦକ ଦେଇ ସମ୍ମାନିତ କରିଥିଲେ। ଶ୍ରୀ ଶାହ କହିଥିଲେ ଯେ ଏହି ସମସ୍ତ କର୍ମଚାରୀ ସିଆଇଏସ୍ଏଫ୍ ର ଉତ୍କୃଷ୍ଟ ପରମ୍ପରାକୁ ଆଗକୁ ବଢ଼ାଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ସିଆଇଏସ୍ଏଫ୍ ସାଇକ୍ଲୋଥନ୍ ୨୦୨୫କୁ ଭର୍ଚୁଆଲ ମାଧ୍ୟମରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

ନୂଆଦିଲ୍ଲୀ : ଭାରତୀୟ ବାୟୁସେନାର ଏକ ଜାଗୁଆର ବିମାନ ଶୁକ୍ରବାର ଅମ୍ବାଲାଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରତୀୟ ବାୟୁସେନା ଅନୁଯାୟୀ, ନିୟମିତ ପ୍ରଶିକ୍ଷଣ ସମୟରେ ସିଷ୍ଟମରେ ତ୍ରୁଟି ଦେଖାଦେବାରୁ ଏହି ଦୁର୍ଘଟଣା ଘଟିଛି। ସୁରକ୍ଷିତ ଭାବେ ବାହାରକୁ ବାହାରିବା ପୂର୍ବରୁ ପାଇଲଟ ବିମାନଟିକୁ ସ୍ଥଳଭାଗରେ ଥିବା ବସ୍ତିରୁ ଦୂରେଇ ନେଇଥିଲେ। ଦୁର୍ଘଟଣାର କାରଣ ଜାଣିବା ପାଇଁ ଭାରତୀୟ ବାୟୁସେନା ତଦନ୍ତ ନିର୍ଦ୍ଦେଶ ଦେଇଛି।

# ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଏବଂ ସାମୁହିକ ବିବାହ ସମାରୋହରେ ସାମିଲ ହେବେ ବିଷ୍ଣୁଦେବ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର କୁନପୁରୀର ସାଲିଆଟୋଲି ବାଲାସାହେବ ଦେଶପାଣ୍ଡେ ମହାବିଦ୍ୟାଳୟ ପରିସରରେ ଦିଲ୍ଲୀପ ସିଂ ଯୁଦେବଙ୍କ ସ୍ମୃତି ଅବସରରେ ଆୟୋଜିତ ବଡ଼ଧରଣର ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଛି। ଏହାବ୍ୟତୀତ ସାଲିଆଟୋଲି ମିନି ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ସାମୁହିକ ବିବାହ ଉତ୍ସବରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସାମିଲ ହେବାର ସୂଚନା ଦିଆଯାଇଛି। ଏହି ବିବାହ ସମାରୋହରେ ୩୬୫ଯୋଡ଼ିଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରାଯିବା ସହ ସେମାନଙ୍କୁ ଶ୍ରୀ ସାଏ ଆଶୀର୍ବାଦ ପ୍ରଦାନ କରିବେ। ଏହି ବଡ଼ଧରଣର ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଆୟୁଷ୍ମାନ୍ ଏବଂ ସିକଲସେଲ୍ କାର୍ଡ, ଟିଭି ପାଇଁ ଫୁଡ୍ ବାସ୍କେଟ୍ ଏବଂ ପ୍ରମାଣପତ୍ର ବିତରଣ କରିବେ। ଜିଲ୍ଲା ପ୍ରଶାସନ ଯଶପୁର ପକ୍ଷରୁ ଏମ୍ସ ରାୟପୁର ସହାୟତାରେ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ଏଥିରେ ଏମ୍ସ ରାୟପୁର ଓ ଅନ୍ୟ ହସ୍ପିଟାଲ ବିଶେଷଜ୍ଞ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପଚାର ପ୍ରଦାନ କରିବେ। ସମସ୍ତଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯିବ। ସେହିପରି ଗମ୍ଭୀର ରୋଗରେ ପୀଡିତ ଥିବା ଲୋକଙ୍କୁ ରାୟପୁର ରେଫର କରାଯାଇ ଉତ୍ତମ ମାନର ଚିକିତ୍ସା ଯୋଗାଇ ଦିଆଯିବ। ଏହି ଶିବିରରେ ମେଡିସିନ୍, ସର୍ଜରୀ, କ୍ୟାନ୍ସର, ନ୍ୟୁରୋଲୋଜି, ଇଏନ୍‌ଟି, ଚକ୍ଷୁ, ଚର୍ମ, ସ୍ତ୍ରୀ ରୋଗ ଏବଂ ମନରୋଗ ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି।

## ଅଯୋଧ୍ୟା ଏକ୍ସପ୍ରେସ୍‌ରେ ବୋମା ଧମକ

ବାରାବାଙ୍କି : ଉତ୍ତରପ୍ରଦେଶର ବାରବାଙ୍କିରେ ଏକ ଟ୍ରେନରେ ବୋମା ଥିବା ଖବର ମିଳିବା ପରେ ଆତଙ୍କ ଖେଳିଯାଇଛି। ଏହାପରେ ଟ୍ରେନକୁ ବାରବାଙ୍କୀ ରେଳ ଷ୍ଟେସନରେ ଅଟକାଇ ଯାତ୍ରୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଜିଆରପି, ଆରପିଏଫ ଓ ବେସାମରିକ ପୁଲିସ କର୍ମଚାରୀଙ୍କ ସହ ବୋମା ନିଷ୍କ୍ରିୟକାରୀ ସାମରିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବାରାବାଙ୍କୀ ରେଳ ଷ୍ଟେସନରେ ଏସପି ଓ ଡିଏମଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ଉପସ୍ଥିତ ଅଛନ୍ତି। ସୂଚନା ଅନୁସାରେ, ଅଯୋଧ୍ୟାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ଅଯୋଧ୍ୟା ଏକ୍ସପ୍ରେସ୍ ୧୪୨୦୫ର ଏସ୍-୮ ବଗିର ଶୌଚାଳୟରେ ଏକ ବାର୍ତ୍ତା ଲେଖାଯାଇଥିଲା, ଯେଉଁଥିରେ ଲକ୍ଷ୍ନୌ ଚାରିବାଗ ରେଳ ଷ୍ଟେସନରେ ଏହାକୁ ବୋମା ଦ୍ୱାରା ଉଡ଼ାଇ ଦିଆଯିବ ବୋଲି କୁହାଯାଇଥିଲା।

# ବାଣିଜ୍ୟ




ନୂଆଦିଲ୍ଲୀ: କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡବିୟ ଗୁରୁବାର ଘୋଷଣା କରିଛନ୍ତି ଯେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଖୁବ୍ ଶୀଘ୍ର 'ଇପିଏଫଓ ୩.୦ ସଂସ୍କରଣ' ଆରମ୍ଭ କରିବ, ଯାହା ଗ୍ରାହକମାନଙ୍କୁ ଏଟିଏମ୍ ରୁ ଟଙ୍କା ଉଠାଇବା ସହିତ ଅନେକ ନୂତନ ବୈଶିଷ୍ଟ୍ୟ ପ୍ରଦାନ କରିବ। ଗୁରୁବାର ସନ୍ଧ୍ୟାରେ ତେଲେଙ୍ଗାନା ଜୋନାଲ ଅଫିସ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ଇପିଏଫଓ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଉଦଘାଟନ କରିବା ପରେ ସେ କହିଛନ୍ତି ଯେ 'ଇପିଏଫଓ ୩.୦ ସଂସ୍କରଣ' ବ୍ୟାଙ୍କିଙ୍ଗ ସିଷ୍ଟମ ସହିତ ସମକକ୍ଷ ହେବ। ଆଗାମୀ ଦିନରେ, ଇପିଏଫଓ ୩.୦ ସଂସ୍କରଣ ଆସିବ। ଏହାର ଅର୍ଥ ହେଉଛି ଇପିଏଫଓ ଏକ ବ୍ୟାଙ୍କ ସହିତ ସମକକ୍ଷ ହୋଇଯିବ। ଯେପରି ବ୍ୟାଙ୍କରେ କାରବାର କରାଯାଏ, ସେହିପରି ଆପଣଙ୍କର (ଇପିଏଫଓ ସବସ୍କ୍ରାଇବର୍ସ) ଆପଣଙ୍କର ୟୁନିଭର୍ସାଲ୍ ଆକାଉଣ୍ଟ ନମ୍ବର (ୟୁଏଏନ) ଅଛି ଏବଂ ଆପଣ ଆପଣଙ୍କର ସମସ୍ତ କାମ କରିପାରିବେ ବୋଲି ସେ କହିଛନ୍ତି। ଯାହାଫଳରେ ଆପଣଙ୍କୁ ଇପିଏଫଓ କାର୍ଯ୍ୟାଳୟକୁ ଯିବାକୁ ପଡିବ ନା ଆପଣଙ୍କୁ ନିଯୁକ୍ତିଦାତାଙ୍କ ପାଖକୁ ଯିବାକୁ ପଡିବ। ହା ଆପଣଙ୍କର ଟଙ୍କା ଏବଂ ଆପଣ ଯେତେବେଳେ ଚାହିଁବେ ସେତେବେଳେ ଏହାକୁ ଉଠାଇ ପାରିବେ।

# ଖରାଦିନକୁ ଦୃଷ୍ଟିରେ ରଖି ଟିପିଏସ୍ଓଡିଏଲ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ଖରା ଦିନକୁ ଦୃଷ୍ଟିରେ ରଖି ଲୋକଙ୍କୁ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ବିଭିନ୍ନ ଆଗୁଆ ପଦକ୍ଷେପ ନିଆଯାଉଛି। ଖରା ଦିନେ ବିଦ୍ୟୁତ କାଟ ସମସ୍ୟାକୁ ଏଡ଼ାଇବା ସହ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ଟିପିଏସ୍ଓଡିଏଲ୍ ଏହାର ବିଦ୍ୟୁତ ଭିତ୍ତିଭୂମି ଏବଂ ଜରୁରୀକାଳୀନ ରେସପନ୍ସକୁ ସୁଦୃଢ଼ କରୁଅଛି। ବିଦ୍ୟୁତ ନେଟୱାର୍କରେ ବିଶ୍ୱସନୀୟତା ବୃଦ୍ଧି ପାଇଁ ଟିପିଏସ୍ଓଡିଏଲ୍ ଏହାର ସମସ୍ତ ବିଦ୍ୟୁତ ବିତରଣ ଭିତ୍ତିଭୂମିର ବ୍ୟାପକ ମରାମତି ଓ ରକ୍ଷଣାବେକ୍ଷଣ କାମ କରୁଛି। ଟ୍ରାନ୍ସଫର୍ମର ଏବଂ ଫିଡର୍ ପାଇଁ ଏକ ବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ ହେବା ସହ ୩୩ କେଭି ଓ ୧୧ କେଭି ଲାଇନର ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରାଯାଇଛି। କିଛି ବଡ଼ ସମସ୍ୟା ଉପୁଜିବା ପୂର୍ବରୁ ତ୍ରୁଟି ସୁଧାରିବା ପାଇଁ ବିଭିନ୍ନ ସ୍ଥାନରେ ରକ୍ଷଣାବେକ୍ଷଣ ଟିମ୍ ନିୟୋଜିତ କରାଯାଇଛି। ୨୪୭ ଘଣ୍ଟା ବିଦ୍ୟୁତ ଉପକରଣରେ ତ୍ରୁଟି ମରାମତି ପାଇଁ ୨୦୦ରୁ ଅଧିକ ରାତ୍ରିକାଳୀନ ବ୍ରେକଡାଉନ୍ ଟିମ୍ ଗଠନ କରାଯାଇଛି। ଯାହା ଫଳରେ ଯଥାଶୀଘ୍ର ଉପଭୋକ୍ତାଙ୍କ ପାଖରେ ବିଜୁଳି ପହଞ୍ଚି ପାରିବ। ଏହାସହ ୩୩ କେଭି ନେଟୱାର୍କର ରକ୍ଷଣାବେକ୍ଷଣ ପାଇଁ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ୨୫୦ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ବ୍ରହ୍ମପୁର ସ୍ଥିତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସସିସି) ସମଗ୍ର ଅଞ୍ଚଳରେ ବିଦ୍ୟୁତ ବିତରଣର ରିୟଲ ଟାଇମ୍ ମନିଟରିଂ ଓ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୨୪୭ ପରିଚାଳିତ ପିଏସସିସି ମାଧ୍ୟମରେ ୧୫୮ ଟି ସବଷ୍ଟେସନର ସ୍କାଡା ଆଧାରିତ ରିମୋଟ୍ ମନିଟରିଂ ହେଉଅଛି, ଯାହା ଫଳରେ ଶୀଘ୍ର ତ୍ରୁଟି ଚିହ୍ନଟ ଏବଂ ସମାଧାନ କରିବାରେ ଟିପିଏସ୍ଓଡିଏଲ୍ ସକ୍ଷମ ହୋଇପାରିଛି। ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ୍ ଏବଂ ପିଏସସିସିରେ ଥିବା ୨୪ ଘଣ୍ଟିଆ ପାୱାର ବ୍ୟାକଅପ୍ ବ୍ୟବସ୍ଥା ପ୍ରତିକୂଳ ପାଣିପାଗ ସମୟରେ ମଧ୍ୟ ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବ। ଟିପିଏସ୍ଓଡିଏଲ୍ ଉପଭୋକ୍ତାଙ୍କ ସମ୍ପୃକ୍ତି ଏବଂ ବିଦ୍ୟୁତ ଯୋଗାଣ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରି ଗ୍ରାହକ ସେବାକୁ ପ୍ରାଥମିକତା ଦେବା ଜାରି ରଖିଛି । ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ତାପମାତ୍ରା ସାଙ୍ଗକୁ ବିଦ୍ୟୁତ ଚାହିଦା ବଢୁଥିବା ବେଳେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ଓ ନିରବଚ୍ଛିନ୍ନ ବିଜୁଳି ଯୋଗାଇଦେବାକୁ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ।

## ପାର୍ଲେ-ଜି କମ୍ପାନୀ ଉପରେ ଆୟକର ବିଭାଗର ଚଢ଼ାଉ

ମୁମ୍ବାଇ: ଶୁକ୍ରବାର ମୁମ୍ବାଇରେ ପାର୍ଲେ ଗ୍ରୁପ ଅନେକ ସ୍ଥାନରେ ଆୟକର ବିଭାଗ ଚଢ଼ାଉ କରିଛି। ଏହି ଖବର ସାମ୍ନାକୁ ଆସିବା ପରେ 'ପାର୍ଲେ-ଜିର ଗ୍ରାହକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତେବେ ଆୟକର ବିଭାଗ ପାର୍ଲେ ଗ୍ରୁପ ଉପରେ ଚଢ଼ାଉ କରି କ'ଣ ଯାଞ୍ଚ କରୁଛି ସେନେଇ ଖବର ଲେଖାହେଲା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ସୂଚନା ମିଳି ପାରି ନଥିଲା। ଯାଞ୍ଚ ଶେଷ ପରେ ଚଢ଼ାଉର କାରଣ ଜଣାପଡ଼ିବ। ସମ୍ପ୍ରତି ଆୟକର ବିଭାଗ ବିଶେଷ ଭାବେ ପାର୍ଲେ ଗ୍ରୁପର ଦସ୍ତାବିଜକୁ କଡ଼ାକଡ଼ି ଯାଞ୍ଚ କରୁଛି। ଗତବର୍ଷ ଅର୍ଥାତ ୨୦୨୩-୨୪ରେ ପାର୍ଲେ ଗ୍ରୁପକୁ ବ୍ୟବସାୟରେ ଦୁଇଗୁଣା ଲାଭ ମିଳିଥିଲା। ଏହି ଲାଭ ୧,୬୦୬.୯୫ରେ ପହଞ୍ଚିଥିବା ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ପାର୍ଲେର ଆରମ୍ଭ ୧୯୨୯ ମସିହାରେ ଆରମ୍ଭ ହୋଇଥିଲା।

# ବିର୍ଲା ଓପସ ପେଣ୍ଟ୍ସ ପକ୍ଷରୁ ପେଣ୍ଟ ଷ୍ଟୁଡିଓର ଶୁଭାରମ୍ଭ

ନୂଆଦିଲ୍ଲୀ : ଆଦିତ୍ୟ ବିର୍ଲା ଗ୍ରୁପ ଅଧୀନସ୍ଥ ଗ୍ରାସିମ ଇଣ୍ଡଷ୍ଟ୍ରିଜର ଅଂଶ ବିର୍ଲା ଓପସ ପେଣ୍ଟସ, ଏହାର ପ୍ରଥମ ବିର୍ଲା ଓପସ ପେଂଟ ଷ୍ଟୁଡିଓ (କମ୍ପାନି ମାଲିକାନା ଓ କମ୍ପାନି ପରିଚାଳିତ ଷ୍ଟୋର)କୁ ଉନ୍ମୋଚନ କରିଛି। ଗୁରୁଗ୍ରାମରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ୧୭୦ରୁ ଅଧିକ ଉତ୍ପାଦ ଉପଲବ୍ଧ ହୋଇଛି, ଯେଉଁଥିରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ବିକଳ୍ପ ରହିଛି ଏବଂ ସମଗ୍ର ଭାରତରେ ଏହାର ଖୁଚୁରା ଉପସ୍ଥିତି ବିସ୍ତାର କରିବା ଉଦ୍ଦେଶ୍ୟରେ କମ୍ପାନୀର ଅଭିବୃଦ୍ଧି ରଣନୀତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଶୁଭାରମ୍ଭ ଉପରେ ମତବ୍ୟକ୍ତ କରି ବିର୍ଲା ଓପସ ପେଣ୍ଟସର ସିଇଓ ରକ୍ଷିତ ହରଗାଭେ କହିଛନ୍ତି, 'ଆଜି ଆମେ ଗୁରୁଗ୍ରାମରେ ଆମର ପ୍ରଥମ ବିର୍ଲା ଓପସ ପେଣ୍ଟ ଷ୍ଟୁଡିଓ ଉନ୍ମୋଚନ କରିବା ସହିତ ଭାରତର ରଙ୍ଗ ଅନୁଭବ ଶୈଳୀକୁ ପୁନଃନିର୍ଦ୍ଧାରଣ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଉଛୁ। ଭାରତରେ ଉପଭୋକ୍ତାମାନେ ଉତ୍ପାଦ କ୍ରୟ କରିବା କିମ୍ବା ସେବା ପାଇବା ସମୟରେ ନୂତନ ଏବଂ ଅଧିକ ଗଭୀର ବିକଳ୍ପ ଅନୁସନ୍ଧାନ କରିବାକୁ ଚାହୁଁଛନ୍ତି । ଉପଭୋକ୍ତାଙ୍କ ଆଚରଣରେ ଏହି ପରିବର୍ତ୍ତନକୁ ହୃଦବୋଧ କରି ଆମେ ବିର୍ଲା ଓପସ ପେଂଟସରେ ଇମର୍ସିଭ ସ୍ପେସ ତିଆରି କରୁଛୁ ଯାହା ଘର ମାଲିକମାନଙ୍କୁ ସେମାନଙ୍କର ନିଜସ୍ୱ କାହାଣୀ ପ୍ରସ୍ତୁତ କରିବାକୁ ସଶକ୍ତ କରୁଛି। ଆମେ ଏହି କେନ୍ଦ୍ରରେ ସମସ୍ତ ୧୭୦+ ଉତ୍ପାଦ ପ୍ରଦାନ କରୁଛୁ ଏବଂ ଆହୁରି କିଛି ସ୍ୱତନ୍ତ୍ର ବିକଳ୍ପ ସହିତ ମଧ୍ୟ, ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ନୂତନ ଏବଂ ଅନନ୍ୟ ଉପାୟରେ ଆମର ରଙ୍ଗ, ଡିଜାଇନର ଫିନିସ୍ ଏବଂ ୱାଲପେପର ସହିତ ଜଡିତ ହେବାକୁ ଅନୁମତି ଦେଉଛୁ।' ପ୍ରତ୍ୟେକ ବିର୍ଲା ଓପସ ପେଂଟ ଷ୍ଟୁଡିଓ ଆର୍କିଟେକ୍ଟ ଏବଂ ଇଂଟେରିୟର ଡିଜାଇନରମାନଙ୍କ ପାଇଁ ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରେ ଯେଉଁଥିରେ ସେମାନଙ୍କ ପାଇଁ ସମ୍ବଳ, ନମୂନା ଏବଂ ବିଶେଷଜ୍ଞ ସମର୍ଥନ ସହିତ ଏକ ଉତ୍ସର୍ଗୀକୃତ କାର୍ଯ୍ୟକ୍ଷେତ୍ର ଅଛି ଯାହା ପେସାଦାରମାନଙ୍କୁ ସହଜରେ ସହଯୋଗ ଏବଂ ସୃଷ୍ଟି କରିବାକୁ ଅନୁମତି ଦିଏ । ଏହି ଅଭିଜ୍ଞତା କେନ୍ଦ୍ରରେ ଆମର ପେଂଟ କ୍ରାଫ୍ଟ ପେଂଟିଂ ସେବା ମାଧ୍ୟମରେ ପେଂଟିଂ ସେବା ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ପେଂଟ ଷ୍ଟୁଡିଓରେ ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଏବଂ ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ ରଙ୍ଗ ମଧ୍ୟ ରହିବ ।

# ଉତ୍ପାଦନ କ୍ଷେତ୍ରରେ ଆର୍‌ଏସ୍‌ପିର ପ୍ରଭାବଶାଳୀ ପ୍ରଦର୍ଶନ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ର ପ୍ରଥମ ଏଗାର ମାସ (୨୦୨୪ ଅପ୍ରେଲ-୨୦୨୫ ଫେବୃଆରୀ) ମଧ୍ୟରେ ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ପ୍ରଭାବଶାଳୀ ପ୍ରଦର୍ଶନ ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ଯଥାକ୍ରମେ ରେକର୍ଡ ୯,୧୩,୨୯୨ ଟନ୍ ଏବଂ ୨୮,୪୭,୫୬୧ ଟନ୍ ହଟ୍ ମେଟାଲ୍ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଫେବୃଆରୀ ପ୍ରଦର୍ଶନ ରେକର୍ଡ କରିଛନ୍ତି। ବ୍ଲାଷ୍ଟ ଫର୍ଣ୍ଣେସ-୫ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୮.୯% ଅଭିବୃଦ୍ଧି ପଞ୍ଜିକୃତ କରିଛି। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ମୋଟ ୧୯,୫୮,୦୬୩ ଟନ୍ ହଟ୍ ରୋଲ୍ଡ କଏଲ୍ ରୋଲିଙ୍ଗ କରିଛି ଏବଂ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୮.୩% ଅଭିବୃଦ୍ଧି ପୂର୍ବକ ସର୍ବୋତ୍ତମ ଏପ୍ରିଲ-ଫେବୃଆରୀ ପ୍ରଦର୍ଶନର ରେକର୍ଡ ସ୍ଥାପନ କରିଛି। ସିଟ୍ ସିଅରିଂ ଲାଇନ (ଏସ ଏସ ଏଲ) ମଧ୍ୟ ୨,୩୯,୪୦୨ ଟନ୍ ଉତ୍ପାଦନ କରି ଏପ୍ରିଲ-ଫେବୃଆରୀର ସର୍ବକାଳୀନ ପ୍ରଦର୍ଶନ ପଞ୍ଜିକୃତ କରିଛି। ଅନୁରୂପ ଭାବେ ନୂତନ ପ୍ଲେଟ୍ ମିଲ୍ ୮,୪୩,୮୫୬ ଟନ୍ ପ୍ଲେଟ୍ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଏପ୍ରିଲ-ଫେବୃଆରୀ ପ୍ରଦର୍ଶନ ରେକର୍ଡ ହାସଲ କରିଛି। ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ମଧ୍ୟ ୩୩,୮୨,୬୯୧ ଟନ୍ ସିଣ୍ଟର ଉତ୍ପାଦନ କରି ଏହାର ଶ୍ରେଷ୍ଠ ପ୍ରଥମ ୧୧ ମାସର ଉତ୍ପାଦନ ରେକର୍ଡ କରିଛି ଏବଂ ୨୦୨୨-୨୩ ବର୍ଷ ର ଏପ୍ରିଲ-ଫେବୃଆରୀ ମଧ୍ୟ ରେ ହାସଲ ହୋଇଥିବା ଏହାର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ୩୩,୭୭,୮୦୫, ଟନ୍ କୁ ଅତିକ୍ରମ କରିଛି। ଏତଦବ୍ୟତୀତ କାରଖାନାର ଅନେକ ୟୁନିଟ୍ ମଧ୍ୟ ୨୦୨୫ ଫେବୃଆରୀରେ ଏପିପି ଲକ୍ଷ୍ୟ ପୂରଣ କରିଛନ୍ତି । ବ୍ଲାଷ୍ଟ ଫର୍ନେସ -୫ ଫେବୃଆରୀ ମାସରେ ୨,୪୭,୫୯୪ ଟନ୍ ବିଶିଷ୍ଟ ହଟ୍ ମେଟାଲ୍ ଉତ୍ପାଦନ କରି ସର୍ବଶ୍ରେଷ୍ଠ ଫେବୃଆରୀ ଉତ୍ପାଦନ ରେକର୍ଡ ହାସଲ କରିଛି। ସେହିଭଳି ହଟ ଷ୍ଟ୍ରିପ ମିଲ -୨ ବିଭାଗ ମଧ୍ୟ ଫେବୃଆରୀ ମାସ ରେ ୨,୧୪,୬୯୦ ଟନ୍ ଏଚ ଆର କଏଲ ରୋଲିଂ କରି ନୂତନ ରେକର୍ଡ ସ୍ଥାପନ କରିଥିବା ବେଳେ ଏସ ଏସ ଏଲ ୨୮,୦୪୩ ଟନ୍ ଏଚ ଆର ସିଟ୍ ଉତ୍ପାଦନ କରି ନୂତନ ରେକର୍ଡ ହାସଲ କରିଛି।

## ସଠିକ୍ ସମୟରେ ବିଦ୍ୟୁତ୍ ପୈଠ କରିବା ଗ୍ରାହକଙ୍କ ନୈତିକ ଦାୟିତ୍ୱ : ଟିପିଡବ୍ଲ୍ୟୁଓଡିଏଲ୍

ବୁର୍ଲା (ଭାସ୍କର ନ୍ୟୁଜ୍) : ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ଗ୍ରାହକଙ୍କୁ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଅନେକ ପଦକ୍ଷେପ ହାତକୁ ନେଇଛି। ପଶ୍ଚିମ ଓଡ଼ିଶାର ଲକ୍ଷଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସୁବିଧା ଲାଗି କମ୍ପାନୀ ପକ୍ଷରୁ ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ମାଧ୍ୟମରେ ବିଦ୍ୟୁତ୍ ବିଲ୍ ପୈଠ କରିବା କାର୍ଯ୍ୟକୁ ମଧ୍ୟ ସୁବିଧାଜନକ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଓଇଆର୍‌ସିଙ୍କ ଦ୍ୱାରା ପ୍ରଚଳିତ ବିଏସ୍‌ଟି ଓ ଆର୍‌ଏସ୍‌ଟି ନିୟମାବଳୀ ୨୦୨୪-୨୫ର ସମସ୍ତ ସର୍ତ୍ତପାଳନ ପୂର୍ବକ ବିତରକ କମ୍ପାନୀ ପକ୍ଷରୁ ସଠିକ୍ ସମୟରେ ମାସିକ ବିଦ୍ୟୁତ୍ ବିଲ୍‌ର ଦାନ ଏବଂ ଆଦାୟ କରିବା ପାଇଁ ବିଭିନ୍ନ ପ୍ରକାର ମାଧ୍ୟମ ପ୍ରଚଳନ କରାଯାଇଛି। ସେହିପରି କମ୍ପାନୀ ଦ୍ୱାରା ପ୍ରଚଳିତ ଶେଷ କାର୍ଯ୍ୟକ୍ରମ 'ପେ ଆଣ୍ଡ ଉଇନ୍' ଯୋଜନା ମାଧ୍ୟମରେ ସଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ଠକୁଥିବା ଉପଭୋକ୍ତାମାନେ ମଧ୍ୟ ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ପାଉଛନ୍ତି। ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଗତବର୍ଷ ଅଗଷ୍ଟ ମାସରୁ ପ୍ରଚଳିତ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟରେ ପ୍ରତି ମାସରେ ଟିପିଡବ୍ଲ୍ୟୁଏଲ୍‌ର ଉପଖଣ୍ଡରୁ ଜଣେ ଲେଖାଏଁ ଭାଗ୍ୟଶାଳୀ ବିଦ୍ୟୁତ୍ ଉପଭୋକ୍ତାମାନେ ସଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରି ଆକର୍ଷଣ ଉପହାର ଜିତି ପାରୁଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ ଏବଂ ୫୬ ଅନୁଯାୟୀ ଜଣେ ବିଦ୍ୟୁତ୍ ଉପଭୋକ୍ତା ନିର୍ଦ୍ଦିଷ୍ଟ ସମୟ ସୀମାରେ ବିଦ୍ୟୁତ୍ ବିଲ୍ ପୈଠ କରିବା ଆଇନ ସହମତ ଅଟେ। ତେଣୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାରେ ବିଫଳ ହେଲେ ବିତରକ କମ୍ପାନୀକୁ ଉକ୍ତ ଗ୍ରାହକଙ୍କ ବିଦ୍ୟୁତ୍ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଉପଭୋକ୍ତା ଆଇନରେ ମଧ୍ୟ ପ୍ରବାଧାନ ରହିଛି।

## 'ଏଣ୍ଡ୍ ଅଫ୍ ଫାଇନାନ୍ସିଆଲ ଇୟର ସେଲ୍' ଘୋଷଣା କଲା ଆମାଜାନ

ନୂଆଦିଲ୍ଲୀ: ଆମାଜନ ବିଜନେସ ପକ୍ଷରୁ ମାର୍ଚ୍ଚ ୩ ରୁ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ଏଣ୍ଡ ଅଫ ଫାଇନାନ୍ସିଆଲ ଇୟର ସେଲ୍' ଘୋଷଣା କରାଯାଇଛି । ଏହି ସୀମିତ ସମୟ ଇଭେଂଟ ବିଜନେସ ଗ୍ରାହକମାନଙ୍କୁ ଯଥେଷ୍ଟ ରିହାତି ସହିତ ସ୍ଥଗିତ କ୍ରୟ ସମ୍ପୂର୍ଣ୍ଣ କରିବାର ଉପଯୁକ୍ତ ସୁଯୋଗ ପ୍ରଦାନ କରେ। ଏହି ସମୟ ମଧ୍ୟରେ ବ୍ୟବସାୟୀମାନେ ଡେଲ୍, ଏଚପି, ବୋଟ୍, ଜେବିଏଲ୍, ପିଜିୟନ ଭଳି ଟପ୍ ବ୍ରାଣ୍ଡ୍ ର ଲାପଟପ୍, ଟ୍ୟାବଲେଟ୍, ହେଡଫୋନ୍, ଅଫିସ୍ ଆସବାବପତ୍ର ଏବଂ ରୋଷେଇ ଉପକରଣ ସମେତ ବିଭିନ୍ନ ଉତ୍ପାଦରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହି ସେଲରେ ପ୍ରି-ପେଡ୍ ଅର୍ଡର ରେ ଖାଇବା ବର୍ଗରେ ୯,୯୯୯ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ସମେତ ଅତିରିକ୍ତ ଆର୍ଥିକ ସୁବିଧା ଉପଲବ୍ଧ ହେଉଛି। ଏ ସମ୍ପର୍କରେ ଆମାଜନ ବିଜନେସ ଇଣ୍ଡିଆର ନିର୍ଦ୍ଦେଶକ ମିତ୍ରଂଜନ ଭାଦୁରୀ କହିଛନ୍ତି, ଆର୍ଥିକ ବର୍ଷର ଶେଷ ବିକ୍ରୟ ବ୍ୟବସାୟୀମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅବଧିରେ ସ୍ମାର୍ଟ କ୍ରୟ ଅଭ୍ୟାସ କରିବାକୁ ସଶକ୍ତ କରିଥାଏ। ଜିଏସଟି ସମର୍ଥିତ ସଂଚୟକୁ ବର୍ଗ ନିର୍ଦ୍ଦିଷ୍ଟ ରିହାତି ସହିତ ମିଶାଇ ଆମେ ସଂସ୍ଥାଗୁଡ଼ିକୁ ବ୍ୟବସାୟିକ ଅତ୍ୟାବଶ୍ୟକ ସାମଗ୍ରୀରେ ନିବେଶ କରିବା ସମୟରେ ସେମାନଙ୍କ ଖର୍ଚ୍ଚକୁ ଅପ୍ଟିମାଇଜ୍ କରିବାରେ ସକ୍ଷମ କରୁଛୁ। ବ୍ୟବସାୟୀମାନେ ବିଭିନ୍ନ ବର୍ଗରେ ଡିଲ୍ ପାଇପାରିବେ ଯେପରିକି ଟ୍ୟାବଲେଟ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି, ସ୍ମାର୍ଟୱାଚ୍ ଉପରେ ୫୦%, ମନିଟର ଉପରେ ୮୦%, ପ୍ରିମିୟମ୍ ହେଡଫୋନ୍ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଅଫିସ୍ ଯୋଗାଣ, ଥର୍ମାଲ ପ୍ରିଂଟର, ବାରକୋଡ୍ ସ୍କାନର୍ ଏବଂ ପାୱାର ଟୁଲସ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଅଫିସ ଚେୟାର, ଡେସ୍କ ଏବଂ ବିନ୍ ବ୍ୟାଗ୍ ରେ ୮୦% ପର୍ଯ୍ୟନ୍ତ ରିହାତି, ରୋଷେଇ ଉପକରଣ, ଫ୍ୟାନ୍, ଭ୍ୟାକ୍ୟୁମ୍ କ୍ଲିନର, ୱାଟର ପ୍ୟୁରିଫାୟର ଏବଂ ହୋମ ଡେକୋର୍ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଆମାଜନ୍ ବିଜନେସ୍ ପ୍ରତିଯୋଗିତାମୂଳକ ମୂଲ୍ୟରେ ଶୀର୍ଷ ବର୍ଗରେ ୧୯ କୋଟିରୁ ଅଧିକ ଜିଏସଟି-ସକ୍ଷମ ଉତ୍ପାଦ ଉପଲବ୍ଧ କରାଇ ବିଜନେସ ଗ୍ରାହକମାନଙ୍କ ପାଇଁ କ୍ରୟକୁ ସରଳ କରୁଛି। ଏହି ମେଗା ସେଲ୍ ଇଭେଂଟରେ ପ୍ଲାଟଫର୍ମରେ ଥିବା ୧୬ ଲକ୍ଷରୁ ଅଧିକ ବିକ୍ରେତାଙ୍କୁ ବଲ୍କ ଅର୍ଡର ଥିବା ବ୍ୟବସାୟଗୁଡିକୁ ସେବା କରିବାର ସୁଯୋଗ ମଧ୍ୟ ପ୍ରଦାନ କରାଯାଇଛି।



କରାଚୀ: ଚଳିତ ବର୍ଷ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନ ଆୟୋଜନ କରିଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ନୈରାଶ୍ୟ ପ୍ରଦର୍ଶନ କରି ବାହାରି ଯାଇଥିଲା। ଯାହାଫଳରେ ପାକିସ୍ତାନ କ୍ରିକେଟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ଫଳରେ ଖେଳାଳିଙ୍କ ମଧ୍ୟରେ ଦୋଷ ଲଦାଲଦି ହୋଇଥିଲେ। କେତେକ ସିନିୟର ଖେଳାଳି ଓ ଟିମ ମ୍ୟାନେଜମେଣ୍ଟ ସଦସ୍ୟଙ୍କ ମନୋମୁଖୀ କାରାବାର ଯୋଗୁ ଦଳର ପ୍ରଦର୍ଶନସ୍ତର ହ୍ରାସ ପାଇଛି। ପାକିସ୍ତାନର ପୂର୍ବତନ ଅଧିନାୟକ ରଶିଦ ଲତିଫ ୯୦ ଦଶକରେ କେତେକ ସିନିୟର ଖେଳାଳି ଖଳନାୟକ ଭାବେ ଆଖ୍ୟା କରିଛନ୍ତି । ସେ ପରୋକ୍ଷରେ ୱାସିମ ଆକ୍ରମ ଓ ୱାକର ୟୁନୁସଙ୍କୁ ଟାର୍ଗେଟ କରି କହିଛନ୍ତି ଏମାନଙ୍କୁ ଅର୍ଥ ଫୋପାଡିଲେ ସବୁ କିଛି କରିବେ । ପାକିସ୍ତାନ କ୍ରିକେଟର ଦୁର୍ଗତି ପାଇଁ ଏମାନେ ଦାୟୀ । ଖେଳୁଥିବା ବେଳେ ନିଜ ନିଜ ମଧ୍ୟରେ ସର୍ବଦା ଅଶାନ୍ତି ସୃଷ୍ଟି କରୁଥିଲେ । ଏବେ ଅର୍ଥ ପାଇଁ ନାଚୁଛନ୍ତି ଦୁବାଇର ଏହି କୁକୁରମାନେ। ମହମ୍ମଦ ହାଫିଜ ମଧ୍ୟ ଏହି ଦୁଇ ଖେଳାଳିଙ୍କୁ ସମାଲୋଚନା କରିଛନ୍ତି । ୧୯୯୨ ବିଶ୍ୱକପ ପରେ ଆମକୁ ଆଉ ଏକ ଟ୍ରଫି ପାଇଁ ୧୭ ବର୍ଷ ସମୟ ଲାଗିଥିଲା । ଏବେ ପୁନର୍ବାର ୧୬ ବର୍ଷ ହୋଇଗଲାଣି ଆମେ କୌଣସି ବଡ ଟ୍ରଫି ଜିତି ନାହୁଁ । ପାକିସ୍ତାନ କ୍ରିକେଟ ପାଇଁ ସେମାନେ କିଛି କରି ନାହାନ୍ତି ବୋଲି ହାଫିଜ କହିଛନ୍ତି।

## ତଣ୍ଡ ଗଣିଲେ ହରମନପ୍ରୀତ୍ କୌର



ଲକ୍ଷ୍ନୌ: ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହରମନପ୍ରୀତ୍ କୌରଙ୍କୁ ଶୁକ୍ରବାର ତାଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା ହୋଇଛି। ସୂଚନା ଅନୁସାରେ ଗୁରୁବାର ସ୍ଥାନୀୟ ଏକ୍‌ନା କ୍ରିକେଟ ଷ୍ଟାଡିୟମରେ ୟୁପି ୱାରିଅର୍ଜ ବିପକ୍ଷ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ମ୍ୟାଚରେ ସେ ଅମ୍ପାୟରଙ୍କ ନିଷ୍ପତ୍ତିର ଅସହମତି ପ୍ରକାଶ କରିଥିଲେ। ଏହାଦ୍ୱାରା ସେ ଆଚରଣ ସଂହିତାର ଉଲ୍ଲଂଘନ କରିଥିଲେ। ଉତ୍ତରପ୍ରଦେଶ ୱାରିୟର୍ଜ ଇନିଂସର ୧୯ତମ ଓଭର ଶେଷରେ ଏହି ଘଟଣା ଘଟିଥିଲା। ଏକ ସ୍ଲୋ ଓଭର ରେଟ୍ ପାଇଁ ଫାଇନାଲ ଓଭରରେ ସର୍କଲ ବାହାରେ କେବଳ ୩ଜଣ ଫିଲ୍ଡରଙ୍କୁ ମୁତୟନ କରିବା ଲାଗି ହରମନପ୍ରୀତ୍‌ଙ୍କୁ ଅମ୍ପାୟର ଅଜିତେଶ ଅର୍ଗାଲ କହିଥିଲେ। ମାତ୍ର ଅମ୍ପାୟରଙ୍କ ଏହି ରୁଲିଂରେ ହରମନପ୍ରୀତ ଖୁସି ନ ଥିବା ଦେଖିବାକୁ ମିଳିଥିଲା। ସେ ଏହି ବିଷୟ ନେଇ ଅମ୍ପାୟରଙ୍କ ସହିତ କିଛି ସମୟ ଯୁକ୍ତିତର୍କ କରିଥିଲେ। ସାଥୀ ଖେଳାଳି ଆମେଲିଆ କେର ଆସି ତାଙ୍କ ସହିତ ଆଲୋଚନାରେ ଯୋଗ ଦେଇଥିଲେ। ହରମନପ୍ରୀତ୍ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ଆଚରଣବିଧି ଅନୁଚ୍ଛେଦ-୧ର ଧାରା ୨.୮ର ଉଲ୍ଲଂଘନ କରିଥିବା ସ୍ୱୀକାର କରିଥିଲେ। ଅନୁଚ୍ଛେଦ-୧ର ଉଲ୍ଲଂଘନ କଲେ ମ୍ୟାଚ ରେଫରିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ। ମ୍ୟାଚ ବେଳେ ହରମନପ୍ରୀତ୍‌ଙ୍କ ଆହୁରି ମଧ୍ୟ ନନ୍ ଷ୍ଟ୍ରାଇକର ଏଣ୍ଡରେ ଛିଡ଼ା ହୋଇଥିବା ଉତ୍ତର ପ୍ରଦେଶ ୱାରିଅର୍ଜର ସୋଫି ଏକ୍ଲେଷ୍ଟୋନ୍‌ଙ୍କ ସହିତ ଏକ ବଚସା ହୋଇଥିଲା। ଏହି ପ୍ରସଙ୍ଗରେ ଇଂଲିଶ କ୍ରିକେଟର ଅମ୍ପାୟରଙ୍କ ନିକଟକୁ ଯାଇ କିଛି କହୁଥିବା ଲକ୍ଷ୍ୟ କରାଯାଇଥିଲା। ଜବାବରେ ହରମନପ୍ରୀତ ପ୍ରତିକ୍ରିୟାଶୀଳ ହୋଇ ଏକ୍ଲେଷ୍ଟୋନ୍‌ଙ୍କ ନିକଟକୁ ଯାଇ ତାଙ୍କୁ ବିରତ ରହିବା ଲାଗି କହୁଥିବା ଦେଖିବାକୁ ମିଳିଥିଲା। ଫଳତଃ ସ୍କ୍ୱାୟାର ଲେଗ୍ ଅମ୍ପାୟର ଏନ୍ ଜନନୀ ଓ ଉତ୍ତର ପ୍ରଦେଶ ୱାରିଅର୍ଜ ଅଧିନାୟିକା ଦୀପ୍ତି ଶର୍ମା ସେଠାରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଶାନ୍ତ କରାଇଥିଲେ। ମ୍ୟାଚରେ ୱାରିଅର୍ଜ ୧୫୦/୯ ସ୍କୋର କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ୧୮.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

## ବାରବାଟୀର ନବୀକରଣ ପାଇଁ ଏବେ ଯୋଜନା ନାହିଁ: କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର: ଶୁକ୍ରବାର ବିଧାନସଭାରେ କଂଗ୍ରେସ ବିଧାୟକ ସୋଫିଆ ଫିରଦୋସଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କ୍ରୀଡ଼ା ଏବଂ ଯୁବ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, କଟକର ଐତିହାସିକ ବାରବାଟୀ ଷ୍ଟାଡିୟମର ନବୀକରଣ ପାଇଁ ଓଡ଼ିଶା ସରକାରଙ୍କ କୌଣସି ଯୋଜନା ନାହିଁ। ଅପରପକ୍ଷରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଦ୍ୱାରା ପରିଚାଳିତ ବାରବାଟୀ କ୍ରିକେଟ ଷ୍ଟାଡିୟମର ନବୀକରଣ ପାଇଁ ସରକାରଙ୍କ ପାଖରେ ଏପରି କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ସେହିପରି ମନ୍ତ୍ରୀ କଟକ ଜିଲ୍ଲାରେ ଉପଲବ୍ଧ ଥିବା କ୍ରୀଡ଼ା ଭିତ୍ତିଭୂମି ବିଷୟରେ ବିସ୍ତୃତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଜିଲ୍ଲାରେ ମୋଟ୍ ୬ଟି ଇଣ୍ଡୋର ଷ୍ଟାଡିୟମ, ୧୩ଟି ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ଏବଂ ୧୧ଟି ସହରାଞ୍ଚଳ ମିନି ଷ୍ଟାଡିୟମ ରହିଛି। ଏହା ବ୍ୟତୀତ ଜିଲ୍ଲାରେ ହକି ଟ୍ରେନିଂ ସେଣ୍ଟର ଏବଂ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ କାର୍ଯ୍ୟକ୍ଷମ ରହିଛି।



### ଅଲ୍ ଇଣ୍ଡିଆ ରେଲୱେ ଟି-୨୦ ପୁରୁଷ କ୍ରିକେଟ୍ ଚାମ୍ପିୟନଶିପ

## ପଶ୍ଚିମ ମଧ୍ୟ ରେଲୱେ ଓ ମେଟ୍ରୋ ରେଲୱେ ବିଜୟୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଶୁକ୍ରବାର ପ୍ରଥମ ଲିଗ୍ ମ୍ୟାଚ୍, ପୂର୍ବତଟ ରେଲୱେ ଓ ପଶ୍ଚିମ ମଧ୍ୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପଶ୍ଚିମ ମଧ୍ୟ ରେଲୱେ ଏହି ମ୍ୟାଚକୁ ୧୦ ୱିକେଟ୍‌ରେ ଜିତି ନେଇଥିଲା। ପଶ୍ଚିମ ମଧ୍ୟ ରେଲୱେର ବ୍ରିଜେଶ ପଟେଲ୍ ୭୦ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସିନିୟର୍ ଡିଏମ୍ଏମ୍, ଖୋର୍ଦ୍ଧା ରୋଡ୍, ଯାଭେଦ ଖାନ୍, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ। ସ୍କୋର: ପୂର୍ବ ତଟ ରେଲୱେ - ୧୩୯/୮ (୨୦ ଓଭର୍) ପଶ୍ଚିମ ମଧ୍ୟ ରେଲୱେ - ୧୪୩/୦ (୧୮.୫ ଓଭର)। ଆଜିର ଦ୍ୱିତୀୟ ଲିଗ୍ ମ୍ୟାଚ୍, ପୂର୍ବ ରେଲୱେ ଓ ମେଟ୍ରୋ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ମେଟ୍ରୋ ରେଲୱେ ୭ ୱିକେଟ୍‌ରେ ଜିତିଥିଲା। ମେଟ୍ରୋ ରେଲୱେର, ବିବେକ ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ହରଦମନ୍ ସିଂ ଓ.ଏସ୍.ଲ୍ କମ୍ପାନୀର ଅଧିକାରୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ। ସ୍କୋର: ପୂର୍ବ ରେଲୱେ - ୧୪୭/୭ (୨୦ ଓଭର), ମେଟ୍ରୋ ରେଲୱେ - ୧୫୦/୩ (୧୬.୪ ଓଭର)। ଶନିବାର ଦିନ ପୂର୍ବ ତଟ ରେଲୱେ ଓ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ଏବଂ ଉତ୍ତର ମଧ୍ୟ ରେଲୱେ ଓ ପଶ୍ଚିମ ମଧ୍ୟ ରେଲୱେ ଖେଳାଯିବ। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ କ୍ରୀଡା ସଚିବ ଏମ୍ ଜାକିରୁଦ୍ଦିନ ତଥା ଇଷ୍ଟକୋଷ୍ଟ ରେଲ ସ୍ପୋର୍ଟସ ଆସୋସିଏସନର ସଦସ୍ୟମାନଙ୍କ ଦ୍ୱାରା ଅନୁଷ୍ଠିତ କରାଯାଉଛି।

## ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ଣ୍ଣାମେଣ୍ଟ୍: ଫାଇନାଲ୍ ରାଉଣ୍ଡରେ ଅରବିନ୍ଦ

ନୂଆଦିଲ୍ଲୀ : ଭାରତୀୟ ଗ୍ରାଣ୍ଡମାଷ୍ଟର ଅରବିନ୍ଦ ଚିଦାମ୍ବରମ ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟର ରାଉଣ୍ଡରେ ଚେକ୍ ରିପବ୍ଲିକର ଡେଭିଡ ନାଭାରାଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଛନ୍ତି। ଏଥିସହିତ ସେ ତାଙ୍କର ପ୍ରଥମ ପ୍ରମୁଖ ଟାଇଟଲର ନିକଟତର ହୋଇଛନ୍ତି। ଏହି ଫଳାଫଳ ଦ୍ୱାରା ଅରବିନ୍ଦଙ୍କ ପଏଣ୍ଟ ସଂଖ୍ୟା ୫.୫ରେ ପହଞ୍ଚିଛନ୍ତି। ଆର. ପ୍ରଜ୍ଞାନନ୍ଦଙ୍କଠାରୁ ଅଧାପଏଣ୍ଟ ଆଗରେ ସେ ପୂର୍ବଭଳି ଅଗ୍ରଣୀ ରହିଛନ୍ତି। ପ୍ରଜ୍ଞାନନ୍ଦ ମଧ୍ୟ ଭିଏଟ୍ ନାମର କ୍ୱାଙ୍ଗ୍ ଲିଭ୍ ଲି'ଙ୍କ ବିପକ୍ଷ ଗେମ୍ ଡ୍ର ରଖିଛନ୍ତି। ଅରବିନ୍ଦ ଫାଇନାଲ ରାଉଣ୍ଡରେ ତୁର୍କୀର ଏଡିଜ୍ ଗୁରେଲଙ୍କୁ ସାମ୍ନା କରିବେ। ଅନ୍ୟପକ୍ଷରେ ପ୍ରଜ୍ଞାନନ୍ଦଙ୍କୁ ନେଦରଲାଣ୍ଡ୍ସ ଆନିଶ ଗିରିଙ୍କ ସହ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟପକ୍ଷରେ ଟପ୍ ସିଡ୍ ଚାଇନିଜ ଗ୍ରାଣ୍ଡମାଷ୍ଟର ୱି ୟି' ଦୃଢ ପ୍ରତ୍ୟାବର୍ତ୍ତନ ସହ ସ୍ଥାନୀୟ ଫେଭରିଟ୍ ଏନଗୁୟେନ ଥାଇ ଦାଇ ଭାନ୍‌ଙ୍କୁ ପରାସ୍ତ କରି ୪.୫ ପଏଣ୍ଟ ସହ ଏକାକି ତୃତୀୟ ସ୍ଥାନରେ ରହିଛନ୍ତି। ଚାଇନିଜ ଖେଳାଳି ତାଙ୍କ ପ୍ରଥମ ତିନୋଟି ଗେମ୍ ମଧ୍ୟରୁ ଦୁଇଟିରେ ପରାଜିତ ହୋଇଥିଲେ। ଭିନସେଣ୍ଟ କେମର (ଜର୍ମାନୀ), ଏଡିଜ ଲରେଲ ଓ ଗିରି ପ୍ରତ୍ୟେକ ୪ ପଏଣ୍ଟ ସହ ମିଳିତ ୪ର୍ଥ ସ୍ଥାନରେ ରହିଛନ୍ତି। ସେମାନଙ୍କ ପଛକୁ କ୍ୱାଙ୍ଗ ଲିମ୍, ନାଭାରା ଓ ସାମ୍ ଶନକଲାଣ୍ଡ ପ୍ରତ୍ୟେକ ୩.୫ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ଦାଇ ଭାନ୍ ୨.୫ ପଏଣ୍ଟ ସହ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛନ୍ତି।

## ଫୁଟବଲ୍ ବିଶ୍ୱକପ୍‌ରୁ ପାକିସ୍ତାନ ଆଉଟ୍




ନୂଆଦିଲ୍ଲୀ: ବହୁତ ବାଦ ବିବାଦ ସତ୍ତ୍ୱେ ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ପାକିସ୍ତାନ ଆୟୋଜିତ କରିଥିଲା। କିନ୍ତୁ ପାକିସ୍ତାନ ଏଥିରେ ନୈରାଶ୍ୟ ପ୍ରଦର୍ଶନ କରି ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଛି। ଏଥିସହିତ ଭାରତୀୟ ଦଳ ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ ହାଇବ୍ରିଡ ମଡେଲ ଅନୁଯାୟୀ ଦୁବାଇରେ ଏହାର ମ୍ୟାଚ ଖେଳୁଛି। କ୍ରିକେଟ ପରେ ଏବେ ପାକିସ୍ତାନ ଫୁଟବଲ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପାକିସ୍ତାନ ବ୍ୟତୀତ, ଫିଫା ରୁଷିଆ ଏବଂ କଙ୍ଗୋକୁ ୨୦୨୬ ବିଶ୍ୱକପରୁ ବ୍ୟାନ୍ କରିଛି। ଚାମ୍ପିୟନ୍ସ ଟ୍ରଫିରେ ଲଜ୍ଜାଜନକ ପ୍ରଦର୍ଶନ ପରେ, ଫିଫା ବିଶ୍ୱକପରୁ ବାସନ୍ଦ ହେବା ପାକିସ୍ତାନ ପାଇଁ ଏକ ବଡ଼ ଧକ୍କା ବୋଲି ବିବେଚନା କରାଯାଉଛି। ୨୦୨୬ ଫିଫା ବିଶ୍ୱକପ ଆମେରିକା, କାନାଡା ଏବଂ ମେକ୍ସିକୋରେ ଆୟୋଜିତ ହେବ। ଏହି ଟୁର୍ନାମେଣ୍ଟର ଇତିହାସରେ ପ୍ରଥମ ଥର ପାଇଁ, ୪୮ଟି ଦଳ ଅଂଶଗ୍ରହଣ କରିବେ। ତେଣୁ, ଏହି ଟୁର୍ନାମେଣ୍ଟ ବହୁତ ବଡ଼ ହେବାକୁ ଯାଉଛି। କିନ୍ତୁ ଏହି ସମୟ ମଧ୍ୟରେ ପାକିସ୍ତାନ ବ୍ୟତୀତ, ଫିଫା ରୁଷିଆ ଏବଂ କଙ୍ଗୋକୁ ବ୍ୟାନ୍ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପାକିସ୍ତାନ ଫୁଟବଲ ଫେଡେରେଶନ (ପିଏଫ୍ଏଫ୍) ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ଗ୍ୟାରେଣ୍ଟି ଦେଉଥିବା ନୂତନ ସମ୍ବିଧାନ ଆପଣାଇନାହିଁ। ଯେତେବେଳେ ଫିଫା ଏବଂ ଏସୀୟ ଫୁଟବଲ କନଫେଡେରେଶନ (ଏଏଫସି) ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସର୍ତ୍ତ ରଖିଥିଲେ। ସେହିପରି ରୁଷିଆ ୨୦୨୬ ଫିଫା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିନାହିଁ। ପ୍ରକୃତରେ, ପ୍ରାୟ ୩ ବର୍ଷ ପୂର୍ବେ, ୟୁକ୍ରେନ ଆକ୍ରମଣ ସହିତ ଆରମ୍ଭ ହୋଇଥିବା ଫିଫା ଏବଂ ୟୁଇଏଫଏ ଅଧୀନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ରୁଷିଆ ଜାତୀୟ ଫୁଟବଲ ଦଳକୁ ନିଷିଦ୍ଧ କରାଯାଇଥିଲା। ତେଣୁ, ଏହି ପ୍ରତିବନ୍ଧକ ରୁଷିଆ ଉପରେ ଜାରି ରହିବ।

## ଅମର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ କୋଠୀ ପଞ୍ଚାୟତର ସିଜୁ ଗ୍ରାମରେ ବନ ବିହାରୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ଅମର ସ୍ମାରକୀ ଜିଲ୍ଲା ସ୍ତରୀୟ ଦ୍ୱିତୀୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି ।ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ବାଳ କୃଷ୍ଣ ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ କୋଠୀ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀଧର ସାହୁ ଯୋଗ ଦେଇ କ୍ରୀଡ଼ା ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ସିଜୁ ବନ ବିହାରୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ଅମର ସ୍ମାରକୀ ଦ୍ୱିତୀୟ ବାର୍ଷିକ ଟୁର୍ଣ୍ଣାମେଣ୍ଟ ୭ଦିନ ବ୍ୟାପି ଚାଲିବ ଓ ପ୍ରଥମ ଦିନରେ ଜଗତସିଂହପୁର ପୁନ୍ନଙ୍ଗ ଜେଡିୱାଇସି ଓ କେନ୍ଦ୍ରାପଡ଼ା ଛେଡ଼ା କଣି ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ଜଗତସିଂହପୁର ଜେଡିୱାଇସ୍ ଟସ୍ ୱିନ୍ କରି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। କେନ୍ଦ୍ରାପଡ଼ା ଛେଡାକଣୀ ପ୍ରଥମେ ବ୍ୟାଟିଂ କରି ୨୧୩ରନ୍ ସଂଗ୍ରହ କରିଥିବା ବେଳେ ଜଗତସିଂହପୁର ଜେଡିୱାଇସି ୧୮୯ରନ୍ କରିଥିଲା କେନ୍ଦ୍ରାପଡା ଛେଡାକଣୀ ୨୩ରନରେ ଜଗତସିଂହପୁର ଜେଡିୱାଇସିକୁ ପରାସ୍ତ କରିଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ଶେଖର ତରାଇ, ବାବୁ ରଞ୍ଜନ ତରାଇ, ମାନସ ତରାଇ, ଟହଲି ବାରିକ୍, ରମେଶ ନାୟକ, ମନୋରଞ୍ଜନ ତରାଇ, ନିହାର ରଞ୍ଜନ ତରାଇ, ମାନସ ବେହେରା, ପ୍ରିୟ ରଞ୍ଜନ ସାମନ୍ତରାୟ, ସୁରେନ୍ଦ୍ର ସାହୁ, କୈଳାଶ ନାୟକ, ନିଖିଳ ତରାଇ, ତାପସ ତରାଇ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ସଞ୍ଜୟ ପ୍ରଧାନ ଓ ନିହାର ବଳିଆରସିଂ ଅମ୍ପାୟର ଭାବେ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ଫାଇନାଲ୍ ମ୍ୟାଚ ପୂର୍ବରୁ ଗୁରୁମନ୍ତ୍ର ଦେଲେ ଗାଭାସ୍କର



ଦୁବାଇ: ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ, ଟିମ ଇଣ୍ଡିଆ ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଫାଇନାଲରେ ପହଞ୍ଚିଛି। ଏହି ଟୁର୍ନାମେଣ୍ଟରେ ଟିମ୍ ଇଣ୍ଡିଆ ଗୋଟିଏ ବି ମ୍ୟାଚ ହାରି ନାହିଁ। ଟିମ ଇଣ୍ଡିଆ ଫାଇନାଲରେ ପହଞ୍ଚିବା ସତ୍ତ୍ୱେ ବି ସୁନୀଲ ଗାଭାସ୍କର ରୋହିତ ଶର୍ମାଙ୍କ ଉପରେ ଖୁସି ନୁହଁନ୍ତି। ଗାଭାସ୍କର କହିଛନ୍ତି, ରୋହିତ ଶର୍ମା ୨୫-୩୦ ରନ କରିବା ପରେ ଖୁସି ହେବା ଉଚିତ୍ ନୁହେଁ। ତାଙ୍କୁ ୨୫ ଓଭର ବ୍ୟାଟିଂ କରିବା ଉଚିତ୍। ଏହି ମୁକାବିଲା ପୂର୍ବରୁ ଭାରତର ଷ୍ଟାର ଓପନର ଥିବା ସୁନୀଲ ଗାଭାସ୍କର ଅଧିନାୟକଙ୍କୁ ଗୁରୁମନ୍ତ୍ର ଦେଇ କିଛି ତ୍ରୁଟିକୁ ସୁଧାରିବା ପାଇଁ ପରାମର୍ଶ ଦେଇଛନ୍ତି। ଗାଭାସ୍କର କହିଛନ୍ତି, 'ଭାରତ ଟୁର୍ଣ୍ଣାମେଣ୍ଟରେ ଖୁବ ସୁନ୍ଦର ପ୍ରଦର୍ଶନ କରି ଚାରିଟି ମ୍ୟାଚ ସହଜରେ ଜିତି ଯାଇଛି। କିନ୍ତୁ ରୋହିତ ଶର୍ମାଙ୍କ ଫର୍ମରେ କିଛି ତ୍ରୁଟି ରହି ଯାଉଛି। ମୁଁ ଚାହୁଁଛି ନୂଆ ବଲ ସହିତ ପ୍ରଥମ ୧୦ ଓଭରରେ ଉକେଟ ନେବା ଉଚିତ। ମଝାମଝି ଓଭରରେ ଆମକୁ ଉକେଟ ନେବାର ନାହିଁ। ଟିମରେ ଚାରିଜଣ ସ୍ପିନର ରହିବା ଉଚିତ। ତେଣୁ ଅନୁଭବ କଲି ଖେଳ ସମୟରେ ଏସବୁ କିଛି ଛୋଟଛୋଟ ତ୍ରୁଟି ରହୁଛି। ତେଣୁ ଏସବୁ ତ୍ରୁଟିକୁ ଧ୍ୟାନରେ ରଖି ପଡ଼ିଆକୁ ଓହ୍ଲାଇଲେ ନିଶ୍ଚୟ ବିଜୟ ଆମ ହାତକୁ ଆସିବ। ଗାଭାସ୍କର ଆହୁରି କହିଛନ୍ତି, ତାଙ୍କୁ ମଧ୍ୟ ଏ ବିଷୟରେ ଟିକେ ଚିନ୍ତା କରିବା ଆବଶ୍ୟକ। ଆକ୍ରମଣାତ୍ମକ ଭାବରେ ଖେଳିବା ଏକ କଥା, କିନ୍ତୁ ତାଙ୍କୁ ୨୫-୩୦ ଓଭର ବ୍ୟାଟିଂ କରିବାର ସୁଯୋଗ ଦେବା ପାଇଁ କୌଣସି ସ୍ଥାନରେ କିଛି ବିଚକ୍ଷଣତା ରହିବା ଆବଶ୍ୟକ। ଯଦି ସେ ଏପରି କରନ୍ତି, ତେବେ ସେ ଅନ୍ୟ ଦଳଠାରୁ ଖେଳ ଛଡ଼ାଇ ନେଇପାରିବେ। ଏହି ପ୍ରକାରର ପ୍ରଭାବ ମ୍ୟାଚ ଜିତିବା ଭଳି।

## ସେହ୍ୱାଗଙ୍କ ଭାଇ ଗିରଫ



ନୂଆଦିଲ୍ଲୀ:ଟିମ ଇଣ୍ଡିଆର ପୂର୍ବତନ ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ବୀରେନ୍ଦ୍ର ସେହ୍ୱାଗଙ୍କ ଭାଇ ବିନୋଦ ସେହ୍ୱାଗଙ୍କୁ ପୋଲିସ ଗିରଫ କରିଛି। ଏକ ରିପୋର୍ଟ ଅନୁଯାୟୀ, ବିନୋଦ ସେହ୍ୱାଗଙ୍କ ଚେକ ବାଉନ୍ସ ମାମଲା କୋର୍ଟରେ ଚାଲିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ମାମଲା ୭ କୋଟି ଟଙ୍କା ସହିତ ଜଡିତ। କୋର୍ଟରେ ହାଜର ନହେବା ପାଇଁ ତାଙ୍କୁ ପଳାତକ ଘୋଷଣା ମଧ୍ୟ କରାଯାଇଛି। ବୀରେନ୍ଦ୍ର ସେହ୍ୱାଗଙ୍କ ଭାଇ ବିନୋଦଙ୍କୁ ଚଣ୍ଡିଗଡ଼ର ମଣିମାଜରା ପୋଲିସ ଷ୍ଟେଶନ ପୋଲିସ ଗିରଫ କରିଛି। ତାଙ୍କର ୭ କୋଟି ଟଙ୍କାର ଚେକ ବାଉନ୍ସ ମାମଲା କୋର୍ଟରେ ଚାଲିଛି। ଏହି ମାମଲାରେ ତାଙ୍କୁ କୋର୍ଟରେ ହାଜର ହେବାକୁ ଥିଲା। କିନ୍ତୁ ସେ ହାଜର ହୋଇନଥିଲେ। ଏହି କାରଣରୁ ତାଙ୍କୁ ପଳାତକ ଘୋଷଣା କରାଯାଇଥିଲା। ଏକ ରିପୋର୍ଟ ଅନୁଯାୟୀ, ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଛି। ଏଠାରେ କୋର୍ଟ ତାଙ୍କୁ ନ୍ୟାୟିକ ହାଜତକୁ ପଠାଇ ଦେଇଛନ୍ତି। ରିପୋର୍ଟ ଅନୁସାରେ, ବିନୋଦ ସେହ୍ୱାଗଙ୍କ ଓକିଲ ଜାମିନ ଆବେଦନ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଜାମିନ ମିଳିନାହିଁ। ବିନୋଦଙ୍କ ଜାମିନ ଆବେଦନ ଉପରେ ନିଷ୍ପତ୍ତି ମାର୍ଚ୍ଚ ୧୦ ତାରିଖରେ ନିଆଯାଇପାରେ। ସେ ବର୍ତ୍ତମାନ ପାଇଁ ପୋଲିସ ହେପାଜତରେ ରହିବେ।

## ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍ ଫାଇନାଲ୍‌ରେ ତପନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡିଶାର ଷ୍ଟାର ଜିମ୍ନାଷ୍ଟ ତପନ ମହାନ୍ତି ଏଫଆଇଜି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶ୍ୱକପରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ସେ ବାକୁରେ ଅନୁଷ୍ଠିତ ଏହି ବିଶ୍ୱକପର ଫ୍ଲୋର ଏକ୍ସରସାଇଜ ଫାଇନାଲରେ ପ୍ରବେଶ କରିଛନ୍ତି । ୨୨ ବର୍ଷୀୟ ଏହି ଯୁବ ଜିମ୍ନାଷ୍ଟ ୧୨.୬୦୦ ସ୍କୋର କରି କ୍ୱାଲିଫାଇ କରିଛନ୍ତି । ତାଙ୍କଠାରୁ ପଦକ ଆଶାରେ ଭାରତୀୟ ଜିମ୍ନାଷ୍ଟପ୍ରେମୀ ରହିଛନ୍ତି । ଏହା ପୂର୍ବରୁ ତପନ ୨୦୨୩ ଏସିଆନ ଗେମ୍ସ ଓ ୨୦୨୪ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶ୍ୱକପରେ ମଧ୍ୟ ଅଂଶଗ୍ରହଣ କରି ସାରିଛନ୍ତି । ୮ଜଣ ଫାଇନାଲିଷ୍ଟଙ୍କ ମଧ୍ୟରେ ପଦକ ପାଇଁ ମୁକାବିଲା ହେବ। କାଜକସ୍ତାନର ମିଲାଦ କରୀମ ୧୩.୮୩୩ ସ୍କୋର ସହ କ୍ୱାଲିଫାଇଂ ରାଉଣ୍ଡରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଭାରତର ଜତୀନ କୁମାର କାନୋଜିୟା ଫାଇନାଲକୁ ଉନ୍ନୀତ ହେବାରେ ବିଫଳ ହୋଇଛନ୍ତି । ସେ ୧୧.୩୩୩ ପଂଏଟ ହାସଲ କରି ୧୨ତମ ସ୍ଥାନ ହାସଲ କରିଥିଲେ ।

## ଓସିଏ ଟୁର୍ଣ୍ଣାମେଣ୍ଟ କମିଟିର ବୈଠକ

କଟକ (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଓଡ଼ିଶା କ୍ରିକେଟ ଆସୋସିଏନର ଟୁର୍ଣ୍ଣାମେଣ୍ଟ କମିଟି ଏବଂ ଟୁର୍, ଫିକ୍ଚର ଏବଂ ବୈଷୟିକ କମିଟିର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନଜନକ କଳାହାଣ୍ଡି କପ୍ ପାଇଁ ସିନିୟର ପୁରୁଷ ଆନ୍ତଜିଲ୍ଲା ପ୍ରତିଯୋଗିତା ପାଇଁ ନିଷ୍ପତ୍ତି ନିଆଯିବା ସହ ଆସନ୍ତା ୧୮ତାରିଖରୁ ଏହାକୁ ଆରମ୍ଭ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୨୮ଟି ଟିମ୍ ଅଂଶ ଗ୍ରହଣ କରିବେ। ଗ୍ରୁପ୍ ଏରେ ଏକ୍ରୋଶା, କୋରାପୁଟ, ମୟୁରଭଞ୍ଜ, ନବରଙ୍ଗପୁର, କନ୍ଧମାଳ ଓ ଯାଜପୁର ରହିଥିବା ବେଳେ ଗ୍ରୁପ୍ ବିରେ କଟକ-ଏ, କେନ୍ଦୁଝର, ବୌଦ୍ଧ, ନୂଆପଡା, ଜଗତ୍‌ସିଂହପୁର ଓ ଖୋର୍ଦ୍ଧା ରହିଛନ୍ତି। ସେହିପରି ଗ୍ରୁପ୍ ସିରେ ନୟାଗଡ, ଭୁବନେଶ୍ୱର ବି, ପାରାଦ୍ୱୀପ, ଗଜପତି, କଳାହାଣ୍ଡି ଓ ସୁନ୍ଦରଗଡ ରହିଛନ୍ତି। ସେହିପରି ଗ୍ରୁପ୍ ଡି, ଗ୍ରୁପ୍ ଇ, ଗ୍ରୁପ୍ ଏଫ୍‌ରେ ବିଭିନ୍ନ ଟିମ୍‌କୁ ସାମିଲ କରାଯାଇଛି। ପ୍ରତ୍ୟେକ ମ୍ୟାଚ୍ ୫୦ଓଭର ଲେଖାଏଁ ଖେଳାଯିବାର ନିଷ୍ପତ୍ତି ନିଆଯାଇଛି।

## ବରୁଣ ଆମ ପାଇଁ ବଡ଼ ବିପଦ: ନ୍ୟୁଜିଲାଣ୍ଡ କୋଚ୍



ଦୁବାଇ: ଆସନ୍ତା ରବିବାର ଚାମ୍ପିଅନ୍ସ ଟ୍ରଫି୍ର ଫାଇନାଲ ମ୍ୟାଚ୍ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ନ୍ୟୁଜିଲାଣ୍ଡ ଦଳର ମୁଖ୍ୟ କୋଚ ଗ୍ୟାରୀ ଷ୍ଟିଡଙ୍କ ମତରେ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ବରୁଣ ଚକ୍ରବର୍ତ୍ତୀ ବଡ଼ ବିପଦ ହୋଇପାରନ୍ତି। ଏଥିଯୋଗୁ ନ୍ୟୁଜିଲାଣ୍ଡ ଦଳ ଭାରତୀୟ ମିଷ୍ଟ୍ରୀ ସ୍ପିନରଙ୍କ ମୁକାବିଲା କରିବା ପାଇଁ ବାଟ ଖୋଜୁଛି। ବିପକ୍ଷ ଲିଗ ମ୍ୟାଚରେ ବରୁଣ ୪୨ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ଏଥିଯୋଗୁ ଫାଇନାଲରେ ତାଙ୍କର ଖେଳିବା ନିଶ୍ଚିତ। ସେ ଜଣେ କ୍ଲାସ ବୋଲର ଏବଂ ଗତଥର ଆମ ବିପକ୍ଷରେ ତାଙ୍କ ଦକ୍ଷତା ପ୍ରଦର୍ଶିତ କରିଥିଲେ। ସେ ମ୍ୟାଚରେ ଆମ ପାଇଁ ବଡ଼ ବିପଦ ସାଜିପାରନ୍ତି। ଏଣୁ ତାଙ୍କ ପ୍ରଭାବକୁ କେଉଁଭଳି ସୀମିତ ଏବଂ ତାଙ୍କ ବିପକ୍ଷରେ କେଉଁଭଳି ରନ କରିପାରିବୁ, ସେ ସମ୍ପର୍କରେ ଆମେ ଚିନ୍ତା କରୁଛୁ ବୋଲି ଷ୍ଟିଡ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

**अति अल्पकालीन ई–निविदा आमंत्रण सूचना**

ई– निविदा सूचना संख्या – **RDD/SD/CHAIBASA/06/2024-25(2nd Call) (DMFT Fund)**

1. कार्य की विस्तृत विवरणीः

| क्र० सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | तांतनगर | चिटिमिटी पंचायत के ग्राम–उलीडीह पी0डब्ल्यु0डी0 रोड से बिंगबुरू होते हुए बुढ़ाबासा चौक तक पी0 सी0 सी0 पथ निर्माण। | 17688600.00 | 354000.00 | 10000.00 | 6 माह |
| 2 | तांतनगर | कासेया पंचायत के ग्राम–कासेया से हरिवेडा सूरमी दूरमी जाने वाली सड़क पी0 सी0 सी0 पथ निर्माण। | 14271400.00 | 286000.00 | 10000.00 | 6 माह |

2. वेबसाइट में निविदा प्रकाशन की तिथि – 10.03.2025
3. ई–निविदा प्राप्ति की तिथि एवं समय – दिनांक 10.03.2025 से दिनांक 18.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –19.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०–17)–251/23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में **सभी कागजात के साथ, निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।**
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
11. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
12. ग्रामीण विकास विभाग (ग्रामीण कार्य मामले) झारखण्ड, पथ निर्माण विभाग, जल संसाधन विभाग झारखण्ड झारखण्ड के अन्तर्गत पंजीकृत समुचित श्रेणी के संवेदक भाग ले सकेगें ।
13. जिन संवेदक का कार्य लंबित है उनका कार्य आवंटन पर विचार नही किया जायेगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR 348078 (West Singhbhum) 24-25 (D)



**झारखंड सरकार**
**कार्यपालक अभियंता का कार्यालय,सिंचाई प्रमंडल दुमका**

**ई–प्रोक्योरमेंट सूचना**

**e-Tender Ref. No: WRD/Irr.Div.Dumka/SBD-IFB-05/2024-25 (4th call)**
**Dt : 07.03.2025**

1. विभाग का नाम – जल संसाधन विभाग, झारखण्ड सरकार ।
2. विज्ञापनदाता का नाम – कार्यपालक अभियंता, सिंचाई प्रमण्डल, दुमका । Mob. No. -9801476699 ,Email ID- eedmkirr@gmail.com
3. निविदा विपत्र वेबसाईट पर प्रकाशन की तिथि – 10.03.2025 को (11:00 AM)
4. परिमाण विपत्र डाउनलोड करने की तिथि – 10.03.2025 (11:00 AM) से 03.04.2025 (05:00PM) तक
5. निविदा प्राप्त करने की अंतिम तिथि – 03.04-2025 (05:00 PM)
6. तकनीकी निविदा खुलने की तिथि – 07.04.2025 (02:00 PM)
7. ई0–निविदा आमंत्रण सेल का हेल्प लाईन न0. 06432357181

कार्य का विवरण –

| क्र0 सं0 | ग्रुप सं0 | कार्य का नाम | प्राक्कलित राशि | अग्रधन राशि 1% | परिमाण विपत्र का मुल्य | कार्य समाप्ति की तिथि |
|---|---|---|---|---|---|---|
| 1 | 01 | PCC Lining work and Restoration of Structures of Raneshwar Distributory Originating from Mayurakshi Left Bank canal | 15,11,54,224.50 | 15,12,000.00 | 10000.00 | 18 माह |

नोटः सिर्फ ई0–निविदा ही स्वीकार किये जायेंगें।
(1) निविदा शुल्क एवं अग्रधन की राशि केवल online mode द्वारा स्वीकार्य होगी।
(2) निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा उसी खाते में अग्रधन की राशि वापस होगी, अगर खाता को बन्द कर दिया जाता है तो इसकी सारी जवाबदेही सम्बंधित निविदादाता की होगी।
(3) प्राक्कलित राशि घट–बढ़ सकती है।
(4) राज्य सरकार द्वारा निर्गत सभी अद्यतन आदेश/परिपत्र लागू होंगें।
(5) ज्यादा जानकारी http://jharkhandtenders.gov.in पर प्राप्त की जा सकती है।

कार्यपालक अभियन्ता
सिंचाई प्रमंडल दुमका

PR 348053 Water Resource(24-25).D



ଆଜିକାଲି ପିଲାମାନେ ଓଜନ ବୃଦ୍ଧିର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଖରାପ ଜୀବନଶୈଳୀ ଏବଂ ଖାଦ୍ୟପେୟ ଏହା ପଛର କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି । ଯାହାକି ପିତା ମାତାଙ୍କ ପାଇଁ ଏକ ଚିନ୍ତାର କାରଣ ସାଜିଛି । ଲଗାତାର ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଉଛନ୍ତି ତେବେ ଆପଣଙ୍କ ପିଲାର ଓଜନ ଦ୍ରୁତ ଗତିରେ ବୃଦ୍ଧି ପାଇପାରେ । ପ୍ୟାକେଜ ଖାଦ୍ୟର ଅଧିକ ବ୍ୟବହାର-କମ୍ ବୟସରେ ମୋଟା ହେବା ଅନେକ ପ୍ରକାରର ରୋଗର କାରଣ ହୋଇପାରେ । ଏହି କାରଣରୁ କମ ବୟସରେ ମଧୁମେହ, ହୃଦରୋଗ ଏବଂ ଶ୍ୱାସକ୍ରିୟା ସମସ୍ୟା ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଅତ୍ୟଧିକ ପ୍ୟାକେଜ୍ ହୋଇଥିବା ଖାଦ୍ୟ ଖାଆନ୍ତି ଛୁଆ । ଅଧ୍ୟୟନରୁ ଜଣାପଡିଛି ଯେ ଭାରତରେ ପିଲାମାନଙ୍କ ପାଇଁ ପ୍ୟାକେଜ୍ କରାଯାଇଥିବା ଅନେକ ଖାଦ୍ୟରେ ପାଶ୍ଚାତ୍ୟ ଦେଶମାନଙ୍କ ତୁଳନାରେ ଅଧିକ ପରିମାଣର ଚିନି ଥାଏ, ଯାହା ପିଲାମାନଙ୍କ ମଧ୍ୟରେ ମୋଟାପାର କାରଣ ସାଜିଥାଏ । ମୋଟାପା- ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କୁ ଜଙ୍କଫୁଡ୍ ଏବଂ ପ୍ୟାକେଜ୍ଡ ଖାଦ୍ୟ ଖୁଆଇ ଦେଉଛନ୍ତି, ଯାହା ଫଳରେ ସେମାନେ ସନ୍ତୁଳିତ ଖାଦ୍ୟ ପାଇପାରୁ ନାହାଁନ୍ତି ଏବଂ ପୁଷ୍ଟିକର ଅଭାବ ଯୋଗୁଁ ମେଦବହୁଳତା ବୃଦ୍ଧି ପାଉଛି ।

# ଅନ୍ତର୍ଜାତୀୟ ମହିଳା ଦିବସ



ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ଏହାକୁ ପୂର୍ବେ ଆନ୍ତର୍ଜାତିକ ଶ୍ରମଜୀବୀ ମହିଳା ଦିବସ କୁହାଯାଉଥିଲା। ସାରା ବିଶ୍ୱର ମହିଳାଙ୍କୁ ସମ୍ମାନ ଓ ଶ୍ରଦ୍ଧା ଦେବା ସହ ସେମାନଙ୍କର ରାଜନୀତିକ, ସାମାଜିକ ଏବଂ ଆର୍ଥିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ବାଇଗଣୀ ରିବନ୍ ଏହି ଦିନର ପ୍ରତୀକ। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଧିକାର ପାଇବା ପାଇଁ ବହୁ ଦିନରୁ ସଂଘର୍ଷରତ। ଇଉରୋପରେ ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ମହିଳମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଗଣାଯାଉଥିଲେ। ସ୍ୱାଧୀନ ମତ ପୋଷଣ ବା ଭୋଟ ଦେବାର ଅଧିକାର ନଥିଲା। ଏପରିକି ଗ୍ରେଟ୍ ବ୍ରିଟେନ୍ ଭଳି ରାଷ୍ଟ୍ରରେ ମଧ ମହିଳାଙ୍କ ଶିକ୍ଷା ଅନେକଟା ସୀମିତ ଥିଲା। ୧୭୯୨ରେ ମେରି ଉଲ୍‌ଷ୍ଟୋନକ୍ରାଫ୍‌ଟ ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ପ୍ରସଙ୍ଗରେ ଲେଖିଥିଲେ 'ଏ ଭିଣ୍ଡିକେସନ୍ ଅଫ୍ ଦ ରାଇଟ୍‌ସ ଅଫ୍ ଓ୍ୱିମେନ୍'। ବହିଟି ସମଗ୍ର ଇଉରୋପରେ ଚହଳ ପକାଇଥିଲା ଏବଂ ସମସ୍ତଙ୍କୁ ଏହି ଦିଗରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇଥିଲା। ତାହା ପରେ ପୁରୁଷଙ୍କ ସହ ସମାନ ଅଧିକାର ପାଇବା ପାଇଁ ଇଉରୋପ୍‌ର ବିଭିନ୍ନ ଅଞ୍ଚଳର ମହିଳାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ଜାତିସଂଘର ଅନୁମୋଦନ କ୍ରମେ ୧୯୯୬ରୁ ଏହା ବିଷୟ ଭିତ୍ତିକ ଭାବେ ପାଳିତ ହେଉଛି। 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି। ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀକୁ ତା'ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ।

# ବଲିଉଡକୁ ବାଏ ବାଏ କଲେ ଅନୁରାଗ କଶ୍ୟପ

ଏଣ୍ଟରଟେନମେଣ୍ଟରୁ ଏକ ବଡ ଖବର ସାମ୍ନାକୁ ଆସିଛି । ବଲିଉଡକୁ ବାଏ ବାଏ କରିଛନ୍ତି ଜଣାଶୁଣା ନିର୍ଦ୍ଦେଶକ।'ଗ୍ୟାଙ୍ଗସ ଅଫ ବାସେପୁର', 'ବ୍ଲାକ ଫ୍ରାଇଡେ' ଓ 'ଦେବ-ଡି' ପରି ଶାନଦାର ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ଅନୁରାଗ କଶ୍ୟପ ବଲିଉଡକୁ ବାଏ ବାଏ କରି ଦେଇଛନ୍ତି । ହିନ୍ଦୀ ଫିଲ୍ମର ଦର୍ଶକ ଏବେ ଅନୁରାଗଙ୍କୁ ବହୁ ମାତ୍ରାରେ ମିସ୍ କରିବେ। ଅନୁରାଗ ନିଜର ଫିଲ୍ମରେ କ୍ରାଇମ ଓ ଲଷ୍ଟ ଲଭ ଷ୍ଟୋରିଜର କକଟେଲ ପରିଷିବା ପାଇଁ ବିଖ୍ୟାତ। ଏହା ମଧ୍ୟରେ ଅନୁରାଗ ଏକ ନୂଆ ବର୍ଗର ଦର୍ଶକ ସନ୍ଧାନ କରିଛନ୍ତି । ଏବେ ହିନ୍ଦୀ ଦର୍ଶକଙ୍କୁ ସେପରି ସିନେମା ଆଉ ଦେଖିବାକୁ ମିଳିବ ନାହିଁ। ବଲିଉଡକୁ ଅଲବିଦା କହିବା ପୂର୍ବରୁ ସେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଟକ୍ସିକ ବୋଲି କହି ସାରିଛନ୍ତି। ଆଜିର ସମୟରେ ବଲିଉଡରେ କ୍ରିଏଟିଭିଟିକୁ ଗୁରୁତ୍ୱ ଦିଆଯାଉନାହଁ ବୋଲି ସେ କହିଛନ୍ତି। ସମସ୍ତେ ଅର୍ଥ ପଛରେ ପାଗଳ ହୋଇଯାଇଛନ୍ତି । କେହି ସିନେମା ନିର୍ମାଣ କରିବାକୁ ଚାହୁଁ ନାହାନ୍ତି ବୋଲି ଅନୁରାଗ କହିଛନ୍ତି। ସୂଚନାଯୋଗ୍ୟ ଯେ, ତେବେ ଆଜିର ସମୟରେ ବଲିଉଡରେ ବହୁ ପରିବର୍ତ୍ତନ ଦେଖିବାକୁ ମିଳିଛି। ସମସ୍ତେ ଅର୍ଥ ରୋଜଗାର ଆଶାରେ ଫିଲ୍ମ ତିଆରି କରୁଛନ୍ତି। ଏହା ପରେ ବି ଅନୁରାଗଙ୍କ ଧୈର୍ଯ୍ୟ ତାଙ୍କ ପାଇଁ ଜବାବ ଦେଇଛି। ଦର୍ଶକଙ୍କ ହୃଦୟରେ ସେ ନିଜର ଏକ ସ୍ୱତନ୍ତ୍ର ଛାଡ଼ି ଛାଡ଼ିପାରିଛନ୍ତି। ଏବେ ସେ ନିଜକୁ ସାଉଥ ସିନେମା ପ୍ରତି ସମର୍ପିତ କରିବେ। ଅନୁରାଗଙ୍କ ଫିଲ୍ମ ନୂଆ ପିଢ଼ିର ଫିଲ୍ମମେକର୍ସଙ୍କ ପାଇଁ ଏହା ପାଠ, ଏଥିରେ ଦ୍ୱିମତ ନାହିଁ।



# ଫଟୋଗ୍ରାଫରଙ୍କୁ କାନଫୁଲ ଉପହାର ଦେଲେ ରବିନା



ବର୍ତ୍ତମାନ ସୋସିଆଲ୍ ମିଡିଆରେ ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନଙ୍କ ନାଁ ଟ୍ରେଣ୍ଡିଂରେ ରହିଛି। କାରଣ ରବିନା ଏୟାରପୋର୍ଟରେ ତାଙ୍କ ଫ୍ୟାନ୍‌ଙ୍କୁ ଏମିତି ଏକ ଉପହାର ଦେଇଛନ୍ତି, ଯାହାକୁ ନେଇ ତାଙ୍କ ଫ୍ୟାନ୍ କହୁଛନ୍ତି ୟେସ୍ ସି ଇଜ୍ ଦ ବଲିଉଡ୍ କ୍ୱିନ୍। ନିକଟରେ ରବିନା ଟଣ୍ଡନଙ୍କୁ ତାଙ୍କ ଝିଅ ରାଶା ଥଦାନୀଙ୍କ ସହିତ ମୁମ୍ବାଇ ଏୟାରପୋର୍ଟରେ ଦେଖିବାକୁ ମିଳିଥିଲା। ସେ ବିମାନବନ୍ଦରରେ ପହଞ୍ଚିବା ପରେ ଜଣେ ଫଟୋଗ୍ରାଫର ତାଙ୍କୁ ଡ୍ରେସିଂ ସେନ୍ସ ଦେଖି ପ୍ରଶଂସା କରିଥିଲେ। ରବିନା ପିନ୍ଧିଥିବା କାନଫୁଲ ବି ଫଟୋଗ୍ରାଫରଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏହାପରେ ରବିନା ତାଙ୍କ ପାଖକୁ ଆସି ପଚାରିଥିଲେ କେଉଁଟା ତୁମକୁ ଭଲ ଲାଗୁଛି ? ଆଶ୍ଚର୍ଯ୍ୟର କଥା ହେଲା ଫଟୋଗ୍ରାଫର ଯେଉଁ କାନଫୁଲଟା ପସନ୍ଦ ଆସୁଛି ବୋଲି କହିଲେ ରବିନା ତୁରନ୍ତ ତାକୁ କାନରୁ କାଢ଼ି ସେହି ଫଟୋଗ୍ରାଫରଙ୍କୁ ଉପହାର ଦେଲେ। ଫ୍ୟାନ୍‌ଙ୍କ ପ୍ରତି ରବିନାଙ୍କର ଏଭଳି ଆଚରଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏମିତିକି ପାଖରେ ଛିଡ଼ା ହୋଇଥିବା ରବିନାଙ୍କ ଝିଅ ରାଶା ମଧ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମାଆଙ୍କୁ ଅନାଇଥିଲେ। ଏହାପରେ ରାଶା ଓ ରବିନା ସେଠାରୁ ଚାଲିଯାଇଥିଲେ। ରବିନାଙ୍କ ଏଭଳି ଆଚରଣ ନୂଆ ନୁହେଁ। ପୂର୍ବରୁ ମଧ ରବିନା ଫ୍ୟାନ୍‌ଙ୍କୁ ଉପହାର ଦେଇ ଲୋକଙ୍କ ମନ ଜିଣିଛନ୍ତି। ନିକଟରେ ସେ ଏକ ସାମୂହିକ ବିବାହରେ ଯୋଗ ଦେଇଥିଲେ। ଯେଉଁଠାରେ ସେ ତାଙ୍କର ବିବାହ ସମୟରେ ଚୁଡ଼ିକୁ ନବବିବାହିତ ଦମ୍ପତିଙ୍କୁ ଉପହାର ଦେଇଥିଲେ। ଏନେଇ ସେ ଏକ ଭିଡିଓରେ ରବିନା ତାଙ୍କର ହୃଦୟର କଥା ଲୋକଙ୍କ ସାମ୍ନାଖରେ ରଖିଥିଲେ। ସେ କହିଥିଲେ "ପଞ୍ଜାବୀ ବିବାହରେ, କନ୍ୟାମାନେ ୪୦ ଦିନ ପାଇଁ ଚୁଡ଼ା ପିନ୍ଧନ୍ତି। ମୁଁ ମୋ ବିବାହ ପରଠାରୁ ଏହି ଚୁଡି ପିନ୍ଧି ଆସୁଛି। ମୁଁ ମୋ ନାଁ ଖୋଦିତ ଗୋଇଥିବା ଚୁଡିକୁ କନ୍ୟାକୁ ଏବଂ ମୋ ସ୍ୱାମୀଙ୍କ ନାଁ ଖୋଦିତ ଚୁଡିକୁ ବରକୁ ଦେଉଛି।" ରବିନାଙ୍କର ଏଭଳି ଆଚରଣ ଦେଖି ଇନ୍‌ଷ୍ଟାଗ୍ରାମ୍‌ରେ ଫ୍ୟାନ୍‌ମାନେ ଭୁରି ଭୁରି ପ୍ରଶଂସା କରୁଛନ୍ତି। କିଏ ତାଙ୍କୁ ୯୦ ଦଶକର କ୍ୱିନ୍ କହୁଥିବା ବେଳେ କିଏ ତାଙ୍କ ସଂସ୍କାରକୁ ପ୍ରଶଂସା କରିଛନ୍ତି।

# 'ଜିଗ୍‌ରା'ର ବିଫଳତାକୁ ନେଇ ମୁହଁ ଖୋଲିଲେ ଆଲିଆ



ବକ୍ସ ଅଫିସ୍‌ରେ ଫିଲ୍ମ 'ଜିଗ୍‌ରା'ର ବିଫଳତାକୁ ନେଇ ମୁହଁ ଖୋଲିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ । ୨୦୨୪ରେ ମୁକ୍ତିଲାଭ କରିଥିବା ବସନ ବାଲାଙ୍କ ନିର୍ଦ୍ଦେଶିତ ଜିଗ୍‌ରାରେ ଆଲିଆଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରାଯାଇଥିଲେ ହେଁ ତାହା ଭଲ ବ୍ୟବସାୟ କରିପାରି ନ ଥିଲା । ଫିଲ୍ମ ରିଲିଜ ହେବାର ଦୀର୍ଘ ସମୟ ପରେ ଏ ନେଇ ଏକ ସାକ୍ଷାତକାରରେ ଆଲିଆ କହିଛନ୍ତି, ଏହି ବିଫଳତା ତାଙ୍କୁ ନୂଆ ଉତ୍ସାହ ଦେଇଛି । ତାଙ୍କ ବୃତ୍ତିଗତ ସ୍ୱପ୍ନ ପାଇଁ ନୂଆ ବାଟ ଖୋଲିଛି । ସେ କହିଛନ୍ତି, 'ମୁଁ ଜଣେ ବେଶ୍ ଉତ୍ସାହୀ ଅଭିନେତ୍ରୀ, ପ୍ରଯୋଜକ । ମୋ କାମ ପ୍ରତି ମୁଁ ବେଶ୍ ଆଗ୍ରହୀ । କାମ ସହ ମୋର ଅନେକ ସ୍ୱପ୍ନ ଜଡ଼ିତ, ଯାହା କି କେବେ ଶେଷ ହୋଇଯିବ ବୋଲି ମୁଁ ଭାବେ ନାହିଁ। ଗତ ବର୍ଷ ମୋର ଏକ ଫିଲ୍ମ ରିଲିଜ ହୋଇଥିଲା । ବକ୍ସ ଅଫିସ୍‌ରେ ଏହା ଭଲ ବ୍ୟବସାୟ କରିପାରିଲା ନାହିଁ । ଏଥିଯୋଗୁ ମୋତେ କିଛି ସ୍ୱପ୍ନ ଦେଖିବାକୁ ସୁଯୋଗ ମିଳିଛି। ଏହାଦ୍ୱାରା ମୁଁ ବେଶ୍ ଉତ୍ସାହିତ ଅନୁଭବ କରୁଛି। ଏହା ମୋର ପ୍ରଫେସନାଲ ଡ୍ରିମ୍ ।' ପ୍ରକାଶଥାଉ କି, ଆକ୍ସନ-ଥ୍ରିଲର ଫିଲ୍ମ ଜିଗ୍ ?ରା ଭାଇ-ଭଉଣୀଙ୍କ କାହାଣୀ ଉପରେ ଆଧାରିତ । ଆଲିଆଙ୍କୁ ସଞ୍ଜୟଲୀଲା ଭଂସାଲୀଙ୍କ 'ଲଭ୍ ? ଆଣ୍ଡ୍ ଓ୍ୱାର'ରେ ଦେଖିବାକୁ ମିଳିବ । ଏଥିରେ ସେ ରଣବୀର କପୁର ଏବଂ ଭିକି କୌଶଲଙ୍କ ସହ ନଜର ଆସିବେ। ସେହିପରି ଫିଲ୍ମ 'ଆଲ୍‌ଫା'ରେ ଆଲିଆଙ୍କ ସହ ଶରବରୀ ବାଘ ଏବଂ ବବି ଦେଓଲ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି ।



# ମହୋଷଧି ପରି କାମ କରେ ପଦ୍ମନାଡ଼

*ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ । ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ । ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ । ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ । ପଦ୍ମର ନାଡ ଔଷଧ ପରି କାମ କରେ...*

- ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ ପଦ୍ମନାଡ଼। ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ ।
- ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ। ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ ।
- ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ । ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ । ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଅଚକ ଆଞ୍ଚଳିକ ହାଇସ୍କୁଲର ୪୪ବର୍ଷ ହୋଇଥିଲେ ମଧ୍ୟ ସ୍କୁଲରେ କୌଣସି ଜୁବୁଲି ଉତ୍ସବ ପାଳନ କରାଯାଇ ପାରି ନାହିଁ। ୧୯୮୧ ମସିହା ଠାରୁ ଅଂଚଳବାସୀଙ୍କ ସହଯୋଗରେ ଏହି ହାଇସ୍କୁଲ ଗଢ଼ି ଉଠିଥିବା ବେଳେ ବହୁ ଛାତ୍ରଛାତ୍ରୀ ଏଠାରୁ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ପଦ ପଦବୀରେ ରହି ସ୍କୁଲର ଗୌରବକୁ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଏକ ଜୁବୁଲି ଉତ୍ସବ ପାଳନ ପାଇଁ ପୁରାତନ ଛାତ୍ର ଧୀରେନ୍ଦ୍ର ସାହୁଙ୍କ ଆବାହକତ୍ୱ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲଶ। ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ଚରଣ ପଣ୍ଡା, ଅମର ପ୍ରସାଦ ଶତପଥି, ସଚିଦାନନ୍ଦ ପତି, ବିଭୂପଦ ସାହୁ, ଆଦିକନ୍ଦ ସାହୁ, ଗୋଲକ ପ୍ରସାଦ ବୈୟାରୀ, ପୀତବାସ ଜେନା, ରମେଶ ବସନ୍ତରାୟ, ପ୍ରାକ୍ତନ ଛାତ୍ର ସରୋଜ କୁମାର ନାୟକ, ପ୍ରଫୁଲ୍ଲ ରାଉତ, ଅଲୋକ ବିକାଶ ପ୍ରିୟଦର୍ଶୀ, ଅନୁରାଗ ବେହେରା, ମନୋଜ ଦାଶ, ନିଶିକାନ୍ତ ଭଞ୍ଜରାୟ, ଦିଲୀପ ବେହେରା, ସିଦ୍ଧାର୍ଥ ଶେଖର ସାହୁ, ତପନ ଧଳ, ଶରତ ମଲିକ, ତାପସ ସାହାଣୀ, ପ୍ରମୋଦ ନାଥ, ପ୍ରଦୀପ ନାୟକ, ବିଦ୍ୟାଧର ମହାରାଜ, ସୁଧୀର ସାହୁ, ଲିପି ସାହୁ, ପ୍ରିୟମାଧବ ମହାପାତ୍ର, ପ୍ରକାଶ ବୈୟାରୀ, ରାଜୀବ ବଳ ପ୍ରମୁଖଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଜୁବୁଲି ପାଳନ ପାଇଁ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ। ଆସନ୍ତା ୯ ତାରିଖ ରବିବାର ପରବର୍ତ୍ତୀ ବୈଠକ ହେବ ବୋଲି ଜଣା ପଡ଼ିଛି।



# ଛତୁ ଫୁଟିଲା ଭଳି ବେଆଇନ ଇଟାଭାଟି, ପରିବେଶ ଓ ରାଜସ୍ୱହାନୀ



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ବାୟୁ ପ୍ରଦୂଷଣ ହ୍ରାସ ନିମନ୍ତେ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି, ସେହିପରି ସରକାରୀ କିମ୍ବା ବେସରକାରୀ ସଂସ୍ଥା ପକ୍ଷରୁ ବାୟୁ ପ୍ରଦୂଷଣ ଓ ମୃତ୍ତିକା ସଂରକ୍ଷଣ ରୋକିବା ନିମନ୍ତେ ବୃକ୍ଷ ରୋପଣ କରାଯାଉଛି ଏବଂ ବୃକ୍ଷ କାଟ ଉପରେ ମଧ ରୋକ୍ ଲଗାଯାଇଛି। ଏଥି ସହ ବାୟୁ ପ୍ରଦୂଷଣ ଓ ମୃତ୍ତିକା ସଂରକ୍ଷଣ ନେମନ୍ତେ ମାଟି ତିଆରି ଇଟାର ବ୍ୟବହାର ଉପରେ ୨୦୧୯ ମସିହା ରୁ ସରକାରୀ ସ୍ତରରେ ପ୍ରତିବନ୍ଧକ ଲାଗୁ କରା ଯାଇଥିବା ସହ ମାଟି ଇଟା ତିଆରି କରୁଥିବା ଭାଟିଙ୍କୁ ବାରଣ କରଯାଇଥିବା ବେଳେ ଏହାକୁ ଅବମାନନା କରି ବେଖାତିର ଭାବେ ମାଲକାନଗିରି ଜିଲ୍ଲା ର କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିଲା ଭଳି ଇଟା ଭାଟି ଗୁଡ଼ିକ ଗଢି ଉଠିଥିବା ଦେଖିବାକୁ ମିଳିଛି । କୋରୁକୋଣ୍ଡା ବ୍ଲକର ଜନ ସଂଖ୍ୟାକୁ ତାଳଦେଇ ଗୃହ ନିର୍ମାଣ ମଧ୍ୟ ବଢ଼ିବାକୁ ଲାଗିଛି, ଫଳରେ ଦୈନିକ ପ୍ରାୟ ପଚାଶ ହଜାର(୫୦୦୦୦)ରୁ ଉର୍ଦ୍ଧ ଇଟା ଆବଶ୍ୟକ ପଡୁଛି, ଯାହାର ଫାଇଦା ନେଉଛନ୍ତି ବେଆଇନ ଇଟା ପ୍ରସ୍ତୁତକାରୀ। କୋରୁକୋଣ୍ଡା ଓ ବାଲିମେଳା ପାର୍ଶ୍ୱରେ ଏକାଧିକ ବେଆଇନ୍ ଇଟା ଭାଟି ଚାଲୁଥିବା ବେଳେ ପ୍ରତିଦିନ ହଜାର ହାଜର ଇଟା ପୋଡ଼ା ଯାଇ ବିକ୍ରି କରାଯାଏ। କୋରୁକୋଣ୍ଡା ଗ୍ରାମର ଚତୁଃପାର୍ଶ୍ୱରେ ଥିବା ସରକାରୀ ସ୍ଥାନକୁ ବେଆଇନ୍ ଭାବେ ନିଜ ଅତିଆରକୁ ନେଇ ଚାଷୀଙ୍କ ନିମନ୍ତେ ଛଡ଼ା ଯାଇଥିବା କେନାଲ ପାଣିକୁ ବ୍ୟବହାର କରି ଇଟା ପ୍ରସ୍ତୁତ କରାଯାଉ ଅଛି, ସେହି ପରି ଭାବେ ଚିତାପାରି, ପୁରୁଣା ଓର୍କେଲ, ପୁରୁଣା ବାଲିମେଳା, ସଦାଶିବପୁର, ନୂଆଗୁଡ଼ା, ଆଦି ଅଞ୍ଚଳରେ ଏହିବେଆଇନ୍ ଇଟା ଭାଟି ଗୁଡିକ ରହିଥିବା ବେଳେ ନଦୀ କୂଳରେ ଥିବା ମାଟି ଖୋଳାଯାଇ ଇଟା ତିଆରି କରାଯାଉଛି। ଏନେଇ ବହୁ ବାର ବିଭିନ୍ନ ଗଣ ମାଧ୍ୟମ ଗୁଡ଼ିକରେ ଖବର ପ୍ରକାଶିତ ହୋଇଆସୁଛି। କିନ୍ତୁ କିଛି ଦିନ ପୂର୍ବେ ତହସିଲଦାର ଉକ୍ତ ଇଟା ଭାଟି ଗୁଡ଼ିକୁ ଅନୁଧ୍ୟାନ କରିବା ସହିତ, ଉକ୍ତ ଇଟା ଭାଟି ମାଲିକ ମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମାଲକାନଗିରି ଜିଲ୍ଲାରେ ହେଉଥିବା ଗଣପର୍ବ ବଡ଼ ଯାତ୍ରା ନିମନ୍ତେ ୬୦,୦୦୦ଟଙ୍କା ଜୋରିମାନା ଆଦାୟ କରିଛନ୍ତି ଏବଂ ବେଆଇନ ଇଟା ଭାଟି ଗୁଡିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାଇତ୍ୟ ଖଣିଜ ବିଭାଗର ଅଧୀନରେ ଥିବା କାରଣରୁ ଆଗାମୀ ଦିନରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାଙ୍କୁ ଜଣା ବୋଲି କୋରୁକୋଣ୍ଡା ରାଜସ୍ୱ ନିରୀକ୍ଷକ ଅଧିକାରୀ ପ୍ରଦୀପ କୁମାର ବରାଡ ମତ ପ୍ରକାଶ କରିଛନ୍ତି। ହେଲେ ଏନେଇ ଆମେ ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ପଚରିବାରୁ ସେ କହିଥିଲେକି ଯାଇ ଅନୁଧାନ କରିବାସହିତ ଯାହା କିଛି ପଦକ୍ଷେପ ନିଆ ଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ତଥ୍ୟ ଅନୁଯାଇ ଆମେ ଜିଲ୍ଲା ଖଣିଜ ବିଭାଗ ଅଧିକାରୀ ସତ୍ୟନ୍ଦ୍ର ସର୍ଦାରାଙ୍କୁ ପଚାରିବାରୁ ସେ କହିଥିଲେକି ବେଆଇନ ଇଟା କଟାକୁ ନେଇ ଆମେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ କିନ୍ତୁ ସରକାରୀ ସରକାରୀ ସ୍ଥାନରେ ଇଟା ଭାଟିଗୁଡିକ ଥିବାରୁ ତାକୁନେଇ ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅଧିକାରୀଙ୍କ ଏଭଳି କାର୍ଯ୍ୟରେ ସରକାର ହରାଉଛନ୍ତି ରାଜସ୍ୱ, ମାଲେମାଲ ହେଉଛନ୍ତି ବେଆଇନ ଇଟା ମାଲିକ। ଜିଲ୍ଲାରେ ଇଟା ଭାଟି ମାଲିକ ମାନେ ପ୍ରତି ଇଟା ୬ଟଙ୍କାରୁ ଉର୍ଦ୍ଧ ଦରରେ ବିକ୍ରିକରି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା କାମଉ ଥିବାବେଳେ , ବିଭିନ୍ନ ଜିଲ୍ଲାରେ ବେଆଇନ ଇଟା ଭାଟିକୁ ପ୍ରଶାସନ ତରଫରୁ ଭଙ୍ଗାଯାଉଆଛି କିନ୍ତୁ ମାଲକାନଗିରି ଜିଲ୍ଲାରେ ରାଜସ୍ୱ ବିଭାଗ ସମୁଦ୍ରରୁ ଶଙ୍ଖେ ପରି କିଛି ଫାଇନ ଆଦାୟକରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ନେଇ ଅଞ୍ଚଳ ବାସୀଙ୍କ ମନରେ ବେଆଇନ ଇଟା ଭାଟି ମାଲିକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକାକୁ ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

## ଜିଲ୍ଲାପାଳଙ୍କୁ ପୌରାଧକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ



ବ୍ୟାସନଗର(ଭାସ୍କର ନ୍ୟୁଜ): ଦୀର୍ଘଦିନ ଧରି ବ୍ୟାସନଗର ପୌରାଧାକ୍ଷା ସଙ୍ଗୀତା ପିଙ୍ଗୁଆଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିଜେଡି ପାରିଷଦ ମାନେ ଯୋଜନା କରି ସଫଳ ହୋଇଛନ୍ତି । ଶେଷରେ ବହୁ ଘାତ ପ୍ରତିଘାତ ପରେ ପାରିଷଦମାନେ ଗୁରୁବାର ମା' ବିରଜାଙ୍କୁ ଦର୍ଶନ କରି ଅପରାହ୍ନରେ ଜିଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କୁ ଭେଟି ଅଧକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ଲିଖିତ ଆକାରରେ ପ୍ରଦାନ କରିଛନ୍ତି । ଜିଲାପାଳ ଏହି ଅନାସ୍ଥା ପ୍ରସ୍ତାବ ଗ୍ରହଣ କରି ପୌର ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ପାରିଷଦମାନଙ୍କୁ କହିଥିବା ଜଣାଯାଇଛି । ପୌର ପରିଷଦର ବିକାଶ ପାଇଁ ଆସୁଥିବା ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ହୋଇ ପାରୁନଥିବା ଏବଂ ଅନୁଦାନ ଟଙ୍କା ଖର୍ଚ୍ଚ ନହୋଇ ପଡିରହିବା ଓ କାଉନସିଲ ବୈଠକରେ ନିଷ୍ପତ୍ତି ନିଆଯାଉଥିବା କାର୍ଯ୍ୟଗୁଡିକୁ ଅଧକ୍ଷା ଗୁରୁତ୍ୱ ନଦେଇ ମନଇଚ୍ଛା ନିଷ୍ପତ୍ତି ନେଉଥିବା ପାରିଷଦମାନେ ଅଭିଯୋଗ କରିଆସୁଥିଲେ । ଯାହା ଫଳରେ ସହରର ବିକାଶ ଠପ ହୋଇଯାଇଥିଲା । ସହର ବିକାଶ ପାଇଁ ସଂଖ୍ୟାଧିକ ପାରିଷଦମାନେ ଏକାଠି ହୋଇ ଅଧକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ଆଣିବା ପାଇଁ ଦଳୀୟ ନେତାଙ୍କ ସହ ବହୁବାର ବିଚାର ବିମର୍ଶ କରିଥିଲେ । ଅଧାକ୍ଷା ବିଜେଡି ଦଳରୁ ନିର୍ବାଚିତ ହୋଇଥିବାରୁ ବିଜେଡି ପାରିଷଦମାନେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରିଥିଲେ । ଦଳୀୟ ସବୁଜ ସଂକେତ ମିଳିବା ପରେ ଅନାସ୍ଥା ପତ୍ରର ଦସଖସ୍ତ କରି ଜିଲ୍ଲାପାଳଙ୍କୁ ପାଦକ୍ଷନ କରିଛନ୍ତି । ପୌରଉପାଧକ୍ଷ ସୁବାସ ଚନ୍ଦ୍ର ବଳଙ୍କ ନେତୃତ୍ୱରେ ବିଜେଡିର ୨୦ ଜଣ ପାରିଷଦଜିଲାପାଳଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ପ୍ରଦାନ କରିଥିଲେ । ଏହି ସମୟରେ ବିଜେଡି କାଉନସିଲର ପାର୍ଥସାରଥୀ ନାୟକ, ଅଶୋକ କୁମାର ରାଉତ, ବିଜୟ କୁମାର ଜେନା, ମନୀନ୍ଦ୍ର ସାହୁ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଉର୍ମିଳା ପରିଡା, ରଶ୍ମିତା ଖୁଣ୍ଟିଆ, ସରୋଜିନୀ ସେଠି, ସିଦ୍ଧାର୍ଥ ସାମଲ, କୁମୁଦିନୀ ରାଉତ, ସନ୍ତୋଷ କୁମାର ବରାଳ, ଅଶୋକ କୁମାର ଦାସ, କୁନି ହାଁସଦା, ବୁଦୁନୀ ଦରାଇ, ଦିଲ୍ଲିପ କୁମାର ସେଠି, ଶିବାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଷଣ୍ଢଚୁଳିଆ ଜଙ୍ଗଲରେ ନିଆଁ



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିନରେ ଥିବା ବୁଗୁଡ଼ା ବନାଞ୍ଚଳର ବାଲିପଦର ବନ କ୍ଷେତ୍ରର ବଡ଼ଖୋଲି-ଭେଜିପୁଟ ଷଣ୍ଢଚୁଳିଆ ଜଙ୍ଗଲରେ ଗତକାଲି ରାତ୍ରରେ ନିଆଁ ଲାଗି ରହିଥିଲା । ରାତ୍ର ତମାମ ନିଆଁ ଲାଗିଥିଲେ ମଧ ବନ ବିଭାଗ ସକାଳୁ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ଏହି ବନାଗ୍ନୀ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇଁ ଆସିକା ଅଗ୍ନିଶମ ବିଭାଗ ଏବଂ ବୁଗୁଡ଼ା ଫାଇର ସ୍କ୍ୱାଡ଼, ବାଲିପଦର ବନପାଳଙ୍କ ସ୍କ୍ୱାଡ଼, ବୁଗୁଡ଼ା ରେଞ୍ଜରର ଫାଇର ସ୍କ୍ୱାର୍ଡ ସମସ୍ତ ମିଶି ସକାଳୁ ନିଆଁ ଲିଭାରେ ନିୟୋଜିତ ରହିଥିଲେ । ଏହି ନିଆଁ ଲିଭା କାର୍ଯ୍ୟକ୍ରମରେ ବୁଗୁଡ଼ା ରେଞ୍ଜର ପ୍ରଦୀପ କୁମାର ମିଶ୍ର, ବନକ୍ଷେତ ଅଧିକାରୀ ସୁକାନ୍ତ ପଟନାୟକ, ଖିରୋଦ ଗୌଡ଼, ରନ୍ନ ମଲ୍ଲିକ, ରଶ୍ମିରଂଜନ ପରିଡା, ସମେତ ୫୦ରୁ ଉର୍ଦ୍ଧ କର୍ମଚାରୀ ଯୋଗ ଦେଇଥିଲେ । ଏହି ନିଆଁ ଲିଭାର କାରଣର ଜଙ୍ଗଲ ନିକଟରେ ଥିବା ଡାଳଖାଇ ମନ୍ଦିର ନିକଟରେ କେହି ରୋଷେଇ କରି ନିଆଁ ଲିଭାଇ ନଥିବା କାରଣରୁ ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡୁଥିବା ବେଳେ ଆଉ କେତେକ ଅଞ୍ଚଳବାସି ଜଙ୍ଗଲ ନିକଟରେ ଥିବା ପୋଖରୀକୁ ଶୌଚ ପାଇଁ ଆସିଥିବା ବେଳେ ସିଗାରେଟ ଯଦି ଫୋପାଡ଼ି ଦେଇଥିବା କାରଣରୁ ମଧ ଏହି ନିଆଁ ଲାଗିଥିବ ବୋଲି କୁହାଯାଉଛି । ଏହି ଜଙ୍ଗଲ ନିଆଁରେ ଶୁଖିଲା ଘାସ, ଶୁଖିଲା କଣ୍ଟା ବାଉଁଶଗୁଡିକରେ ନିଆଁ ଲାଗିଥିଲା ବୋଲି ବନ କର୍ମଚାରୀ ପ୍ରକାଶ କରିଛନ୍ତି । ଏହି ଦେଢ଼ ଏକର ସୁଳିଆ ଜଙ୍ଗଲ ବଣ ମଧ୍ୟରୁ ଅଧା ଏକର ଜଙ୍ଗଲ ଜମିରେ ନିଆଁ ଲାଗିଥିଲା । ଅଗ୍ନିଶମ କର୍ମଚାରୀ, ବନ କର୍ମଚାରୀ ପ୍ରଶାନ୍ତ କୁମାର ମହାପାତ୍ର, ଅଶୋକ ବାରିକ, ସନ୍ତୋଷ ନାୟକ, ଜଟକିଶୋର ହାତୀ, ମାନସ କୁମାର ଦଳାଇ, ସୁଶାନ୍ତ ବେହେରା, ଅଲେଖ ପ୍ରଧାନ ମିଶି ନିଆଁ ଲିଭା କାର୍ଯ୍ୟରେ ସହଯୋଗ କରିଥିଲେ । ଗତକାଲି ରାତ୍ରରେ ବରଯାତ୍ରୀଙ୍କ ବାଣ ନିଆଁର ଝୁଲ ପଡି ସମେଇଗୁଡ଼ା ଜଙ୍ଗଲରେ ଅଳ୍ପକେ ନିଆଁ ଲାଗିଥିଲା । ସକାଳେ ଅସୁରଇପଲ୍ଲୀ ଗଉଡୁଣୁନି ପାହାଡ଼ରେ କୌଣସି ଏକ କାରଣରୁ ନିଆଁ ଲାଗିଥିଲା । ଖବର ପାଇ ଆସିକା ବନକ୍ଷେତ ଅଧିକାରୀ ଶରତ ଚନ୍ଦ୍ର ବେହେରାଙ୍କ ନେତୃତ୍ୱ ଏକ ଟିମ ଏବଂ ଅଗ୍ନିସମ ବିଭାଗ ସମୂହ ମିଶି ନିଆଁକୁ ଆୟତ୍ତ କରିଥିବା ସୂଚନା ହସ୍ତଗତ ହୋଇଛି ।

## ପେଣ୍ଠପାଳ ଓ ତରଡିପାଳ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ ବିଭିନ୍ନ ଯୋଜନା ପ୍ରଣୟନ କରି ଅର୍ଥ ବ୍ୟୟବରାଦ କରୁଛନ୍ତି। ମାତ୍ର ବାସ୍ତବରେ ତାହା କେତେ ଫଳପଦ ହେଉଛି, ପଟ୍ଟାମୁଣ୍ଡାଇ ପେଣ୍ଠପାଳ ଓ ତରଡିପାଳ ପଞ୍ଚାୟତର ଏକାଧିକ ଗ୍ରାମରୁ ପ୍ରତୀୟମାନ ହେଉଛି। ବିକାଶ ପାଇଁ ଆସୁଥିବା ଅର୍ଥକୁ ଠିକ୍ ଭାବେ ପ୍ରଶାସନ ତଦାରଖ କରୁନଥିବାରୁ ଯନ୍ତ୍ରୀ, ନେତା ଓ ଠିକାଦାର ମିଳିମିଶି ଅର୍ଥକୁ ବାଟମାରଣା କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ବାସ୍ତବରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ନା ଭାଙ୍ଗିଗଲାଣି, ଏହି ଖବର ବ୍ଲକ୍ ପ୍ରଶାସନ ପାଖରେ ନାହିଁ। ସମୀକ୍ଷା ତ ଦୂରର କଥା, ତଦାରଖ ବି ହେଉନାହିଁ। ହେଲେ ବିଭାଗ ପ୍ରଶାସନର ଆନ୍ତରିକତା ଓ ଦୂରଦୃଷ୍ଟି ଅଭାବରୁ ପଞ୍ଚାୟତ ଅଞ୍ଚଳବାସୀଙ୍କ ଭାଗ୍ୟ ଯେମିତି ସେମିତିରେ ରହିଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନରେ ଥିବା ପେଣ୍ଠପାଳ ଓ ତରଡିପାଳ ପଞ୍ଚାୟତ ଥିବାବେଳେ ଅନେକ ଗ୍ରାମର ଜନସାଧାରଣ ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ବଞ୍ଚିତ ଅଛନ୍ତି। ରାସ୍ତା ନିର୍ମାଣ ଓ ଲୋଜୀକରଣ ପ୍ରସ୍ତାବ ସରକାରୀ କାଗଜକଲମ ମଧ୍ୟରେ ସୀମିତ ହୋଇ ରହିଯାଇଛି। ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତା ବି ନଥିବାବେଳେ ବିକାଶରେ ସବୁ ଆଡ଼େ ନିମ୍ନମାନର କାମ ଏଭଳି ବିକଳ ଚିତ୍ର ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସୁଥିଲେ ମଧ ଜାଣି ନ ଜାଣିଲା ଭଳି ନୀରବଦ୍ରଷ୍ଟା ହୋଇ ରହୁଛନ୍ତି। ଦୁଇ ପଞ୍ଚାୟତର ଲୋକେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ନିର୍ବାଚନ ସମୟ ଆସିଲେ ନେତାମାନେ ଗ୍ରାମର ବିକାଶ ପାଇଁ ପ୍ରତିଶ୍ରୁତି ଦିଅନ୍ତି। କିନ୍ତୁ ନିର୍ବାଚନ ସରିବା ପରେ ଆଉ ସେହି ପ୍ରତିଶ୍ରୁତି କାର୍ଯ୍ୟ କରନ୍ତି ନାହିଁ । ପରେ ଗ୍ରାମକୁ ମଧ ଯାଆନ୍ତି ନାହିଁ । କିଛି ଜାଗାରେ ଏହି ବିଭାଗର ବି ଭିନ୍ନ ପକ୍କା ସଡ଼କ ନିର୍ମାଣ, ସ୍ୱାସ୍ଥ୍ୟ, ମଣ୍ଡପଗୃହ ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନର ଗୃହ ନିର୍ମାଣରେ ନିମ୍ନମାନର କାମ ହେଉଛି। ପଟ୍ଟାମୁଣ୍ଡାଇ ବ୍ଲକରେ ଏହି ଦୁଇ ପଞ୍ଚାୟତ ଯେତେ ରାସ୍ତା କାମରେ ପ୍ୟାଚିଂ ହେଉଛି ତାକୁ ଆରଡି ବିଭାଗ ବିନା ଟେଣ୍ଡରରେ କାମ କରି ଟଙ୍କା ଲୁଟୁଛି। ଏହି ଦୁଇ ପଞ୍ଚାୟତରେ ଯେଉଁଠି ସବୁ କାମ ହେଉଛି ସେଥି ଫଳକ ନ ମାରି କାମ କରି ବିନା ଟେଣ୍ଡରରେ ପଟ୍ଟାମୁଣ୍ଡାଇ ରଜକୋଷରୁ ଲୁଟି ଫଲ୍ସ ବିଲ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଦୁଇ ପଞ୍ଚାୟତର ଜେଇଙ୍କ ଏହି ମନୋମାନି ପାଇଁ ଠିକାଦାର ନିମ୍ନମାନର କାମ କରି ଟଙ୍କା ନେଇ ଛୁ ମାରୁଛି। ଯଦି ପ୍ରକଳ୍ପ ପାଖରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଦୁଇ ପଞ୍ଚାୟତ ଜେଇ ତଦାରଖ ନ କରନ୍ତି, ଠିକାଦାର ଜାଣିଶୁଣି ନିମ୍ନମାନର କାମ କରିବା ଦ୍ୱାରା ଖୁବ୍ କମ୍ ଦିନ ଭିତରେ ଭୁଶୁଡ଼ି ପଡୁଛି। ଦୁଇ ପଞ୍ଚାୟତରୁ ଜନସାଧାରଣ ଅଭିଯୋଗ କଲେ ମଧ ଜେଇ ଲୋକଙ୍କ କଥା ଶୁଣୁନାହିଁ। ଠିକାଦାରଙ୍କଠୁ କିଛି ଟଙ୍କା ଲାଞ୍ଚ ନେଇ ଚୁପ୍ ବସିବା ଦ୍ୱାରା ଦୁଇ ପଞ୍ଚାୟତ ବାସୀ ନିଜକୁ ଅସହାୟ ଭାବି ଚୁପ୍ ରହୁଛନ୍ତି। ସରକାରୀ ନିୟମ ଅନୁସାରେ ବ୍ଲକ୍ ପ୍ରଶାସନ ଠିକାଦାର ଠୁ ମୋଟା ଅଙ୍କର ଟଙ୍କା ନେଇ ଜେଇ ନିଜ ପକେଟ୍ ଗରମ କରି ନିମ୍ନମାନର କାମକୁ ପ୍ରଶୟ ଦେଇ ଠିକାଦାର ଓ ରାଜନୀତି ନେତାଙ୍କୁ ମଧ କୋଟି ପତି ବନାଇଛନ୍ତି। ଏହିପରି ନିମ୍ନମାନର କାମ ହେବା ଦ୍ୱାରା କାମ ସରି ବାର ତିନି ମାସ ପରେ ଭାଙ୍ଗି ରୁଜି ଯାଇଛି। ଏହି ପରି ନିମ୍ନମାନର କାମ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ୍ ର ଦୁଇ ପଞ୍ଚାୟତର ଜନସାଧାରଣଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯଦି ଏହି ପରି ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ଲାଗି ରହେ ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଦୁଇ ପଞ୍ଚାୟତ ଜନଆନ୍ଦୋଳନ ଦେଖାଯିବ ।ଆଗାମୀ ଦିନ ଏହି ଦୁଇ ପଞ୍ଚାୟତ ଉପରେ ଭିଜିଲାନ୍ସ ତଦନ୍ତ ହେଲେ ପ୍ରକୃତ ଦୋଷୀ ଥିବା ଅଧିକାରୀ ଧରାପଡିଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବକୁ ପେଣ୍ଠପାଳ ଓ ତରଡିପାଳ ପଞ୍ଚାୟତବାସୀ ଦାବି କରିଛନ୍ତି।

## କୋରୁକୋଣ୍ଡା ସଦରରେ ନୂତନ ଥାନା କୋଠା ଉଦ୍‌ଘାଟିତ



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭିଡିଓ କନଫରେନ୍ସିରେ ମାଲକାନଗିରି ସଦର ଥାନା, କୋରୁକୋଣ୍ଡା ସଦରରେ ନୂତନ କୋଠା ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନ ଅବସରରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକ ନରସିଂହ ମାଡ଼କାମୀ, ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ, ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ଏସଡିପିଓ ସଚିନ ପାଟିଲ, ମାଲକାନଗିରି ସଦର ଥାନା କୋରୁକୋଣ୍ଡା ଆଇଆଇସି ହିଂମାଶୁ ଶେଖର ବାରିକ, ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗାନ୍ କିଣ୍ଡୋଙ୍କ ସହିତ ଥାନର ସମସ୍ତ ଅଧିକାରୀ ଓ କର୍ମଚାରି, କୋରୁକୋଣ୍ଡା ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ, ଚିତ୍ରକୋଣ୍ଡା ଏବଂ ମାଲକାନଗିରି ବିଧାୟକଙ୍କ ପ୍ରତିନିଧି, ପୋଲିସ୍ ଗୃହ ନିର୍ମାଣ ନିଗମ ଡେପୁଟି ମ୍ୟାନେଜର ସନ୍ତୋଷ କୁମାର୍ ଦଳାଇ, ଏପିଏମ୍ ସୁନିଲ ବେହେରା, ବ୍ଲକ ଅଧିନସ୍ଥ ବହୁ ନିର୍ବାଚିତ ଜନପ୍ରତିନିଧି ଏବଂ ଥାନାର ସମସ୍ତ ଅଧିକାରୀ ଏବଂ ଅତିଥିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଏହି ନୂଆ ଥାନା ଏବଂ ସୁବିଧା ମୂଳକ ବ୍ୟବସ୍ଥା ଅଞ୍ଚଳର ନାଗରିକଙ୍କୁ ଧନ, ଜୀବନ ରକ୍ଷା, ସୁରକ୍ଷା ଏବଂ ନ୍ୟାୟ ପ୍ରଦାନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

## କୋରେଇ ଥାନାର ନୂତନ ଗୃହ ଉଦ୍‌ଘାଟିତ



କୋରେଇ(ଭାସ୍କର ନ୍ୟୁଜ): କୋରେଇ ଥାନାର ନୂତନ ଗୃହର ଉଦ୍‌ଘାଟନ ହୋଇଯାଇଛି । ଶୁକ୍ରବାର କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ଓ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଥାନା ପରିସରରେ ଏକ ଭବ୍ୟ ଆୟୋଜନ ମାଧ୍ୟମରେ ଅତିଥି ଭାବେ ଯାଜପୁର ସାଂସଦ ଡ଼ ରବି ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଅତିରିକ୍ତ ଜିଲ୍ଲା ପାଳ(ରାଜସ୍ୱ), ଯାଜପୁର ଆରକ୍ଷୀ ଅଧିକ୍ଷକ ଯସପ୍ରୀତ ଶ୍ରୀମଲ ଯୋଗ ଦେଇଥିବା ବେଳେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଅତିଥିମାନେ ଯୋଗଦେଇ ଥାନାର ଅତ୍ୟାଧୁନିକ ଗୃହକୁ ବୁଲି ଦେଖିବା ସହିତ ଲୋକଙ୍କ ପାଇଁ ରହିଥିବା ସୁବିଧାକୁ ଦେଖି ପ୍ରଶଂସା ମଧ କରିଥିଲେ ଏବଂ ପୋଲିସ ଯେପରି ଲୋକଙ୍କର ହୋଇପାରିବ ସେଥିପାଇଁ ଉପଦେଶ ମଧ ଦେଇଥିଲେ। ଲୋକମାନେ ଯେପରି ବିନା ଦ୍ୱିଧାରେ, ବିନା ଭୟରେ ସେମାନଙ୍କ ସମସ୍ୟା ପୋଲିସ ପାଖରେ କହିବେ ସେଥିପାଇଁ ଯତ୍ନବାନ ହେବାକୁ ପୋଲିସକୁ ପରାମର୍ଶ ଦେଇଥିଲେ। ଉତ୍ସବରେ କୋରେଇର ସମସ୍ତ ପଞ୍ଚାୟତ ଓ ବ୍ୟାସନଗର ସହରର ପ୍ରମୁଖ ବ୍ୟକ୍ତି ମାନେ ଉପସ୍ଥିତ ଥିବାବେଳେ ଯାଜପୁର ପୋଲିସର ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଥାନା ପରିସରରେ ସମସ୍ତଙ୍କ ପାଇଁ ଜଳଯୋଗର ବ୍ୟବସ୍ଥା କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ କି ମୁଖ୍ୟମନ୍ତ୍ରୀ ଏକା ଥରକେ ଆଭାସୀ ମାଧ୍ୟମରେ ଯାଜପୁରର କୋରେଇ, ଧର୍ମଶାଳା ସମେତ ୧୩ ଗୋଟି ଥାନାର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ।

## ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ସପ୍ତାହ ପାଳନରେ ଯୋଗଦେଲେ ସାଂସଦ




କେନ୍ଦୁଝର(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ସପ୍ତାହ ପାଳନ ଅବସରରେ କେନ୍ଦୁଝର ସହରର ତହସିଲ ଅଫିସ ସମ୍ମୁଖରେ ଥିବା ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ଦୋକାନକୁ ସାଂସଦ ଅନନ୍ତ ନାୟକ ଆସି ଉପସ୍ଥିତ ଗ୍ରାହକ ମାନଙ୍କୁ ଏଠାରେ ଅତି ସୁଲଭ ମୂଲ୍ୟରେ ମିଳୁଥିବା ଉତ୍କୃଷ୍ଟ ଔଷଧ ସମ୍ପର୍କରରେ ଅବଗତ କରାଇବା ସହିତ ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା ର ଲାଭ ନେବାକୁ କହିଥିଲେ। ସାଂସଦ କହିଥିଲେ ଏହି ଯୋଜନା ର ମୁଖ୍ୟ ଉଦେଶ୍ୟ ହେଲା ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରି ଯୋଜନା ମାଧ୍ୟମରେ ସୁଲଭ ମୂଲ୍ୟରେ ଗୁଣାତ୍ମକ ମାନର ଜେନେରିକ୍ ଔଷଧ ଉପଲବ୍ଧ କରାଇବା ତଥା ସ୍ୱାସ୍ଥ୍ୟ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବା। ଜେନେରିକ ଔଷଧ ର ଲାଭ ବିଷୟରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ଓ ରୋଗୀଙ୍କ ପକେଟ ରୁ ଖର୍ଚ୍ଚ ହ୍ରାସ କରିବା । ପ୍ରଧାନମନ୍ତ୍ରୀ ଜନ ଔଷଧି ଯୋଜନା ଖୋଲିବା ଦ୍ୱାରା ନିଯୁକ୍ତି ସୃଷ୍ଟି କରିବା । ଏହି ଯୋଜନାରେ ଉପଲବ୍ଧ ଔଷଧ ଗୁଡିକ ବ୍ରାଣ୍ଡେଡ ଔଷଧ ଭଳି ସମାନ ଗୁଣବତ୍ତା ସମ୍ପନ୍ନ କିନ୍ତୁ ବହୁତ୍ କମ୍ ମୂଲ୍ୟରେ ମିଳିବା ସହିତ ଏହି କେନ୍ଦ୍ର ମାନଙ୍କରେ ଅସ୍ତ୍ରୋପଚାର ସାମଗ୍ରୀ ମଧ୍ୟ କମ୍ ମୂଲ୍ୟରେ ମିଳେ ବୋଲି ସାଂସଦ ଶ୍ରୀ ନାୟକ ଅବଗତ କରାଇଥିଲେ। କେନ୍ଦୁଝର ସହରର ତହସିଲ ଅଫିସ ସମ୍ମୁଖରେ ଥିବା ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ରର ମାଲିକ ସୁଜାତା କୁଅଁର ଓଡିଶାରେ ସବୁଠାରୁ ଅଧିକା ଏହି ଔଷଧ ବିକ୍ରୟ କରି ଜନ ଔଷଧି ଜ୍ୟୋତି ନାମକ ପୁରସ୍କାର ପାଇପାରିଛନ୍ତି। ଏହି ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ସପ୍ତାହ ପାଳନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପ୍ରୋପରାଇଟର ସଂଘର ରାଜ୍ୟ ଉପସଭାପତି ବୁଲଗେନିନ ମହାପାତ୍ର, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, କଳ୍ପନା ରାଉତ, କେନ୍ଦ୍ରର ପରିଚାଳକ ସୁଭାଷଚନ୍ଦ୍ର କୁଅଁର ଏବଂ ନିତିଦିନିଆ ଗ୍ରାହକ ଶ୍ରୀନିବାସ ବ୍ରହ୍ମ ଉପସ୍ଥିତ ଥିଲେ।

## ଅଟୋ ଉପରେ ପଡ଼ିଲା ଗଛ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଖଇରପୁଟ(ଭାସ୍କର ନ୍ୟୁଜ): ଚଳନ୍ତା ଅଟୋ ଉପରେ ପଡିଲା ଗଛ ଏବଂ ୪ ଆହତ ହୋଇଥିବା ଜଣାପଡ଼ିଛି । ଗୋବିନ୍ଦପାଲ୍ଲୀରୁ ଉମ୍ରି ନିକଟ ରେଳ ଷ୍ଟେସନକୁ କୌଣସି ଏକ କାରଣରୁ ଏକ ଓଟୋ ଯୋଗେ ୪ରୁ ୫ ଜଣ ଯାତ୍ରୀ ଯାଉଥିବା ବେଳେ ହଠାତ ଏକ ଗଛ ଚଳନ୍ତା ଅଟୋ ଉପରେ ପଡିଯାଇଥିଲା। ଅଟୋରେ ୫ ଜଣ ଯାତ୍ରୀ ହଠାତ ଭୟଭୀତ ହୋଇ ଚଳନ୍ତା ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ଏଭଳି ଏକ ଭୟଙ୍କର ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଥିଲେ ଯାତ୍ରୀ। ଜଙ୍ଗଲରେ ନିଆଁ ଲାଗି ଯାଇଥିବା ଯୋଗୁଁ ନିଆଁ ସମ୍ପୂର୍ଣ୍ଣ ଜଙ୍ଗଲରେ ବ୍ୟାପି ଯାଇଥିଲା । ଯାହା ଫଳରେ କି ଗଛଟି ସମ୍ପୂର୍ଣ୍ଣ ନିଆରେ ପୋଡ଼ି ରାଜରାସ୍ତା ଉପରେ ଯାଉଥିବା ଏହି ଅଟୋ ଉପରେ ପଡ଼ି ଯାଇଥିଲା । ପରବର୍ତ୍ତୀ ସମୟରେ ଅଗ୍ନିଶମ ବିଭାଗର ଅଧିକାରୀ ଜଙ୍ଗଲର ନିଆଁକୁ ଆୟତ କରିବା ସହ ରାସ୍ତା ଉପରୁ ଗଛକୁ ସଫା କରିଥିଲେ। ମହୁଲ ସଂଗ୍ରହ କରିବାକୁ କିଛି ଦୁର୍ବୃତ୍ତ ଏଭଳି ଜଙ୍ଗଲରେ ନିଆଁ ଲଗାଇଥିବା ଜଣାପଡ଼ିଛି। ତେଣୁ ବନ ବିଭାଗ ଏହା ଉପରେ ଅଧିକ ସଚେତନ ହୋଇ ମହୁଲ ଗଛ ଥିବା ଅଞ୍ଚଳରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଫାଇନ ନବାନ୍ଧି ୮ଦିନ ଧରି ଛିଡା ହୋଇଛି ବାଲି ଗାଡ଼ି



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ନବରଙ୍ଗପୁରରୁ ଲକ୍ଷ୍ମୀପୁର ଅଭିମୁଖେ ଗତ ଶୁକ୍ରବାର ଦିନ ତିନୋଟି ବାଲି ବୋଝେଇ ହାଇୱା ଆସୁଥିବା ବେଳେ କୋରାପୁଟ ଖଣି ଅଧିକାରୀ ଅଟକାଇ ଥିଲେ। ଉକ୍ତ ତିନୋଟି ଯାକ ଗାଡ଼ି ଆବଶ୍ୟକ କାଗଜ ପତ୍ର ଦେଖାଇ ନ ପାରିବାରୁ ତିନଟି ଯାକ ଗାଡିକୁ ଆଣି ଲକ୍ଷ୍ମୀପୁର ଥାନା ସମୁଖରେ ରଖି ଥାନାରେ ଜଣାଇ ଚାଲି ଯାଇଥିଲେ। ଏପରିକି ଫାଇନ ନବାନ୍ଧିଲେ ଗାଡ଼ି ଗୁଡ଼ିକ ଛଡା ଯିବ ନାହିଁ ବୋଲି କହିଥିଲେ। ହେଲେ ଆଜକୁ ଆଠ ଦିନ ବିତିଲାଣି ଉକ୍ତ ତିନଟି ବାଲି ବୋଝେଇ ହାଇୱା ସେମିତି ଅଧା ରାସ୍ତା ଅବରୋଧ କରି ଛିଡା ହୋଇଅଛି। ଗାଡ଼ିଗୁଡିକ ଛିଡା ହୋଇଥିବା ରାସ୍ତା କଡରେ ଲକ୍ଷ୍ମୀପୁର ଥାନା ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବନବିଭାଗ କାର୍ଯ୍ୟାଳୟ ରହିଛି। ଏଥିସହ ସେହି ରାସ୍ତା ଦେଇ ଲକ୍ଷ୍ମୀପୁର ରୁ ନାରାୟଣ ପାଟଣା ଦେଇ ପଡୋଶୀ ଆନ୍ଧ୍ର ପ୍ରଦେଶକୁ ଦୈନିକ ଶତାଧିକ ସଂଖ୍ୟାରେ ଯାନବାହାନ ଚଳ ପ୍ରଚଳ ହେଉଥିବା ବେଳେ ସବୁ କ୍ଷେତ୍ରରେ ସମସ୍ୟା ଦେଖା ଦେଇଚି। ତେଣୁ ଜିଲ୍ଲା ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେଇ ଗାଡ଼ି ଗୁଡିକୁ ଅନ୍ୟସ୍ଥାନକୁ ସ୍ଥାନାନ୍ତର କରନ୍ତୁ, ନଚେତ ଫାଇନ ଆଦାୟ କରି ଗାଡ଼ି ଗୁଡିକୁ ରିଲିଜ କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବପର ନହେବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନି। ଖବର ଲେଖା ହେବା ସୁଧା ଗାଡ଼ିଗୁଡିକ ସେହି ସ୍ଥାନରେ ହିଁ ଥିବା ଦେଖିବାକୁ ମିଳିଛି।

## ଚିରା କାଠ ଜବତ, ଅଭିଯୁକ୍ତ ଫେରାର

କେନ୍ଦୁଝର(ଭାସ୍କର ନ୍ୟୁଜ): ଅତିରିକ୍ତ ବନ ସଂରକ୍ଷକ ନାଗାରାଜୁ କୋଣ୍ଡେନାଙ୍କ ନେତୃତ୍ୱରେ ବନ ବିଭାଗ ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ ବାଂଶପାଳ ବ୍ଲକ ଉପର ରାଇଗୋଡା ପଞ୍ଚାୟତ ଦୁଧପଶି ଗ୍ରାମର ପ୍ରଫୁଲ୍ଲ ବାରିକଙ୍କ ଘର ଉପରେ ଚଢ଼ାଉ କରି ବହୁ ପରିମାଣରେ ଚିରା କାଠ ଜବତ ଜବତ କରିଥିବାର ଜଣାଯାଇଛି । ଚଢ଼ାଉ ବେଳେ ପ୍ରଫୁଲ୍ଲ ଫେରାର ହୋଇଯାଇଥିବା ବେଳେ ପାଖାପାଖି ୧୫୦ ସିଏଫଟି ଚିରା ସାଇଜ କାଠ ଜବତ କରିଛନ୍ତି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏହି କାଠ କେଉଁଠୁ ଆସିଲା ତାହାର ତଦନ୍ତ ବନବିଭାଗ କରୁଥିବା ବେଳେ ଅଭିଯୁକ୍ତକୁ ଧରିବାକୁ ଉଦ୍ୟମ କରୁଛି। ବିଭିନ୍ନ କିସମର ଶାଳ, ଶାଗୁଆନ, ବିଜା, ଗମ୍ଭାରୀ କାଠ ଜବତ କରାଯାଇଥିବା ଡିଏଫଓ ଧନରାଜ ଏଚଡି ସୂଚନା ଦେଇଛନ୍ତି।

## ଦୁଇ ବାଲି ବୋଝେଇ ହାଇୱା ଜବତ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ପୋଲିସ ଓ ଜିଲ୍ଲା ମାଇନ୍ସ ବିଭାଗ ଗତ କାଲି ରାତିରେ ଚଢ଼ାଉ କରି ବିନା ଇ ଫର୍ମ ରେ ଯାଉଥିବା ଦୁଇଟି ବାଲି ବୋଝେଇ ହାଇୱାକୁ ଜବତ କରି ନିଆଳି ଥାନାରେ ରଖାଯାଇଛି। ଏ ନେଇ ନିଆଳି ଥାନାରେ ୮୬/୨୦୨୫ ଓ ୮୭/୨୦୨୫ ରେ ମାମଲା ରୁଜୁ ହୋଇଛି। ଗାଡି ଦୁଇଟି ହେଲା ଓଡି-୦୨ସିଡବ୍ଲ୍ୟୁ-୯୨୩୯ ଅନ୍ୟଟି ଓଡି-୦୫ବିୟୁ-୯୨୩୯। ଆଗକୁ ଜିଲ୍ଲା ମାଇନ୍ସ ବିଭାଗ ଓ ନିଆଳି ଥାନା ପୋଲିସ ବିଭିନ୍ନ ଜାଗାରେ ଚୋରା ବାଲି ଚାଲାଣ ଉପରେ ଚଢ଼ାଉ ହେବ ବୋଲି ସୂଚନା ଦେଇଛନ୍ତି।

## ତିହିଡ଼ି ବ୍ଲକ୍‌ରେ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସ୍ତରୀୟ ମହାତ୍ମାଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଏକ ଜନଶୁଣାଣି ଶିବିର ଶୁକ୍ରବାର ବ୍ଲକ ନୀଳମଣି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନିରଂଜନ ବାରିକଙ୍କ ପୌରୋହିତ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଯୋଗ ଦେଇ ଯୋଜନାର ସଫଳତା ପାଇଁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବା ଆବଶ୍ୟକ ବୋଲି କହିଥିଲେ। ଜିଲା ସାମାଜିକ ସମୀକ୍ଷକ ଅମର କିଶୋର ସାହୁ ଯୋଗ ଦେଇ ପ୍ରକଳ୍ପ ଗୁଡ଼ିକର ସଠିକ୍ କାର୍ଯ୍ୟ କରିବା ଉପରେ ସମସ୍ତେ ଧ୍ୟାନ ଦେବା ଉଚିତ୍ ବୋଲି କହିଥିଲେ। ଶିବିରରେ ଏବିଡିଓ ମାନସ କୁମାର ଜେନା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ଜିପିଇଓ ପ୍ଲାବନ ପଣ୍ଡା, ପ୍ରମୁଖ ଯୋଗ ଦେଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏପିଓ କାମିନୀରାଣୀ ଓଝା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଇତିଶ୍ରୀ ଦାସ ଯୋଗ ଦେଇ ଯୋଜନାର ସଫଳ ରୂପାୟନ ହେବା ନେଇ ଆଲୋଚନା କରିଥିଲେ। ପଞ୍ଚାୟତ ସ୍ତରରେ ଭିଲେଜ ରିସୋର୍ସ ପର୍ସନ (ଭିଆରପି)ମାନଙ୍କୁ ଅଡ଼ିଟ୍ ପାଇଁ ଉପଯୁକ୍ତ ସହଯୋଗ ମିଳୁନଥିବା ଅଭିଯୋଗ ହୋଇଥିଲା। ତେବେ ପଞ୍ଚାୟତରେ ରେକର୍ଡ଼ ନମିଳିବା ନେଇ କନିଷ୍ଠଯନ୍ତ୍ରୀମାନଙ୍କୁ ଦାୟୀ କରାଯିବା ଯୁକ୍ତିଯୁକ୍ତ କଥା ନୁହଁ ବୋଲି କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ କହିଥିଲେ। ପଞ୍ଚଦଶ ଅର୍ଥ କମିଶନରେ ମିଳିଥିବା ଅନୁଦାନ ୧.୦୪.୨୦୨୪ରୁ ୩୦.୦୯.୨୦୨୪ ତାରିଖ ମଧ୍ୟରେ ବିନିଯୋଗ ହୋଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। ଭିଆରପି ମାନଙ୍କୁ ସହଯୋଗ ନମିଳିଲେ ସେମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠଯନ୍ତ୍ରୀ ଅଲେଖ ତିର୍କୀ, ଏମଜିଏନଆରଇଜିଏସ ସହକାରୀ ସୁଧାଂଶୁ ଶେଖର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ ଡ. ଅରୁଣ କୁମାର ପଣ୍ଡା, ଦୀନବନ୍ଧୁ ମହାନ୍ତି, ସାରଦା ବଳ, ରୁନୁଲତା ମଲିକ, ଭିଆରପି ସବିତା ବାରିକ, ଇତିଶ୍ରୀ ବେହେରା, କାମିନୀଲତା ପ୍ରିୟଦର୍ଶିନୀ, ଗୀତାଞ୍ଜଳି ବେହେରା, ପଦ୍ମିନୀ ବେହୁରିଆ, ଝରଣା ଦାସ, ପ୍ରକୃତି ମହାପାତ୍ର, ମିନୁ ସାବତ, ସବିତା ପୃଷ୍ଟି ପ୍ରମୁଖ ଶିବିରରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଶିବିରର ଜିଆରଏସ ମାନେ ଉପସ୍ଥିତ ଥିଲେ।

## ବାଲ୍ୟ ବିବାହ ରୋକିବାକୁ ନୂଆ ପଦକ୍ଷେପ




ନବରଙ୍ଗପୁର(ଭାସ୍କର ନ୍ୟୁଜ): ଜିଲ୍ଲାରେ ବାଲ୍ୟବିବାହ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଶୁକ୍ରବାର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପୋଲିସ ଓ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କର ସମ୍ମନୟ ବୈଠକ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଡଃ ମହାପାତ୍ର ଅଧକ୍ଷତା କରି କହିଲେ ଯେ ଜିଲ୍ଲାରେ ପ୍ରତ୍ୟେକ ଶିଶୁମାନଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ବାଲ୍ୟ ବିବାହକୁ ରୋକିବା ନିମନ୍ତେ କେବଳ ମହିଳା ଓ ଶିଶୁ ବିକାଶ ବିଭାଗର ଦାୟିତ୍ୱ ରହିଥିବା ବେଳେ ଏବେ ଏହି କ୍ଷମତା କୁ ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତ ରାଜ ବିଭାଗ, ଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଓ ପୁଲିସ ବିଭାଗକୁ ଉତ୍ତର ଦାୟିତ୍ୱ ଦିଆଯାଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତ ସ୍ତରରେ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ କାର୍ଯ୍ୟ କରିବେ। ସିଡିପିଓମାନେ ବ୍ଲକ ରରେ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ କାର୍ଯ୍ୟ କରିବେ । ସେହିପରି ପୋଲିସ ବିଭାଗ ଏହି ନୂଆ ଆଇନ ବ୍ୟବସ୍ଥାରେ ଅଧିକ ଉତ୍ତରଦାୟିତ୍ୱ ବହନ କରୁଛନ୍ତି । ବାଲ୍ୟବିବାହ ନିଷେଧ ଅଧିକାରୀ ପୋଲିସର ସହାୟତା ନେଲେ ପୋଲିସ ତୁରନ୍ତ ପ୍ରତିକ୍ରିୟା ସହ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ବାଲ୍ୟବିବାହ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ଜିଲ୍ଲାରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ପ୍ରତିମାସର ୧୫ ତାରିଖ ଦିନ ପୋଲିସ ଓ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ସମନ୍ୱୟ ବୈଠକ କରାଯିବା ସୂଚନା ଦେବା ସହିତ ପ୍ରତି ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କକୁ ଅଧିକ ସକ୍ରିୟତାର ସହିତ କାର୍ଯ୍ୟ କରିବାକୁ ସମସ୍ତ ଥାନାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲାରେ ଚିହ୍ନଟ କରାଯାଇଥିବା ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ସମସ୍ତ ଶିଶୁ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ନେଇ ସମସ୍ତ ବ୍ଲକ ଗୁଡିକରେ ଜିଲ୍ଲା ଶିଶୁମଙ୍ଗଳ କମିଟିର କ୍ୟାମ୍ପକୋର୍ଟ କରାଯିବା ପାଇଁ ବିଧିବଦ୍ଧ ଭାବରେ ନିଷ୍ପତି ନେବା ସହ ବାଲ୍ୟବିବାହରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୁର୍ଣ୍ଣମା କାଶ୍ୟପ୍ୟ, ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ଆକ୍ସନଏଡ ସଂସ୍ଥାର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ, ଆଇନଜୀବି କିଶୋରୀ ପଟ୍ଟନାୟକ, ଜିଲ୍ଲାର ସମସ୍ତ ଥାନାର ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ସିଡିପିଓ, ଓ୍ୱାନଷ୍ଟପ ସେଣ୍ଟରର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ବାଲ୍ୟବିବାହ କୁ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ନେବାକୁ ଥିବା ପଦକ୍ଷେପ ଉପରେ ନିଜ ନିଜର ମତାମତ ରଖିଥିଲେ ।



ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଖଙ୍କିରା ପଂଚାୟତର ଆଦିବାସୀ ଅଂଚଳରୂପେ ପରିଗଣିତ କଂଟାମାଳିଆ ଅଙ୍ଗନୱାର୍ଡୀକେନ୍ଦ୍ର ୨୦୦୩ ମସିହାରୁ ପ୍ରତିଷ୍ଠିତ ହୋଇଥିବାବେଳେ ଦୀର୍ଘ ଦିନ ଧରି ବିଦ୍ୟୁତ ସଂଯୋଗ କରାଯାଇନାହିଁ କିନ୍ତୁ ପଙ୍ଖା ଝୁଲୁଛି । ଭଗ୍ନ ଟାଙ୍କି ପାଣିର ସୁବିଧା ନାହିଁ ଏହି କେନ୍ଦ୍ରରେ ସଂପ୍ରତି ୫୭ଜଣ ଶିଶୁ ଓ ୭ଗର୍ଭବତୀ ୪ପ୍ରସୂତୀ ୨୩ଜଣ କିଶୋରୀ ଉପକୃତ ହେଉଥିବାବେଳେ ପାଣି ଓ ବିଦ୍ୟୁତ ନଥିବା ହେତୁ ବହୁ ସମସ୍ୟା ମଧ୍ୟରେ ଛୋଟ ଛୋଟ ପିଲାମାନେ ହଇରାଣ ହରକତ ହେଉଛନ୍ତି । ବୋଧ ହୁଏ ଆଦିବାସୀ ଅଂଚଳ ବୋଲି ଏଭଳି ହେଉଛି ବୋଲି ସାଧାରଣରେ ଏହା ଚର୍ଚ୍ଚା ଧରିଛି । କେବେ ପାଣି ଓ ବିଦ୍ୟୁତ ସଂଯୋଗ ହେବ ଏହାର ଠିକଣାକୁ ଆଦିବାସୀ ମାନେ ଚାହିଁରହିଛନ୍ତି । ଏନେଇ ଗାଁରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିବା ବେଳେ ବୁଦ୍ଧିଜୀବୀ ମହଲରେ ଅଶାନ୍ତି ପ୍ରକାଶ ପାଉଛି । ଏ ଦିଗରେ ଜିଲାପାଳଙ୍କ ଦୃଷ୍ଟି ଦେବାରେ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଉଅଛି ।

# ନିଆଁ ଲାଗି ଜଳିଗଲା ଧାନ ଗଦା



ଆଳି (ଭାସ୍କର ନ୍ୟୁଜ୍) : ଅମଳ ପୂର୍ବରୁ ଖଳାରେ ଜଳିଗଲା ୨ ଲକ୍ଷ ଟଙ୍କାର ଧାନ । ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲ ଅନ୍ତର୍ଗତ କଳସପୁର ଗ୍ରାମରେ । ଗ୍ରାମର ରସାନନ୍ଦ ପରିଡ଼ାଙ୍କ ପୁଅ ସୋମନ ପରିଡା ନିଜର କିଛି ବିଲ ସହିତ ଭଗଚାଷ କରି ମଧ ଧାନ ଅମଳ କରି ୪ଟି ଗଦା କରି ଖଳାରେ ରଖିଥିବା ବେଳେ ଆଜି ଦିନ ପ୍ରାୟ ୩ ଟା ସମୟରେ ହଠାତ ଖଳାରେ ନିଆଁ ଲାଗି ଯିବା ଫଳରେ ଗୋଟିଏ ପରେ ଗୋଟିଏ ଧାନ ଗଦାରେ ନିଆଁ ଲାଗି ୪ରୁ ଉର୍ଦ୍ଧ୍ୱ ଧାନ ଗଦା ନିଆଁରେ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ନିଆଁରେ ଜଳି ପୋଡି ଧାନ ପାଉଁଶ ହୋଇ ଯାଇଥିଲା । ନିଆଁ କେମିତି ଲାଗିଲା ଜଣାପଡିନଥିଲା ବେଳେ ନିକଟରେ ଥିବା ଇଲେଭେନ କେ.ବି. ଲାଇନରୁ ସର୍ଟସର୍କିଟ କାରଣରୁ ଏଭଳି ଭୟାବହ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଖବର ପାଇ ରାଜସ୍ୱ ନିରୀକ୍ଷକ ଅଧିକାରୀଙ୍କ ସମେତ ଆଳି ଅତିରିକ୍ତ ତହସିଲଦାର ପହଂଚିଥିଲେ । କ୍ଷତିଗ୍ରସ୍ତ ଚାଷୀ ଫସଲ ଅମଳ ଆଗରୁ ବର୍ଷକର ଧାନ ଜଳି ଯିବାପରେ ପରିବାର କେମିତି ଚଳିବ ଚିନ୍ତାରେ ଚାଷୀ । କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପଞ୍ଚାୟତର ସରପଞ୍ଚ ସୁଧୀର ଚନ୍ଦ୍ର ମଲିକ ଏବଂ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ଭାଲୁ ଆକ୍ରମଣରେ ବନପାଳ ଆହତ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଇବାକୁ ଯାଇ, ଭାଲୁ ଆକ୍ରମଣରେ ବନପାଳ ଆହତ ହୋଇଛନ୍ତି । ଭଂଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରାସିଙ୍ଗି ବନାଞ୍ଚଳ ଅନ୍ତର୍ଗତ ବ୍ରାହ୍ମଣସାହି ନିକଟ ଜଙ୍ଗଲରେ ଘଟିଛି ଏଭଳି ଘଟଣା । ସୂଚନା ପ୍ରକାରେ ଆହତ ବନ କର୍ମଚାରୀ ଜଣକ ତାରାସିଙ୍ଗି ସେକ୍ସନ୍ ର ବନପାଳ କଳାବଦନ ଦାସ । ନିକଟ ବ୍ରାହ୍ମଣସାହି ନିକଟ ଜଙ୍ଗଲରେ ନିଆଁ ଲାଗିଥିବା ସୂଚନା ପାଇ, ଶ୍ରୀ ଦାସ୍ ଏବଂ କିଛି କର୍ମଚାରୀ ଓ ସ୍କ୍ୱାର୍ଡ କର୍ମଚାରୀ ମାନେ ଉକ୍ତ ଜଙ୍ଗଲକୁ ଯାଇଥିଲେ । ଜଙ୍ଗଲରୁ ନିଆଁ ଲିଭାଇ ଫେରୁଥିବା ବେଳେ, ଏକ ଭାଲୁ ଆକ୍ରମଣ କରିଥିଲା । ଫଳରେ ଭାଲୁ ହାବୁଡରୁ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିମଧ ଶ୍ରୀ ଦାସ ଗୁରୁତର ଆହତ ହୋଇଥିଲେ । ପାଖରେ ଥିବା କିଛି କର୍ମଚାରୀ ତାଙ୍କୁ ଘଟଣା ସ୍ଥଳରୁ ଉଧାର କରି ଆଣିଥିଲେ । ଏବଂ ଭଂଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ତାଙ୍କର ଡାହାଣ ହାତରେ ଗୁରୁତର ଆଘାତ ଲାଗିଥିବାରୁ, ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲ୍ କୁ ସ୍ଥାନାନ୍ତର କରାଯାଇଛି । ଏନେଇ ତାଙ୍କର ଚିକିତ୍ସା ବ୍ୟବସ୍ଥା ତଦାରଖ କରିବା ପାଇଁ ଭଂଜନଗର ମେଡିକାଲରେ ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ପହଞ୍ଚି ବୁଝାସୁଝା କରିଥିଲେ । ଏହାସହ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟ ଏବଂ ଅନ୍ୟ କର୍ମଚାରୀ ମାନେ ମଧ ପହଞ୍ଚି, ଚିକିତ୍ସା ବ୍ୟବସ୍ଥାରେ ସହଯୋଗ କରିଥିଲେ ।

# ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଅଟକ



ବେତନଟୀ (ଭାସ୍କର ନ୍ୟୁଜ୍) : ବେତନଟୀ ଥାନା ଅଧୀନ ହାତୀକୋଠ ଠାରେ ଆଜି ଚଢାଉକରି ଦୁଇଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ । ଘଟଣାରୁ ପ୍ରକାଶ ବୁଢାବଲଙ୍ଗ ନଦୀଘାଟରୁ ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ବାବଦରେ ଖବର ପାଇବାପରେ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଦୁଇଟି ବାଲିବୋଝେଇ ଟ୍ରାକ୍ଟରକୁ ପିଛାକରି ହାତୀକୋଠ ଠାରେ ଚଢାଉ କରିଥିଲେ । ଦୁଇଟି ଟ୍ରାକ୍ଟର ଚାଳକଙ୍କୁ ଅଟକ ରଖାଯାଇଥିବା ବେଳେ ବେତନଟୀ ପୁଲିସ ଚୋରାବାଲି ବୋଝେଇ ଟ୍ରାକ୍ଟର ଜବତ କରି ଥାନାକୁ ଆଣିଛି ।

## ଗେଙ୍ଗୁଟିଆ ଗ୍ରାମରେ ବାଦିପାଲା

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ସଦର ବ୍ଲକ ଢେଙ୍କାନାଳ ଅଂର୍ଗତ ଗେଙ୍ଗୁଟିଆ ଗ୍ରାମରେ ଶ୍ରୀ ସତ୍ୟ ନାରାୟଣ ଜୀଉଙ୍କର ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ ୫ ଦିନ ବ୍ୟାପି ବାଦିପାଲା ଅନୁଷ୍ଠିତ ହେଉଅଛି । ଗତ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ବାଦିପାଲା ଆସଂ। ୧୦ ତାରିଖ ପର୍ଯ୍ୟଂ ପ୍ରତ୍ୟେକ ସନ୍ଧ୍ୟା ୭ ଘଟିକା ଅନୁଷ୍ଠିତ ହେବ । ଓଡ଼ିଶାର ସୁନାମଧନ୍ୟ ଗାୟକ ବାଣୀଭୂଷଣ ଗୋପାଳକୃଷ୍ଣ ଜେନା, ଗାୟକ ଜ୍ଞାନସୁଧା ଶାରଦା ପ୍ରସନ୍ନ ନାୟକ ପାଲା ପରିବେଷଣ କରିବେ । ଗେଙ୍ଗୁଟିଆ ଗ୍ରାମର ସତ୍ୟନାରାୟଣ ପାଲା ଆଜକୁ ୧୮୮ ବର୍ଷରେ ପଦାର୍ପଣ କରିଛି । ଶ୍ରୀ ଜିଉ ଙ୍କର ପ୍ରତ୍ୟେକ ଦିନ ଶିରିଣି ଭୋଗ ହେଉଅଛି । ଆସଂ। ୧୧ ତାରିଖରେ ମହାଶିରିଣି ଉତ୍ସବ ହେବ । ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମ୍ୟ କମିଟି ଓ ଉପଦେଷ୍ଟା କମିଟିର ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗ ଓ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଚାଲୁରହିଛି ।

## ସୁନା ଅଳଙ୍କାର ଚୋରି ଘଟଣା: ଜଣେ ଗିରଫ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ତାରା ସିଂ ଥାନା ଅନ୍ତର୍ଗତ ବ୍ରହ୍ମଣପଦର ଗ୍ରାମରେ ଗତ ୫ ତାରିଖରେ ଘରେ ପଶି ସୁନା ଅଳଙ୍କାର ଚୋରୀ ଘଟଣାରେ ପୁଲିସ ଜଣକୁ ଗିରଫ କରିଛି । ଏଥିସହ ଚୋରୀ ଯାଇଥିବା ସମସ୍ତ ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି । ଏସଂପର୍କରେ ତାରା ସିଂ ଥାନା କେଶ୍ ନମ୍ବର ୧୧୦/୨୫ ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି । ବ୍ରହ୍ମଣପଦର ଗ୍ରାମର ସଞ୍ଜୁ ସେଠୀ ନାମକ ଜଣେ ୫୦ ବର୍ଷୀୟା ମହିଳାଙ୍କ ଏତଲା ପ୍ରକାରେ ସେ ଘରେ ନଥିବା ବେଳେ ଗତ ୫ ତାରିଖ ରେ ସେହି ଗ୍ରାମର କାହ୍ନା ଓରଫ ବଳରାମ ସେଠୀ(୧୯) ତାଙ୍କ ଘରେ ପଶି ଏକ କାଠ ବକ୍ସ ଭିତରେ ଥିବା ୨ଟା ସୁନାର ନାକଲେସ୍, ଗୋଟିଏ ହଳ ଝୁମ୍ପି, ଗୋଟିଏ ସୁନା ମୁଦି, ହଳେ କାନ ଫୁଲ, ୩ ଟା ସୁନା ର ନାକ ଫୁଲ, ଗୋଟିଏ ହଳ ରୂପା ପାଉଁଜି, ୨ ଟା ରୂପା ମୁଦି ଓ ୨ ଟି ରୂପା ଚେନ୍ ଅଭିଯୁକ୍ତ ଜଣକ ଚୋରୀ କରି ନେଇଥିବା ଅଭିଯୋଗ କରିଥିଲେ । ଅଭିଯୋଗ ଆଧାର ରେ ତାରା ସିଂ ପୁଲିସ ଅଭିଯୁକ୍ତ କାହ୍ନା ଓରଫ ବଳରାମ ସେଠୀ କୁ ଧରିବା ସହ ସେ ଚୋରି କରି ନେଇଥିବା ସମସ୍ତ ସୁନା ଓ ରୁପା ଅଳଙ୍କାର ଜବତ କରିଥିଲା । ପରେ ତାରା ସିଂ ଥାନା କେଶ ନମ୍ବର ୧୧୦/୨୫ ପ୍ରକାରେ ଏକ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତା ର ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି ।

## ଧନ ଲୋଭରେ ମା'କୁ ହତ୍ୟା

ଆଳି (ଭାସ୍କର ନ୍ୟୁଜ୍) : ଧନ ସମ୍ପତି ପାଇଁ ବୃଦ୍ଧା ମା' କୁ ତକିଆ ପକେଇ ହତ୍ୟା କରିଛି ବଡ ପୁଅ ଓ ନାତି ଟୋକା, ଏଭିଳି ସଙ୍ଗୀନ ଅଭିଯୋଗ କଲେ ବିବାହିତ ଝିଅ । ଏଭଳି ଏକ ଜଘନ୍ୟକାରୀ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଚିଲା ଗ୍ରାମରେ । ଅଭିଯୋଗ ଅନୁଯାୟୀ କୋଚିଲା ଗ୍ରାମରରେ ବଡ ଭାଇ ଗଣେଶ୍ୱର ରାଉତଙ୍କ ପାଖରେ ଦିର୍ଘ ଦିନ ହେବ ମା ରହୁଥିଲେ ଅନେକ ଦିନ ହେବ ଧନ ସମ୍ପତି ଭାଗ ବଣ୍ଟା ପାଇଁ ୫ ଜଣ ଭାଇ ଭଉଣୀଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା ଯାହା କୁ ନେଇ ବଡ ଭାଇ ମାଁ କୁ ବନ୍ଦୀ କରି ରଖିଲେ ଏକା ଧନ ସମ୍ପତି ହାତେଇବାକୁ । ତେବେ କାଲି ସନ୍ଧ୍ୟାରେ ଝିଅ ମାନଙ୍କ ସହିତ ମା ଫୋନ୍‌ରେ କଥା ହେବା ଦେଖି ବଡ ଭାଇ ରାଗି ଜାଇ ବିଳମ୍ବିତ ରାତିରେ ମାକୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏପଟେ ଅଭିଯୁକ୍ତ ବଡ଼ଭାଇ ଏହି ଘଟଣା ମିଥ୍ୟା ବୋଲି ଖଣ୍ଡନ କରିଛନ୍ତି । ଏପଟେ ଆଳି ଥାନରେ ଅଭିଯୋଗକୁ ଭିତ୍ତି କରି ପୋଲିସ୍ ତଦନ୍ତ ଜାରି ରଖିଛି । ସତରେ ବୃଦ୍ଧାଙ୍କୁ ହତ୍ୟା କରାଯାଇଅଛି କିମ୍ବା ଅନ୍ୟ କୌଣସି କାରଣ ରହିଛି ସବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ସମ୍ନାକୁ ଆସିବ ବୋଲି କହିଛନ୍ତି ।

## ବାଲୁଙ୍କେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ସଦର ବ୍ଲକ୍ ଅନ୍ତର୍ଗତ କାକୁଡିଭାଗ ଗ୍ରାମ ପଂଚାୟତ ଅଧିନସ୍ଥ ଇଚ୍ଛାପୁର (ବୋଲୁଅସାହି) ଗ୍ରାମରେ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୫ ମାର୍ଚ୍ଚ ତାରିଖ ଠାରୁ ଆରମ୍ଭ ହୋଇ ୭ ମାର୍ଚ୍ଚ ତାରିଖରେ ଶେଷ ହୋଇଅଛି । କଳସ ଯାତ୍ରାରେ ଆଖପାଖ ଗ୍ରାମର ୩୦୦ ମହିଳା ଭାଗ ନେଇଥିଲେ । ସୁଦୂର 'ଦେବପ୍ରୟାଗ' ଠାରେ ମିଳିତ ହୋଇଥିବା ଭାଗୀରଥ ଓ ଅଳକାନନ୍ଦ ନଦୀ ଦ୍ୱୟର ଜଳ ସହିତ, ହରିଦ୍ୱାର ଏବଂ ପ୍ରୟାଗରାଜରୁ ସଂଗୃହୀତ ଗଙ୍ଗା ନଦୀର ପବିତ୍ର ଜଳରେ ବିଗ୍ରହଙ୍କୁ ମହାସ୍ନାନ କରାଯାଇଥିଲା । ପ୍ରତ୍ୟେକ ଦିନ ସଂଧ୍ୟାରେ ଭଜନ ସମାରୋହ ଆୟୋଜନ କରାଯାଇଥିଲା । ମଧ୍ୟାହ୍ନ ଓ ରାତିରେ ଭକ୍ତମାନଙ୍କ ପାଇଁ ପ୍ରସାଦର ବନ୍ଦୋବସ୍ତ କରାଯାଇଥିଲା । ଏହି ପୂଜାକୁ ପୁସ୍ତକାଚାର୍ଯ୍ୟଃ ସୁଧାକର ଦାଶଶର୍ମା, ବ୍ରହ୍ମାଚାର୍ଯ୍ୟଃ ଦୁର୍ଗାଚରଣ ମିଶ୍ରଶର୍ମା ଓ ନିରୋଦ କୁମାର ଦାଶଶର୍ମା, କରମକାଣ୍ଡାଚାର୍ଯ୍ୟ ପଣ୍ଡିତ ହରାଶ୍ୱର ମହାରାଜ, ସମିଧହୋତୃ ଅମର ମୋହନ ମିଶ୍ରଶର୍ମା, କୂଳପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସୁଚାରୁ ରୂପେ ପରିସମାପ୍ତି କରିଥିଲେ । ଆଖପାଖ ଅଂଚଳର ବହୁତ ଭକ୍ତ ଏହି ସମାରୋହରେ ସାମିଲ୍ ହୋଇଥିଲେ । ଏହି ପୂଜାକୁ ସରସ ସୁନ୍ଦର କରିବା ପାଇଁ ଗ୍ରାମର ଛାୟାକାନ୍ତ ରାଉତ, ସଦାନନ୍ଦ ପ୍ରଧାନ, ଧରଣୀଧର ରାଉତ, ପ୍ରହଲ୍ଲାଦ ବେହେରା ଓ ବିଦ୍ୟାଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଠାକୁରଙ୍କର ଦୈନନ୍ଦିନ ପୂଜା ପାଇଁ ଗ୍ରାମବାସୀମାନେ ଜମି ସହିତ ସ୍ଥାୟୀ ଅର୍ଥ ଜମାକରିଛନ୍ତି ।

### ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢଉ

## ମହୁଲି ଜବତ, ୪ ଅଭିଯୁକ୍ତ ଗିରଫ



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ସହର ସମେତ ପାଞ୍ଚପିଢ ଉପଖଣ୍ଡର ବିଭିନ୍ନ ସ୍ଥାନରେ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବା ନେଇ ବାରମ୍ବାର ଅଭିଯୋଗ ପାଇବା ପାରେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଓ ଉପ ଅଧ୍ୟକ୍ଷକ ସୌମ୍ୟରଞ୍ଜନ ବେହେରା ଏହାକୁ ଗୁରୁତ୍ୱ ସହକାରେ ନେଇଛନ୍ତି । ଉଭୟଙ୍କ ନିର୍ଦ୍ଦେଶ କ୍ରମେ ଆଜି ନୀରିକ୍ଷକ ସଞ୍ଜୟ କୁମାର କାଣ୍ଡିଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ, ଏଏସଆଇ ଫୁଲମଣି ନାଏକଙ୍କ ସହିତ ଅବକାରୀ ବିଭାଗର ଏକ ଦଳ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରି ୬୮ ଲିଟର ଦେଶୀ ମହୁଲି ଜବତ କରିବା ସହିତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଓଆଇସି ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏନେଇ ଅବକାରୀ ଥାନାରେ ୨୦୨,୨୦୩,୨୦୪/୨୪,୨୫ ନମ୍ବରରେ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କ ମଧ୍ୟରେ ଦରି ଗ୍ରାମର ଜଣେ ମହିଳା ଠାରୁ ୧୬ ଲିଟର ମହୁଲି,ଗିଧିବସ ଗ୍ରାମର ଜଣେ ମହିଳା ଠାରୁ ୧୨ ଲିଟର ଓ ଦିଲୀପ କାଳନ୍ଦୀ ନିକଟରୁ ୧୫ ଲିଟର ଏବଂ ସହରର ରଜାବନ୍ଧ ସାହିର ତ୍ରିଲୋଚନ ପାତ୍ର ନିକଟରୁ ୨୫ ଲିଟର ଦେଶୀ ବେଆଇନ ମହୁଲି ଜବତ୍ କରି ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

## ପୋଲିସର ଚଢ଼ଉ : ତିନି ଗିରଫ

ବେତନଟୀ (ଭାସ୍କର ନ୍ୟୁଜ୍): ବାରିପଦା ମୋବାଇଲ ପୁଲିସ ବେତନଟୀ ଥାନା ଅଞ୍ଚଳରେ ଆଜି ଚଢାଉ କରି ଦେଶୀ ମଦ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଛି ମୋବାଇଲ ପୁଲିସ । ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅଧୀନ ତୁଳସୀଚୈରା ଗ୍ରାମର ଗଜେନ୍ଦ୍ର ସିଂ(୬୫), ଭୋଗବାଟି ଗ୍ରାମର ଧର୍ମବୀର ପାତ୍ର(୪୫) ଓ ପାଗୁଲୁ ବିନ୍ଧାଣୀ(୪୧) ବୋଲି ଜଣାପଡିଛି । ଚଢ଼ାଉ ସମୟରେ ତିନି ଜଣଙ୍କ ପାଖରୁ ମୋଟ ଲିଟର ୩୬ ଲିଟର ଦେଶୀ ମଦ ଜବତ କରାଯାଇଛି । ଏହି ଚଢାଉ ରେ ମୋବାଇଲ ପୁଲିସ ଅବକାରୀ ଶ୍ରୀଧର ମହାନ୍ତଙ୍କ ସହ ମୋବାଇଲ୍ ପୁଲିସର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଅତ୍ୟାଧୁନିକ ଥାନା ଉଦ୍‌ଘାଟିତ




କଣିହାଁ (ଭାସ୍କର ନ୍ୟୁଜ୍) : ଅନୁଗୁଳ ଜିଲା କଣିହାଁ ବ୍ଲକ ଅଧିନସ୍ଥ ସମଲ ଅତ୍ୟାଧୁନିକ ଥାନା ଶୁକ୍ରବାର ଦିନ ଉଦଘାଟିତ ହେଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାଷୀ କାର୍ଯ୍ୟକ୍ରମ ମାଧ୍ୟମରେ ସମଲ ଅତ୍ୟାଧୁନିକ ଥାନାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟର ୧୦ଟି ଜିଲ୍ଲାର ୧୪ଟି ଅତ୍ୟାଧୁନିକ ଥାନା ଉଦଘାଟନ କରିଛନ୍ତି । ରାଜ୍ୟରେ ସାଧାରଣ ଜନତାଙ୍କ ପ୍ରତି ପୁଲିସର ସେବା, ସାମର୍ଥ୍ୟ, ସାହସ ଓ ସମର୍ପଣ ଭାବ ରଖିବା ପାଇଁ ବିଭାଗକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଖୁବ୍ ଶୀଘ୍ର ୫ହଜାର ଗୃହରକ୍ଷୀ ପଦବୀ ପୂରଣ,ଦରମା ବୃଦ୍ଧି,ପ୍ରତି ଥାନାକୁ ଅତିରିକ୍ତ ୬ଟି ମୋଟର ସାଇକେଲ ଓ ୧ଟି ମହିନ୍ଦ୍ରା କମ୍ପାନୀର ଦ୍ରୁତତମ ୪ଚକିଆ ସ୍କର୍ପିଓ ସହ ଆହୁରି ଆନୁଷଙ୍ଗିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ଥାନାରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା, ଅଭ୍ୟର୍ଥନା କକ୍ଷ, ପ୍ରତୀକ୍ଷା କକ୍ଷ ପ୍ରଭୃତି ଅନେକ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗକୁ ତାଗିଦ କରିଥିଲେ । ଉଦଘାଟନ କାର୍ଯ୍ୟକ୍ରମରେ କଣିହାଁ ପଂଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସମଲ ବଜାର ସଭାପତି ତୋଷାମଣି ସାହୁ , ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, ପରାବିଲ ସରପଞ୍ଚ କବିତାରାଣି ପ୍ରଧାନ , କୁଲେଇ ସମିତିସଭ୍ୟ ପ୍ରିୟ ରଞ୍ଜନ ମହାନ୍ତି, ପ୍ରମୁଖ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ଥିଲେ । ଉଦଘାଟନ କାର୍ଯ୍ୟକ୍ରମରେ ଅନୁଗୋଳ ଆଡିସିନାଲ ଏସପି ଅନିଲ କୁମାର ବେହୁରିଆ, ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ, ସମଲ ଥାନା ଅଧିକାରୀ ଅରୁଣ କୁମାର ଖିଲାର, ଏନଟିପିସି ଥାନା ଅଧିକାରୀ ସନ୍ତୋଷ କୁମାର ସେଠୀ, କଣିହାଁ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ଖମାର ଥାନା ଅଧିକାରୀ ଅରୁଣ ପଣ୍ଡା, ସମଲ ଥାନା ଏସଆଇ ବିଚିତ୍ରାନନ୍ଦ ସାହୁ ପ୍ରମୁଖ ଅନେକ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ସୁଭଦ୍ରା ଦ୍ୱିତୀୟ କିସ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଶନିବାର ଦିନ ବ୍ରହ୍ମପୁର ବିବେକ ବିହାର ଠାରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିବେ । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ବିବେକ ବିହାର ଠାରେ ସକାଳ ଘ.୧୧.୩୦ ମି. ସମୟରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଯୋଜନା ରହିଛି । ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ପ୍ରାୟ ଏକ କୋଟି ହିତାଧିକାରୀଙ୍କୁ ପାଖାପାଖି ପାଞ୍ଚ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମାନ୍ୟବର ମତ୍ସ୍ୟ, ପ୍ରାଣୀ ସମ୍ପଦ ଉନ୍ନୟନ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗୀୟ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ମାନନୀୟା ଆସ୍କା ସାଂସଦ ଶ୍ରୀମତୀ ଅନୀତା ଶୁଭଦର୍ଶିନୀଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି ।

# ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ମିନି ଷ୍ଟାଡିୟମରେ ବଡଚଣା ବ୍ଲକ୍ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ର ଆନୁକୁଲ୍ୟରେ ଓ ପଲ୍ଲୀ ବିକାଶ ସହଯୋଗରେ ଆୟୋଜିତ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାକୁ, ସୋଲର ଗ୍ରାମ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ସ୍ୱାଇଁ ଉଦ୍ଘାଟନ କରି ଗ୍ରାମାଞ୍ଚଳରେ ଥିବା ଲୁକାଇତ କ୍ରୀଡା ପ୍ରତିଭା ଗୁଡ଼ିକୁ ଲୋକ ଲୋଚନକୁ ଆଣି ସେମାନଙ୍କ ପ୍ରତିଭାକୁ ବିକସିତ କରିବା ପାଇଁ ଏହି ପ୍ରତିଯୋଗିତା ଏକ ଉତ୍ତମ ମାଧ୍ୟମ ବୋଲି କହିଥିଲେ । ମିନି ଷ୍ଟାଡିୟମର ତତ୍ତ୍ୱାବଧକ୍ଷରକ ସମ୍ପାଦକ ଦିଲ୍ଲୀପ କୁମାର ପ୍ରହରାଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନାରାୟଣ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କ୍ରୀଡା ଶିକ୍ଷାର ଏକ ଅଂଶ । କ୍ରୀଡ଼ା, କ୍ରୀଡାବିତ୍ ମାନଙ୍କ ଶାରିରୀକ, ମାନସିକ,ବୌଦ୍ଧିକ ବିକାଶ କରିବା ସହିତ କ୍ରୀଡାବିତ୍ ମାନଙ୍କ ମଧ୍ୟରେ ଶୃଙ୍ଖଳା, ଭାଇଚାରା ଓ ପ୍ରତିଯୋଗିତାର ମନୋବୃତି ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ପ୍ରଥମ ଦିନ ବାଳକ ମାନଙ୍କ ମଧ୍ୟରେ ଫୁଟବଲ ଓ ଦୌଡକୁଦ ଓ ବାଳିକା ମାନଙ୍କ ମଧ୍ୟରେ କବାଡି ଓ ବ୍ୟାଡମିଣ୍ଟନ୍ ଖେଳ ଅନୁଷ୍ଠିତ ହୋଇଥିଲା । ଶେଷରେ ପଲ୍ଲୀ ବିକାଶର ସଭାପତି ସୁଶୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଗତ ୮ ମାସର ଡବଲ ଇଞ୍ଜିନ ସରକାର ରେ ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଓ ପାଶବିକ ଅତ୍ୟାଚାର ହୁହୁ ହୋଇ ବଢ଼ିଚାଲିଛି । ଏହାର ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ଆସନ୍ତା ମାର୍ଚ୍ଚ ୧୦ ତାରିଖ ଦିନ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ । କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେଭୁବନେଶ୍ୱର ଜିଲ୍ଲା ପ୍ରଭାରୀ ନବଜ୍ୟୋତୀ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାଶ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଏବଂ ଘେରାଉ କାର୍ଯ୍ୟକ୍ରମ କରାଯିବ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍ କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ ।ସେ କହିଥିଲେ ଏଡିଏମ୍ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ନେଇ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଅଛି ।ଏହି ବୈଠକରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ବହୁ ନେତୃବୃନ୍ଦ ଯୋଗ ଦେଇ ସୁଚିନ୍ତିତ ମତାମତ ଦେଇଥିଲେ ।

### ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କଲେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ

# ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସହରାଂଚଳ ମାନଙ୍କରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି । ସମୀକ୍ଷା ସମୟରେ ମନ୍ତ୍ରୀ ଡଃ ମହାପାତ୍ର ପାନୀୟ ଜଳର ଯେପରି ଅଭାବ ଦେଖା ନଦିଏ, ଅଚଳାବସ୍ଥାରେ ଥିବା ନଳକୂପ ଗୁଡିକୁ ସଚଳ କରିବା ଓ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବା ସହ ଲୋକଙ୍କ ଅଭିଯୋଗ ତୁରନ୍ତ ସମାଧାନ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହକୁ ମୁକାବିଲା ପାଇଁ ବିଭାଗ ତରଫରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି । ବିଭାଗ ତରଫରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସହରାଞ୍ଚଳବାସୀ ଗ୍ରୀଷ୍ମ ଋତୁରେ ଅଧିକ ତାପମାତ୍ରା ଅନୁଭବ କରୁଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ବିସ୍ତୃତ ଏସଓପି ଜାରି କରି ଏହାକୁ କଡା କଡ଼ି ପାଳନ କରିବା ଏବଂ ସମସ୍ତ ପୌରାଞ୍ଚଳ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବା ସମ୍ପର୍କରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢୀ ବିସ୍ତୃତ ସୂଚନା ଦେଇଥିଲେ । ସହରାଞ୍ଚଳ ପରିବେଶର ଉନ୍ନତି ସମ୍ବନ୍ଧୀୟ ସମସ୍ତ ପରିବେଶଗତ ଆଇନ/ନିୟମ, ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରାଯିବା ଉଚିତ ଏବଂ ପୋଲିସ, ଜଙ୍ଗଲ, ସ୍ୱାସ୍ଥ୍ୟ ବିଭାଗ ଆଦି ସମ୍ପୃକ୍ତ କର୍ତ୍ତୃପକ୍ଷମାନେ ସେମାନଙ୍କ ନିଜ ନିଜ କାମ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଛି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ଶାସନ ସଚିବ ରବିନ୍ଦ୍ର ସାହୁ, ସମସ୍ତ ମୁନିସପାଲ କର୍ପୋରେସନର କମିଶନର, ମୁନିସିପାଲିଟି ଓ ଏନ୍ ଏ ସିର କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କ ସହିତ ଅନ୍ୟାନ୍ୟ ସମ୍ପୃକ୍ତ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜୟା ହୋଟେଲ୍ ସିଲ୍ କଲା ଜିଲ୍ଲା ପ୍ରଶାସନ

ପୁରୀ (ଭାସ୍କର ନ୍ୟୁଜ) : ଗୋ ମାଂସ ପରଷିବା ଅଭିଯୋଗରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସତ୍ୟବାଦୀ କଲେଜ ଛକରେ ଥିବା ଜୟା ହୋଟେଲ୍‌କୁ ସିଲ୍ କରିଛି ଜିଲ୍ଲା ପ୍ରଶାସନ । ଏହାସହିତ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପୁରୀ ଏସ୍‌ପି କହିଛନ୍ତି । ସୋସିଆଲ୍ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା । ଯେଉଁଥିରେ ଜୟା ହୋଟେଲ୍ ମାଲିକ ଗୋମାଂସ କିଣୁଥିବାର ଜଣେ ବେପାରୀ କହୁଥିଲେ । ଯାହାପରେ ପୁରା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାପରେ ପୁରୀ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ଉକ୍ତ ହୋଟେଲ୍‌କୁ ସିଲ୍ କରାଯାଇଥିଲା । ଏହାସହ ଖାଦ୍ୟର ନମୂନା ଯାଞ୍ଚ ପାଇଁ ପଠାଯାଇଛି । ଅନ୍ୟପଟେ ଏହି ଘଟଣାକୁ ନେଇ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ୍ କହିଛନ୍ତି ଯେ, ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି । ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ଭିଡିଓର ଯାଞ୍ଚ କରାଯିବ । ଏହାପରେ ତ୍ୱରିତ ଆକ୍ସନ ନିଆଯିବ । ପୁରୀ ସହରରେ ମଧ ଜଣେ ବ୍ୟକ୍ତିଙ୍କ ନାଁରେ ଅଭିଯୋଗ ଆସିବା ପରେ ସେଠାରେ ଚଢ଼ାଉ କରାଯାଇଛି । ସତ୍ୟବାଦୀ ଥାନା ଅଧିକାରୀଙ୍କ ନାଁରେ ଏନେଇ ଅଭିଯୋଗ ଆସିବା ପରେ ପୋଲିସ ହେଡ୍ କ୍ୱାଟରକୁ ତାଙ୍କୁ ପଠାଯାଇଛି ।

### ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

# ଓଡ଼ିଆ ଜନମାନସରେ ଚିର ଅମର ହୋଇ ରହିବେ: ଧର୍ମେନ୍ଦ୍ର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଓଡ଼ିଶାର ଲୋକପ୍ରିୟ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଭୁବନେଶ୍ୱର ସ୍ଥିତ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଏ ସମ୍ପର୍କରେ ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଲୋକପ୍ରିୟ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଭୁବନେଶ୍ୱର ସ୍ଥିତ ବାସଭବନକୁ ଯାଇ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲି । ଅପରାଜିତା ଅପା, ବାବୁସାନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଭେଟିଲି । ସ୍ୱର୍ଗତ ଉତ୍ତମ ଭାଇଙ୍କ ସହ ମୋର ପାରିବାରିକ ସମ୍ପର୍କ ଥିଲା । ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଜୀବନବ୍ୟାପୀ ସାଧନା ଓ କୃତି ପାଇଁ ସେ ଓଡ଼ିଆ ଜନମାନସରେ ଚିର ଅମର ହୋଇ ରହିବେ । ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରିବା ନେଇ ପ୍ରାର୍ଥନା କରିଛନ୍ତି ।

## ୧୦ରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିନିମନ୍ତେ ଆବେଦନକାରୀମାନଙ୍କ ପାଇଁ ଆସନ୍ତା ମାର୍ଚ୍ଚ ୧୦ ତାରିଖ ଠାରୁ କମନ ଆପ୍ଲିକେସନ ଫର୍ମ ଭରଣ ପ୍ରକ୍ରିୟା ଆରମ୍ଭ ହେବ । ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ କମନ ପିଜି ଏଂଟ୍ରାନ୍ସ ଟେଷ୍ଟ ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ । ଏହି ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯିବ । କମନ ପିଜି ଏଂଟ୍ରାନ୍ସ ଟେଷ୍ଟ ଆସନ୍ତା ମଇ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ । ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ କମନ ପିଜି ଏଂଟ୍ରାନ୍ସ ଟେଷ୍ଟ ପରୀକ୍ଷା ମାର୍କ ଅନିବାର୍ଯ୍ୟ ମାନଦଣ୍ଡ ହୋଇଥିବାରୁ ଛାତ୍ରଛାତ୍ରୀମାନଙ୍କର ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ମେଧା ଆଧାରିତ ହୋଇପାରିବ । ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ଜୁଲାଇ ୧୦,୨୦୨୫ ରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ସଠିକ ସମୟରେ ପାଠ୍ୟକ୍ରମ ସମାପ୍ତ ହେବା ସହ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ ।

## ମେଧାବୀଙ୍କ ସ୍ୱପ୍ନ ପୂରଣରେ ସହାୟକ ହେବ 'ସମର୍ଥ' ଛାତ୍ରୀବୃତ୍ତି




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ନାରୀ ଶିକ୍ଷାର ବିକାଶ ନିମନ୍ତେ ଭବାନୀପାଟଣାସ୍ଥିତ ଶିକ୍ଷାନୁଷ୍ଠାନ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ମାଧ୍ୟମରେ ଅହରହ ଉଦ୍ୟମ କରି ଆସୁଛି କଲ୍ୟାଣୀ ଟ୍ରଷ୍ଟ। କିଛି ଲୋକଙ୍କ ନାରୀ ଶିକ୍ଷା ପ୍ରତି ଅନାଗ୍ରହ ତଥା ଅର୍ଥବାଧକତା ଯୋଗୁଁ କେତେକ ମେଧାବୀ ଛାତ୍ରୀ ପାଠପଢାରୁ ବଞ୍ଚିତ ହେଉଥିବା ଘଟଣା ମଧ୍ୟ ଆମ ନଜରକୁ ଆସିଛି। ଅନ୍ୟପକ୍ଷରେ ନାରୀଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଟ୍ରଷ୍ଟର ଜନସମ୍ପର୍କ ଅଧିକାରୀମାନେ ଘର ଘର ଯାଇ ନାରୀ ଶିକ୍ଷାର ଆବଶ୍ୟକତା ଓ ଟ୍ରଷ୍ଟର ଦାୟିତ୍ୱ ସଂପର୍କରେ ବୁଝାଉଛନ୍ତି। ଛାତ୍ରୀଙ୍କ ଶିକ୍ଷାରେ ଥିବା ଆର୍ଥିକ ସମସ୍ୟାକୁ ଦୂର କରିବା ପାଇଁ ଆମେ ମେଧାବୀଛାତ୍ରୀଙ୍କୁ 'ସମର୍ଥ' ଛାତ୍ରବୃତ୍ତି ଦେଇ ଆସୁଛୁ ବୋଲି ଅନୁଷ୍ଠାନର ପରିଚାଳନା କମିଟି ଅଧ୍ୟକ୍ଷା ନମିତା ସାହୁ ୬ ତାରିଖ ଗୁରୁବାର ଦିନ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଯୁକ୍ତ-୨ ମହାବିଦ୍ୟାଳୟ ଅଧ୍ୟକ୍ଷା ଦୀପା ସାହୁଙ୍କ ଆହ୍ୱାନରେ ଆୟୋଜିତ ଏହି ସମ୍ମିଳନୀରେ 'ସମର୍ଥ' ଛାତ୍ରୀ ବୃତ୍ତିର ସଂଯୋଜିକା ଅଧ୍ୟାପିକା ଜ୍ୟୋତିର୍ମୟୀ ବେହେରା ଏହି ବୃତ୍ତି ସମ୍ପର୍କରେ ଅଧିକ ସୂଚନା ଦେଇ କହିଛନ୍ତି ଯେ ଚଳିତ ମାର୍ଚ୍ଚ ମାସ ୯ ତାରିଖ ରବିବାର ସକାଳ ୯ ଟାରେ ମହାବିଦ୍ୟାଳୟ ପରିସରରେ ଏକ ୫୦ମାର୍କର ଲିଖିତ ଓ ୩୦ମାର୍କର ମୌଖିକ ପରୀକ୍ଷା ଆୟୋଜିତ ହେବ। ଏହି ପରୀକ୍ଷା କେବଳ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା କିମ୍ବା ପାଶ୍ କରିସାରିଥିବା ଛାତ୍ରୀମାନେ ହିଁ ଦେଇପାରିବେ। ଛାତ୍ରୀମାନେ ୮୨୮୦୦ ୯୬୯୨୭ ଫୋନ୍ ନମ୍ବରକୁ କଲ୍ କରି ମଧ୍ୟ ସେମାନଙ୍କ ନାମ ପଞ୍ଜିକରଣ କରିପାରିବେ। ଯୋଗ୍ୟ ବିବେଚିତା ଛାତ୍ରୀମାନଙ୍କୁ ବର୍ଷକୁ ୯୯,୦୦୦ଟଙ୍କା, ଦୁଇବର୍ଷକୁ ମୋଟ ୧,୯୮,୦୦୦ଟଙ୍କାର ଛାତ୍ରୀବୃତ୍ତି ପ୍ରଦାନ କରାଯିବ ଯାହାଫଳରେ ଛାତ୍ରୀମାନେ ଏହି ଶିକ୍ଷାନୁଷ୍ଠାନରେ ମାଗଣାରେ ରହିବା, ଖାଇବା ସହ ପାଠପଢି ପାରିବେ। ଏହି ଲିଖିତ ଓ ମୌଖିକ ପରୀକ୍ଷା ଦେବା ପାଇଁ ଛାତ୍ରୀ ମାନଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ମେଧାବୀ ତଥା ଶିକ୍ଷା ଲାଭ ପାଇଁ ଆର୍ଥିକ ସମସ୍ୟାରେ ଥିବା ଛାତ୍ରୀମାନେ କିଭଳି ଅଧିକରୁ ଅଧିକ ଏହାର ସୁଯୋଗ ନେଇ ପାରିବେ ସେଥିପାଇଁ ସାମ୍ବାଦିକ ମାନଙ୍କ ସାହାଯ୍ୟ ଲୋଡିଥିଲେ ଅଧ୍ୟକ୍ଷା ଦୀପା ସାହୁ। ଏହି ସାମ୍ବାଦିକ ସମ୍ମିଳନୀ ପରିଚାଳନାରେ ଅଧ୍ୟାପିକା ହିମାଦ୍ରୀ ମହାରଣା ସହଯୋଗ କରିଥିଲେ।

## ଜଳ କଷ୍ଟ : ସାହା କେବଳ ପୋଖରୀ ପାଣି





ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ବର୍ଷା ହେଉ କି ଗ୍ରୀଷ୍ମ ଋତୁ- ସବୁବେଳେ ଜଳ ସଂକଟ ଭିତରେ ଯୁଝୁଛନ୍ତି ପଡ଼ାବାସୀ। ୭ବର୍ଷରୁ ପୋଖରୀ ପାଣିକୁ ବ୍ୟବହାର କରି ଆସୁଛନ୍ତି। ହେଲେ ସରପଞ୍ଚ ମେମ୍ବର କିମ୍ବା ପ୍ରଶାସନ ନଜରକୁ ଆସୁ ନଥିବା ଉଦବେଗ ପ୍ରକାଶ ପାଇଛି। ଧର୍ମଗଡ଼ ବ୍ଲକ ଧଅରପୁର ପଞ୍ଚାୟତ ଭାଲୁଟୁଆ ଗ୍ରାମର ନିଲିବନ୍ଧ ପଡ଼ାବାସୀ ଏବେ ବିଶୁଦ୍ଧ ପାନୀୟ ଜଳ ସଂକଟରେ ପଡିଥିବା ଦେଖାଯାଉଛି। ପଡାରେ ରହୁଥିବା ୭ପରିବାରର ମୋଟ ୩୦ଜଣ ଲୋକ ୭ବର୍ଷ ହେଲାଣି ଏଠାରେ ବସବାସ କରି ରହି ଆସୁଛନ୍ତି କେବଳ ପାଖରେ ଥିବା ପୋଖରୀ ପାଣିକୁ ନିର୍ଭର କରି। ପୋଖରୀ ପାଣିରେ ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀ ଗାଇ ଗୋରୁ ଏପରିକି ଶୌଚ, ଗାଧେଇବା ଆଦି କରୁଥିବା ବେଳେ ପିଇବାରେ ବ୍ୟବହାର କରାଯାଏ ବୋଲି ପଡ଼ାବାସୀ ପ୍ରକାଶ କରନ୍ତି। ପିଇବା ପାଣି ଆଣିବାକୁ ଯିବାକୁ ହେଲେ ଅଧା କିଲୋମିଟର ଦୂର ଧଅରପୁର-ଭାଲୁଟୁଆ ଗାଁ ପଡେ। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଥିବା ବେଳେ ପୋଖରୀ ଶୁଖିବାକୁ ବସିଲାଣି। ଯାହାକୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି ପଡ଼ାବାସୀ। ଏହି ପୋଖରୀ ପାଣି ବ୍ୟବହାର କରି ନାନା ପ୍ରକାର ରୋଗର ଶିକାର ସାଜି ଥିବା କୁହାଯାଏ। ତଥାପି ଅନ୍ୟ ଉପାୟ ନ ଥିବା ଯୋଗୁଁ ବାଧ୍ୟତା ଭାବେ ଏହି ପୋଖରୀ ପାଣି ବ୍ୟବହାର କରୁଥିବା ପଡାର ମଧୁସୂଦନ ଜୁଏଡ଼, ଯଦୁମଣି ଜୁଏଡ଼, ମୋହନ ଜୁଏଡ଼,ଯୁଗେଶ୍ୱର ଜୁଏଡ଼, ଟୀରଣ ଜୁଏଡ଼, ଭାଗ୍ୟବନ୍ତ ଜୁଏଡ଼, କିଆ ଜୁଏଡ଼, ଚଂଚଳା ଜୁଏଡ଼,ବରୁଣା ଜୁଏଡ଼, ରେବତୀ ଜୁଏଡ଼, ମୁକ୍ତେଶ୍ୱରୀ ଜୁଏଡ଼ ପ୍ରମୁଖ କହନ୍ତି। ବର୍ତ୍ତମାନ ତାପମାତ୍ରା ୩୫ଡିଗ୍ରୀ ଉପରେ ରହୁଥିବା ବେଳେ ଆଗକୁ ଆହୁରି ବୃଦ୍ଧି ପାଇବା ସୁନିଶ୍ଚିତ। ପାଣି ଅଭାବରେ କିଛି ଅଘଟଣ ନ ଘଟିବା ପୂର୍ବରୁ ପ୍ରଶାସନ ଯୁଦ୍ଧ କାଳୀନ ଭିତରେ ନଳକୂପ ଖୋଲିବା ବ୍ୟବସ୍ଥା ହାତକୁ ନେବା ଆବଶ୍ୟକ ରହିଛି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ -ଯଥା ଶୀଘ୍ର ବ୍ୟବସ୍ଥା କରାଯିବ କହିଥିବା ବେଳେ ଅନ୍ୟପଟେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ସରୋଜ କୁମାର ମାଝୀ ତୁରନ୍ତ ବିଶୁଦ୍ଧ ପାନୀୟ ଜଳଯୋଗାଣ ପଦକ୍ଷେପ ହାତକୁ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଜନ ଆରୋଗ୍ୟ ସମିତିର କାର୍ଯ୍ୟକାରୀ ବୈଠକ




ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ କାଙ୍କେରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଧର୍ମଗଡ଼ ୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ତଥା ଜନ ଆରୋଗ୍ୟ ସମିତିର ଅଧକ୍ଷ ଗୋପୀନାଥ ମହାନନ୍ଦଙ୍କ ଅଧକ୍ଷତାରେ ସମିତିର କାର୍ଯ୍ୟକାରୀ କମିଟିଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ବର୍ଷର ଖର୍ଚ୍ଚ ଉପସ୍ଥାପନ କରିବା ସହ ଆଗାମୀ ବର୍ଷ ହେବାକୁ ଥିବା କାର୍ଯ୍ୟାବଳୀ ବିଷୟରେ ଆଲୋଚନା କରିବା ସହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ସମସ୍ୟାର କିଭଳି ସମାଧାନ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। ପୂର୍ବାହ୍ନ ୧୧ ଘଣ୍ଟାରେ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ପତ୍ରରେ ଉଲ୍ଲେଖ ଥିବାବେଳେ କର୍ମଚାରୀ ମାନେ ଆସିବା ବିଳମ୍ବ ଯୋଗୁଁ ମଧ୍ୟାହ୍ନ ୧୨:୩୦ ଘଣ୍ଟା ସୁଦ୍ଧା ମଧ ବୈଠକ ଆରମ୍ଭ ହୋଇନଥିଲା ଫଳରେ ଅଧକ୍ଷ ଶ୍ରୀଯୁକ୍ତ ମହାନନ୍ଦ ବିରକ୍ତି ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଟିପିଗୁଡା ସରପଞ୍ଚ ହାତୀରାମ ଦୁର୍ଗା, ପର୍ଲା ବିପିଏଚଓ ଗିରିଶ ଚନ୍ଦ୍ର ଜେନା, ଟିପିଗୁଡା ମେଡିକାଲ ଅଧିକାରୀ ମାନସ ରଞ୍ଜନ ପାଣିଗ୍ରାହୀ, ଆୟୁଷ ଅଫିସର ରାଜଶ୍ରୀ ନେଗୀ, ଫାର୍ମାସିଷ୍ଟ ଅଫିସର ଚନ୍ଦ୍ରମଉଳି ପଣ୍ଡା, କାଙ୍କେରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ପ୍ରଦ୍ୟୁତ ରଞ୍ଜନ ସାହୁ, ଫାର୍ମାସିଷ୍ଟ ଅଫିସର ରାଜେଶ କୁମାର ଯୋଶୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଭୂପତି ବୋଡ଼େକ, ବିଷ୍ଣୁ ନାଏକ, ମହିଳା ସ୍ୱାସ୍ଥ୍ୟ କର୍ମୀ କୁମୁଦିନୀ ବାଗ, ଆଶାକର୍ମୀ ଅଂଶୁପା ଦୁର୍ଗା, ପ୍ରମୁଖ ଯୋଗଦେଇ ଥିଲେ।

## ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଯୁକ୍ତ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଜନ୍ମେଜୟ ସ୍ୱାଇଁ ଭାରପ୍ରାପ୍ତ ବିଡ଼ିଓ ସିଦ୍ଧେଶ୍ୱର ମେହେରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବେ ଶ୍ରୀ ସ୍ୱାଇଁ ନୂଆପଡ଼ା ଜିଲ୍ଲା ଖଡିଆଳ ଠାରେ ଜମି ଅଧିଗ୍ରହଣ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ମାଲକାନଗିରି ଜିଲ୍ଲା ମୋଟୁ ତହସିଲଦାର ଭାବେ



ବଦଳି କରାଯାଇଥିଲା। ତେବେ ଶ୍ରୀ ସ୍ୱାଇଁ ସେଠାରେ ଯୋଗ ଦେଲା ପରେ ତାଙ୍କୁ କେସିଙ୍ଗା ବ୍ଲକ ବିଡ଼ିଓ ଭାବରେ ନିଯୁକ୍ତି ମିଳିଥିଲା। ତେଣୁ ଶ୍ରୀ ସ୍ୱାଇଁ ଗୁରୁବାର ୧୧ ଟା ସମୟରେ କେସିଙ୍ଗା ବ୍ଲକ ବିଡ଼ିଓ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ଭାରପ୍ରାପ୍ତ ବିଡ଼ିଓ ସିଦ୍ଧେଶ୍ୱର ମେହେର, ବ୍ଲକ ଫାଇନାନ୍ସ ଅଫିସର ଜୟକୃଷ୍ଣ ପଣ୍ଡା ଓ ଏଇଇ ସ୍ୱୀକୃତା ନନ୍ଦ ବିଶ୍ୱାଳ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ନୂତନ ବିଡ଼ିଓ ଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସୁଭଦ୍ରା ଯୋଜନାର ସଚେତନତା ସଭା

ଧର୍ମଗଡ଼, (ଭାସ୍କର ନ୍ୟୁଜ): ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନାରେ ବାଦ ପଡ଼ିଥିବା ମହିଳା ମାନେ କିପରି ସୁଭଦ୍ରା ଯୋଜନାରେ ସାମିଲ ହେବେ ସେ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୁଭଦ୍ରା ଯୋଜନାରେ ଯେଉଁ ମହିଳାମାନେ ଟଙ୍କା ପାଇଛନ୍ତି ସେହି ଟଙ୍କାକୁ କିପରି ଛୋଟ ଛୋଟ ବ୍ୟବସାୟ କରି ନିଜ ପରିବାରକୁ ସ୍ୱାବଲମ୍ବୀ କରିପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଛି। ସେହି ପରିପ୍ରେକ୍ଷୀରେ ଗୁରୁବାର ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଛିଲପା ଗ୍ରାମ ପଞ୍ଚାୟତ ଠାରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଏହି ପଥପ୍ରାନ୍ତ ସଭାରେ ମୁଖ୍ୟଅତିଥି ଭାବରେ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାଏକ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ସିଡିପିଓ ଧରିତ୍ରୀ ପାଣିଗ୍ରାହୀ, ହିମାଂଶୁ ଶେଖର ପଣ୍ଡା, ଅପ୍ରେସ ସ୍ୱାଇଁ, ଏବଂ ସ୍ଥାନୀୟ ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଯୋଗ ଦେଇଥିଲେ। ଉପସ୍ଥିତ ଥିବା ମହିଳା ମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟଙ୍କାକୁ ଛୋଟ ଛୋଟ ବ୍ୟବସାୟ କରି ନିଜ ନିଜ ପରିବାରକୁ ସ୍ୱାବଳମ୍ବୀ କରିପାରିବେ ସେଥିପାଇଁ ବିଭିନ୍ନ ଉଦାହରଣ ଦେଇ ଅତିଥି ମାନେ ବୁଝାଇଥିଲେ। ମଞ୍ଚକୁ ସରପଞ୍ଚ ଶ୍ରୀ ପ୍ରଧାନୀ ପରିଚାଳନା କରିଥିବା ବେଳେ ସି,ଡି,ପି,ଓ, ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅଧ୍ୟାପକ ମୋହନ ବିଷି ପାଇଲେ ରାଜ୍ୟପାଳ ପୁରସ୍କାର



କୋକସରା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅର୍ନ୍ତଗତ ବେହେରା ସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ପରାମର୍ଶଦାତା ମୋହନ ଚରଣ ବିଷି ରାଜ୍ୟର ଶ୍ରେଷ୍ଠ ଯୁବ ରେଡକ୍ରସ୍ ପରାମର୍ଶଦାତା ଭାବେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱର ରାଜଭବନର ନୂଆ ଅଭିଷେକ ପ୍ରେକ୍ଷାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ପୁରସ୍କାର ବିତରଣ ଉତ୍ସବରେ ମହାମହିମ ରାଜ୍ୟପାଳ, ଓଡିଶା ତଥା ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଯୁକ୍ତ ବିଷିଙ୍କୁ ୨୦୧୯-୨୦ ବର୍ଷ ପାଇଁ ଶ୍ରେଷ୍ଠ ଯୁବ ରେଡକ୍ରସ୍ ପରାମର୍ଶଦାତା ଭାବେ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ଓ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ରେଡକ୍ରସ୍ ଅଧିକାରୀ ଡ଼. ରମେଶ ଚନ୍ଦ୍ର ବେହେରା ଓ କନିଷ୍ଠ ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ' ମୋହନ ଚରଣ ବିଷି ଜଣେ ନିୟମିତ ରକ୍ତଦାତା ଓ ପ୍ରୋତ୍ସାହକ ଭାବେ ଚଳିତ ବର୍ଷ ପାଇଁ ରାଜ୍ୟ ରକ୍ତବୀର ସମ୍ମାନରେ ସମ୍ମାନୀତ ହୋଇଥିଲେ। ରକ୍ତଦାନ ବ୍ୟତୀତ ଯୁବ ରେଡକ୍ରସ୍ ଓ ରେଡ ରିବନ କ୍ଲବ ସମ୍ବନ୍ଧିତ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ ସଂପାଦନ, ପ୍ରାଥମିକ ସହାୟତା ତାଲିମ ପ୍ରଦାନ, ବୃକ୍ଷରୋପଣ, ବିପର୍ଯ୍ୟୟ ପରିଚାଳନା ଓ ବିଭିନ୍ନ ସମ୍ବାଦ ପତ୍ର ମାନଙ୍କରେ ନିୟମିତ ସ୍ତମ୍ଭକାର ଭାବରେ ସଚେତନତା ମୂଳକ ଲେଖା ପ୍ରକାଶନ ପରି ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ରାଜ୍ୟପାଳ ପୁରସ୍କାର ପାଇଁ ମନୋନିତ କରାଯାଇଥିଲା। ଶ୍ରୀବିଷିଙ୍କ ଏହି ସଫଳତାରେ କାଳୀ କୃଷ୍ଣ ସଂଘ ପରିଚାଳକ ଶ୍ରୀ ଜଗଦାନନ୍ଦଜୀ, ବେଦବ୍ରହ୍ମ ସରୋଜାନନ୍ଦଜୀ, ଧର୍ମଗଡ ବିଧାୟକ ସୁଧିର ପାଟଯୋଶୀ, ଧର୍ମଗଡ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ବରିଷ୍ଠ ସାମ୍ବାଦିକ ତଥା ରେଡକ୍ରସ୍ ଆଜୀବନ ସଦସ୍ୟ ହୃଷିକେଶ ମିଶ୍ର, ଯୁବ ରେଡକ୍ରସ୍ ଆବାହକ ସଂପାଦକ ସଂଜୀବ କୁମାର ସାହୁ, ସଂଯୋଜକ ଶାନ୍ତନୁ କୁମାର ପରିଡ଼ା, ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପରାମର୍ଶଦାତା, ଲଖିରାମ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବେହେରାର ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ ସମେତ ସମସ୍ତ କର୍ମଚାରୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବସନ୍ତର ଆଗମନରେ ମନ ମୋହୁଛି ଆମ୍ବ ବଉଳ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): ବସନ୍ତର ଆଗମନରେ ସଜେଇ ହୋଇଛି ଧରଣୀରାଣୀ। ବସନ୍ତ ଆସିବା ସହ ସାଥିରେ ନେଇ ଆସିଛି ଆମ୍ବ ବଉଳର ସମ୍ଭାର। ଆମ୍ବଗଛରେ ଝୁଲୁଛି ପେନ୍ଥାପେନ୍ଥା ବଉଳ। ବସନ୍ତର ମୃଦୁ ମଳୟ ସାଙ୍ଗକୁ ବଉଳର ମହକରେ ମହକି ଉଠୁଛି ପରିବେଶ। ପହିଲି ଆମ୍ବ ବଉଳର ମହୁଲି ବାସ୍ନାରେ ପ୍ରକୃତି ମନରେ ଉନ୍ମାଦନା ସୃଷ୍ଟି ହେଉଛି। ଭାବୁକ ମନରେ ଭାବ ଭରି ଦେଉଥିବା ଏହି ସୌନ୍ଦର୍ଯ୍ୟ ଦେଖିବାକୁ ମିଳିଛି ପ୍ରାକୃତିକ ଗନ୍ତାଘର କୁହାଯାଉଥିବା କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଆମ୍ବ ତୋଟା ମାନଙ୍କରେ। ଆମ୍ବ ବଉଳର ସମ୍ଭାର ଜିଲ୍ଲାର ସୌନ୍ଦର୍ଯ୍ୟକୁ ଦୁଇ ଗୁଣିତ କରିଛି। ଯାହା ପଥିକ ଟିଏକୁ ବାଟବଣା କରୁଥିବା ବେଳେ କବିକୁ ଆନମନା କରୁଛି। ସୁନ୍ଦରତାର ପରିପୂର୍ଣ୍ଣ କଳାହାଣ୍ଡି ଜିଲ୍ଲାକୁ ଛୁଇଁଛି ବସନ୍ତ। ବସନ୍ତର ମୃଦୁ ମଳୟ ସାଙ୍ଗକୁ କୋଇଲିର କୁହୁକୁହୁ ରାବ ପରିବେଶରେ ଏକ ପ୍ରେମର ବାର୍ତ୍ତା ଦେଉଛି। ପତ୍ରଝଡ଼ା ପରେ ପରେ ବୃକ୍ଷରାଜି ନବପଲ୍ଲବ ଧାରଣ କରୁଛନ୍ତି। ଫଗୁଣ ମାସରେ ଆମ୍ବଗଛରେ ପେନ୍ଥା ପେନ୍ଥା ହୋଇ ଝୁଲୁଥିବା ବଉଳ ନିଜକୁ ପୁଷ୍ପବତୀ ଫଳବତୀ କରିବାକୁ ପ୍ରସ୍ତୁତ ହେଉଛନ୍ତି। ପ୍ରକୃତିର କୋଳରେ ସଜେଇ ହୋଇଥିବା ବଉଳର ମହମହ ବାସ୍ନା ମନରେ ଆନମନା ଭରି ଦେଉଛି। ବସନ୍ତର ଆଗମନରେ ରାସ୍ତା କଡ଼ରେ ଥିବା ଆମ୍ବ ଗଛ ଗୁଡିକରେ ବଉଳ ଆସିଛି। ଯାହା ଅତ୍ୟନ୍ତ ମନୋରମ ଓ ହୃଦୟସ୍ପର୍ଶୀ। ଏହି ଦୃଶ୍ୟକୁ ଉପଭୋଗ କରିବା ପାଇଁ ବାଟରେ ଯାଉଥିବା ପଥିକଟିଏ ମଧ୍ୟ ଘଡ଼ିଏ ଅଟକି ଯାଉଛି। କ୍ଲାନ୍ତି ଦୂର ପାଇଁ ବାଟୋଇଟିଏ ଗଛ ମୂଳେ କ୍ଷଣ ଟିଏ ବସି ପଡିଲେ ମନରେ ଆସିଯାଉଛି ଅସୁମାରୀ ଶାନ୍ତି। ଆଉ ଆମ୍ବ ବଉଳର ବାସ୍ନା ସାଙ୍ଗକୁ କୋଇଲିର କୁହୁକୁହୁ ସ୍ୱର ଅବାଳ ବୃଦ୍ଧ ବନିତାଙ୍କୁ ଆନମନା କରୁଛି।

## ଫନ୍ ଏନ୍ ଲର୍ଣ୍ଣ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଶିଶୁମାନେ ସବୁବେଳେ ଅନୁକରଣ ପ୍ରିୟ ତେଣୁ ସେମାନଙ୍କ ମନକୁ ଛୁଇଁଲା ଭଳି ଏଭଳି ପରିବେଶ ସୃଷ୍ଟି କରନ୍ତୁ ଯାହା ସେମାନଙ୍କୁ ଅଧିକ ଆକୃଷ୍ଟ କରିପାରିବ। ସବୁବେଳେ ସେମାନଙ୍କ ଭୁଲ୍ ନ ବାଛି ସେ କରୁଥିବା କାମର ଭଲମନ୍ଦ ଫଳ ବିଷୟରେ ତାଙ୍କୁ ବୁଝେଇବାକୁ ଅଭ୍ୟାସ କରନ୍ତୁ। ପିଲାଟି ଦିନରୁ ଡାକ୍ତର ଇଞ୍ଜିନିୟର ହେବାର ଆକାଂକ୍ଷା ତାଙ୍କ ମନ ଭିତର ନ ପୂରାଇ ଜଣେ ଭଲ ମଣିଷ ହେବାର ସ୍ୱପ୍ନ ଦେଖାନ୍ତୁ ବୋଲି ଭବାନୀପାଟଣାର ଜଗନ୍ନାଥ ମନ୍ଦିର ପଡାରେ ଥିବା 'ଫନ୍ ଏନ୍ ଲର୍ଣ୍ଣ ପ୍ଲେ ସ୍କୁଲ'ର ୧୭ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ଗତ ବୁଧବାର ସଂଧ୍ୟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ପ୍ଲେ ସ୍କୁଲର ଅଧକ୍ଷା ପ୍ରବୀଣା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏଡିଏମ୍ ତନ୍ମୟ କୁମାର ଦରଓ୍ୱାନ୍ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଉମେଶ ଚନ୍ଦ୍ର ଶତପଥୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁନେମିୟା ଜାଲ (ଗ୍ଲାଡି) ସ୍ୱାଗତ ଭାଷଣ ଦେବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରିନ୍ସପାଲ୍ ପ୍ରବୀଣା ମିଶ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପରେ ବିଦ୍ୟାଳୟର କୁନିକୁନି ପିଲାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିଶୁ କଳାକାରମାନେ ଭଳିକି ଭଳି ରଙ୍ଗୀନ ବେଶଭୂଷା ପିନ୍ଧି ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଅତିଥି, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଦୀର୍ଘ ସମୟ ଧରି ବିଭୋର କରି ରଖିଥିଲେ। ନିଜ ନିଜ ଛୋଟ ପିଲାମାନଙ୍କ ମଧ୍ୟରେ ଏଭଳି ଅଭୂତପୂର୍ବ ପ୍ରତିଭା ଯେ ଲୁଚି ରହିଛି ତାହା ଅଭିଭାବକମାନେ ସହଜରେ ବିଶ୍ୱାସ କରିପାରୁନଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସାଜିଆ ନାଜ୍, ଅନୁରାଧା ବିଶ୍ୱାଳ, ରେଖା ରଣା ଓ ଚିନ୍ମୟୀ ଦାଶ ପରିଚାଳନା କରିଥିଲାବେଳେ ଶିକ୍ଷୟିତ୍ରୀ କମଳିନୀ ପୁରୋହିତ, ଇତିଶ୍ରୀ କର ଓ ମୀନା ପଟ୍ଟନାୟକ ପ୍ରମୁଖ ସେମାନଙ୍କୁ ସହଯୋଗ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ମିସ୍ ଗ୍ଲାଡି।

## ରାଶିଫଳ

**ଶନିବାର, ୦୮ ମାର୍ଚ୍ଚ ୨୦୨୫**



**ମେଷ:** ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ। ସନ୍ତାନ ଯୋଗେ ଆନନ୍ଦିତ ହେବେ ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଜରୁରୀ କାର୍ଯ୍ୟ ଓ ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୁଚାରୁରୂପେ ହେବ। ଜାଗା, ଜମି, ଉଚ୍ଚସ୍ତରୀୟ ବାହନ ଆଦି କ୍ରୟ କରି ପାରିବେ।



**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଉତ୍ସାହିତ ହେବେ। କେତେକ ଦୀର୍ଘ ଯୋଜନା ସଫଳ କାରଣରୁ ମନ ଭଲ ରହିବ। ବ୍ୟବସାୟ କ୍ଷେତ୍ରରେ ପ୍ରସାର, ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ। ପରିବାରରେ ଖୁସିର ବାତାବରଣ ସ୍ଥାୟି ରହିବ।



**ମିଥୁନ:** ଗୃହରେ ଧର୍ମକାର୍ଯ୍ୟ ଓ ଧର୍ମାନୁଷ୍ଠାନରେ ଯୋଗଦାନ କରି ପ୍ରଶଂସା ପାଇବେ। ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତ୍କାରରେ ଉଚ୍ଚ ପ୍ରଶଂସିତହେବେ। ପରିବାରର ଉନ୍ନତି ପାଇଁ ପ୍ରୟାସରତ ହେବେ। ରାଜନୀତିରେ ସ୍ୱାର୍ଥରକ୍ଷା କରି କଠିନ ପରିଶ୍ରମ କରିବାକୁ ପଡିବ।



**କର୍କଟ:** ସାମାଜିକ ଅନୁଷ୍ଠାନରେ ଯୋଗ ଦେବାର ସୁଯୋଗ ମିଳିବ। ବ୍ୟବସାୟୀମାନେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ପାଇବେ। ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତ୍କାରରେ ଉଚ୍ଚ ପ୍ରଶଂସିତ ହେବେ। ଭାବି ଚିନ୍ତି କାର୍ଯ୍ୟ ନ କଲେ ଠକାମିରେ ପଡି ପାରନ୍ତି।



**ସିଂହ:** ଶୁଭ ସମାଚାର ମିଳିବ ଓ ନିଜଲୋକ ସାହାଯ୍ୟ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ଶରୀର ସୁସ୍ଥ ରହିବାସହ ବିରୋଧୀ ମାନଙ୍କ ମୁଣ୍ଡ ତଳକୁ ହେବ। ବ୍ୟବସାୟୀମାନେ ସାଧୁ ଓ ସଚ୍ଚୋଟ ଭାବେ କର୍ମ ଯୋଗକୁ ଶ୍ରେଷ୍ଠତା କରି ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହେବେ।



**କନ୍ୟା:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ସହଯୋଗ ଯୋଗୁ ସୁନାମ ଅର୍ଜନ କରିବେ। ଉପରିସ୍ଥଙ୍କୁ ଆପଣାର କରି କୃପାଭାଜନ ହେବେ। ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ଆଲୁଅ ଅନ୍ଧାରର ଲୁଚକାଳି ଖେଳର ଅବସାନ ହେବ।



**ତୁଳା:** ସ୍ୱାସ୍ଥ୍ୟସମସ୍ୟା ସୁଧୁରି ଯାଇ ମାନସିକସ୍ଥିତି ଭଲ ରହିବ। ଯଥା ସମ୍ଭବ ପ୍ରକୃତିସ୍ଥ ରହି ଅଳ୍ପ ପରିଶ୍ରମରେ ଅଧିକ ଲାଭର ଉପଭୋକ୍ତା ହେବେ। ସାର୍ବଜନୀନ ଓ ବ୍ୟକ୍ତିଗତ ସମ୍ପର୍କରେ ବିକଶିତ ହେବାସହ ଆତ୍ମନିର୍ଭର ଶୀଳ ହେବେ। କାରବାରରେ ସ୍ଥିତି ଠିକ୍ ରହିବାଯୋଗେ ବ୍ୟବସାୟ ବଢାଇବାରେ ସମର୍ଥ ହେବେ।



**ବିଛା:** ସମସ୍ତଙ୍କ ପ୍ରତି ସକରାତ୍ମକ ଚିନ୍ତା ଆଗକୁ ବଢିବାରେ ସାହାଯ୍ୟ କରିବ। ଗୁରୁଜନ ମାନଙ୍କ ଆଦର ପାଇ ପରିବାର ମଧ୍ୟରେ ମୁଖ୍ୟତା ଲାଭ କରିବେ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବେ। ସ୍ୱାସ୍ଥ୍ୟ ଦିଗରୁ ବିଶେଷ ସତର୍କ ରହିବା ଉଚିତ୍ ଓ ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ।



**ଧନୁ:** ସେବାକାରୀ ମାନଙ୍କ ସହଯୋଗରେ ସମ୍ମାନ ଜନକ ସ୍ଥିତି ପରିଲକ୍ଷିତ ହେବ। ପ୍ରତିଯୋଗିତା ମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବା ସହ ଉଚ୍ଚଶିକ୍ଷା ପ୍ରଚେଷ୍ଟାରେ ସଫଳ ହେବେ। ଜୀବନରେ ଭରପୁର ଆନନ୍ଦ ପାଇଲାଭଳି ଫାଇଦା ଉଠେଇବେ। ବ୍ୟବସାୟ କ୍ଷେତ୍ର ପ୍ରସାରିତ ହେବା ଫଳରେ ଆଶାତୀତ ଲାଭପାଇବେ।



**ମକର:** ସାମ୍ବାଦିକ ମାନଙ୍କର ସମସ୍ତ କ୍ଷେତ୍ରରେ ସଫଳତା ମିଳିବ। ଛାତ୍ରଛାତ୍ରୀ ମାନଙ୍କ ଅଧ୍ୟୟନ କ୍ଷେତ୍ରରେ ସୁନାମ ଅର୍ଜନ କରିବାସହ ବିଦ୍ୟା କ୍ଷେତ୍ରରେ ପ୍ରତିଭାର ବିକାଶ ହେବ। ପାଖରେ ଥିବା ସାଥୀ ଓ ପ୍ରିୟଜନଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ବାଧ୍ୟ ହେବେ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। ଦୂରଯାତ୍ରା କରି ହଇରାଣ ହରକତ ହେବାକୁ ପଡି ପାରେ।



**କୁମ୍ଭ:** ସରକାରୀ କାର୍ଯ୍ୟରେ ସଫଳତା ମିଳିବାସହ ବିଦେଶ ଯାତ୍ରାରେ ଲାଭବାନ୍ ହେବେ। ଦୂରଯାତ୍ରାରେ ବିବାଦମୁକ୍ତ ନିରୁପଦ୍ରବ ଜୀବନଚର୍ଯ୍ୟା ମଧ୍ୟେ ସମୟ ବିତିବ। ବ୍ୟବସାୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ଯୋଜନା ପ୍ରସ୍ତୁତ କରିବେ। ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାରରେ ବିଜୟଲାଭ କରିବେ।



**ମୀନ:** ସାମାଜିକ ସ୍ତରରେ ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ। ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। ପରସ୍ପରକୁ ସାହାଯ୍ୟ ସହଯୋଗ କରି ଉତ୍ତମ ଯୋଜନାବଦ୍ଧ ହେବାର ସମ୍ଭାବନା ଅଛି। ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ।



ପ୍ରସ୍ତୁତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଚିକିଟି(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଏହି ବ୍ଲକରେ ବ୍ଲକ ଅଧ୍ୟକ୍ଷ ଅପ୍ସନା ସେଠିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସ୍ଥାନୀୟ ବିଡ଼ିଓ ଲକ୍ଷ୍ମ ଚରଣ ସୋରେନ ଉପସ୍ଥିତ ହୋଇ ଆଗାମୀ ଏଗାର ତାରିଖରେ ହେବାକୁ ଥିବା ଭୀମଭୋଇ ଶିବିରକୁ କିପରି ସୁଫଳ କରାଯିବ ସେଥିପାଇଁ ବିଭିନ୍ନ ପଞ୍ଚାୟତର ଥିବା ଦିବ୍ୟାଙ୍ଗମାନଙ୍କୁ ସୁରକ୍ଷିତ ଭାବରେ ଶିବିରକୁ ଆଣି ପୁନଃ ସୁରକ୍ଷିତ ଭାବରେ ପହଞ୍ଚାଇବା ଆମର ପ୍ରଥମ ପ୍ରାଥମିକତା । ଉକ୍ତ ଶିବିରକୁ ଆସିବା ପରେ ଦିବ୍ୟାଙ୍ଗମାନଙ୍କୁ ରେଜିଷ୍ଟ୍ରି କରିବା ସକାଶେ ଅନେକ ଅଧିକାରୀଙ୍କୁ ଦାୟିତ୍ୱ ଦେବା ସହ ସମସ୍ତ ସୁବିଧା କିଭଳି ପାଇପାରିବେ ସେଥିପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଜଗଦେବ ଚୌଧୁରୀ ଯୋଗଦାନ କରି ସମସ୍ତ ବିଆରସି ଆଉ ଆଇ ଭଲ୍ୟୁଣ୍ଟରମାନଙ୍କୁ ଅନୁରୋଧ କରିଛନ୍ତି ଯେ ପ୍ରତ୍ୟେକ ବିଦ୍ୟାଳୟରେ ଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଯେଉଁଭଳି ଉକ୍ତ କାର୍ଯ୍ୟକ୍ରମରେ ସୁରୁଖୁରୁରେ ଯୋଗଦାନ କରି ସେମାନଙ୍କ ପାଇଁ ଆସୁଥିବା ସୁବିଧା ଆଉ ଯୋଜନାର ଅନ୍ତର୍ଭୁକ୍ତ ହୋଇ ପାରିବେ । ଏହି ପ୍ରସ୍ତୁତି ବୈଠକରେ ସମସ୍ତ ଅଧିକାରୀଙ୍କ ସହ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗଦାନ କରିଥିଲେ ।



# ପବିତ୍ର ମୋହନ ମେଡିକାଲ କଲେଜରେ ରୋଗୀସେବା ଦାବିରେ ଗଣଧାରଣା



ତାଳଚେର(ଭାସ୍କର ନ୍ୟୁଜ୍): ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ନିଯୁକ୍ତି ପାଇଥିବା ଡାକ୍ତର ଓ ପ୍ରଫେସର ମାନଙ୍କ ଦ୍ୱାରା ପବିତ୍ର ମୋହନ ମେଡିକାଲ୍ ରେ ରୋଗୀ ସେବା ଆରମ୍ଭ କରିବା ଦାବୀରେ ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ, ତାଳଚେରଙ୍କୁ ଏକ ଦାବିପତ୍ର ଦିଆଯାଇଅଛି । ବହୁ ପ୍ରତିକ୍ଷିତ ତାଳଚେର ମେଡିକାଲ୍ କଲେଜ୍ ଚଳିତ ବର୍ଷ ଠାରୁ ନାମଲେଖା ହୋଇ ପାଠପଢ଼ା ଆରମ୍ଭ ହେବ ବୋଲି ସରକାର ଘୋଷଣା କରି ଆନୁସଙ୍ଗିକ ବ୍ୟବସ୍ଥା ଏବଂ ୫୯ ଜଣ ଡାକ୍ତର ଓ ପ୍ରଫେସର ନିଯୁକ୍ତି ଦେଇଛନ୍ତି । କିନ୍ତୁ ଏହି ଡାକ୍ତରମାନେ ପବିତ୍ର ମୋହନ ମେଡିକାଲ୍ ପରିବର୍ତ୍ତେ ଅନୁଗୋଳ ଜିଲ୍ଲା ମେଡିକାଲ୍‌ରେ ଗତ ସୋମବାର ଠାରୁ ରୋଗୀ ସେବା କରୁଛନ୍ତି । ଏହାଦ୍ୱାରା ତାଳଚେର ମେଡିକାଲ୍ କଲେଜ୍ ନହେବାର ଚକ୍ରାନ୍ତ ଅନୁଭବ କରି ତାଳଚେରବାସୀଙ୍କ ପ୍ରତି ପ୍ରତାରଣା କରାଯାଉଥିବାର ସନ୍ଦେହ ପ୍ରକାଶ ପାଇଛି । ଯଥାଶୀଘ୍ର ପବିତ୍ର ମୋହନ ମେଡିକାଲ୍‌ରେ ୫୯ ଜଣ ଡାକ୍ତରଙ୍କ ଦ୍ୱାରା ରୋଗୀ ସେବା ଆରମ୍ଭ କରାଯାଇ ପବିତ୍ର ମୋହନ ମେଡିକାଲ୍ କଲେଜ୍‌ର ଟିଚିଂ ହସ୍‌ପିଟାଲ୍ ରେ ଏହାକୁ ପରିଣତ କରିବା ପାଇଁ ତାଳଚେରବାସୀ ଦାବୀ କରୁଛନ୍ତି । କମିଟିର ପଦ୍ମ ଚରଣ ସାମଲ, କେଶବ ଭୂତିଆ, ସୁଶିଲ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ସଂଗ୍ରାମ କେଶରୀ କୁଅଁର, ଅଭୟ ପାଣି, ବିନୋଦ ଲାଲ୍, ପ୍ରଫୁଲ ନାଏକ, ପ୍ରଦୀପ ମହାରଣା, ହରେକୃଷ୍ଣ ମହାପାତ୍ର, ହରିହର ଦାସ, ବିଜୟ ମିଶ୍ର, ମନମୋହନ ନାଏକ, ଉତ୍କଳ ସିଂ, ସନ୍ତୋଷ ମହାରଣା, କାଳନ୍ଦି ବିଶ୍ୱାଳ, ମନୋଜ ଜେନାଙ୍କ ସମେତ ବହୁ ସଦସ୍ୟ ସ୍ଥାନୀୟ ପ୍ରେସ୍ କ୍ଲବ ଠାରୁ ଏକ ଶୋଭାଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦେଇ ଅନିର୍ଦ୍ଧିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି ।

# ଗ୍ରାମୀଣ ପାର୍କ ଯୋଜନା ଧାମନଗରରେ ବିଫଳ



ଧାମନଗର(ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳ ଲୋକଙ୍କୁ ସହରର ଅନୁଭୂତି ଦେବା ଓ ଗାଁରେ ରହୁଥିବା ପିଲାମାନେ ସହରର ପିଲାଙ୍କ ଭଳି ଆମୋଦପ୍ରମୋଦ କରିବାର ସୁଯୋଗ ପାଇବା ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଗ୍ରାମୀଣ ପାର୍କ ଯୋଜନା ଧାମନଗରରେ ବିଫଳ ହୋଇଛି । ପାର୍କ ନିର୍ମାଣ ନାଁରେ ଗାଁର କୁଜିନେତା ମାଲେମାଲ୍ ହୋଇଥିବାବେଳେ ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରିନାହିଁ । ଧାମନଗର ବ୍ଲକରେ ୩୧ଟି ପଞ୍ଚାୟତରୁ ପ୍ରାୟ ୨୮ଟି ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି । ସେଥି ମଧ୍ୟରୁ ମାତ୍ର ତିନିଟି ପାର୍କ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି । ତାହା ପୁଣି ୨ଟି ପଞ୍ଚାୟତରେ । ଭଗବାନପୁର ପଞ୍ଚାୟତର ପଦ୍ମପୋଖରୀରେ ଡିଗି ପାର୍କ ଓ ଅନହରପୁର ଶିବ ମନ୍ଦିର ପାଖରେ ଗୋଟିଏ ପାର୍କ ସଂପୂର୍ଣ୍ଣ ହୋଇ ଲୋକଙ୍କ ପାଇଁ ଖୋଲାଯାଇଛି । ସେହିପରି ପଧାନୀ ପଞ୍ଚାୟତରେ ନିର୍ମିତ ପାର୍କ ଲୋକଙ୍କ କାମରେ ଲାଗୁଛି । ଏହି ତିନିଟି ପାର୍କ ଛାଡ଼ିଦେଲେ ଅନ୍ୟ ସବୁ ପଞ୍ଚାୟତରେ କେବଳ ଆରମ୍ଭ ପର୍ଯ୍ୟାୟରେ ରହିଯାଇଛି । ଆନନ୍ଦପୁର, କୋଠାର ଓ ଧାମନଗର କଲେଜ ପରିସରରେ ପାର୍କ ପାଇଁ ବାଉଣ୍ଡରୀ ୱାଲ ନିର୍ମାଣ ହୋଇଛି । ଆଉ ମନରେଗା ଯୋଜନାରେ ଲ୍ୟାଣ୍ଡ ଡେଭଲେପମେଣ୍ଟ ନାଁରେ ମାଟି ପଡ଼ିଛି । ଏ ତିନିଟି ଜାଗାରେ କାମ ଆଉ ଆଗେଇ ନାହିଁ । ପ୍ରାୟ ଦେଢ଼ ବର୍ଷ ହେଲା କାମ ବନ୍ଦ ରହିଛି । ତେବେ ଖପରପଦା, କଟସାହି ପଞ୍ଚାୟତରେ ପାର୍କ ପାଇଁ ସ୍ଥାନ ଚିହ୍ନଟ ହୋଇ ମାଟି ପଡ଼ିଛି । ହେଲେ ଏଠାରେ ବାଉଣ୍ଡରୀ କରାଯାଇନି । ଅନ୍ୟପକ୍ଷରେ ରଇପୁର ଓ ଧୁଷୁରୀରେ ପାର୍କ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଗ୍ରାମାଞ୍ଚଳରେ ଆମୋଦ ପ୍ରମୋଦର ଭିତ୍ତିଭୂମି ବିକାଶ ଲାଗି ୨୦୧୮ ମସିହା ଅକ୍ଟୋବର ପହିଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମୀଣ ପାର୍କ ନିର୍ମାଣ ଲାଗି ନିୟମାବଳୀ ଜାରି କରାଯାଇଥିଲା । ଏହାପରେ କ୍ରିୟାନ୍ୱୟନ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି ହୋଇଥିଲା । ସବୁଜ ପରିବେଶ, ଆକର୍ଷଣୀୟ ଫୁଲ, ମର୍ଣ୍ଣିଂ ୱାକ୍ ଓ ଇଭିନିଂ ୱାକ୍ ପାଇଁ ପାଦଚଲା ରାସ୍ତା, ଲୋକେ ବସିବା ଲାଗି ସିମେଣ୍ଟ ବେଞ୍ଚ, ସୁନ୍ଦର ଆଲୋକର ବ୍ୟବସ୍ଥା, ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ରହିବ ବୋଲି ଏହି ନିୟମାବଳୀରେ ରହିଥିଲା । ସେହିପରି ପିଲାଙ୍କ ପାଇଁ ସି ସ, ସ୍ଲାଇଡ, ମଙ୍କି ବାର, ସ୍ୱିଙ୍ଗ, କ୍ରିପି କ୍ରଲି ଓ ଓପନ ଜିମର ବ୍ୟବସ୍ଥା ରହିବା କଥା । ଏସବୁକୁ କାର୍ଯ୍ୟକାରୀ କରିବାକୁ ପ୍ରତ୍ୟେକ ପାର୍କ ପାଇଁ ୩୦ରୁ ୩୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ସ୍ଥଳ ବିଶେଷରେ ଏହା ଖୁବ୍ ଅଧିକ ମଧ୍ୟ ହେଉଥିଲା । ତେବେ ଉପକରଣ କ୍ରୟ ବ୍ୟତୀତ ଅନ୍ୟ ସବୁ କାମ ମନରେଗା ଯୋଜନାରେ କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ । ଏହାର ସୁଯୋଗ ନେଇ ଧାମନଗରରେ ଅଧିକାଂଶ ପଞ୍ଚାୟତରେ ପାର୍କ ନିର୍ମାଣ ପାଇଁ ପଦକ୍ଷେପ ନିଆଗଲା । ଅଧିକାଂଶ ପଞ୍ଚାୟତରେ ସରପଞ୍ଚ ଓ ନିଜ ଦଳର କର୍ମୀମାନେ ଏହି ପାର୍କ ନିର୍ମାଣ କାମ କଲେ । କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କେବଳ କାର୍ଯ୍ୟାଦେଶ ନିଜ ନାଁରେ ରଖି କାମର ତଦାରଖ କଲେ । ପ୍ରଥମ ପର୍ଯ୍ୟାୟରେ ପାର୍କ ସ୍ଥଳରେ ମନରେଗାର ଲ୍ୟାଣ୍ଡ ଡେଭଲପମେଣ୍ଟ କାର୍ଯ୍ୟ କରି ଅଳ୍ପ କିଛି ମାଟି ପକାଇଦେଲେ । ତା ପରେ କିଛି ସ୍ଥାନରେ ମନରେଗା ଯୋଜନାରେ ବାଉଣ୍ଡରୀ ୱାଲ ମଧ୍ୟ କରିଦେଲେ । ତେବେ ଦିନକୁ ଦିନ ମନରେଗା ଯୋଜନାରେ କାମ କରିବା ବିଶେଷ କରି ଲ୍ୟାଣ୍ଡ ଡେଭଲପମେଣ୍ଟ କାମ କରିବାରେ ଅନେକ କଟକଣା ଜାରି ହେଲା । ତା ପରେ ପାର୍କ କାମ କରିବାକୁ କର୍ମୀମାନେ ଟାଳଟୁଳ ନୀତି ଆପଣାଇଲେ । ଯାହା ଫଳରେ ପାର୍କ ସବୁ ଅଧପନ୍ତରିଆ ହୋଇ ପଡ଼ି ରହିଲା । ଏନେଇ ଧାମନଗର ବିଡିଓ ବନବିହାରୀ ଦିନ୍ଦା କହିଛନ୍ତି ଯେ, ଅର୍ଦ୍ଧ ନିର୍ମିତ ପାର୍କକୁ ସଂପୂର୍ଣ୍ଣ କରିବାକୁ ପଦକ୍ଷେପ ନିଆଯିବ ଖୁବ୍ ଶିଘ୍ର ।

# ବ୍ଲକସ୍ତରୀୟ ସୁଭଦ୍ରା ପାଇଁ ପଥପ୍ରାନ୍ତ ସଭା



ଚିକିଟି(ଭାସ୍କର ନ୍ୟୁଜ୍): ଏହି ବ୍ଲକର ଜେନା ପୁର ସ୍ଥିତ କଲ୍ୟାଣ ମଣ୍ଡପରେ ବ୍ଲକ ସ୍ତରୀୟ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ରୂପେ ଯୋଗ ଦାନ କରି ଉକ୍ତ ଯୋଜନାର କିଭଳି ସଦୁପଯୋଗ ହୋଇପାରିବ ସେଥିପ୍ରତି ସମସ୍ତ ମା ଭଉଣୀ ନିଜର ଆପ୍ରାଣ ଚେଷ୍ଟା କରିବା ନିହାତି ଦରକାର । ଆହୁରି ଆଗକୁ ସରକାର ମହିଳା ମାନଙ୍କୁ ସଶକ୍ତିକରଣ କରିବା ସକାଶେ ଅନେକ ଯୋଜନା ର ଆରମ୍ଭ କରିବାକୁ ଯାଉଛନ୍ତି । ସେହିପରି ସମସ୍ତ କ୍ଷେତ୍ରରେ ସରକାର ମହିଳାମାନଙ୍କୁ ଶତକଡା ତେତିଶି ଭାଗ ସଂରକ୍ଷଣ ଆସନ କରିବାକୁ ମଧ୍ୟ ଚେଷ୍ଟାରତ ବୋଲି କହି ମହିଳାମାନଙ୍କ ମଧ୍ୟରେ ବ୍ୟକ୍ତ କରିଥିଲେ । ସେହିପରି ଉକ୍ତ ସଭାରେ ସ୍ଥାନୀୟ ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ ଯୋଗଦାନ କରି ମହିଳା ମାନେ ସ୍ୱାବଲମ୍ୱୀ ହେବାର ପ୍ରକୃତ ଯୋଜନା ସୁଭଦ୍ରା ଅଟେ ବୋଲି ପ୍ରକାଶ କରିଥିଲେ । ସେଭଳି ସମନ୍ୱିତ ମହିଳା ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ଗୀତାଞ୍ଜଳି ପାଣିଗ୍ରାହି ଉକ୍ତ ମଞ୍ଚକୁ ପରିଚାଳନା କରିବା କୁ ଯାଇ ମହିଳାମାନଙ୍କ ସକାଶେ ସବୁ ଯୋଜନା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଏଥିର ଠିକ୍ ବିନିଯୋଗ ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ଅଗ୍ରଣୀ କରିବ ବୋଲି ମଧ୍ୟ ପ୍ରକାଶ କରିବା ସହ ଆଗାମୀ ଆଠ ତାରିଖରେ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ ହେବ ବୋଲି ପ୍ରକାଶ କରିଥିଲେ । ଯେଉଁ ମା ଭଉଣୀ ମାନେ ନିଜର ବ୍ୟାଙ୍କ ଖାତାର ଯଦି ଅସୁବିଧା ଅଛି ତାକୁ ସୁଧାରି ଦିଅନ୍ତୁ ବୋଲି ନିବେଦନ କରିଥିଲେ । ଉକ୍ତ ସଭାକୁ ସଫଳ କରିବା ପାଇଁ ସମସ୍ତ ଅଙ୍ଗନାବାଡ଼ି କର୍ମୀ ସହ ଅନୁପ କୁମାର ପାଣିଗ୍ରାହୀ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦାନ କରିଥିଲେ

# ସାଇନାଥଙ୍କ ପୀଠରେ ଯଜ୍ଞ ପୂର୍ଣ୍ଣାହୂତି

ଫୁଲନଖରା (ଭାସ୍କର ନ୍ୟୁଜ୍): ଉଷୁମା ପଞ୍ଚାୟତ ସୁମାଣ୍ଡି ଗ୍ରାମର ସାଇନଗର ସ୍ଥିତ ପ୍ରଭୁ ସାଇନାଥ ପୀଠରେ ଯଥାବିଦ୍ଧି ପୂର୍ବକ କଳସ ଯାତ୍ରା,ହନୁମାନ ଚାଳିଶା,ସୂର୍ଯ୍ୟପୂଜା,ଆଳତୀ,ହୋମ, ପାଲିଙ୍କି ଯାତ୍ରା ଓ ଯଜ୍ଞ ଆଦି ଅନୁଷ୍ଠିତ ହୋଇ ପ୍ରସାଦ ସେବନ ସହ ଯଜ୍ଞ ପୂର୍ଣ୍ଣାହୂତି ଦିଆଯାଇଛି । ଏହି ତ୍ରୟ ଦିବସୀୟ ମାଙ୍ଗଳିକ ପୂଜା କାର୍ଯ୍ୟରେ ନାରାୟଣ ରଥ,ସିଲୁ ନନା,ଲମ୍ୱୋଦର ରଥ,ଶଲ୍ୟ କୁମାର ରଥ,ସୌଭାଗ୍ୟ ରଞ୍ଜନ ରଥ,ପ୍ରଫୁଲ କୁମାର ମଲ୍ଲିକ.ଶାନ୍ତିଲତା ମଲ୍ଲିକ, ବିଜୟ ମଲ୍ଲିକ,ବାପି ମଲ୍ଲିକ,ପ୍ରଭାସ କୁମାର ମଲ୍ଲିକ,ନିଲୁ ସାହୁ,ସନ୍ତୋଷ ସାହୁ,ସୁଜାତା ସାହୁ,ଶର୍ମିଷ୍ଠା ସାହୁ,ଲୁଲୁ ହାତୀ,ଜେଣ୍ଟି ସାହୁ,ମୌସୁମି ମଲ୍ଲିକ,ବୁବୁନା ମଲ୍ଲିକ,ମୁରଲୀ ମହାନ୍ତି, ମକୁନ୍ଦୀ ମହାନ୍ତି ପ୍ରମୁଖ କାର୍ଯ୍ୟକର୍ତ୍ତା । ଓ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦାନ କରି ସାଇକୃପା ଲାଭ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଗୋପ (ଭାସ୍କର ନ୍ୟୁଜ୍): ମିଶନ ଶକ୍ତି କାଫେ ଗୋପ ବ୍ଲକ ପରିସରରେ ମିଶନ ଶକ୍ତି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ମହିଳା ମହାସଂଘ ର ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ପ୍ରାୟ ୨ ଶହରୁ ଉର୍ଦ୍ଧ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ନେଇଥିଲେ । ଅଣସଂକ୍ରାମକ ରୋଗ ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଥିବା ବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ଙ୍କ ସମେତ ଡାକ୍ତର ଅଭିପ୍ସା ଏମ ପଟ୍ଟନାୟକ ଏହି ରୋଗୀ ମାନଙ୍କ ପରୀକ୍ଷା କରି ମାଗଣା ଔଷଧ ନେବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ଡାକ୍ତରଙ୍କ ଦ୍ୱାରା ଡାଇବେଟିସ, ବ୍ଲଡ ପ୍ରେସର, ଥଣ୍ଡା , ଜ୍ୱର, କାଶ ଆଦି ବିଭିନ୍ନ ରୋଗର ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଗୋପ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାଷିଷ୍ଟ ସଚ୍ଚିଦାନନ୍ଦ ମଲ୍ଲିକ ଏବଂ ଶଶାଙ୍କ ଶେଖର ସାମ'ସିଂହାର ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀମାନଙ୍କୁ ମାଗଣା ଔଷଧ ବର୍ଣ୍ଟନ କରିଥିଲେ । ଏହି ଅବସରରେ ଡାକ୍ତର ଶ୍ରୀ ମଙ୍ଗରାଜ କହିଥିଲେ ସ୍ୱାସ୍ଥ୍ୟ ହିଁ ସଂପଦ । ଆମେ ଯଦି ଆମ ସ୍ୱାସ୍ଥ୍ୟ ପ୍ରତି ପ୍ରକୃତ ଯତ୍ନ ନେବା ଏବଂ ବିଶେଷ କରି ଅଖାଦ୍ୟ ଓ ନିଶାଦ୍ରବ୍ୟ ଖାଇବାରୁ ନିବୃତ ରହିବା ତେବେ ଆମ ସ୍ୱାସ୍ଥ୍ୟ ନିଶ୍ଚିତ ଭାବେ ଭଲ ରହିବ ଏବଂ ଆମେ ନିରୋଗ ରହିପାରିବା ବୋଲି ପରାମର୍ଶ ଦେଇଥିଲେ । ଏହି ଶିବିରକୁ ମହିଳା ମହାସଂଘର ସଦସ୍ୟା ଜ୍ୟୋସ୍ନାରାଣୀ ସେନାପତି, ରେଣୁବାଳା ନାୟକ, ସଂଯୁକ୍ତା ନାୟକ, ବିନୋଦିନୀ ସ୍ୱାଇଁ, ନିର୍ମଳା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ବିଜେଡିର ବିକ୍ଷୋଭ

କେନ୍ଦୁଝର(ଭାସ୍କର ନ୍ୟୁଜ୍):ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତରାଜ ଦିବସ ଭାବେ ପାଳନ ନ କରିବାରୁ କେନ୍ଦୁଝର ଜିଲ୍ଲା ସଦର ମହକୁମା ସ୍ଥିତ ଥାନା ଛକ ଠାରେ ବିଜୁ ଜନତା ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ରଥ ମୁଣ୍ଡା,ମୁନିସିପାଲିଟି ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା,ପୂର୍ବତନ ପୌର ଅଧ୍ୟକ୍ଷା ମୀନା ମାଝୀ, ପୁନମ କୁମାରୀ,ରକ୍ଷାକର ସାହୁ, କାଉନସିଲର ଅଭିନାଶ ମିଶ୍ର, କେକୀ କାକଲି କୁମ୍ଭାର, ଶରତ ସାହୁ, ହେମନ୍ତ ପତି, ବରିଷ୍ଠ ବିଜେଡି ନେତା ଦେବାଶିଷ ପଟ୍ଟନାୟକ, ହୃଦାନନ୍ଦ ପ୍ରଧାନ, ଭାଗିରଥି ପ୍ରଧାନ, ରମେଶ ମାଝୀ, ବିପିନ ଆପଟ, ବିଜୟ ଷଣ୍ଢ, ତରଣୀ ସେଠି, ସରୋଜ ପଟ୍ଟନାୟକ, ଟିକୁ ପ୍ରଧାନ, ପ୍ରଶାନ୍ତ ମହାନ୍ତି, ଅଞ୍ଜୁ ଘଡେଇ, ଅରୁଣ ମନ୍ତ୍ରୀଙ୍କ ସମେତ ସହ ଶତାଧିକ କର୍ମୀ ଉପସ୍ଥିତ ରହି ପ୍ରତିବାଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଅଗ୍ନି ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ଯୁବ ସମାଜସେବୀ



ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ଉଷୁମା ପଂଚାୟତ ଉଷୁମା ଗ୍ରାମର ବିଳାଶ ଭୋଇଙ୍କ ଦୁଇ ବଖରାରୁ ଉର୍ଦ୍ଧ୍ୱ ଚାଳଘର ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ଭସ୍ମୀଭୂତ ହୋଇଯାଇଛି । ଖବରରୁ ପ୍ରକାଶଯେ ରାତ୍ରି ସମୟରେ ଘରେ ଶୋଇଥିବା ସମୟରେ କୌଣସି କାରଣରୁ ଘରେ ନିଆଁ ଲାଗିଯିବାରୁ ଘରେ ଥିବା ସମସ୍ତ ଆସବାବ, ଧାନ, ଚାଉଳ ସମ୍ପୂର୍ଣ୍ଣ ପୋଡିଜଳି ଛାରଖାର ହୋଇଯାଇଛି । ଏପର୍ଯ୍ୟନ୍ତ ପ୍ରଶାସନ ତରଫରୁ କୌଣସି ସାହାଯ୍ୟ ଶ୍ରୀଯୁକ୍ତ ଭୋଇ ଓ ତାଙ୍କର ପରିବାରକୁ ମିଳିନି । ଏହି ଖବର ପାଇ ଯୁବ ସମାଜସେବୀ ତଥା ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ପୁଲକ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଲୁଗାପଟା, ବାସନକୁସନ ଓ ରାସନ ସାମଗ୍ରୀ ଯୋଗାଇ ଦେଇଛନ୍ତି । ଏହି ସମୟରେ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ବିଶ୍ୱରଂଜନ ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣୀ ପ୍ରଧାନ, ସାମ୍ବାଦିକ ଧୀରେନ୍ଦ୍ର ସାହୁ, ଦିବ୍ୟକାନ୍ତ ବାରିକ, ବିଶ୍ୱରଂଜନ ସ୍ୱାଇଁ, ପ୍ରମୋଦ ବୈଠାଲୁ, ପୂର୍ବତନ ସରପଞ୍ଚ ମମତା ମଞ୍ଜରୀ ଭୋଇ, ସିଦ୍ଧାନ୍ତ ମହାନ୍ତିଙ୍କ ସହ ଗ୍ରାମର ମୁରବୀ ମାନେ ଉପସ୍ଥିତ ରହି ଶ୍ରୀଯୁକ୍ତ ମହାନ୍ତିଙ୍କ ଏଭଳି ମହତ କାର୍ଯ୍ୟକ୍ରମ କୁ ସାଧୁବାଦ ଜଣାଇଥିଲେ । ସେହିପରି କୁରାଙ୍ଗ ଶାସନ ଉତ୍ତାମ ପୁର ଗ୍ରାମର ରାଇମୋହନ ସିଂଙ୍କ ତିନି ବଖରାରୁ ଉର୍ଦ୍ଧ୍ୱ ଚାଳଘରେ ନିଆଁ ଲାଗି ଘରେଥିବା ସମସ୍ତ ଆସବାବ, ଧାନ ଚାଉଳ, ଲୁଗାପଟା ସମ୍ପୂର୍ଣ ପୋଡିଜଳି ପାଉଁଶ ହୋଇଯାଇଛି । ଉକ୍ତ ପରିବାରକୁ ଭେଟି ନିତ୍ୟ ଆବଶ୍ୟକ ଜିନିଷପତ୍ର ସହ ରାସନ ସାମଗ୍ରୀ ପ୍ରଦାନ କରିବାସହ ଉଭୟ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ପ୍ରଶାସନ ତୁରନ୍ତ ମୋ କୁଡ଼ିଆ ଭଳି ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ଶ୍ରୀ ମହାନ୍ତିଙ୍କ ଏଭଳି ମହତ କାର୍ଯ୍ୟକୁ ଅଞ୍ଚଳରେ ଜନସାଧାରଣ ପ୍ରଶଂସା କରିଛନ୍ତି ।

# ସୁଭଦ୍ରା ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ



ଗୋପ (ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶରେ ଆଜି ଗୋପ ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ସୁଭଦ୍ରା ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ ୩୧ ପଂଚାୟତର ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ମହିଳା, କିଶୋରୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସହାୟିକା, ସ୍ୱୟଂ ସହାୟିକା ଗୋଷ୍ଠୀ, ଏମବିକେ, ସିଆରପି ସମେତ ଜିପିଏଲଏଫ, ବିଏଲଏଫ,ସରକାରୀ ଅଧିକାରୀ ଏବଂ କେତକ ପଂଚାୟତର ସରପଂଚ ଓ ସମିତିସଭ୍ୟା ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଗୋପ ଆଖଣ୍ଡଳେଶ୍ୱର ମହାଦେବଙ୍କ ନିକଟରୁ ବାହାରି ସୁଭଦ୍ରା ଯୋଜନାର ସଫଳତା ସଂପର୍କରେ ବାର୍ତ୍ତା ପ୍ରଚାର କରି ଗୋପ ବ୍ଲକ ପରିସରରେ ପହଁଚିଥିଲେ। ପରେ ବ୍ଲକ ପରିସରରେ ଥିବା ବୈଠକ ଗୃହରେ ସୁଭଦ୍ରା ଯୋଜନା ସଂପର୍କରେ ଏକ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିଡିପିଓ ମିନାକ୍ଷୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ଛବିରାଣି ସାହୁ ଯୋଗ ଦେଇ କହିଥିଲେ ଯେ ନାରୀମାନଙ୍କୁ ସୁଭଦ୍ରା ଯୋଜନା ସଶକ୍ତି କରଣ ଏବଂ ସ୍ୱାବଲମ୍ବି କରିପାରିବ । ଯଦି ସୁଭଦ୍ରା ଯୋଜନାର ଏହି ଅର୍ଥକୁ ମାଆମାନେ ସଠିକ ବାଟରେ ଲଗାଇ ପାରିବେ ତେବେ ଆଗାମୀ ଦିନରେ ସେମାନେ ନିଶ୍ଚିତ ଲକ୍ଷପତି ହୋଇପାରିବେ । ସେହିପରି ସମ୍ମାନିତ ଅତିଥିଭାବେ ମିଶନ ଶକ୍ତିର ଜିଲ୍ଲା ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ସୁପରଭାଇଜର ସୁଚିତ୍ରା ପ୍ରଧାନ, ପ୍ରିୟଙ୍କା ପ୍ରଧାନ, ମିଶନ ଶକ୍ତି ବ୍ଲକ ପ୍ରୋଜେକ୍ଟ କୋ-ଅର୍ଡିନେଟର ବିଜୟଲକ୍ଷ୍ମୀ ମହାରଣା, ବିପିଏଲଏମ ପଙ୍କଜିନୀ ଦାସ ପ୍ରମୁଖ ଯୋଗଦେଇ ସୁଭଦ୍ରା ଯୋଜନା ଉପକାରୀତା ସଂପର୍କରେ ଉପସ୍ଥିତ ମହିଳାମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ ।

# ସ୍ୱଚ୍ଛତା କାର୍ଯ୍ୟକ୍ରମ




ଗୋପ (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି ଚଳିତ ବର୍ଷ ଅନ୍ତର୍ଜାତିୟ ମହିଳା ଦିବସ ଉପଲକ୍ଷେ ଗୋପ ମହିଳା ମହାସଂଘ ପକ୍ଷରୁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷି ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ମହିଳା ମହାସଂଘର ଜ୍ୟୋସ୍ନାରାଣୀ ସେନାପତି, ବିନୋଦିନୀ ସ୍ୱାଇଁ, ରେଣୁବାଳା ନାୟକଙ୍କ ସମେତ ଶତାଧିକ ମହିଳା ହାତରେ ଝାଡୁ ଧରି ଗୋପ ଆଖଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣ, ବ୍ଲକ ପରିସର ଆଦି ବିଭିନ୍ନ ସ୍ଥାନ ସଫେଇ କରିବା ସହିତ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଥିଲେ । ବୃକ୍ଷ ଲଗାଇବା ସହିତ ପରିବେଶ ସଫା ରଖିଲେ ମଣିଷର ଜୀବନ ଶୈଳୀ ବଦଳିବା ସଙ୍ଗେସଙ୍ଗେ ମଣିଷ ନିରୋଗ ରହିପାରିବ ବୋଲି ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି କହିଥିଲେ । ଏହି ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

# ଦୋଳ ମେଳଣ ପ୍ରସ୍ତୁତି ବୈଠକ

ଫୁଲନଖରା(ଭାସ୍କର ନ୍ୟୁଜ୍) ପ୍ରତାପନଗରୀସ୍ଥିତ ମା ଧାକୁଳେଇଙ୍କ ପୀଠରେ ସଦର ଥାନା ପକ୍ଷରୁ ଅରିଲୋ ଦୋଳ ମେଳଣର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଦର ଜୋନ ୪ ଏସିପି ଅମିତାଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମେଳଣକୁ ଶାନ୍ତିଶୃଙ୍ଖଳା ସହ ସଂପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା । ଡ଼ିଜେ, ବାଜାକୁ ସଂପୂର୍ଣ୍ଣ ଭାବରେ ନିଷେଧ କରାଯାଇଛି । କେବଳ ପାରମ୍ପରିକ ବାଦ୍ୟରେ ମେଳଣ କରିବା ପାଇଁ ସ୍ଥିର କରାଯାଇଛି । ପ୍ରତ୍ୟେକ ଦୋଳରେ ୫ ଜଣରୁ ୧୦ ଜଣ ପର୍ଯ୍ୟନ୍ତ ଭଲ୍ୟୁଣ୍ଟର ରହିବେ । ଏହି ବୈଠକରେ ସଦର ଆଇଆଇସି ଓମପ୍ରକାଶ ମହାନ୍ତି, ମେଳଣ ପରିଚାଳନା କମିଟି ସଭାପତି ସୁନ୍ଦର ପବିତ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ଏ ଏନ୍ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ




ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ବେଦପୁରସ୍ଥିତ ଏଏନ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ସଭାପତି ଅତିସ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠି ମୁଖ୍ୟବକ୍ତା ଦୋବଲ ଏସ ବି ଆଇ ଶାଖା ପରିଚାଳକ ନିଗମାନନ୍ଦ ନାୟକ, ସମ୍ମାନୀତ ଅତିଥି ଶିକ୍ଷା ବିକାଶ ପରିଷଦ ଉତ୍ତର କ୍ଷେତ୍ରର ସମ୍ପାଦକ ସୁଦର୍ଶନ ପ୍ରଧାନ, ଗଣେଶ ପ୍ରସାଦ ରଥ, ପ୍ରବୋଧ ତ୍ରିପାଠୀ, ବିନୟ ମିଶ୍ର, ପ୍ରଧାନ ଆଚାର୍ଯ୍ୟ କବିତା ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀମାନେ ଦେଶର ଭବିଷ୍ୟତ ସେମାନଙ୍କୁ ଯେମିତି ଉତ୍ତମଶିକ୍ଷା ପ୍ରଦାନ କରିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମୁଖ୍ୟ ଦାୟିତ୍ୱ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଶିକ୍ଷୟିତ୍ରୀ ପ୍ରଜ୍ଞା ସାହୁ, ପୁଷ୍ପାରାଣୀ ସାହୁ, ସ୍ମୃତିରେଖା ଦାସ, ଶ୍ରଦ୍ଧାଞ୍ଜଳି ଦଳାଇ, ରୋଜାଲିନ ସାହୁ, ଶୁଭଦ୍ରା ଦାସ, ମନୀଷା ଦାସ, ମାମାଲି ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ଉପ ପ୍ରଧାନଆଚାର୍ଯ୍ୟ ରଶ୍ମିତା ରାମ ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍କୁଲ ସମ୍ପାଦକ ନିରାକାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ କୁନି କୁନି ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ପରେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ପୋଲିସ ସଚେତନତା କାର୍ଯ୍ୟକ୍ରମ




ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଭଞ୍ଜନଗର ପୋଲିସ ପକ୍ଷରୁ ଗୁରୁବାର ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଠାରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଇବର ଠକେଇରୁ କିଭଳି ମୁକୁଳିବା, ଭାରତର ଯେ କୌଣସି ସ୍ଥାନରେ କିଭଳି ଏତଲା ଦେଇପାରିବା, ଅନ୍‌ଲାଇନ ଏତଲା କିଭଳି ଦିଆଯିବ ଏବଂ ନୂଆ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଥାନା ଅଧିକାରୀ ଜୀବନାନନ୍ଦ ଜେନା ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ଯୁବପିଢ଼ି ସଚେତନ ହେଲେ ଅଧା ଅନ୍‌ଲାଇନ୍ ଠକେଇ ଏବଂ ଅପରାଧ କମିଯିବ । ସୋସିଆଲ ମିଡିଆରେ ଅନେକ ମେସେଜ ଆସୁଛି । ଏଥିପ୍ରତି ସଚେତନ ହେବାକୁ ପଡ଼ିବ । ଫେସବୁକ୍ ସମେତ ବିଭିନ୍ନ ସୋସିଆଲ ମିଡିଆ ଆଇଡିରେ ନିଜର ଫଟୋ ଡିପିରେ ରଖିବେ ନାହିଁ । ଆଧାର କାର୍ଡ ଯେଉଁଠି ଦାଖଲ କରୁଛନ୍ତି, ସେଠି ଦସ୍ତଖତ କରିବା ପୂର୍ବରୁ କେଉଁ କାରଣରୁ କାର୍ଡ ଦେଉଛନ୍ତି ତାହା ଉଲ୍ଲେଖ କରିବେ । ନଚେତ୍ ପରବର୍ତ୍ତୀ ପର୍ଯ୍ୟାୟରେ ତାହାକୁ ଦୁର୍ବୃତ୍ତମାନେ ଅପବ୍ୟବହାର କରି ଆପଣକୁ ହଇରାଣରେ ପକାଇପାରନ୍ତି । ତେଣୁ ଫୋନ କିମ୍ବା ଭିଡିଓ କଲ ମାଧ୍ୟମରେ କିଏ ଭୟଭୀତ କରାଇ ଟଙ୍କା ମାଗିଲେ ଭୟଭୀତ ହୁଅନ୍ତୁ ନାହିଁ । ପୋଲିସକୁ ସୂଚନା ଦିଅନ୍ତୁ । ପୋଲିସ ଆପଣମାନଙ୍କୁ ସାହାଯ୍ୟ କରିବ ବୋଲି ଥାନା ଅଧିକାରୀ କହିଥିଲେ । ଏଥିସହ ସେ କହିଥିଲେ ଯେ, ଅପରାଧୀମାନଙ୍କ ସମ୍ପର୍କରେ ଆମକୁ ସୂଚନା ଦିଅନ୍ତୁ । ଆମେ ଅପରାଧୀଙ୍କୁ ଦମନ କରିବୁ । ସଭାରେ ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ସରପଞ୍ଚ ଶିବ ରାମ ସାହୁ, ପ୍ରାଧ୍ୟାପକ ବିଭାସ ଦାସ,ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ, ଶିକ୍ଷକ ନେତା ସନ୍ତୋଷ ଜେନା, ଏସ୍‌ଆଇ ସମୀର ସେଠୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଆମ ପୋଲିସ ସମିତି ସଭ୍ୟ ଅନୁପମ ବାନାର୍ଜୀ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ।

# ବିଜେଡିର ପ୍ରତିବାଦ ସଭା

ବୋଲଗଡ(ଭାସ୍କର ନ୍ୟୁଜ୍): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ ନକରିବାକୁ ନେଇ ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଆବାହକତ୍ୱରେ ପ୍ରତିବାଦ ସଭା ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବୋଲଗଡ ବ୍ଲକ ବିଜେଡ଼ି ସଭାପତି ବାନମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ବେଗୁନିଆ ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ବେହେରା, ବରିଷ୍ଠ ବିଜେଡି ନେତା ବଂଶୀଧର ସାହୁ,ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ତନୁଜା ପାଟ୍ଟଶାଣୀ,ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କିଶୋର ଛୋଟରାୟ,ସରପଞ୍ଚ ହାଡୁବନ୍ଧୁ ମହାପାତ୍ର,ଲାବଣ୍ୟ ଜୟସିଂହ ଓ ରଞ୍ଜିତା ମହାଭୋଇଙ୍କ ସମେତ ସରପଂଚ/ସମିତି ସଭ୍ୟ ଜିଲ୍ଲା ପରିଷଦ ସଭ୍ୟ ଓ ବିଜେଡ଼ି ଦଳର ସକ୍ରିୟ କର୍ମୀ ଯୋଗ ଦେଇ ବିଜେପି ସରକାର ବିଜୁ ଜୟନ୍ତୀରେ ପଞ୍ଚାୟତି ରାଜ ଦିବସକୁ ବନ୍ଦ କରି ଏକ ହୀନ ମନ୍ୟତାର ପରିଚୟ ଦେଇଥିବାରୁ ଯାହାକି ଆଗାମୀ ଦିନରେ ତୀବ୍ର ବିରୋଧ କରିବା ସହ ତୃଣ ମୂଳ ସ୍ତରରେ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇ ଉଚିତ ଜବାବ ଦିଆଯିବ । ଏପରିକି ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିବାବେଳେ ଅପାରଗ ସରକାର ଲୋକମାନଙ୍କ ମନକୁ ଜିଣିବା ପାଇଁ ଭୁଆଁ ବୁଲାଇବାରେ ଲାଗି ପଡିଛନ୍ତି । ଯେଉଁ ସରକାର ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ସୁଧାରିବାରେ ଅସମର୍ଥ ଓ ଭୁଲ ନିଷ୍ପତି ବିରୁଦ୍ଧରେ ବିଜୁ ପ୍ରେମୀ ଜୋରଦାର ବିରୋଧ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ ପ୍ରତିବାଦ ସଭାରେ ମତ ବ୍ୟକ୍ତ କରିଥିଲେ ।